ଜୟଗୁରୁ

# ପ୍ରାର୍ଥନା ଗୀତିକା

ସଂଯୋଜନା: ଗୁରୁଦାସ

ପ୍ରକାଶକାଳ: ବୈଶାଖପୂର୍ଣ୍ଣିମା, ୨୦୧୧

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୧ | ଅକ୍ଷୟ ଆନନ୍ଦ ଧାମେ ଚାଲରେ ପଥିକ | ପ୍ରାର୍ଥନା | ୧୩୩ |
| ୨ | ଅଗତିର ଗତି କାରଣ ତୁମେ ଜଗତ ପତି | ପ୍ରାର୍ଥନା | ୧୩୪ |
| ୩ | ଅଙ୍ଗେ ଅଙ୍ଗେ ପ୍ରସରି ମର୍ମେ | ପ୍ରାର୍ଥନା | ୧୩୫ |
| ୪ | ଅତୁଳ ତୁମରି ଦାନ ଅଭୟ ଚରଣ ହେ | ପ୍ରାର୍ଥନା | ୧୩୬ |
| ୫ | ଅନନ୍ତର ତୁମେ ଅନ୍ତ | ଗୁରୁ ମହିମା | ୨୭୭ |
| ୬ | ଅନାଥ ଜନେ ଅନାଅ ଥରେ ହେଲେ ଫେରି | ପ୍ରାର୍ଥନା | ୧୩୨ |
| ୭ | ଅନୁପମ ରୂପଠାଣି ହେ ଠାକୁର ! | ପ୍ରାର୍ଥନା | ୧୩୮ |
| ୮ | ଅନ୍ଧାରି ଜୀବନ ମେଘେ ତୁମେ ଧ୍ରୁବତାରା ତ | ମାଗୁଣି | ୭୧ |
| ୯ | ଅପସାରିତ କର ପ୍ରଭୁ ନୟନରୁ ମୋର | ଅଭିଳାଷ | ୨୮୬ |
| ୧୦ | ଅପାର ଭବ ସାଗରେ କାହିଁ ଯିବି ପଥହରା | ପ୍ରାର୍ଥନା | ୧୩୯ |
| ୧୧ | ଅମଳ କମଳ ଶୋଭା ଚରଣ ଯୁଗଳ କିବା | ଭଜନ | ୧୯ |
| ୧୨ | ଅମୃତ ସନ୍ତାନ ବିଶ୍ୱବାସୀ ଶୁଣ | ଆଶୀର୍ବାଣୀ | ୧୪୦ |
| ୧୩ | ଅଯୋଗା ଅଗୁଣର ମୁଁ ବୋଲି | ପ୍ରାର୍ଥନା | ୧୪୧ |
| ୧୪ | ଅରୂପ ସ୍ୱରୂପ ତୁମେ ବହୁରୂପଧାରୀ | ପ୍ରାର୍ଥନା | ୧୪୨ |
| ୧୫ | ଅଳପ ମୋ ନିବେଦନ ଗୁରୁଦେବ ! | ପ୍ରାର୍ଥନା | ୧୩୨ |
| ୧୬ | ଅଳି ପଦେ ଶୁଣ ମାଆଲୋ ମୋର | ମାତୃସଂଗୀତ | ୩୭୧ |
| ୧୭ | ଆଉ କେତେ ଦିନେ ଏ ଶୁଷ୍କ ଜୀବନେ | ପ୍ରାର୍ଥନା | ୧୪୩ |
| ୧୮ | ଆଜି ରାତି ପାହି ହେବ କାଲି ସକାଳ | ମନଶିକ୍ଷା | ୧୦୯ |
| ୧୯ | ଆଜି ଝୁଲଣ ପୂର୍ଣ୍ଣିମା ଦିନଗୋ | ଜନ୍ମୋତ୍ସବ | ୩୬୯ |
| ୨୦ | ଆଦର ଦିନେ ତ କରି ନାହିଁ ପ୍ରଭୁ | ସମର୍ପଣ | ୯୯ |
| ୨୧ | ଆନେ ମୋର ମନ ନାହିଁ, | ପ୍ରାର୍ଥନା | ୧୪୪ |
| ୨୨ | ଆପଣାର ହିତ ଭାବି ଅବିରତ | ପ୍ରାର୍ଥନା | ୧୪୫ |
| ୨୩ | ଆପଣାର କରି କିଏ ସେ ଚାହିଁବ ମୋତେ | ଆତ୍ମାନୁଚିନ୍ତା | ୮୦ |
| ୨୪ | ଆରେ ମନ ମୋର ! କହୁଛି ମୋ ବୋଲ | ପ୍ରାର୍ଥନା | ୧୪୬ |
| ୨୫ | ଆରେ ଭଜମନ ! ଭଜି ପାରିଲେ ପାଇବୁ | ମନଶିକ୍ଷା | ୧୧୦ |
| ୨୬ | ଆସ ସରବେ ବାହୁ ତୋଳି | ନାମ ମାହାତ୍ମ୍ୟ | ୩୪୨ |
| ୨୭ | ଆସ ଭାଇ ତେଜ ମନ ଭାବନା | ନାମ ମାହାତ୍ମ୍ୟ | ୩୪୩ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୨୮ | ଆସିଛେ ସରବେ ଏକଠାବୁଁ ଯିବା | ମହିମାଗାନ | ୩୧୩ |
| ୨୯ | ଆସିଛୁ ସରବେ ଆଜି ତବ ଦରଶନେ | ଅଭିଳାଷ | ୨୮୭ |
| ୩୦ | ଆହେ ଦୟାମୟ ମହିମା ତୁମର ଗାଉଛି ତିନି | ମିନତି | ୪୩ |
| ୩୧ | ଆହେ ପ୍ରାଣ ଦେବତା ! ଯେତେ ଡାକିଲେ | ଅଭିଳାଷ | ୨୮୮ |
| ୩୨ | ଆହେ ଗୁରୁଦେବ ! ଭକତ ଜନରେ କର | ପ୍ରାର୍ଥନା | ୧୪୭ |
| ୩୩ | ଇଚ୍ଛାମୟ ତୁମେ ଠାକୁର ଇଚ୍ଛା ହେଉ ପୂରଣ | ପ୍ରାର୍ଥନା | ୧୪୮ |
| ୩୪ | ଏ କି ଦେଖିଲା ଆଖି | ମହିମାଗାନ | ୩୧୪ |
| ୩୫ | ଏ କି ବିଧାନ ହେ, ଏ କି ବିଧାନ ହେ | ଅଭିଳାଷ | ୨୮୯ |
| ୩୬ | ଏ ନୟନ କର କର ଗୁରୁରୂପ ଦରଶନ | ମହିମାଗାନ | ୩୧୫ |
| ୩୭ | ଏ ନୟନ ଅନା ଥରେ ମାଆ ମୋର | ମାତୃସଂଗୀତ | ୩୭୩ |
| ୩୮ | ଏ ବାଉଳା ! ଚିହ୍ନିରଖ | ଆତ୍ମାନୁଚିନ୍ତା | ୮୧ |
| ୩୯ | ଏ ଭଳି ନାହିଁ କେ ଗୁରୁ ଏ ଜଗତ ସାରା | ଗୁରୁମହିମା | ୨୭୮ |
| ୪୦ | ଏ ମନ ଭାବେ କେତେ କାହିଁ ଭାସି ଭାସି | ଅଭିଳାଷ | ୨୯୦ |
| ୪୧ | ଏତିକି ମାତର ମାଗିବାର | ସମର୍ପଣ | ୧୦୦ |
| ୪୨ | ଏତେ ଦିନ ପରେ ଜାଣିଛି ହେ ଠାକୁର | ପ୍ରାର୍ଥନା | ୧୪୯ |
| ୪୩ | ଏତେ ମନର ମିନତି ଘେନା କର ଠାକୁର | ମିନତି | ୪୪ |
| ୪୪ | ଏତେ ଦିନେ କିହେ ବନ୍ଧୁ ପଡ଼ିଲା ମନେ ? | ନିବେଦନ | ୫୯ |
| ୪୫ | ଏହି ପୀଠଛାଡ଼ି କାହିଁ, କାହିଁ ନଯିବି ମୁହିଁ | ପ୍ରାର୍ଥନା | ୧୫୦ |
| ୪୬ | କଣ୍ଠ ଭରି ତୁ କର ଗୁରୁନାମ ଗାୟନ | ନାମ ମାହାତ୍ମ୍ୟ | ୩୪୪ |
| ୪୭ | କଥା ଦେଇ ଦେଉଛୁ ପାଶୋରି | ଆତ୍ମାନୁଚିନ୍ତା | ୮୨ |
| ୪୮ | କଦମ୍ବବନେ ବଂଶୀ ବାଜିଲାରେ ସଜନୀ | କୃଷ୍ଣ ସଂଗୀତ | ୩୮୯ |
| ୪୯ | କମ ଆଖିକି ସତେ ଆଉ ଥରେ ଭେଟିବିକି | ଅଭିଳାଷ | ୨୯୧ |
| ୫୦ | କର ମନ ନାମ ରତନ କଣ୍ଠ ହାର | ନାମ ମାହାତ୍ମ୍ୟ | ୩୪୫ |
| ୫୧ | କରୁଣା ଦୁଆରେ ଶରଣ ଭିଖାରି | ପ୍ରାର୍ଥନା | ୧୫୧ |
| ୫୨ | କହ ବନ୍ଧୁ ! ମୋତେ କେତେ ସୁଖ ପାଅ | ମହିମାଗାନ | ୩୧୬ |
| ୫୩ | କହିବକି ପଦେ କଥା ପୋଛିବ ପରାଣୁ | ପ୍ରାର୍ଥନା | ୧୫୨ |
| ୫୪ | କାଳିଆସୁନା ଗତିକେ ଆଉ ତୋହ ବିନା ? | କୃଷ୍ଣ ସଂଗୀତ | ୩୯୦ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୫୫ | କାମନା ମନର ପରାଣ ଈଶ୍ୱର | ପ୍ରାର୍ଥନା | ୧୫୩ |
| ୫୬ | କାମନା ବାସନା ସାରା ଜୀବନର ତବ ପଦ | ନିବେଦନ | ୬୦ |
| ୫୭ | କାୟା ନଥାଇ ଛାୟା ଅଛି କାହିଁ | ପ୍ରାର୍ଥନା | ୧୫୪ |
| ୫୮ | କାହିଁକି ଏ ଛଳ କହ ପ୍ରିୟବର | ଆକ୍ଷେପ | ୯୩ |
| ୫୯ | କି ମଧୁର ସତେ ଗୁରୁ ନାମଟି | ନାମ ମାହାତ୍ମ୍ୟ | ୩୪୬ |
| ୬୦ | କି କରି ହେବୁରେ ପାରି | ମନଶିକ୍ଷା | ୧୧୧ |
| ୬୧ | କିଏ ବା ବୁଝିବ କହ | ପ୍ରାର୍ଥନା | ୧୫୫ |
| ୬୨ | କିଏ ଜାଣେ ସେ କିଭଳି ଜଣେ | ମହିମାଗାନ | ୩୧୭ |
| ୬୩ | କିଏ ତୁମେ ସତେ ଅନ୍ତରେ ଅନ୍ତରେ ଥାଅ | ମହିମାଗାନ | ୩୧୮ |
| ୬୪ | କିଏ ନେବରେ ସୁଧା ନାମ-ରସ, ଆସ | ନାମ ମାହାତ୍ମ୍ୟ | ୩୪୭ |
| ୬୫ | କିଏ ଶୁଣାଇଲା କୃଷ୍ଣ ବୋଲି ନାମ ତାର | କୃଷ୍ଣ ସଂଗୀତ | ୩୯୧ |
| ୬୬ | କିଦେଇ ପୂଜିବି କହ | ମହିମାଗାନ | ୩୧୮ |
| ୬୭ | କି ଫଳ ସାଧନେ କି ଫଳ ଭଜନେ | ଆକ୍ଷେପ | ୯୪ |
| ୬୮ | କେଉଁ ଆକର୍ଷଣେ ନେଇଥିଲ ଟାଣି | ପ୍ରାର୍ଥନା | ୧୫୭ |
| ୬୯ | କେଜାଣେ ଏ ବେଳ ଆଉ ମିଳିବକି ନାହିଁରେ | ଅଭିଳାଷ | ୨୯୨ |
| ୭୦ | କେତେ ତପି ଋଷି ଆସି ଧରା ସନ୍ତାପ ଉଶ୍ୱାସି | ଗୁରୁ ମହିମା | ୨୮୦ |
| ୭୧ | କେତେ ଦିନେ ଘୁଞ୍ଚିବ ଏ ମାୟା ମୋହ ଘୋର | ନିବେଦନ | ୬୧ |
| ୭୨ | କେବେ ହରି ଧନେ ଧନୀ ହେ | ଅଭିଳାଷ | ୨୯୩ |
| ୭୩ | କେବେ ସେ ଦିନ ସତେ ଆସିବରେ | ଅଭିଳାଷ | ୨୯୪ |
| ୭୪ | କୃପାସାଗର ହେ ନକର ମୋରେ ଅନ୍ତର | ପ୍ରାର୍ଥନା | ୧୫୬ |
| ୭୫ | ଖୋଜି ଦେଖ ସାରା ସଂସାର | ମହିମାଗାନ | ୩୧୯ |
| ୭୬ | ଗୁରୁ ଏକା ପତିତ ପାବନ | ମହିମାଗାନ | ୧୫୯ |
| ୭୭ | ଗୁରୁ କୃପା ହିଁ କେବଳ ଗାଅ ମନଭରି | ପ୍ରାର୍ଥନା | ୧୬୦ |
| ୭୮ | ଗୁରୁଠାରୁ କେହି ସାଂସାରିକ ସୁଖ ଆଶା ନରଖିବ | ଆଶୀର୍ବାଣୀ | ୧୬୧ |
| ୭୯ | ଗୁରୁ ପଦ କର ଧ୍ୟାନ | ପ୍ରାର୍ଥନା | ୧୬୩ |
| ୮୦ | ଗୁରୁ ପଦ ରାଜିବ ସେବରେ ମୁରୁଖ ଜୀବ | ମହିମାଗାନ | ୩୨୦ |
| ୮୧ | ଗୁରୁ ପଦେ ମାଗରେ ଯାଇ | ମନଶିକ୍ଷା | ୧୧୨ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୮୨ | ଗୁରୁ ପାଦ ପଦ୍ମେ ଚିତ୍ତ ଥାଉରେ | ଆତ୍ମାନୁଚିନ୍ତା | ୮୩ |
| ୮୩ | ଗୁରୁ ନାମ ରଟରେ ମନ | ନାମ ମାହାତ୍ମ୍ୟ | ୩୪୮ |
| ୮୪ | ଗୁରୁ ନାମ ଗାଇ ମନ ତାଳେତାଳେ | ନାମ ମାହାତ୍ମ୍ୟ | ୩୪୯ |
| ୮୫ | ଗୁରୁ ନାମ ସୁମର ସୁଖ ଧାମ ଏ ମରତେ | ନାମ ମାହାତ୍ମ୍ୟ | ୩୫୦ |
| ୮୬ | ଗୁରୁ ନାମ ତୁ ସାର କର ମାନସ | ନାମ ମାହାତ୍ମ୍ୟ | ୩୫୧ |
| ୮୭ | ଗୁରୁ ନାମଠାରୁ ବଳି ସୁଧା ମଧୁ ନାହିଁ ନାହିଁ | ନାମ ମାହାତ୍ମ୍ୟ | ୩୫୨ |
| ୮୮ | ଗୁରୁ ନାମ ସୁଧାଝର ବହୁଅଛି ଅନିବାର | ନାମ ମାହାତ୍ମ୍ୟ | ୩୫୩ |
| ୮୯ | ଗୁରୁ ନାମ ସାଗର ବାରିରେ ବୁଡ଼ିରହ ମନ | ନାମ ମାହାତ୍ମ୍ୟ | ୩୫୪ |
| ୯୦ | ଗୁରୁଦେବ ଏତେ ମିନତି ଘେନ | ପ୍ରାର୍ଥନା | ୧୬୨ |
| ୯୧ | ଗୁହାରି ମୋ ଶୁଣ ଠାକୁର | ମାଗୁଣି | ୭୨ |
| ୯୨ | ଗୋପନ ମନର କଥା ଆଜି ପ୍ରିୟ କହିବି ମୁଁ | ଅଭିଳାଷ | ୨୯୫ |
| ୯୩ | ଘନ ଅନ୍ଧକାରେ ଏକା ମୁହିଁ ହେ | ପ୍ରାର୍ଥନା | ୧୬୪ |
| ୯୪ | ଘେରାଇ ଦେଲେ ଦିଅ ଦୁଃଖର ଅମାଘନ | ଅଭିଳାଷ | ୨୯୬ |
| ୯୫ | ଚରଣ ତଳରେ ତୋର | ମାତୃବନ୍ଦନା | ୩୭୪ |
| ୯୬ | ଚରଣ ଯୁଗ ତବ ଶରଣ ମୋର | ପ୍ରାର୍ଥନା | ୧୬୫ |
| ୯୭ | ଚରଣ ଯୁଗଳ କି ମନୋହର | ପ୍ରାର୍ଥନା | ୧୬୭ |
| ୯୮ | ଚରଣେ ପ୍ରଣତି ଘେନ ମାନସ ମୋହନ ହେ | ନିବେଦନ | ୬୨ |
| ୯୯ | ଚରଣେ ତଳେ ଶରଣ ମାଗେ | ପ୍ରାର୍ଥନା | ୧୬୬ |
| ୧୦୦ | ଚରଣେ ତଳେ ତବ ଶରଣ ମାଗେ ନିତି | ଆତ୍ମାନୁଚିନ୍ତା | ୮୪ |
| ୧୦୧ | ଚାଲମନ ଯିବାଚାଲ ଶ୍ରୀଗୁରୁ ଚରଣ ତଳେ | ପ୍ରାର୍ଥନା | ୧୬୮ |
| ୧୦୨ | ଚାହେଁ ମନ ମୋର, ଗାଆନ୍ତି ମୁଁ ନିଶିଦିନ | ଅଭିଳାଷ | ୨୯୭ |
| ୧୦୩ | ଚିହ୍ନିଛୁ କି ଗୁରୁ କିଧନ ? | ଗୁରୁମହିମା | ୨୮୨ |
| ୧୦୪ | ଚିର ଅପରାଧୀ ମୁହିଁ ହେ ଠାକୁର | କ୍ଷମା ପ୍ରାର୍ଥନା | ୪୦୫ |
| ୧୦୫ | ଜନମୁଁ ମରଣ ଭଲ | ଆକ୍ଷେପ | ୯୫ |
| ୧୦୬ | ଜୟ ଜୟଗୁରୁ ଜଗଜ୍ଜନ ବନ୍ଦନ ହେ | ବନ୍ଦନା | ୨୦ |
| ୧୦୭ | ଜୟ ଜୟ ସଦଗୁରୁ ନିଗମ-ସୁରତରୁ | ବନ୍ଦନା | ୨୧ |
| ୧୦୮ | ଜଣାଉଛି ଯୋଡ଼ି କରହେ ଠାକୁର | ଆକ୍ଷେପ | ୯୬ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୧୦୯ | ଜାଣୁଛି ବୁଝୁଛି ଅପରାଧର ମୋ | କ୍ଷମା ପ୍ରାର୍ଥନା | ୪୦୬ |
| ୧୧୦ | ଜୀବନର ତୁମେ ଜୀବନ ନାଥ ହେ | ପ୍ରାର୍ଥନା | ୧୬୯ |
| ୧୧୧ | ଜୀବନର କଳପନାର ତ ତୁମେ ବାହାର | ମହିମାଗାନ | ୩୨୨ |
| ୧୧୨ | ଜୀବନ ଜନମ ତୁମେ ସବୁତ ଦେଇଛ | ମହିମାଗାନ | ୩୨୩ |
| ୧୧୩ | ଜୀବନରେ ଖାଲି ଚାହୁଁତ ନାହିଁ ମୁଁ | ଅଭିଳାଷ | ୨୯୮ |
| ୧୧୪ | ଜୀବନରେ ଯେବେ ସାଧିବ କରମ | ମନଶିକ୍ଷା | ୧୧୩ |
| ୧୧୫ | ଜୀଇବାର ଧିକ ସିନା ମରଣ ଅଧିକ ଭଲ | କୃଷ୍ଣ ସଂଗୀତ | ୩୯୨ |
| ୧୧୬ | ଜ୍ଞାନର ସ୍ୱରୂପ ତ୍ରାଣ କରତା | ପ୍ରାର୍ଥନା | ୧୭୦ |
| ୧୧୭ | ଟାକି ରହିଛିରେ ସେ ଦିନକୁ ପୋଡ଼ା ଆଖି | ଅଭିଳାଷ | ୨୯୯ |
| ୧୧୮ | ଠାକୁର ମୋ ମିନତି ଘେନା କର | ମିନତି | ୪୫ |
| ୧୧୯ | ଠାକୁର ହେ ଅପରାଧ ମୋର ଏତେ | ପ୍ରାର୍ଥନା | ୧୭୧ |
| ୧୨୦ | ଠାକୁର ହେ, ଦରିଆର ବାଲି ସତେ | ପ୍ରାର୍ଥନା | ୧୭୨ |
| ୧୨୧ | ଡର କାହିଁକିରେ କରୁଥାଉ ସୁମନରେ | ପ୍ରାର୍ଥନା | ୧୭୩ |
| ୧୨୨ | ଡର କାହିଁକିରେ ଚାଲ ପିତାର ଦୁଆରେ | ପ୍ରାର୍ଥନା | ୧୭୪ |
| ୧୨୩ | ଡର ଲାଗେ ଏ ତରଙ୍ଗ ହେରି | ପ୍ରାର୍ଥନା | ୧୭୫ |
| ୧୨୪ | ଡରି ମରୁ କାହିଁକିରେ ବାଉଳା ମନ | ନାମ ମାହାତ୍ମ୍ୟ | ୩୫୫ |
| ୧୨୫ | ଡରି ମରୁ କାହିଁକିରେ ପାଗଳ ମନ | ପ୍ରାର୍ଥନା | ୧୭୬ |
| ୧୨୬ | ଡାକି ନାହିଁ ନାଥ ଦିନେ | ଆତ୍ମାନୁଚିନ୍ତା | ୮୫ |
| ୧୨୭ | ଡାକିଲା ପ୍ରକାରେ ଡାକ ମନ ତାଙ୍କୁ | ମନଶିକ୍ଷା | ୧୧୪ |
| ୧୨୮ | ତାକୁ ଡାକ, ତାକୁ ଡାକରେ ମନ ବାଇ | ମନଶିକ୍ଷା | ୧୧୫ |
| ୧୨୯ | ତୁ ଏକା ନାଉରିଆ ଅଥଳ ନିରେ | ସମର୍ପଣ | ୧୦୧ |
| ୧୩୦ | ତୁମକୁ ପାଇବା ପାଇଁ ମୋତେ ଆଉ | ପ୍ରାର୍ଥନା | ୧୭୭ |
| ୧୩୧ | ତୁମରି ପୂଜାର ଗୁରୁଭାର ମୋତେ | ପ୍ରାର୍ଥନା | ୧୭୮ |
| ୧୩୨ | ତୁମବିନେ ହେ ଗୋସାଇଁ | ଅଭିଳାଷ | ୩୦୦ |
| ୧୩୩ | ତୁମ ବିନା ଆଉ ନାହିଁ କେ ନିଜର ମୋର | ପ୍ରାର୍ଥନା | ୧୭୯ |
| ୧୩୪ | ତୁମ ସମାନ କେହି ନାହିଁ ନାହିଁତ | ମହିମାଗାନ | ୩୨୪ |
| ୧୩୫ | ତୁମଠାରୁ ବଳି କିଏ ଅଛି ଆଉ ମୋର | ପ୍ରାର୍ଥନା | ୧୮୦ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୧୩୬ | ତୁମେ ଜୀବନର ଧନ ମୋର | ପ୍ରଣତି | ୩୮ |
| ୧୩୭ | ତୁମେ ତ ମୋ ଗଣ୍ଠି ରତନ, ଜୀବନ ଧନ | ପ୍ରାର୍ଥନା | ୧୮୧ |
| ୧୩୮ | ତୁମେ ତ ମୋ ଜୀବନଧନ | ପ୍ରାର୍ଥନା | ୧୮୨ |
| ୧୩୯ | ତୁମେତ ଜାଳିଛ ମୁକ୍ତି ମଶାଲ ଅମାଘେରା | ପ୍ରଣତି | ୩୯ |
| ୧୪୦ | ତୁମେ ମୋ ମୁକତି ତୁମେ ମୋ ଶକତି | ମିନତି | ୪୬ |
| ୧୪୧ | ତୁମେ ଏକା ପରା ନିଜର ମୋର | ମିନତି | ୪୭ |
| ୧୪୨ | ତୁମେ, ପରାଣର ପ୍ରିୟ ମୋର | ପ୍ରାର୍ଥନା | ୧୮୩ |
| ୧୪୩ | ତୁମେ ମନର ଅପାସୋରା ଠାକୁର | ପ୍ରାର୍ଥନା | ୧୮୫ |
| ୧୪୪ | ତୁମେ ଯେବେ ମୋର | ପ୍ରାର୍ଥନା | ୧୮୪ |
| ୧୪୫ | ତୁମେ ଦୟାନିଧି ଥାଉଁ ଥାଉଁ ମୋର | ଆକ୍ଷେପ | ୯୭ |
| ୧୪୬ | ତୋର ଇହ ପରକାଳ ଜ୍ୟୋତିରେଖା | ଗୁରୁକୃପା | ୨୮୩ |
| ୧୪୭ | ତୃଷିତ ପରାଣେ ଢ଼ାଳିଦିଅ ଦେବ | ଶେଷଗାନ | ୧୮୭ |
| ୧୪୮ | ଥରେ ଆପଣାର ତା'ରେ କର | ମନଶିକ୍ଷା | ୧୧୬ |
| ୧୪୯ | ଥରେ ବଂଶୀ ବଜାଅ କହ୍ନାଇରେ | କୃଷ୍ଣ ସଂଗୀତ | ୩୯୩ |
| ୧୫୦ | ଥାପିଛି ଦେବତା ଅନ୍ତର ମନ୍ଦିରେ | ଅଭିଳାଷ | ୩୦୧ |
| ୧୫୧ | ଥିବ ଯେତେ ଦିନ ପିଣ୍ଡରେ ପରାଣ | ମାତୃସଂଗୀତ | ୩୫୬ |
| ୧୫୨ | ଦରଶେ ତବ କୋଟି ରବି ବିଜିତ କମ କାନ୍ତି | ମହିମାଗାନ | ୩୨୫ |
| ୧୫୩ | ଦୟାମୟ ! କେବେ ଆସିବ ସେ ଦିନ | ଶେଷଗାନ | ୧୮୮ |
| ୧୫୪ | ଦୟାମୟ ! କେବେ ଆସିବ ସେ ଦିନ | ପ୍ରାର୍ଥନା | ୧୮୯ |
| ୧୫୫ | ଦୟାମୟ ! ଦିଅ ଫିଟାଇ ଏ ମୋର | ମିନତି | ୪୮ |
| ୧୫୬ | ଦୟାମୟ ! ଶୁଣିବା ହେଉ ଗୁହାରି | ପ୍ରାର୍ଥନା | ୧୯୦ |
| ୧୫୭ | ଦୟାମୟ ! ଘେନ ଗୁହାରି | ମାଗୁଣି | ୭୩ |
| ୧୫୮ | ଦୟାମୟୀ ମା'ବୋଲି ଗୋ କେ ତୋତେ କହେ | ମାତୃସଂଗୀତ | ୩୭୫ |
| ୧୫୯ | ଦୟାନିଧି ! ପଦେ କଥା ମୋର ଶୁଣ | ପ୍ରାର୍ଥନା | ୧୯୧ |
| ୧୬୦ | ଦୟାନିଧି ! ଧନଜନ ମାଗୁନାହିଁ | ପ୍ରାର୍ଥନା | ୧୯୨ |
| ୧୬୧ | ଦୟାନିଧି ହେ ! ମନ ଗୁହାରି ଘେନ | ନିବେଦନ | ୬୩ |
| ୧୬୨ | ଦିନ ଯାଉ ସେ ଚରଣ ବନ୍ଦି ହେ ଦୟାନିଧି ! | ବନ୍ଦନା | ୨୨ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୧୬୩ | ଦୀନବନ୍ଧୁ ହେ ! କେତେ ଭାବୁଛି ମନେ | ଆତ୍ମାନୁଚିନ୍ତା | ୮୬ |
| ୧୬୪ | ଦୀନବନ୍ଧୁ ହେ ! କରୁଣା କଣା ବିତର | ପ୍ରାର୍ଥନା | ୧୯୩ |
| ୧୬୫ | ଦୀନବନ୍ଧୁ ! ବୁକୁ ମୋର ଥରଥର | ପ୍ରାର୍ଥନା | ୧୯୪ |
| ୧୬୬ | ଦୀନବାନ୍ଧବ ହେ ! ସବୁତ ତୁମରି ଦାନ | ପ୍ରାର୍ଥନା | ୧୯୫ |
| ୧୬୭ | ଦୁଃଖ ବୋଲି ଜାଣୁ ନାହିଁ | ପ୍ରାର୍ଥନା | ୧୯୬ |
| ୧୬୮ | ଦୁଃଖ ଘରେ ଯେବେ ତୁମରି ଆଲୁଅ ଜଳେ | ମାଗୁଣି | ୭୪ |
| ୧୬୯ | ଦୁଇ ଚାରି ସହୀ ସଙ୍ଗତରେ ମୁହିଁ | କୃଷ୍ଣ ସଂଗୀତ | ୩୯୪ |
| ୧୭୦ | ଦେଇକି ଧନ ତୋଷିବି ମନ | ମହିମାଗାନ | ୩୨୬ |
| ୧୭୧ | ଦେଖୁଛି ଯାହା ଏ ନୟନ ବନ ଗିରି ସାଗର | ପ୍ରାର୍ଥନା | ୯୭ |
| ୧୭୨ | ଦେବ ! ଦେଇଯାଅ ଆଶୀର୍ବାଣୀ ହେ | ପ୍ରାର୍ଥନା | ୧୯୮ |
| ୧୭୩ | ଦେହ ତୋର ସଙ୍ଗୀ ପ୍ରାଣ ତୋର ସଙ୍ଗୀ | ଆଶୀର୍ବାଣୀ | ୧୯୯ |
| ୧୭୪ | ଧନ୍ୟଧନ୍ୟ ଗୁରୁଦେବ ଶ୍ରୀ ନିଗମାନନ୍ଦ | ନିଗମ ଭଜନ | ୨୩ |
| ୧୭୫ | ନନ୍ଦନବନ ପାରିଜାତ ତୁମେ | ବନ୍ଦନା | ୨୪ |
| ୧୭୬ | ନଥିଲେ ଅପରାଧୀ ମୋହ ସରି | କ୍ଷମା ପ୍ରାର୍ଥନା | ୪୦୭ |
| ୧୭୭ | ନ ମିଶିଲେ ବାରିବିନ୍ଦୁ କାହୁଁ ହେବ ସାଗର | ମହିମାଗାନ | ୩୨୭ |
| ୧୭୮ | ନୟନ ରଞ୍ଜନ ନୟନେ ନୟନେ | ସମର୍ପଣ | ୧୦୨ |
| ୧୭୯ | ନୟନ ତୁମକୁ ପାରେ ନାହିଁ ଦେଖି | ପ୍ରାର୍ଥନା | ୨୦୧ |
| ୧୮୦ | ନୟନ ପୂରାଇ ଦେଖିବ କେ ଆସ | ମାତୃଜଣାଣ | ୩୭୬ |
| ୧୮୧ | ନନିଅ ପାଦ ଘୁଞ୍ଚାଇ, ଦୟାନିଧି ! | ପ୍ରାର୍ଥନା | ୨୦୦ |
| ୧୮୨ | ନମୋ ନମୋ ନମୋ ପ୍ରଭୁ ନରରୂପ ଧର | ପ୍ରାର୍ଥନା | ୨୫ |
| ୧୮୩ | ନ ହେବି ଆଉ ମୁଁ ଅକୂଳ ଅଥଳ | ପ୍ରାର୍ଥନା | ୨୦୪ |
| ୧୮୪ | ନଟବର ବେଶେ ଆସ ରସିକଶେଖର | କୃଷ୍ଣ ସଂଗୀତ | ୩୯୬ |
| ୧୮୫ | ନଟବରଙ୍କର ଲୀଳା ମନୋହର | କୃଷ୍ଣ ସଂଗୀତ | ୩୯୭ |
| ୧୮୬ | ନବ ବରଷର ପ୍ରଥମ ପ୍ରଭାତେ | ପ୍ରାର୍ଥନା | ୨୦୨ |
| ୧୮୭ | ନବ ବୃନ୍ଦାବନ ନବୀନ ତରୁଗଣ | କୃଷ୍ଣ ସଂଗୀତ | ୩୯୮ |
| ୧୮୮ | ନାରାୟଣ ! ଘେନ ବନ୍ଦନ | ବନ୍ଦନା | ୨୬ |
| ୧୮୯ | ନାଥ ! ମିନତି ମୋ ଘେନା କର | ମିନତି | ୪୯ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୧୯୦ | ନାଥ ! ତୁମକୁ ଦେଖିବା ପାଇଁ | ଅଭିଳାଷ | ୩୦୨ |
| ୧୯୧ | ନାହିଁ ଆନ ଶରଣ ଅଗତିର କାରଣ | ପ୍ରାର୍ଥନା | ୨୦୮ |
| ୧୯୨ | ନାହିଁ ଆନ ସାହା କେହି ମୁରୁଖ ମନ | ପ୍ରାର୍ଥନା | ୨୦୯ |
| ୧୯୩ | ନାହିଁ ନନ୍ଦନ ବନର ସୁମନ | ବନ୍ଦନା | ୨୭ |
| ୧୯୪ | ନାମ ଭଜନ କର ମନ | ନାମ ମାହାତ୍ମ୍ୟ | ୩୫୭ |
| ୧୯୫ | ନିଗମାନନ୍ଦଂ ବନ୍ଦେ ଜଗତ ତାରକମ୍ | ବନ୍ଦନା | ୨୮ |
| ୧୯୬ | ନିରଖ ପରା ମୁଁ ମାଆ | ମାତୃସଂଗୀତ | ୩୭୭ |
| ୧୯୭ | ନିରାନନ୍ଦେ ମୋର ଦେଖାଦିଅ ବାରେ | ପ୍ରାର୍ଥନା | ୨୦୫ |
| ୧୯୮ | ନିରେଖ ନିରେଖ ଆଖି ରାଜେଶ୍ୱର ରାଜେ | ପ୍ରାର୍ଥନା | ୨୦୬ |
| ୧୯୯ | ନିଶିଦିବସ ନିତି ନିତି ଭାଳୁଛି ମନ | ପ୍ରାର୍ଥନା | ୨୦୭ |
| ୨୦୦ | ନିଶିଦିନ ଭୁଲାମନ ଭୁଲେ ସେ ଚରଣ | ମହିମାଗାନ | ୩୨୮ |
| ୨୦୧ | ନିତି ନୂଆ ନୂଆ ତୁମେ ମଧୁର ମଧୁର ହେ | ଅଭିଳାଷ | ୩୦୩ |
| ୨୦୨ | ନିରାଶ ନ କର ଆଜି ଦୟାଳୁ ଠାକୁର ହେ | ଅଭିଳାଷ | ୩୦୪ |
| ୨୦୩ | ନୀରଦ ବରଣ ଶ୍ୟାମ କି ସୁନ୍ଦର ଗୋ | କୃଷ୍ଣ ସଂଗୀତ | ୩୯୯ |
| ୨୦୪ | ନୀପ ଉପବନୁ ପହିଲେ ଶୁଣିଲି କାହାର | କୃଷ୍ଣ ସଂଗୀତ | ୪୦୦ |
| ୨୦୫ | ନେବାକୁ ଆଜି ମୁଁ ଆସି ନାହିଁ ନାଥ | ସମର୍ପଣ | ୧୦୩ |
| ୨୦୬ | ପଞ୍ଝାରୀରେ ! ଡର ନାହିଁ ଆଖି ଆଗେ ହେରି | ମହିମାଗାନ | ୩୨୯ |
| ୨୦୭ | ପଦତଳ ମନୋହର ବିକଚ ଶତଦଳ | ପ୍ରଣତି | ୪୦ |
| ୨୦୮ | ପଦେ ମୋ ଗୁହାରି ଘେନ | ନିବେଦନ | ୬୪ |
| ୨୦୯ | ପରମ ସାଧନ ଅଟେ ଗୃହସ୍ଥ ଧରମ | ମନଶିକ୍ଷା | ୧୧୭ |
| ୨୧୦ | ପରମାନନ୍ଦଙ୍କୁ ପାଇବୁ ଯେବେରେ ପ୍ରାଣର | ପ୍ରାର୍ଥନା | ୨୧୦ |
| ୨୧୧ | ପରମ ଆନନ୍ଦ ବିତର ବିତର | ପ୍ରାର୍ଥନା | ୨୧୧ |
| ୨୧୨ | ପରମ ଆରାଧ୍ୟ ଆହେ ଗୁରୁଦେବ ! | ପ୍ରାର୍ଥନା | ୨୧୨ |
| ୨୧୩ | ପରାଣ ମଧୁପ ନରସିଲା ଯେବେ | ଆକ୍ଷେପ | ୯୮ |
| ୨୧୪ | ପରାଣ ବନ୍ଧୁଆ ! ତୁମଠାରୁ ବଳି | ପ୍ରାର୍ଥନା | ୨୧୩ |
| ୨୧୫ | ପରାଣପତି ! ତୁ ଏକା ଅଗତିର ଗତି | ମିନତି | ୫୦ |
| ୨୧୬ | ପାଗଳ ମନ ବିକଳ ସିନା ତୁ ଅକାରଣ | ମନବୋଧ | ୧୧୮ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୨୧୭ | ପାଶେ ଅଛିରେ ମୁଁ ତୋର କାରେ ଡର | ପ୍ରାର୍ଥନା | ୨୨୨ |
| ୨୧୮ | ପ୍ରଣତି ଘେନ ! ହେ ଦେବ ନିଗମାନନ୍ଦ | ନିଗମ ଭଜନ | ୨୯ |
| ୨୧୯ | ପ୍ରଣତି ଘେନ ହେ ଜଗଜୀବନ | ମହିମାଗାନ | ୪୧ |
| ୨୨୦ | ପ୍ରଣିପାତ ଘେନାକର | ପ୍ରାର୍ଥନା | ୨୧୪ |
| ୨୨୧ | ପ୍ରଭୁହେ ! ତୁମରି ମହିମାମାନ | ମହିମାଗାନ | ୩୩୦ |
| ୨୨୨ | ପ୍ରଭୁ ହେ ! ମୁକତି ମୁଁ ଚାହୁଁ ନାହିଁ | ପ୍ରାର୍ଥନା | ୨୧୭ |
| ୨୨୩ | ପ୍ରଭୁ ହେ ! ମୋଠାରୁ ପାତକୀ ବଡ଼ କାହିଁ | ଶେଷଗାନ | ୨୧୮ |
| ୨୨୪ | ପ୍ରଭୁ ହେ ! ତୁମେ ପରା କରୁଣା-ନିଧାନ ? | ମିନତି | ୫୧ |
| ୨୨୫ | ପ୍ରଭୁ, ତୁମରି ଚରଣ ତଳେ | ପ୍ରାର୍ଥନା | ୨୧୬ |
| ୨୨୬ | ପ୍ରଭୁ, କେତେ ସୁଖ ପାଅ ସତେ | ମହିମାଗାନ | ୩୩୧ |
| ୨୨୮ | ପ୍ରଭୁ, ପାରିବି ନାହିଁ ପାସୋରି ତ | ପ୍ରାର୍ଥନା | ୨୧୫ |
| ୨୨୮ | ପ୍ରାଣବନ୍ଧୁ ! ପଣ ମୋର ଶୁଣ ଥରେ | ମିନତି | ୫୨ |
| ୨୨୯ | ପ୍ରାଣବନ୍ଧୁ ! ତୁଟିଲା ମୋ ଟାଣପଣ | ପ୍ରାର୍ଥନା | ୨୧୯ |
| ୨୩୦ | ପ୍ରାଣର ମଣି ନଯାଏ ହଜି ବନ୍ଧୁରେ | ମନଶିକ୍ଷା | ୧୧୯ |
| ୨୩୧ | ପ୍ରିୟ ! ଦୁଆର ମୁଦିବ ନାହିଁ | ପ୍ରାର୍ଥନା | ୨୨୦ |
| ୨୩୨ | ପ୍ରିୟଠାରୁ ବଳି ପ୍ରିୟ ତୁମେ ମୋର | ପ୍ରାର୍ଥନା | ୨୨୧ |
| ୨୩୩ | ପ୍ରେମ ବିନେ ସେ ଧନ ମିଳେ ନାହିଁରେ | ମହିମାଗାନ | ୩୩୨ |
| ୨୩୪ | ପ୍ରେମ ପାଶେ ବାନ୍ଧି ରଖିଛ ତୁମେ ନିରତ | ଅଭିଳାଷ | ୩୦୫ |
| ୨୩୫ | ପ୍ରେମ ସୁଧା ପିଇ ମତୁଆଳ ହୋଇ | ନାମମାହାତ୍ମ୍ୟ | ୩୫୮ |
| ୨୩୬ | ଫୁଲ ସଂଜବେଳେ ବାହୁଡ଼ିବି ଯେବେ | ଅଭିଳାଷ | ୩୦୬ |
| ୨୩୭ | ବଟ ତଟ ଭୂମି ତଳେ ନିବାସ | ପ୍ରାର୍ଥନା | ୨୨୨ |
| ୨୩୮ | ବତାଇ ଦିଅ କାହାରେ ମୁଁ ଡାକିବି ଆଉ | ମହିମାଗାନ | ୩୩୩ |
| ୨୩୯ | ବତାଇ ଦିଅତୁ ଭକତି ପଥର ରାହା | ମାତୃଜଣାଣ | ୩୭୮ |
| ୨୪୦ | ବହୁ ଭାଗ୍ୟ ଫଳେ ଯେବେ ଦେଇଗଲ | ଅଭିଳାଷ | ୩୦୭ |
| ୨୪୧ | ବନ୍ଦି ଚରଣ ତବ ହେ ଦେବ ମାନବ | ବନ୍ଦନା | ୩୦ |
| ୨୪୨ | ବନ୍ଦେ ବନ୍ଦେ ଶ୍ରୀଗୁରୁ ପଦ ଅରବିନ୍ଦେ | ନିଗମ ଭଜନ | ୩୧ |
| ୨୪୩ | ବନ୍ଦେ ଶ୍ରୀଗୁରୁଦେବ ଅଭୟ ପଦ ରାଜିବ | ବନ୍ଦନା | ୩୨ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୨୪୪ | ବନ୍ଧୁ ! ତୁମେ ମୋର ପରାଣର ପ୍ରିୟ | ସମର୍ପଣ | ୧୦୪ |
| ୨୪୫ | ବନ୍ଧୁ ହେ ! ତୁମେ ଏକା ମୋ ଜୀବନଧନ | ପ୍ରାର୍ଥନା | ୨୨୩ |
| ୨୪୬ | ବନ୍ଧୁ ହେ ! ଆଉ ତ ଛାଡ଼ିବି ନାହିଁ | ମାଗୁଣି | ୭୫ |
| ୨୪୭ | ବାଇମନ କଥାଟି ହେଜ, ଭକତ ହେବାର | ପ୍ରାର୍ଥନା | ୨୨୪ |
| ୨୪୮ | ବାଇମନ ଚାଲଯିବା ଗୁରୁଙ୍କ ଚରଣ ତଳେ | ପ୍ରାର୍ଥନା | ୨୨୫ |
| ୨୪୯ | ବାଇମନରେ ! ଗାଆ ଗାଆ ତାର ନାମ କିବା | ନାମ ମାହାତ୍ମ୍ୟ | ୩୫୯ |
| ୨୫୦ | ବାଉଳା ମନ, ଏଣେ ତେଣେ ବୁଲୁ ଅକାରଣ | ଆତ୍ମାନୁଚିନ୍ତା | ୮୭ |
| ୨୫୧ | ବାସନା ମୋହର ନାଥ କରହେ ପୂରଣ | ପ୍ରାର୍ଥନା | ୨୨୬ |
| ୨୫୨ | ବାରିଲି ବାରିଲି ଏବେ ଜୀବଧନ | ପ୍ରାର୍ଥନା | ୨୨୭ |
| ୨୫୩ | ବାହୁଡ଼ି ସବୁ ଦୁଆରୁ ହେ ଦୟାନିଧି ! | ସମର୍ପଣ | ୧୦୫ |
| ୨୫୪ | ବିଚାରୁ ତୁ ବଇରାଗୀ ହେବୁ ? | ଆତ୍ମାନୁଚିନ୍ତା | ୮୮ |
| ୨୫୫ | ବିରହ ଅନଳ ଦହନ ମନାସେ | ପ୍ରାର୍ଥନା | ୨୨୮ |
| ୨୫୬ | ବିବେକ ଆଖିଟୁ ଖୋଲରେ ମନୁଆଁ | ମନଶିକ୍ଷା | ୧୨୦ |
| ୨୫୭ | ବିଶ୍ୱାସଟି ମୂଳ ଯାହାର ଧନ୍ୟ ସେହି ସଂସାରେ | ପ୍ରାର୍ଥନା | ୨୨୯ |
| ୨୫୮ | ବୋଲ, ଜୟଗୁରୁ ବୋଲ | ନାମ ମାହାତ୍ମ୍ୟ | ୩୬୦ |
| ୨୫୯ | ବୋଲ ଜୟଗୁରୁ ମୁଖେ ବୋଲରେ | ନାମ ମାହାତ୍ମ୍ୟ | ୩୬୧ |
| ୨୬୦ | ଭକତି ଭିଖାରି ଯେହୁ ନାଥ ତବ ଚରଣେ | ମହିମାଗାନ | ୩୩୪ |
| ୨୬୧ | ଭକତିରେ ଗୁରୁପଦେ କରେ ଯେ ଜୁହାର | ମହିମାଗାନ | ୩୩୫ |
| ୨୬୨ | ଭଜ ଭଜମନ ! ଭଜି ପାରିଲେ ପାଇବୁ | ନାମ ମାହାତ୍ମ୍ୟ | ୩୬୨ |
| ୨୬୩ | ଭବ ଘନ ଘୋର ଅନ୍ଧାର | ମନଶିକ୍ଷା | ୧୨୧ |
| ୨୬୪ | ଭୟ ବିପଦ ଜଳନିଧି ହେବାକୁ ପାରିରେ | ନାମ ମାହାତ୍ମ୍ୟ | ୩୬୩ |
| ୨୬୫ | ଭାସି ଚାଲ ମନ ମହାକାଳର ତରଙ୍ଗେ | ମନଶିକ୍ଷା | ୧୨୨ |
| ୨୬୬ | ଭିଖାରି ମୁଁ ନୁହେଁ ମାଗିବିନି କେବେ | ପ୍ରାର୍ଥନା | ୨୩୦ |
| ୨୬୭ | ଭିଖ ଦିଅ ଭିଖ ଦିଅ ଭିଖାରୀରେ ଭିଖ ଦିଅ | ନିବେଦନ | ୬୫ |
| ୨୬୮ | ଭୁଲା ମନରେ ଭୁଲି ଅନ୍ତର ବନ୍ଧୁରେ ରଖେଁ | ମନଶିକ୍ଷା | ୧୨୩ |
| ୨୬୯ | ଭୋଗିଲି ଯେବେ ଗୋ କରମର ଫଳ | ମାତୃ ସଂଗୀତ | ୩୭୯ |
| ୨୭୦ | (ମଥା) ଛୁଇଁ ମୋହର ତୁମେ କହିଲ ସତେ | ପ୍ରାର୍ଥନା | ୨୩୨ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୨୭୧ | ମଣି ଆପଣା ଜନ, ସମରପଣ କର | ମହିମାଗାନ | ୩୩୬ |
| ୨୭୨ | ମଣିମା ! ଗୁହାରୀ ମୋ ଘେନା ହେଉ | ପ୍ରାର୍ଥନା | ୨୩୧ |
| ୨୭୩ | ମଣିମା ଶୁଣିମା ହେଉ ଅଳି ମନର | ମିନତି | ୫୩ |
| ୨୭୪ | ମଧୁରୁ ମଧୁର ତୁମ ନାମ କେଡ଼େ ମଧୁର | ପ୍ରାର୍ଥନା | ୨୩୩ |
| ୨୭୫ | ମନ କଥା କହୁଛି | ମାତୃସଂଗୀତ | ୩୮୦ |
| ୨୭୬ | ମନ କଥା କହୁଛି ମୋର | ମାତୃସଂଗୀତ | ୩୮୧ |
| ୨୭୭ | ମନ କଥା ଶୁଣ ମୋର ମାଆ | ମାତୃସଂଗୀତ | ୩୮୨ |
| ୨୭୮ | ମନକଥା ଶୁଣ ମୋର, ଦୟାନିଧି ! | ପ୍ରାର୍ଥନା | ୨୩୪ |
| ୨୭୯ | ମନ କଥା ମୋର ଜଣା କରୁଅଛି | ପ୍ରାର୍ଥନା | ୨୩୫ |
| ୨୮୦ | ମନ କୁସୁମରେ ଭକତି ସୂତାରେ | ପ୍ରାର୍ଥନା | ୨୩୬ |
| ୨୮୧ | ମନ ଗୁହାରି ମୋର ଘେନା ହେଉ ଠାକୁର | ମାଗୁଣି | ୭୬ |
| ୨୮୨ | ମନ ଗୁହାରି ଶୁଣ ମୋର ଜୀବନଧନ | ମାଗୁଣି | ୭୭ |
| ୨୮୩ | ମନ ଚାଲ ନିଜ ନିକେତନେ | ପ୍ରାର୍ଥନା | ୨୩୭ |
| ୨୮୪ | ମନ ! ଜୟଗୁରୁ ଜୟଗୁରୁ ବୋଲ | ନାମ ମାହାତ୍ମ୍ୟ | ୩୬୪ |
| ୨୮୫ | ମନ ହୁଅରେ ବାଇ | ନାମ ମାହାତ୍ମ୍ୟ | ୩୬୬ |
| ୨୮୬ | ମନ ବାସନା ଭରି ହରି ନାମ ଗାଅ | ନାମ ମାହାତ୍ମ୍ୟ | ୩୬୫ |
| ୨୮୭ | ମନବାଇ, ବିଚାର ମନରେ ତୁହି | ମନଶିକ୍ଷା | ୧୨୪ |
| ୨୮୮ | ମନ ମନ୍ଦିର ସପତ ଦୁଆର ଛାଏଁ ଛାଏଁ ଯାଏ | କ୍ଷମା ପ୍ରାର୍ଥନା | ୪୦୮ |
| ୨୮୯ | ମନ ମୋହନ, ତୁମେ ଏକା ଜୀବନ ସାର | ମହିମାଗାନ | ୩୩୭ |
| ୨୯୦ | ମନ ସେଦିନ କଥା ଥରେ ବିଚାର କର | ଆତ୍ମାନୁଚିନ୍ତା | ୮୯ |
| ୨୯୧ | ମନର ଠାକୁର ଆଜି ମନ କଥା ଘେନାକର | ନିବେଦନ | ୬୬ |
| ୨୯୨ | ମନର ଭକତି ପ୍ରଣତି ନିବେଦି, ତୁମରି କରି | ପ୍ରାର୍ଥନା | ୨୩୮ |
| ୨୯୩ | ମନରେ ! ଗୁରୁ ବିନେ ସାହା ନାହିଁ ତୋର | ପ୍ରାର୍ଥନା | ୨୩୯ |
| ୨୯୪ | ମନନ ଧିଆନ ଜ୍ଞାନ ତୁମେ ଏକା ରଙ୍କ ନିଧି | ଅଭିଳାଷ | ୩୦୯ |
| ୨୯୫ | ମନେ ମୋର ଚିର ଜାଗେ ହେ ଠାକୁର | ପ୍ରାର୍ଥନା | ୨୪୦ |
| ୨୯୬ | ମହାବାହୁ ମାଗୁନାହିଁ କିଛି ଆଉ | ଜନ୍ମୋତ୍ସବ | ୩୭୦ |
| ୨୯୭ | ମରମ ମଝିରେ ବିରାଜିତ ତୁମେ | ନିବେଦନ | ୬୭ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୨୯୮ | ମରମର ବ୍ୟଥା ପରାଣର କଥା | ପ୍ରାର୍ଥନା | ୨୪୧ |
| ୨୯୯ | ମାଗିବି ନାହିଁ ମୁଁ କିଛି ତୋ ଚରଣେ ଅଳି କରି | ମାତୃଜଣାଣ | ୩୮୩ |
| ୩୦୦ | ମା ଗୋ ! ଡରିମରି ଦିନ ଯାଏ | ମାତୃଜଣାଣ | ୩୮୪ |
| ୩୦୧ | ମାଗୁ ନାହିଁ ଧନ ଜନ ମାଗୁଛି ମୁଁ ଶରଣ | ମିନତି | ୫୪ |
| ୩୦୨ | ମାନ ମନ ! ପୂଜ ତୁ ଶ୍ରୀଗୁରୁ ଚରଣରେ | ମନଶିକ୍ଷା | ୧୨୫ |
| ୩୦୩ | ମିଛେ ମିଛେ ଘୂରି ମରେ ମୁଁ ସିନା | ପ୍ରାର୍ଥନା | ୨୪୨ |
| ୩୦୪ | ମିଛେ ବସି କାହିଁକି ତୁ ଭାବୁରେ ମନ ! | ମନଶିକ୍ଷା | ୧୨୬ |
| ୩୦୫ | ମୁକତିର ଧାମ ଗମନେ ତୁ ମନ | ମନଶିକ୍ଷା | ୧୨୭ |
| ୩୦୬ | ମୁକ୍ତିଧାମର ଯାତ୍ରୀ ଆମେରେ ମୁକ୍ତି ସେନାର | ପ୍ରାର୍ଥନା | ୨୪୩ |
| ୩୦୭ | ମୁଖ ମୋ ଫିଟିବ ଯେବେ | ମାଗୁଣି | ୭୮ |
| ୩୦୮ | ମୁଁ ଯେ ତୁମରି ଏକା ହେ ସୁନ୍ଦର | ସମର୍ପଣ | ୧୦୬ |
| ୩୦୯ | ମୋ ବନ୍ଧୁ ହେ ! ଦୂର ପରବାସୀ ହେଲି | ପ୍ରାର୍ଥନା | ୨୪୮ |
| ୩୧୦ | ମୋ ଭାଲେ ସତେ ହେବ କି ସେଦିନ | ପ୍ରାର୍ଥନା | ୨୪୯ |
| ୩୧୧ | (ମୋର) ଧନରେ ମାନରେ ମନ ନାହିଁ ନାହିଁ | ପ୍ରାର୍ଥନା | ୨୪୪ |
| ୩୧୨ | (ମୋର) ପରାଣର ଧନ ! ଶୁଣ | ପ୍ରାର୍ଥନା | ୨୪୫ |
| ୩୧୩ | (ମୋର) ପଦେ ଖାଲି ପଦରେ ଗୁହାରି | ନିବେଦନ | ୬୮ |
| ୩୧୪ | (ମୋର) ମନର ଗୁହାରୀ ଶୁଣ ଜଗତ ଜୀବନ | ନିବେଦନ | ୬୯ |
| ୩୧୫ | ମୋର ପ୍ରେମ ପାଗଳା | ଗୁରୁ ମହିମା | ୨୮୪ |
| ୩୧୬ | ମୋର ବୋଲି ଯା'ରେ ଆଦର କରିବି | ପ୍ରାର୍ଥନା | ୨୪୬ |
| ୩୧୭ | ମୋର ବୋଲିବାକୁ କି ଅଛି ମରତେ | ପ୍ରାର୍ଥନା | ୨୪୭ |
| ୩୧୮ | ମୋର ବୋଲି ମୋତେ କହିବାକୁ ସତେ | ମିନତି | ୫୫ |
| ୩୧୯ | ମୋର କଳପନା ହାରେ | ଭଜନ | ୩୩ |
| ୩୨୦ | (ମୋତେ) ଜଞ୍ଜାଳିଆ କହତୁ ପଛେ | ମାତୃଜଣାଣ | ୩୮୫ |
| ୩୨୧ | ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ | ବନ୍ଦନା | ୩୪ |
| ୩୨୨ | ଯହିଁକି ଯା ସାଜେ ସବୁ ଭଲ ତୁମେ ସଜାଡ଼ିଛ | ମହିମାଗାନ | ୩୩୮ |
| ୩୨୩ | ଯାହା ଦେବ ଗୁରୁଦେବ ସେ ମୋ କୋଟି | ଅଭିଳାଷ | ୩୧୦ |
| ୩୨୪ | ଯୁଗେ ଯୁଗେ ତୁମେ ନିଗମାନନ୍ଦ | ନିଗମ ଭଜନ | ୩୫ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୩୨୫ | ଯେ ଗୃହ ଆନନ୍ଦ ରବେ ସତତ ମୁଖର | ସମର୍ପଣ | ୧୦୭ |
| ୩୨୬ | ଯେବେ ଅଭୟ ଚରଣେ ଶରଣ ଦେଲ ଠାକୁର | ଅଭିଳାଷ | ୩୧୧ |
| ୩୨୭ | ରଙ୍କଧନ ତୁମେ ମୋର ଜୀବନ ସଙ୍ଗାଳି | ପ୍ରାର୍ଥନା | ୨୫୦ |
| ୩୨୮ | ରଙ୍ଗ ଚରଣ ତଳରେ ତ ଠାକୁର | ମିନତି | ୫୬ |
| ୩୨୯ | ରଙ୍ଗିମ ଚରଣ ତୁମରି ପରଶି | ଗୁରୁ ମହିମା | ୨୮୫ |
| ୩୩୦ | ରଜନୀ ଦିନ, ରଟୁ ଶ୍ରୀଗୁରୁ ଜୟଗୁରୁ ବଦନ | ମିନତି | ୫୭ |
| ୩୩୧ | ରହି ବିଷୟାଜଡ଼ିତ ବିଷମ ସଂସାରେ | ପ୍ରାର୍ଥନା | ୨୫୧ |
| ୩୩୨ | ରହିରହି ଆଜି ତୁମେ ଦୟାନିଧି ! କାହିଁକି | ପ୍ରାର୍ଥନା | ୨୫୨ |
| ୩୩୩ | ରସନା ! ଗୁରୁ ବିନେ ଆନ ରସନା | ମନଶିକ୍ଷା | ୧୨୮ |
| ୩୩୪ | ରାହା ଦେଖାଅ ମୋତେ ଦୟାସାଗର | ଆତ୍ମାନୁଚିନ୍ତା | ୯୦ |
| ୩୩୫ | ଲାଜକୁଳ ମାନ ପାସୋରି | କୃଷ୍ଣ ସଂଗୀତ | ୪୦୪ |
| ୩୩୬ | ଲୋଡ଼ୁ ତୁ ଯେବେ ଗୁରୁ ଆଶିଷ ରେ | ନାମ ମାହାତ୍ମ୍ୟ | ୩୬୭ |
| ୩୩୭ | ଶରଣ ମନାସି ଶ୍ରୀଗୁରୁ ହେ ଆଜି | ପ୍ରାର୍ଥନା | ୨୫୩ |
| ୩୩୮ | ଶିବ ଶଙ୍କର ପଦେ କର ପ୍ରଣିପାତ କର | ଶିବ ବନ୍ଦନା | ୨୫୪ |
| ୩୩୯ | ଶିଷ୍ୟ ହୃଦ ଇନ୍ଦୁ ଭକ୍ତ ପ୍ରାଣ ବନ୍ଧୁ | ଆତ୍ମନିବେଦନ | ୨୫୫ |
| ୩୪୦ | ଶୁଣ ପ୍ରାଣବନ୍ଧୁ ଆସିଛି ମୁଁ ଆଜି | ପ୍ରାର୍ଥନା | ୨୫୬ |
| ୩୪୧ | ଶ୍ରୀଗୁରୁ ନାମ ତୁ ସୁମରଣ, କର ଭୁଲା ମନ | ବନ୍ଦନା | ୩୬ |
| ୩୪୨ | ଶ୍ରୀଗୁରୁ ତତ୍ତ୍ୱ ପରମ ତନୁ ଶୁଦ୍ଧ | ପ୍ରାର୍ଥନା | ୨୫୭ |
| ୩୪୩ | ଶ୍ରୀନିଗମାନନ୍ଦ ସ୍ୱାମୀ ବିଜେ ଆଜି | ଜନ୍ମୋତ୍ସବ | ୩୬୮ |
| ୩୪୪ | ଶ୍ୟାମ ନାମେ କି ମଧୁ ସହି ! | କୃଷ୍ଣ ସଂଗୀତ | ୪୦୧ |
| ୩୪୫ | ସଙ୍କଟ ତାରଣ ପାଇଁ ଜଗତେ ଆନ କେ | ପ୍ରାର୍ଥନା | ୨୫୮ |
| ୩୪୬ | ସଖୀ ସାର ହେଲା ନୀର ଧାର ଗୋ | କୃଷ୍ଣ ସଂଗୀତ | ୪୦୩ |
| ୩୪୭ | ସଜନୀ ଶ୍ୟାମ ନାମ କିଏ ଶୁଣାଇଲା | କୃଷ୍ଣ ସଂଗୀତ | ୪୦୨ |
| ୩୪୮ | ସନ୍ତାନ ବତ୍ସଳା ଶ୍ୟାମା ମାଆ ମୋର | ମାତୃ ଜଣାଣ | ୩୮୬ |
| ୩୪୯ | ସବୁକାଳେ ସବୁଠାରେ ପ୍ରକଟ ଯେ | ପ୍ରାର୍ଥନା | ୨୫୯ |
| ୩୫୦ | ସବୁ ବନ୍ଧନ ମୋ ଖୋଲି ଦେଇ ପ୍ରଭୁ | ପ୍ରାର୍ଥନା | ୨୬୦ |
| ୩୫୧ | ସବୁବେଳେ ସବୁ ରୂପେ ସବୁଠାରେ ରହିଛ | ପ୍ରାର୍ଥନା | ୨୬୧ |

# ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୩୫୨ | ସବୁ ସାଧନାର ଲକ୍ଷ୍ୟ ମନୁଷ୍ୟତା | ମନଶିକ୍ଷା | ୧୨୯ |
| ୩୫୩ | ସଂସାରେ ମୋହର କିଛି ନାହିଁ ସିନା | ପ୍ରଣତି | ୪୨ |
| ୩୫୪ | ସଁପି ଦେଉଛି ପଦତଳେ ଜୀବନ | ସମର୍ପଣ | ୧୦୮ |
| ୩୫୫ | ସ୍ମରରେ ମନ ନିଗମାନନ୍ଦ | ବନ୍ଦନା | ୩୭ |
| ୩୫୬ | ସହଜେ କି ମିଳେ ସେ ଧନ | ପ୍ରାର୍ଥନା | ୨୬୨ |
| ୩୫୭ | ସାଗର ଭୂଧରେ ନଭେ ପାତାଳରେ | ପ୍ରାର୍ଥନା | ୨୬୩ |
| ୩୫୮ | ସାଧୁସଙ୍ଗ ମୋତେ ଦିଅ | ପ୍ରାର୍ଥନା | ୨୬୪ |
| ୩୫୯ | ସାନ କୁହା ମୋର ମାନରେ ମନୁଆଁ | ପ୍ରାର୍ଥନା | ୨୬୫ |
| ୩୬୦ | ସିଂହ ଦୁଆର ପାଶେ କର ଯୋଡ଼ି ନିରାଶେ | କ୍ଷମା ପ୍ରାର୍ଥନା | ୪୦୯ |
| ୩୬୧ | ସୁଖପାଏ ପ୍ରଭୁ ! ତୁମକୁ ଯେହୁ ଅନ୍ତର ଖୋଲି | ଆତ୍ମାନୁଚିନ୍ତା | ୯୧ |
| ୩୬୨ | ସୁଆଦ ତାର କେ' ବାରି ପାରେ | ମହିମାଗାନ | ୩୩୯ |
| ୩୬୩ | ସୁନ୍ଦର ଚିର ସୁନ୍ଦର ତୁମେ ସୁନ୍ଦର ପ୍ରିୟ ମୋର | ପ୍ରାର୍ଥନା | ୨୬୭ |
| ୩୬୪ | ସୁନ୍ଦର ଜଗତେ ଯାହା ତୁମେ ତ ଦେଇଛ ସାଜି | ମହିମାଗାନ | ୩୪୦ |
| ୩୬୫ | ସୁନ୍ଦର ଫୁଲ ହାର, ଗୁନ୍ଥି ନାହିଁ ଦେବ | ପ୍ରାର୍ଥନା | ୨୬୬ |
| ୩୬୬ | ସେଇ କଜଳ ଘେନାଇ ଦିଅ ନୟନେ | ମିନତି | ୫୮ |
| ୩୬୭ | ସେଇ ଜଣକର ଚରଣ ତଳରେ | ପ୍ରାର୍ଥନା | ୨୬୯ |
| ୩୬୮ | ସେଇ ମାଆ ତ ଆମରି ଯୁଗ ଅନୁସରି | ମାତୃ ସଂଗୀତ | ୩୮୭ |
| ୩୬୯ | ସେ ଏକା ସାଥୀ ଏଇ ମର ସଂସାରେ | ମନଶିକ୍ଷା | ୧୩୦ |
| ୩୭୦ | ସେ ଚରଣ ତଳେ ଆଜି ମାଗେ ଶରଣ | ପ୍ରାର୍ଥନା | ୨୭୦ |
| ୩୭୧ | ସେ ଯେ ଭାବ ବିନୋଦିଆ ହରି ହେ | ପ୍ରାର୍ଥନା | ୨୭୧ |
| ୩୭୨ | ସେ ତ ସକଳ ସାଧନ ଧନରେ | ମନଶିକ୍ଷା | ୧୩୧ |
| ୩୭୩ | ସେଦିନ ହୋଇବ କେବେ ଅଛି ଅନାଇ | ଅଭିଳାଷ | ୩୧୨ |
| ୩୭୪ | ସେ ହାତର କାରିଗରୀ | ମହିମାଗାନ | ୩୪୧ |
| ୩୭୫ | ସେବକ ବ୍ରତ ତୁ ଦିଅ ଗୋ ମାଆ | ମାତୃ ସଂଗୀତ | ୩୮୮ |
| ୩୭୭ | ହେଉ ଚୋର ଅବା ସାଧୁ ସେ ହେଉ | ପ୍ରାର୍ଥନା | ୨୭୨ |
| ୩୭୮ | ହେ ଦେବତା ! ଏତିକି ମାଗୁଣି ଖାଲି | ନିବେଦନ | ୭୦ |
| ୩୭୯ | ହେ ପ୍ରାଣ ଦେବତା ! ପ୍ରାଣ ଯେ କଥା | ପ୍ରାର୍ଥନା | ୨୭୪ |

## ସୂଚୀପତ୍ର


| କ୍ରମ | କ'ଣ | କେତେବେଳେ | କେଉଁଠି |
|---|---|---|---|
| ୩୮୦ | ହେ ପ୍ରଭୁ ନିଗମ ପ୍ରଣତି ଘେନ | ପ୍ରାର୍ଥନା | ୨୭୫ |
| ୩୮୧ | ହେ ପରମାରାଧ ! ତ୍ରିଜଗତ ବନ୍ଦ୍ୟ | ପ୍ରାର୍ଥନା | ୨୭୩ |
| ୩୮୨ | ହେ ନିଗମାନନ୍ଦ ମୋର ପରାଣ ଠାକୁର | ମାଗୁଣି | ୭୯ |
| ୩୮୩ | ହେବ କି ସେ ଏ ଜନମେ ମନର ପାସୋରା | ପ୍ରାର୍ଥନା | ୨୭୬ |
| ୩୮୪ | ହୋଇ ବିଷୟର କୀଟ, କେତେ କାଳ ଥିବୁ | ଆତ୍ମାନୁଚିନ୍ତା | ୯୨ |
| ୩୮୫ | କ୍ଷମାସାଗର ହେ କାହିଁକି ଏ ନାମ ଧର | କ୍ଷମା ପ୍ରାର୍ଥନା | ୪୧୦ |
| ୩୮୬ | କ୍ଷମାନିଧି ! କ୍ଷମା ଜମା ମାଗୁନାହିଁ | କ୍ଷମା ପ୍ରାର୍ଥନା | ୪୧୧ |
| ୩୮୭ | ଏକଲକ୍ଷ୍ୟେ ଏକ ବାକ୍ୟେ ଏକ ହୁଅ ଭାଇ | ବିଦାୟ ପ୍ରାର୍ଥନା | ୪୧୨ |
| ୩୮୮ | ଦୟାମୟ ! ଶ୍ରୀଚରଣେ ଏହି ନିବେଦନ | ବିଦାୟ ପ୍ରାର୍ଥନା | ୪୧୩ |
| ୩୮୯ | ଦୀନନାଥ ! ଏହି ଭିକ୍ଷା କରେ ଶ୍ରୀଚରଣେ | ବିଦାୟ ପ୍ରାର୍ଥନା | ୪୧୪ |
| ୩୯୦ | ଦାସେର ପ୍ରାର୍ଥନା ପୂର୍ଣ୍ଣ କର ଦୟାମୟ | ବିଦାୟ ପ୍ରାର୍ଥନା | ୪୧୫ |
| ୩୯୧ | ଦେବେର ଦୁର୍ଲ୍ଲଭ ତବ ଚରନ ଯୁଗଲ | ବିଦାୟ ପ୍ରାର୍ଥନା | ୪୧୬ |


ଭବ-ବନ୍ଧନ-ମୋଚନ-ପୂଜ୍ୟବରମ୍
ଗୁଣହୀନମଶେଷ-ଗୁଣାଧିପତିମ୍ ॥
ଭବଭୀରୁ ଜନେ ସତତଂ ବରଦମ୍
ପ୍ରଣମାମି ଗୁରୁଂ ଶିବ କଳ୍ପତରୁମ୍ ॥

ନର ରୂପ ଧରଂ ପରମଂ ପୁରୁଷମ୍
ପ୍ରଭୟା ହୃଦି-ତାମସ ନାଶକରମ୍ ॥
ମୁନି-ମାନସ ସେବିତ ଶ୍ରୀଚରଣମ୍
ପ୍ରଣମାମି ଗୁରୁଂ ଶିବ କଳ୍ପତରୁମ୍ ॥

# ସଂକ୍ଷିପ୍ତ ସୂଚୀ


| | | |
|---|---|---|
| ବନ୍ଦନା | : | ୧୯-୩୭ |
| ପ୍ରଣତି | : | ୩୭-୪୨ |
| ମିନତି | : | ୪୩-୫୮ |
| ନିବେଦନ | : | ୫୯-୭୦ |
| ମାଗୁଣି | : | ୭୧-୭୯ |
| ଆତ୍ମାନୁଚିନ୍ତା | : | ୮୦-୯୨ |
| ଆକ୍ଷେପ | : | ୯୩-୯୮ |
| ସମର୍ପଣ | : | ୯୯-୧୦୮ |
| ମନଶିକ୍ଷା | : | ୧୦୯-୧୩୧ |
| ପ୍ରାର୍ଥନା | : | ୧୩୨-୨୭୬ |
| ଗୁରୁମହିମା | : | ୨୭୭-୨୮୫ |
| ଅଭିଳାଷ | : | ୨୮୬-୩୧୨ |
| ମହିମାଗାନ | : | ୩୧୩-୩୪୧ |
| ନାମମାହାତ୍ମ୍ୟ | : | ୩୪୨-୩୬୭ |
| ଜନ୍ମୋତ୍ସବ | : | ୩୬୮-୩୭୦ |
| ମାତୃସଂଗୀତ | : | ୩୭୧-୩୮୮ |
| କୃଷ୍ଣସଂଗୀତ | : | ୩୮୯-୪୦୪ |
| କ୍ଷମା ପ୍ରାର୍ଥନା | : | ୪୦୫-୪୧୧ |
| ବିଦାୟ ପ୍ରାର୍ଥନା | : | ୪୧୨-୪୧୬ |

# ନିଗମ ଭଜନ

ଅମଳ କମଳ ଶୋଭା ଚରଣ ଯୁଗଳ କିବା
　　　　　　　　ମନୋହର ଭୁବନ ମୋହନ
ଶ୍ୱେତାମ୍ବର ଗୋଟି କଟି ତଟ ଫିଟି ଲୁଟି
　　　　　　　　କରୁଥାଇ ଚରଣ ଚୁମ୍ବନ　　॥ ୧ ॥

ପରିସର ବୁକୁପର ଚନ୍ଦନ ମନୋହର
　　　　　　　　ତଥି ପରେ ଦୋଳେ ଫୁଲ ହାର
ମଧୁର ଆଶା କରି ଚଉକତି ଘେରି ଘେରି
　　　　　　　　ଭରମଇଁ ମଧୁକର ତାନ　　॥ ୨ ॥

ଇନ୍ଦିବର ଜିଣି ଯୁଗଳ-ନେତ୍ର ପୁଣି
　　　　　　　　ପୁଲକ-ମଦିର ପରକାଶେ
ଶିର ପରେ ସୁନ୍ଦର କୁଞ୍ଚିତ କୁନ୍ତଳ
　　　　　　　　ଲୋଳିତ ଶ୍ରୁତିତଟ ପାଶେ　　॥ ୩ ॥

ବାର ବାର ହେରି ସେ ରୂପ ମାଧୁରୀ
　　　　　　　　ନୟନ ତ ତୁରପତି ନୋହେ
ମରମ ମଝିରେ ମମ ଭାନୁ ଉଦୟ ସମ
　　　　　　　　କାନ୍ତ-ମୂରତି ନିତି ଶୋହେ ॥ ୪ ॥

ପ୍ରଣତି ମିନତି ମମ ଘେନ ପୁରୁଷୋତ୍ତମ
　　　　　　　　ଚରଣ-ସରୋଜେ ଦିଅ ଠାବ
ସେବି ପଦ ଯୁଗଳ ନିଶିଦିନ ଅବିରଳ
　　　　　　　　ଲଭିବି ଭବ-ଜଳଧି-ନାବ ॥ ୫ ॥

❋❋❋

# ବନ୍ଦନା

ଜୟ, ଜୟଗୁରୁ ଜଗଜ୍ଜନ ବନ୍ଦନ ହେ
ଜୟ, ଭକତ ହୃଦୟ-ତଟ ଚନ୍ଦନ ହେ
ଜୟ, ମରତ-ଭୁବନ  ରୁଚି-ନନ୍ଦନ ହେ
ଘେନ, ଶରଣାଗତ ଅଭିନନ୍ଦନ ହେ ॥ ୧ ॥

ତୁମେ, ଶ୍ୟାମକାନ୍ତ ରୁଚି ସୁନ୍ଦର ହେ
ତୁମେ, ପ୍ରଳୟ ପୟୋନିଧି ମନ୍ଦର ହେ
ତୁମେ, ସୂକ୍ତ ମନ୍ତ୍ର ବେଦ ଛନ୍ଦର ହେ
କର, ଉଜ୍ଜ୍ୱଳ ମୂଢ଼ମନ-କନ୍ଦର ହେ ॥ ୨ ॥

ତୁମେ, ଅନ୍ଧ ନୟନଯୁଗ ଅଞ୍ଜନ ହେ
ତୁମେ, ଶଙ୍କିତ ମନ ଭୟ-ଭଞ୍ଜନ ହେ
ତୁମେ, ରିପୁଦଳ ମଦ-ଗର ଗଞ୍ଜନ ହେ
କର, ଅମିୟ ବରଷି ଭବରଞ୍ଜନ ହେ ॥ ୩ ॥

ତୁମେ, ବ୍ରହ୍ମ ସନାତନ ଈଶ୍ୱର ହେ
ତୁମେ, ପ୍ରାଣବନ୍ଧୁ ତିନି ବିଶ୍ୱର ହେ
ତୁମେ, ନିତ୍ୟ, ଆନ ସବୁ ନଶ୍ୱର ହେ
ତବ, ଆଶିଷ ସମ୍ପଦ ନିଃସ୍ୱର ହେ ॥ ୪ ॥

ଦିଅ, ଶୁଦ୍ଧପୂତ ମତି ଅନ୍ତର ହେ
ଦିଅ, ପ୍ରେମ ଭକ୍ତି ଯୁତ ମନ୍ତର ହେ
ଦିଅ, ଅନ୍ତେ ଠାବ ପଦପ୍ରାନ୍ତର ହେ
ଗୁରୁଦେବ ! ଗୁହାରି ନିରନ୍ତର ହେ ॥ ୫ ॥

# ନିଗମ ସ୍ତୁତି

ଜୟ ଜୟ ସଦଗୁରୁ ନିଗମ-ସୁରତରୁ ମୁନିଜନମାନସ ହଂସ,
ଜୟ ଜୟ ସୁନ୍ଦର ନଦୀୟା ପୁରନ୍ଦର ବ୍ରାହ୍ମଣକୁଳ-ଅବତଂସ ॥
ଜୟ ଜୟ ରୁଚିର ଦୀର୍ଘ କଳେବର ଶିରସି କୁଞ୍ଚିତ କେଶ,
ଜୟ ଶ୍ୱେତବସନ ମୃଦୁ ମୃଦୁ ହସନ ସ୍ନିଗ୍ଧ ସୁମଧୁର ବେଶ ॥
ଜୟ ଜୟ ମଧୁର ପ୍ରିୟଚ୍ଛେଦ-ବିଧୁର ଶକ୍ତି ସାଧନା ଯୁକ୍ତ,
ଜୟ ଜ୍ଞାନସାଧକ ଯୋଗ-ସମାଧକ ପ୍ରେମ-ପ୍ରବାହକ ମୁକ୍ତ ॥
ଜୟ ମନ୍ତ୍ରଦାତା ଜନଗଣ ତ୍ରାତା ବରାଭୟ-ପ୍ରଦାନକାରୀ,
ଜୟ ଅଘନାଶନ ଗରଗର ଭାଷଣ ଜୀବକୁଳ ସନ୍ତାପହାରୀ ॥
ଜୟ ନରାକାର ବ୍ରହ୍ମପରାତ୍ପର ଜୀବଦୁଃଖ ବିଗଳିତ ଚିତ୍ତ,
ଜୟ ଜ୍ଞାନ-ଅଞ୍ଜନ ମୋହ-ତମ-ଭଞ୍ଜନ ସତ୍ୟ ସନାତନ ନିତ୍ୟ ॥
ଜୟ ଜ୍ଞାନକର୍ମୀ ଜୀବସେବାଧର୍ମୀ ପ୍ରଚାରକ 'ଜୟଗୁରୁ' ନାମ,
ଜୟ ଭକ୍ତ-ଶରଣ ଅଲକ୍ତ-ଚରଣ ପ୍ରେମିକ ସୁନ୍ଦରଠାମ ॥
ଜୟ ମଠଧାରୀ ଆଶ୍ରମକାରୀ ଦୀନଜନ-ଆଶ୍ରୟଦାତା,
ଜୟ ସେବାସଦନ ବିଦ୍ୟା-ରୟତନ ସଙ୍ଘଗଣ ପ୍ରତିଷ୍ଠାତା ॥
ଜୟ ଜନନେତା ଗ୍ରନ୍ଥ ପ୍ରଣେତା ଉଜ୍ଜ୍ୱଳ ସନାତନ ଧର୍ମ,
ଜୟ କ୍ଷେମକର ସନ୍ତାପହର ସୁବିଦିତ ଜନଗଣ ମର୍ମ ॥
ଜୟ ଜଗବନ୍ଦନ ଜନ-ମନ ନନ୍ଦନ ସ୍ନିଗ୍ଧ ସ୍ୱକରୁଣ ଦୃଷ୍ଟି,
ଜୟ ଭବବନ୍ଧନ-ମୋଚନ-କାରଣ ନିବାରଣ ଜୀବଭାବସୃଷ୍ଟି ॥
ଜୟ ଋଷିବର୍ଯ୍ୟ ଶ୍ରୀମଦ୍ ଆଚାର୍ଯ୍ୟ ଶ୍ରୀ ସ୍ୱାମୀ ନିଗମାନନ୍ଦ,
ଜୟ ଭକ୍ତଜୀବନ ପୂଜିତ ନିଶିଦିନ ବାଞ୍ଛିତ ଚରଣାରବିନ୍ଦ ॥
ଜୟ ଶରଣାଗତ ପାଳନ-ବ୍ରତରତ ପ୍ରଣମାମ ଚରଣସରୋଜେ,
ଜୟତୁ ଜୟ ଜୟ ଗୁରୁ କରୁଣାମୟ ଆଶିଷ ଭକ୍ତ-ସମାଜେ ॥

# ବନ୍ଦନା

ଦିନ ଯାଉ ସେ ଚରଣ ବନ୍ଦି ହେ ଦୟାନିଧି ! ॥ ୦ ॥

ଆକାଶେ ବତାସେ, ରବିରେ, ଶଶିରେ
ତୁମରି କରଣି ରାଜେ
ତୁମେ ହେ ବିରାଟ ତ୍ରିଜଗତ ଭରି
ତୁମରି ମୂରତି ସାଜେ
ତୁମେ ଏକା କରୁଣା-ବାରିଧି; ହେ ଦୟାନିଧି ॥ ୧ ॥

ଜନମ ମରଣ ଜୀବନର ସ୍ୱାମୀ
ତୁମେ ହେ ଅନ୍ତରଯାମୀ
ସୁଖ, ଦୁଃଖ ସବୁ ତୁମରି ଭିଆଣ
ତୁମେ ହେ ମଙ୍ଗଳକାମୀ
ଦିଅ ଦିବ୍ୟ ଜ୍ଞାନ ଶୁଭ ବୁଦ୍ଧି, ହେ ଦୟାନିଧି ! ॥୨ ॥

ଧନ ମାଗୁନାହିଁ ଜନ ମାଗୁନାହିଁ
ମାଗୁଛି ଚରଣ ଧୂଳି
ଆଉ ଲୋଭ ନାହିଁ କେଉଁ କଥାରେ ତ
ଏଇ ସମ୍ପତ୍ତିରେ ଖାଲି
ଗୁରୁଦାସ- ଆଶ ନିରବଧି, ହେ ଦୟାନିଧି ! ॥ ୩ ॥

❀❀❀

## ନିଗମ ଭଜନ

ଧନ୍ୟ ଧନ୍ୟ ଗୁରୁଦେବ ଶ୍ରୀ ନିଗମାନନ୍ଦ
ବିତରି ଗଲ ଭକତେ ଅତୁଳ ଆନନ୍ଦ
ତୁମ ଉପଦେଶ ଯେତେ
ହେଉ ଜୀବନର ଚିର ସାଥୀ ଏ ମରତେ ॥ ୧ ॥

ବିଧିବରେ ଭାଗ୍ୟବନ୍ତ ଜନନୀ ପିଅର
ରଖିଲେ ନଳିନୀକାନ୍ତ ନାମଟି ତୁମର
ତୁମେ ଧରାକୁ ଆସିଲ
ଭକତି କମଳ ଜନେ ମୁଖେ ଫୁଟାଇଲ ॥ ୨ ॥

ପିନ୍ଧି ଡୋର କଉପିନି କଣ୍ଠେ ବାନ୍ଧି ମାଳି
ଭକତି ବିହୁନେ ମିଳିବେକି ବନମାଳି ?
ଶିଖାଇଲ ତୁମେ ଜନେ
ଘରେ ବସି ଡାକ ଦେଲେ ମିଳିବେ ସେ ଦିନେ ॥ ୩ ॥

ଆଖି ଆଗେ ସିନା ତୁମ ମର ଦେହ ନାହିଁ
କଥା କହୁ ଅଛ ତୁମେ ପାଶେ ପାଶେ ଥାଇ
ମନ ପୂରାଇ ଡାକିଲେ
ଆଖି ପିଛୁଳାକେ ଆସି ଦେଖାଦିଅ ଭଲେ ॥ ୪ ॥

ଥାଉ ପଛେ ଦୂରେ ତୁମ ଉପଦେଶ ବାଣୀ
ଶୁଭୁଥାଉ କାନେ କାନେ ଏତିକି ମାଗୁଣି
ଜୟ ହେ ଚିର ଅମର
ଘେନା କର ଚରଣରେ ଭକତି- ଜୁହାର ॥ ୫ ॥

# ବନ୍ଦନା

ନନ୍ଦନ ବନ ପାରିଜାତ ତୁମେ, ବନ୍ଦନ ମୋର ଘେନ
ଅନ୍ଧ ନୟନେ ରଞ୍ଜନ କର ଜ୍ଞାନର ଅଂଜନ ॥ ୦ ॥

ତୁମ ସୁରଧୁନୀ ଧାର ଧୁଅ ମାୟା ମୋହ ଘୋର
କଣ୍ଠରୁ ତବ ମା' ଭୈ ମା' ଭୈ ଶୁଣଇ ବ୍ୟଥିତ ଜନ
ନିଖିଳ ନୟନ ଆବାହନ କରେ ତବ ଶୁଭ ଆଗମନ ॥ ୧ ॥

ସ୍ୱପ୍ନର ତୁମେ ସତ୍ୟ ସୃଷ୍ଟିର ତୁମେ ତତ୍ତ୍ୱ
ମୁକ୍ତି ପିଆସୀ ହତାଶ ଜୀବନେ ଦୀପଶିଖା ତେଜିୟାନ
ବିଶ୍ୱ ଜନତା ଅଭୟ ଲଭଇ ଗାଇ ଜୟଗୁରୁ ଗାନ ॥ ୨ ॥

ତୁମ ସଂଗୀତ ସୁର ମଙ୍ଗଳମୟ ଚିର
ମୂର୍ଚ୍ଛନା ତାର ଚରାଚର ଛୁଇଁ କଲ୍ୟାଣ କରେ ଦାନ
ତାପିତ, ପୀଡ଼ିତ, ଦଳିତ ଜୀବନେ ଶାନ୍ତିର ଆଲେପନ ॥ ୩ ॥

ଯୁଗଧର୍ମର ରକ୍ଷୀ ନିତ୍ୟର ତୁମେ ସାକ୍ଷୀ
ଅମର ବାଣୀରେ ଅମୀୟର ଧାର ବରଷ ଜଗଜ୍ଜୀବନ !
ନିଠୁର ନ ହୁଅ ଶରଣାଗତରେ, ଚରଣେ ଦିଅ ଶରଣ ॥ ୪ ॥

❀❀❀

# ବନ୍ଦନା

ନମୋ ନମୋ ନମଃ ପ୍ରଭୁ ନର ରୂପ ଧର
ଜଗତ ଗୁରୁହେ ଦେବ ବେଦାନ୍ତ ଭାସ୍କର ॥ ୦ ॥

ବ୍ରାହ୍ମିସ୍ଥିତି ସମାହିତ ଆହେ ଯୋଗୀଶ୍ୱର
କୁଞ୍ଚିତ କୁନ୍ତଳ ତବ ପରମ ରୁଚିର ॥ ୧ ॥

ପ୍ରେମ ଅବତାର ଦେବ କୃପା ପାରାବାର
ଅରୁଣ ନୟନ ଯୁଗ ଭକ୍ତ ଜ୍ୱାଳା ହର ॥ ୨ ॥

ତୁଳସୀ ମାଳ ଚନ୍ଦନ ଦୂର୍ବା ବିଲ୍ୱଦଳ
ସୁଶୋଭିତ ଅଙ୍ଗ ତବ ଅତି ମନୋହର ॥ ୩ ॥

ନିତ୍ୟ ଲୋକେଶ୍ୱର ଆହେ ପୂଜ୍ୟ ହରିହର
ଯୁଗେ ଯୁଗେ ତୁମେ ସଦା ଗୁରୁ ଅବତାର ॥ ୪ ॥

କଳୁଷ କଳଙ୍କ ନାଶି ମର ଜଗତର
ଜୀବ ଉଦ୍ଧାରଣ ପାଇଁ ଧର କଳେବର ॥ ୫ ॥

'ଜୟଗୁରୁ' 'ଜୟଗୁରୁ' ପରମ ଈଶ୍ୱର
ତବ ପାଦ ପଦ୍ମେ ରଖ ଅଧମ କିଙ୍କର ॥ ୬ ॥

***

# ବନ୍ଦନା

ନାରାୟଣ ! ଘେନ ବନ୍ଦନ
ଅଗତି ଗତି କାରଣ ॥ ୦ ॥

ତାରା ହରା ଏ ନୟନ
ଅନ୍ଧାର ରଜନୀ ଦିନ
ଘେନାଇ ଦିଅ ଅଂଜନ, ହେରୁଁ ତବ ଶ୍ରୀଚରଣ ॥ ୧ ॥

କର ପ୍ରଦୀପ ଧାରଣ
ଆଖି ଆଗେ ଜନାର୍ଦ୍ଦନ
ଉଜ୍ଜ୍ୱଳ ଦିଶୁ ଭୁବନ, ସାର୍ଥକ ହେଉ ଜୀବନ ॥ ୨ ॥

ଜଟିଳ ସ୍ୱାର୍ଥ ବନ୍ଧନ
ପାଶ କର ବିମୋଚନ
ଘୁଞ୍ଚୁ ସକଳ ଅଜ୍ଞାନ, କର ହେ ଆଲୋକ ଦାନ ॥ ୩ ॥

ବଳ ହୀନ ଏ ପରାଣ
ଶକତି କର ହେ ଦାନ
ତବ ଚରଣ ଧିଆନ– ବିଶ୍ୱାସ ହେଉ ମୋ ଟାଣ ॥ ୪ ॥

❋❋❋

# ବନ୍ଦନା

ନାହିଁ ନନ୍ଦନବନର ସୁମନ ନାହିଁ ଚନ୍ଦନ ଚୁଆ
ଭକତି ପୋଥିରେ ଡୋରବନ୍ଧା ମୋର ପ୍ରଣତି ଶିଖୁଛି ନୂଆ
ନାହିଁ ଚନ୍ଦନ ଚୁଆ ॥ ୦॥

କଳୁଷ ଜଳଧି ଊର୍ମିରେ ମୁହିଁ
ଆସିଛି ପ୍ରିୟ ଗୋ ଆଜି ମଥା ଧୋଇ
ଦିଅ ପରା ତୁମେ ଚରଣ ପରଶ
ନ ବାରି ଛୁଆଁ ଅଛୁଆଁ
ଦେଉଳ ଦୁଆରେ ଆସିଛି ଆଜି ମୁଁ
ଶୁଣି ଏଇ ଲୋକ କୁହା ॥ ୧ ॥

ନ ଦେଲେ ନ ଦିଅ ଚରଣ-ପରଶ
କଳଙ୍କ ରଟିବ ହେବ ଅପଯଶ
ଦୂରୁଁ ଘେନ ପ୍ରିୟ ! ବନ୍ଦନ ତେବେ
ମନ ମୋର ସାନ କୁହା
ବନ ଫୁଲଟିଏ ଆଣିଛି, ଭେଟିବି
ଭରା ଆଖିପାଣି ଧୂଆ,
ନାହିଁ ଚନ୍ଦନ ଚୁଆ ॥ ୨ ॥

❀❀❀

# ବନ୍ଦନା

ନିଗମାନନ୍ଦଂ ବନ୍ଦେ ଜଗତ ତାରକମ୍
ନିଗମାନନ୍ଦଂ ଜ୍ଞାନାଲୋକ ପ୍ରକାଶକମ୍ ॥ ୧ ॥

ନିଗମାନନ୍ଦଂ ଭବ ବନ୍ଧନ-ମୋଚକମ୍
ନିଗମାନନ୍ଦଂ ପରମାନନ୍ଦ ଦାୟକମ୍ ॥ ୨ ॥

ନିଗମାନନ୍ଦଂ ସୌମ୍ୟ-ମଧୁର-ଦର୍ଶନମ୍
ନିଗମାନନ୍ଦଂ ସଚ୍ଚିଦାନନ୍ଦ ବିଗ୍ରହମ୍ ॥ ୩ ॥

ନିଗମାନନ୍ଦଂ ବ୍ରହ୍ମଜ୍ଞାନ- ବିକାଶକମ୍
ନିଗମାନନ୍ଦଂ ଭକ୍ତ ହୃଦୟ ରଂଜକମ୍ ॥ ୪ ॥

ନିଗମାନନ୍ଦଂ ସାର ସଂପଦ ଜ୍ଞାପକମ୍
ନିଗମାନନ୍ଦଂ ଦୀନ-ପତିତ-ପାବକମ୍ ॥ ୫ ॥

ନିଗମାନନ୍ଦଂ ନିଗମ ତତ୍ତ୍ୱ ଭୂଷଣମ୍
ନିଗମାନନ୍ଦଂ ଶ୍ରୁତି ବେଦାନ୍ତ ଭାସ୍କରମ୍ ॥ ୬ ॥

ନିଗମାନନ୍ଦଂ ସତ୍ୟ-ଶିବ-ଶଙ୍କରମ୍
ନିଗମାନନ୍ଦଂ ପ୍ରେମ-କରୁଣା-ନିଳୟମ୍ ॥ ୭ ॥

ନିଗମାନନ୍ଦଂ ଅନ୍ଧ ତାମସ ନାଶକମ୍
ନିଗମାନନ୍ଦଂ ଜୀବ ଦୁଃଖ କାତରମ୍ ॥ ୮ ॥

ନିଗମାନନ୍ଦଂ ବନ୍ଦେ ଶ୍ରୀପଦ ଯୁଗଳମ୍
ନିଗମାନନ୍ଦଂ ଚରଣେ ଗଚ୍ଛ ଶରଣମ୍ ॥ ୯ ॥

## ଭଜନ

ପ୍ରଣତି ଘେନ, ହେ ଦେବ ନିଗମାନନ୍ଦ
ଦାସରେ ହୁଅ ପ୍ରସନ୍ନ ॥ ୦ ॥

ବୁଡ଼ି ମାୟା ଅନ୍ଧକାରେ
ନିଶି ଦିବସ ମୋ ସରେ
ଜ୍ଞାନବତୀ ଜାଳିକର କର ହେ ଆଲୋକ ଦାନ ॥ ୧ ॥

ସୁପଥେ ଘେନ ଠାକୁର
ପ୍ରେମ ସୁଧା ଦାନ କର
ନିରାଶ ହୃଦୟେ ବୋଳି ଦିଅ ଆଶିଷ ଚନ୍ଦନ ॥ ୨ ॥

ଜଗାଇ ନବ ଚେତନ
ଧନ୍ୟ କର ଏ ଜୀବନ
ନିରନ୍ତର ଗୁରୁ ନାମ କଣ୍ଠ ମୋର କରୁ ଗାନ ॥ ୩ ॥

ମୁକତି ମୁଁ ଚାହୁଁ ନାହିଁ
ସରଗ ମୁଁ ନ ଲୋଡ଼ଇ
ଚରଣ ତଳରେ ତବ ଅଭାଗା ମାଗୁଛି ସ୍ଥାନ ॥ ୪ ॥

ଜନମ ଜନମ ଧରି
ତବ ପଦ ସେବା କରି
ସାର୍ଥକ ହେଉ ଜୀବନ ବାଞ୍ଛା ମୋ କର ପୂରଣ ॥ ୫ ॥

# ବନ୍ଦନା

ବନ୍ଦି ଚରଣ ତବ ହେ ଦେବ ମାନବ, ସଦ୍‌ଗୁରୁ ନିଗମାନନ୍ଦ
ସର୍ବଲୋକାଶ୍ରୟ ନିର୍ଗୁଣ ଗୁଣମୟ, ସମତୀତ ସମ୍ୟକ ଦ୍ୱନ୍ଦ୍ୱ ॥ ୦ ॥

ଶିରସି କୁଞ୍ଚିତ ବକ୍ଷ ବିଲମ୍ବିତ, ସୁନ୍ଦର ନିବିଡ଼ କେଶ
ମୃଦୁ ମୃଦୁ ହସିତ ବଦନ ସୁଭାଷିତ, ନୟନ-ମନୋହର ବେଶ ॥ ୧ ॥

ଶ୍ୱେତ ବସନ ଧର ବର ଅଭୟ କର, ବକ୍ଷସି ଅକ୍ଷକମାଳା
ପ୍ରେମେ ଢଳଢଳ ଆଖି ଅଚଞ୍ଚଳ, ବିନାଶେ ତ୍ରିତାପ ଜ୍ୱାଳା ॥ ୨ ॥

ଆଜାନୁ ଲମ୍ବିତ ବାହୁ ସୁଶୋଭିତ, ଦୀର୍ଘ ସୁଦର୍ଶନ ବପୁ
କାଞ୍ଚନ ବରଣ ଅଙ୍ଗ ଆଭରଣ, ବୀକ୍ଷଣେ ନିର୍ଜିତ ରିପୁ ॥ ୩ ॥

ଯୁଗ୍ମ ଅଭୟ ପଦ ଲୋହିତ କୋକନଦ, ସ୍ଫୁରିତ ଭାସ୍କର ଶୋଭା
ଗୁରୁ ନଖ ନିକରେ ସ୍ନିଗ୍ଧ ଜ୍ୟୋତି କ୍ଷରେ, ଭକତ ମାନସ ଲୋଭା॥ ୪ ॥

ଦୀନ ଶରଣ-ଦାତା ଆର୍ତ୍ତ ପରିତ୍ରାତା, ପ୍ରେମ କରୁଣା ଘନ ମୂର୍ତ୍ତି
ଦର୍ଶନ ସ୍ପର୍ଶନ ଅଘକୁଳ ମର୍ଷଣ, ତତ୍‌କ୍ଷଣ ଜ୍ଞାନାଲୋକ ସ୍ଫୂର୍ତ୍ତି ॥ ୫ ॥

ଶାନ୍ତି ମଧୁର କମ ମୂରତି ମନୋରମ, ଜଗଦଘ-ସନ୍ତାପହାରୀ
ଅର୍ଚ୍ଚିତ ଚରଣ ନିଖିଳ ଶରଣ, ଭବ ଭୟ ନିବାରଣକାରୀ ॥ ୬ ॥

ପ୍ରେମପୂରିତ ତନୁ ମୂର୍ଚ୍ଛିତ ଫୁଲଧନୁ, ମାଧୁରୀ ପ୍ଲାବିତ ବିଶ୍ୱେ
ଶାନ୍ତି-କରୁଣାକଣ କୁରୁ ହେ ଅର୍ପଣ, ଦୀନ ଶରଣାଗତ ନିଃସ୍ୱେ ॥ ୭ ॥

❀❀❀

# ନିଗମ ଭଜନ

ବନ୍ଦେ, ବନ୍ଦେ, ବନ୍ଦେ
ଶ୍ରୀଗୁରୁ ପଦ ଅରବିନ୍ଦେ ॥ ୦ ॥

ଅମୀୟ ଧାର ଝରା ପଦଯୁଗ ଯା'ର
ବକ୍ଷେ ଶୋଭେ ଚନ୍ଦନ ଫୁଲ ହାର
ମନ୍ଦ ମଧୁର ହାସ ମୁଖ ଶିରୀ ସାର
ଜୟଗୁରୁ ନିଗମାନନ୍ଦେ- ବନ୍ଦେ ॥ ୧ ॥

କରୁଣାମୟ ଦେବ ! ନର ଦେହ ଧାରୀ
ଶରଣାଗତ ତବ ପ୍ରେମ ଭିଖାରୀ
ମନର ଭକତି ପ୍ରୀତି, ଅଞ୍ଜଳି ଢ଼ାଳି
ମିନତି କରେ ପଦ ଦ୍ୱନ୍ଦ୍ୱେ- ବନ୍ଦେ ॥ ୨ ॥

❀❀❀

# ବନ୍ଦନା

ବନ୍ଦେ ଶ୍ରୀ ଗୁରୁଦେବ ଅଭୟ ପଦ ରାଜିବ
ଅନ୍ତର୍ଯ୍ୟାମୀ କରୁଣା ସାଗର
ଜ୍ଞାନ ବୁଦ୍ଧି ଅଗୋଚର ବନ୍ଦନୀୟ ପରାତ୍ପର
ଚରଣେ ପ୍ରଣତି ଘେନା କର ॥ ୦ ॥

ଅନ୍ତର ମଝିରେ ତୁମେ ରଚ ହେ ଆସନ
ଶୟନେ ସପନେ ଦେବ ! ଦିଅ ଦରଶନ
ମାୟା ମୋହ ଅନ୍ଧକାର ଜୀବନ ଆକାଶୁଁ ଦୂର
ଅହଂ ଜ୍ଞାନ ମନୁଁ ଦୂର କର ॥ ୧ ॥

ଜଗତ ଦୁର୍ଗତିରାଶି ଦୂର କର ଗୁରୁ
ପାରକର ଦୀନଜନ ଭବ ପାରାବାରୁ
ଖଳ ଗୁରୁଜନ ଚିତ୍ତ ଶୁଭ ଚିନ୍ତି ହେଉ ଶାନ୍ତ
ତୁମରି ଚିନ୍ତନ ହେଉ ସାର ॥ ୨ ॥

ଜୀବନ ମନନ, ଧନ କରି ଅରପଣ
ତୁମ ଶ୍ରୀପଦ ଚିନ୍ତନ ହେଉ ମୂଳଧନ
ହେ ପ୍ରଭୁ କୃପାନିଧାନ ! ପଦେ ନିବେଦନ ଘେନ
ଚଞ୍ଚଳ ମତି ହେଉ ସ୍ଥିର ॥ ୩ ॥

❁❁❁

# ନିଗମ ଭଜନ

ମୋର କଳପନା ହାରେ
ନର ବେଶେ ତୁମ ଶୁଭ ଆଗମନ
ଭବେ ଲୀଳା ରୂପ ଧରେ ॥ ୦ ॥

ସାଧକ-ସାଧନ, ଯୋଗୀ ଯୋଗ ଧ୍ୟାନ
ତୁମେ ହେ ଚରମ ତ୍ୟାଗୀ
କରୁଣା ନିଧାନ, ଭକତ ଜୀବନ, ଜନମ ଭକତ ଲାଗି
ଆଶିଷ ଅମିୟ ଝରେ ॥ ୧ ॥

ପ୍ରେମ ସୁଧାକର ତୁମେ ଯତୀଶ୍ୱର
ଜ୍ୟୋତିର ସ୍ୱୟଂ ପ୍ରକାଶ
କୋଟି ଶଶିଜିତ, ଦୀପ୍ତ ଜ୍ଞାନବନ୍ତ, ବଦନର ଭରା-ହାସ
ବିକଶିତ ଚୈତନ୍ୟରେ ॥ ୨ ॥

ହୃଦୟର ଧନ ଭକତ ଜୀବନ
ତତ୍ତ୍ୱର ତୁମେ ଖଣି
ଚୈତନ୍ୟର ତୁମେ ଏ ମରତ ଭୂମେ, ଇଚ୍ଛାମୟ ସ୍ୱଚ୍ଛମଣି
ଉଜ୍ଜ୍ୱଳ ନିଜ ବିଭାରେ ॥ ୩ ॥

ଯାହା ଇଚ୍ଛାକର, ପ୍ରାଣର ଠାକୁର
ତୁମେ ତ ଅନ୍ତର ଜାଣ
ବିଶ୍ୱାସ ମନର ଚିର କର ସ୍ଥିର ଏତିକି ଏକା ଜାଣତ
ପ୍ରଣତି ଘେନ ପୟରେ ॥ ୪ ॥

# ବନ୍ଦନା

ମୋକ୍ଷ ମୋହର ଲକ୍ଷ୍ୟ ନୁହଁଇ ଗୁରୁ !
ଦୂର ନ କର ହେ ତୁମରି ପାଦ ତଳରୁ ॥ ୦ ॥

ଆସିବ ଯେ' ଦିନେ ଯିବ ସେ ମୁକର
ଅଢ଼େଇ ଦିନର ସବୁ ଖେଳ ଘର
ସତ୍ୟ ନିରାଟ ମର ଦୁନିଆଁରେ
ନାହିଁ କିଛି ମରଣରୁ
ମୁକୁଳି ଯାଏ ମୁଁ ତବ ପଦେ ନମି
ଏ ଭବ-ବନ୍ଧନରୁ ॥ ୧ ॥

ମୁଖ ନୁହେଁ, ମନ ରଟୁ ତବ ନାମ
କଳପନା ଦେଖୁ ଛବି ଅବିରାମ
ମୁଦିଲେ ନୟନ ପଲକ ଉହାଡ଼େ
ସେ ମୂରତି ରୂପ ଧରୁ
ଘେନ ବନ୍ଦନ ଜଗତଗୁରୁ ହେ !
ତୁମେ ତ କଳ୍ପତରୁ ॥ ୨ ॥

❀❀❀

# ନିଗମ ଭଜନ

ଯୁଗେ ଯୁଗେ ତୁମେ ନିଗମ ଆନନ୍ଦ
ବିତର ନିଗମାନନ୍ଦ
ଶୁଭଦିନେ ଆଜି ଆବାହନ କରି ବନ୍ଦୁ ଚରଣ ଦ୍ୱନ୍ଦ୍ୱ ॥ ୦ ॥

ଅଧମ, ଅବୋଧ ସନ୍ତାନଗଣ
କର ଅନ୍ତରେ ଜ୍ଞାନ ବିତରଣ
ଜନମେ ଜନମେ ତୁମେ ଗୁରୁ ରୂପେ
ବରଷ ଆଶିଷ କ'ଣ
ଭୂତଳେ ଜନମି ମୂଢ଼ ଅଭାଜନ
ଭକତ ପରାଣ ନନ୍ଦ ॥ ୧ ॥

ଧନ୍ୟ  କର ହେ କରୁଣା ବରଷି
ଛିନ୍ନ ହେଉ ଏ ମାୟା-ମୋହ ଫାଶୀ
ତୁମ ବିନେ ଆନେ ନ ରସୁ ଏ ମନ
ସୁଖେ ଦୁଃଖେ ଦିବା ନିଶି
ଏ ପାପ ଜୀବନ ତୁମରି ପୟରେ
ଭକତି ଡୋରିରେ ଛନ୍ଦ ॥ ୨ ॥

❀❀❀

# ବନ୍ଦନା

ଶ୍ରୀଗୁରୁ ନାମ ତୁ ସୁମରଣ କର, କର ଭୁଲାମନ
ପାପ ନାଶନ ସେ, ହେବ ରେ ସଫଳ ଏ ଜୀବନ ॥ ୦ ॥

ପରକାଶ ହେଲେ ସେ ରବି ଛବିଟି
ମୋହ ଅନ୍ଧକାର ଦୂରେ ଯିବ ହଟି
ହୃଦୟ ସରସୀ-ପ୍ରେମ-ନୀରେ ତୋର
କମଳ ଫୁଟିବ ଅନୁଦିନ ॥ ୧ ॥

ସଞ୍ଚରିବ ମନ୍ଦ ମଳୟ ନିରତ
ସଉରଭେ ତୋର ପୁଲକିବ ଚିତ୍ତ
କାମନା, ବାସନା ସହବାସେ ତା'ର
ପୂରିବ, ଘୁଞ୍ଚିବ ଦୁରୁଦିନ ॥ ୨ ॥

ଭେଟି ଭକତିର ସୁମନ ଅଞ୍ଜଳି
ଚରଣରେ ତା'ର ହୁଅ ନିଉଛାଳି
ଦୁଃଖ, ଶୋକ, ତାପ ଲେଶ ନ ରହିବ,
କର ମନ ! ଜୟଗୁରୁ ଗାନ ॥ ୩ ॥

❀❀❀

# ନିଗମ ଭଜନ

ସ୍ମରରେ ମନ ! ନିଗମାନନ୍ଦ ସାଧକକୁଳ ଗୌରବ,
ଭଜରେ ମନ ! ନିଗମାନନ୍ଦ ଦିକ୍ଷୁ ବ୍ୟାପ୍ତ ସୌରଭ ॥ ୧ ॥

ସ୍ମରରେ ମନ ! ନିଗମାନନ୍ଦ ଶାନ୍ତ ମଧୁର ଦର୍ଶନ,
ଭଜରେ ମନ ! ନିଗମାନନ୍ଦ ଅଘନି କର ମର୍ଷଣ ॥ ୨ ॥

ସ୍ମରରେ ମନ ! ନିଗମାନନ୍ଦ ଶିରସି କେଶ ଲୁଣ୍ଠନ,
ଭଜରେ ମନ ! ନିଗମାନନ୍ଦ ମୋଚନ ମୋହ ଗୁଣ୍ଠନ ॥ ୩ ॥

ସ୍ମରରେ ମନ ! ନିଗମାନନ୍ଦ ସର୍ବ ସାଧନ ତତ୍ପର,
ଭଜରେ ମନ ! ନିଗମାନନ୍ଦ ସିଦ୍ଧି ବିଦ୍ୟ ନୃବର ॥ ୪ ॥

ସ୍ମରରେ ମନ ! ନିଗମାନନ୍ଦ କରୁଣାପ୍ଲୁତ ଈକ୍ଷଣ,
ଭଜରେ ମନ ! ନିଗମାନନ୍ଦ ତତ୍ତ୍ୱପୂର୍ଣ୍ଣ ଶିକ୍ଷଣ ॥ ୫ ॥

ସ୍ମରରେ ମନ ! ନିଗମାନନ୍ଦ ଗମ୍ଭୀର ମୃଦୁ ଭାଷଣ,
ଭଜରେ ମନ ! ନିଗମାନନ୍ଦ ସ୍ନିଗ୍ଧ ମଧୁର ଶାସନ ॥ ୬ ॥

ସ୍ମରରେ ମନ ! ନିଗମାନନ୍ଦ ରକ୍ତୋତ୍ପଳ ଚରଣ,
ଭଜରେ ମନ ! ନିଗମାନନ୍ଦ ଦୀନ ଭକ୍ତ ଶରଣ ॥ ୭ ॥

ସ୍ମରରେ ମନ ! ନିଗମାନନ୍ଦ ଜୀବ ଦୁଃଖ କାତର,
ଭଜରେ ମନ ! ନିଗମାନନ୍ଦ ମୋହ ତାମସ ଘାତର ॥ ୮ ॥

ସ୍ମରରେ ମନ ! ନିଗମାନନ୍ଦ ଲବ୍ଧ ସମାଧି ସଦ୍‌ଗୁରୁ,
ଗୃହାଣ ଚରଣେ ଶରଣ ତସ୍ୟ ତସ୍ମୈ ପ୍ରଣିପାତ କୁରୁ ॥ ୯ ॥

# ପ୍ରଣତି

ତୁମେ, ଜୀବନର ଧନ ମୋର
ଶୟନେ, ସପନେ, ଜନମେ, ମରଣେ
ତୁମେ ହେ ଭରସା ଚିର ॥ ୦ ॥

ପାସୋରି ତୁମକୁ ଭୁଲି ମୋହ ଜାଲେ
ପାଶରୁ କରିଛି ଦୂର
ତୁମେ ହେ ପିଅର, ପରାଣରେ ମୋର
ଡାକ ଦିଅ ନିରନ୍ତର ॥ ୧ ॥

ଦୟାମୟ ବୋଲି ଗୁହାରି ଜଣାଏଁ
ବିପଦେ ହେଲେ କାତର
ମା ଭୈ, ମା ଭୈ କହ ତୁମେ ପିତା
ମରମେ ଜାଗି ମୋହର ॥ ୨ ॥

ପରାଣର ପ୍ରିୟ ! ଜୀବନ ଯୌବନ
ସବୁ ତ' ଦାନ ତୁମର
କି କରି ପାସୋରି ପାରିବି ହେ ତବ
କରୁଣା-ସ୍ନେହ ଆଦର ॥ ୩ ॥

ଚରଣ-ପଙ୍କଜେ ମାଗୁଛି, ତିଳେ ହେଁ
ମନରୁ ନ ହୁଅ ଦୂର
ସୁଖେ, ଦୁଃଖେ ଅବା ସଂପଦେ ବିପଦେ
ପ୍ରଣତି ଘେନ ଠାକୁର ॥ ୪ ॥

# ପ୍ରଣତି

ତୁମେ ହେ ଜାଳିଛ ମୁକ୍ତି ମଶାଲ ଅମାଘେରା ଏଇ ଘରେ
ବିଭୋର କରିଛ ବିଶ୍ୱ ମରମ ମହା-ସଂଗୀତ ସ୍ୱରେ ॥ ୦ ॥

ରୁଦ୍ଧ ଦୁଆର ମୁକ୍ତ କରିଛ ଶୁଦ୍ଧ ସାଧନ ବଳେ
କାନେ କାନେ ତୁମେ ଶୁଣାଇଛ ଗୁରୁ ! ଓଁକାର ମନ୍ତରେ
ସାରା ଜୀବନର ଭକ୍ତି-ପ୍ରଣତି ଘେନା କର ପଦତଳେ ॥ ୧ ॥

ନବ ଆଦରଶ ଦରଶାଇ ତୁମେ ଦୀକ୍ଷା ଦେଇଛ ମୋରେ
ବିଞ୍ଚି ଦେଇଛ ଶାନ୍ତି ଅମିୟ ବେଦନା ଆତୁର ଘରେ
ସାରା ଜୀବନର ଭକ୍ତି-ପ୍ରଣତି ଘେନା କର ପଦତଳେ ॥ ୨ ॥

କୁପଥ ବିପଥ ବାରି ଚଳାଉଛ ସୁପଥେ ଏ ଜୀବନରେ
ଆଲୋକ, ଆଲୋକ, ଆଲୋକ ଜାଳିଛ ମୋହ ଘେରା ନୟନରେ
ସାରା ଜୀବନର ଭକ୍ତି-ପ୍ରଣତି ଘେନା କର ପଦତଳେ ॥ ୩ ॥

ଜୀବନର ଏଇ ଅଭିଯାନ ମୋର ସଫଳ କର ହେ ବାରେ
ପୂର୍ଣ୍ଣ କର ଏ ଶୂନ୍ୟ ପରାଣ ପୀରତି ରସର ଧାରେ
ସାରା ଜୀବନର ଭକ୍ତି-ପ୍ରଣତି ଘେନା କର ପଦତଳେ ॥ ୪ ॥

ଘନ ବନ୍ଧୁର ସଂସାର ପଥେ ଦୁରୁଦୁରୁ ବୁକୁ ଥରେ
ଘୁଞ୍ଚୁ ଯାବତ ବାଧା ବନ୍ଧନ ତୁମରି କରୁଣା ବଳେ
ସାରା ଜୀବନର ଭକ୍ତି-ପ୍ରଣତି ଘେନା କର ପଦତଳେ ॥ ୫ ॥

❀❀❀

# ପ୍ରଣତି

ପଦତଳ ମନୋହର ବିକଚ ଶତଦଳ
ବରନ-ବଇଭବ ନିନ୍ଦଇ,
ତନୁ-କାନ୍ତି ଝଲମଲ, କାନ୍ତ କୋମଳ
ନୟନ, ମନ ଅଭିନନ୍ଦଇ ॥ ୧ ॥

ପରିଶୁଭ୍ର ବାସ ସୁବେଷ୍ଟନେ ତବ
ସରସ କଟି ତଟ ସାଜଇ
କମ ରୁଚିର ପରିସର ବକ୍ଷ ପର ସଜ
ସୁମନ ହାର ବିରାଜଇ ॥ ୨ ॥

ମୁଖ ମଣ୍ଡଳେ ଦର ହାସ ଆଶିଷ
ବାରି ସନ୍ତତ ସିଞ୍ଚଇ
ଘନ-କୃଷ୍ଣ କୁଞ୍ଚିତ ଗୁରୁ କୁନ୍ତଳ
କଣ୍ଠତଟ ପଟ ବିଞ୍ଚଇ ॥ ୩ ॥

ନତ ଭକତ ଜନ ତବ ଚରଣ ଯୁଗଳେ
ବନ୍ଦି ଆଶିଷ ଲୋଭଇ
ଦିଅ ଗୁରୁ ନିଗମ ! ଚିର ପଦ ଶରଣ
ଗୁରୁଦାସ ଭିକ୍ଷୁକ ମାଗଇ ॥ ୪ ॥

❁❁❁

# ପ୍ରଣତି

ପ୍ରଣତି ଘେନ ହେ ଜଗଜୀବନ  !　　　　　　　　॥ ୦ ॥

ସୂକ୍ଷ୍ମରୂପେ ପରକାଶ
　　　　　　ହେ ଚିଦାନନ୍ଦ ବିକାଶ
ଚିନ୍ମୟ ମହେନ୍ଦ୍ରକାଳ ବିଶ୍ୱ ବନ୍ଦନ　　　　　　　॥ ୧ ॥

ସଂସାରୁ ଉଦ୍ଧାର କର
　　　　　　ଆହେ କରୁଣା ସାଗର !
ସୃଷ୍ଟି ସ୍ଥିତି ଲୟ କର୍ତ୍ତା ହେ ଭଗବାନ !　　　　　॥ ୨ ॥

ଆହେ ଅଗ୍ନି ରୂପଧାରୀ
　　　　　　ଯୋଗ ପ୍ରବର୍ତ୍ତନ କାରୀ
ଚରଣ ତଳରେ ମୋର ମିନତି ଘେନ　　　　　　　॥ ୩ ॥

ରାକ୍ଷସ କର ନିଧନ
　　　　　　ଯୋଗୀ-ଯୋଗ ସିଦ୍ଧିଧାମ
କରୁଅଛି ପ୍ରଭୁ ତୁମ ପଦେ ପ୍ରଣାମ　　　　　　　॥ ୪ ॥

❀❀❀

## ପ୍ରଣତି

ସଂସାରେ ମୋହର କିଛି ନାହିଁ ସିନା ଧନ, ଜନ ଅବା ମାନ
ଗୁରୁ ଗଉରବ ଦିଆ ନିଆ ଯାହା ଜାଣୁଛି ଏ ମୋର ମନ
ଜୀବଧନ, ସବୁ ତ' ତୁମରି ଦାନ
ମୋର ବୋଲିବାକୁ କି ଅଛି, ଏ ଆଖି ଖୋଜିବୁଲେ ନିଶିଦିନ ॥ ୧ ॥

ଜଳ, ଥଳ, ଗିରି ବନରେ ଉକୁଟେ ତୁମରି କରଣୀ ଛାଇ
ମୂରୁଖ ପଣରେ ମୋର ମୋର ବୋଲି ନିତି ମୁଁ ହେଉଛି ଗାଇ
ଜୀବଧନ, ଅନ୍ତର କରି ମୋଚନ
ବାରିଲି ଦିନେ ମୁଁ ଜଗତ ମଝିରେ ଅଟେ ଅତି ଅଭାଜନ ॥ ୨ ॥

ଭେଟିଲି ଯାହାକୁ ପଚାରିଲି ତାକୁ ନ ଦେଲେ କେହି ବତାଇ
କରାଏ, କୁହାଏ ଯେ ମୋତେ, ତାହାରେ କି ଧନେ ତୋଷିବି ମୁହିଁ
ଜୀବଧନ, କହିଦେଲା ନିଜ ମନ
ପ୍ରଣତି ମାତର ଭେଟିବି ତା' ପଦେ ସେହି ମୋର ବଡ଼ ଧନ ॥ ୩ ॥

❁❁❁

# ମିନତି

ଆହେ ଦୟାମୟ ମହିମା ତୁମର ଗାଉଛି ତିନି ଭୁବନ
ଜୟ ଜୟ ଜୟ ଭୁବନ ନନ୍ଦନ ଜୟ ପରାଣର ଧନ
ହେ ବନ୍ଦନ ! ପ୍ରଣତି ମିନତି ଘେନ
ବିଶ୍ୱ ସମଗରା ଯହିଁ ଦେଖେ ତହିଁ ସବୁ ତୁମ ସରଜନ ॥ ୧ ॥

ଘରେ, ପରବାସେ, ସୁଖେ ଅବା ଦୁଃଖେ ତୁମକୁ କରି ଚିନ୍ତନ
ଅପାର ଆନନ୍ଦ ଲଭେ ଅବିରତ ତୁମେ ସଖା ତୁମେ ଜୀବଧନ
ହେ ବନ୍ଦନ ! ମାଗୁଅଛି ଦିବ୍ୟଜ୍ଞାନ
ଯହିଁ ତହିଁ ଥାଏ, ସମ୍ପଦେ ବିପଦେ ସାର ହେଉ ଗୁଣଗାନ ॥ ୨ ॥

ମୃତ ସଂଜୀବନୀ ତୁମ ନାମ ଘୋଷି ସଞ୍ଚରେ ପିଣ୍ଡେ ପରାଣ
ସମରପି ତବ ପଦେ ଦେହ ମନ ମାଗୁଛି ଅଧମ ଜନ
ହେ ବନ୍ଦନ ! କର ଆଶୀର୍ବାଦ ଦାନ
ଯାଉ ଏ ଜୀବନ କରି ଚିର ଦିନ ତୁମ କରମ ସାଧନ ॥ ୩ ॥

❀❀❀

## ମିନତି

ଏତେ ମନର ମିନତି ଘେନାକର ଠାକୁର !
ସୁଖ, ଦୁଃଖ ଯାହା ମୋର ସବୁ ଦାନ ତୁମର ॥ ୦ ॥

ଜଣାଉଛି ଯୋଡ଼ିକର ହୃଦଘଟେ ବିଜେକର
ଆନନ୍ଦ ଜାଗଇ ମନେ ଭାବି ରୂପ ତୁମର ॥ ୧ ॥

ଆହେ ପ୍ରାଣର ଠାକୁର ତୁମେ ଅବଳର ବଳ
ସକଳ ଦୁର୍ଗତି ନାଶେ ତୁମେ ଆଶ୍ରା ମୋହର ॥ ୨ ॥

ତୁମ ପଦ ମକରନ୍ଦ ପାନରେ ହୋଇ ମିଳିନ୍ଦ
ଯାଉ ଏ ଅଧମ ଜୀବ ଭିକ୍ଷା ଏତେ ମାତର ॥ ୩ ॥

ପରାଣ ଠାକୁର ମୋର ଜ୍ଞାନ ପ୍ରେମ ଅବତାର
ଅପରାଧ କ୍ଷମାକରି ତୋଳି ଘେନ କୋଳର ॥ ୪ ॥

କାନରେ ନ ଭରି ମୋର ଅନ୍ତରରେ ନାମ ଭର
'ଜୟଗୁରୁ' ଗାଇବି ମୁଁ ହୋଇ ଚିର ପାଗଳ ॥ ୫ ॥

***

# ମିନତି

ଠାକୁର ! ମୋ ମିନତି ଘେନାକର
ଏ ମୋ ମନ କୁଟୀର ଚିର ପବିତ୍ର କର
ଅନୁଦିନ ନିଶି ବାସର ॥ ୦ ॥

ରଚି ପ୍ରେମ ପରିବାର ଏ ଛାର ପରାଣେ ମୋର
ମନ ଘରେ ଆସି ବିଜେ କର
ତବ ଶୁଭ ଶାସନ ବିସାରି ରଜନୀ ଦିନ
ଆସନ ଘେନ ହେ ତଥି ତାର ॥ ୧ ॥

ସନ୍ତତ ନିଶିଦିନ କରି ତବ ଅରଚନ
ବିତିଯାଉ କାଳ ମୋହର
ନିତି ନିତି ତବ ପ୍ରେମେ ମାତିଣ ମୁହିଁ ମରମେ
ତବ ଶୁଭ ନାମ କରେ ହାର ॥ ୨ ॥

ମୋର ଷଡ଼ରିପୁ ଦଳ ହୋଇ ପ୍ରଭୁ ଏକ ମେଳ
ତବ ନାମେ ହୁଅନ୍ତୁ ବିଭୋର
ତବ ପ୍ରେମ ଆବିର୍ଭାବ ଲଭି ନିରନ୍ତର ଭବ
ହେଉ ସୁରଧାମ ସରି ହାର ॥ ୩ ॥

❀❀❀

# ମିନତି

ତୁମେ ମୋ ମୁକତି ତୁମେ ମୋ ଶକତି
ସାଥୀ ତୁମ ବିନା ଆଉ କେ ମୋର
ତୁମରି ଆଲୋକ ମଧୁ ଝଲକରେ
ଚଲୁଅଛି ପାଦ ନିଶି ବାସର ॥ ୦ ॥

ତୁମ ଗୀତ କରି କଣ୍ଠ ତଟ ମାଳି
ଦୁରୁଗମ ପଥ ଯିବି ମୁହିଁ ଚଳି
ଅଭୟ ମନ୍ତର ଦିଅ ଦୟାକରି
ପାର ହେବି ମୋହ-ମାୟା-ସାଗର ॥ ୧ ॥

ବିପଦର ଭୟେ ନ ଯିବି ମୁଁ ଦୂରେ
ଥିଲେ ନାଥ ସଦା ତୁମେ ମୋ ପାଶରେ
ବନ୍ଧୁର ପଥରେ ନଝୁଣ୍ଟିବି ବାରେ
ଲଭୁଥିଲେ ତୁମ ସ୍ନେହ ଆଦର ॥ ୨ ॥

ପୂର୍ଣ୍ଣକର ପ୍ରଭୁ ! ସକଳ ବାସନା
ସଂପଦେ ବିପଦେ ସାହା ତୁମେ ସିନା
ବାଞ୍ଛା କଳ୍ପତରୁ ପଦେ କରେ ଜଣା
କ୍ଷମ ଯେତେ ଅପରାଧ ମୋହର ॥ ୩ ॥

❀❀❀

## ମିନତି

ତୁମେ ଏକା ପରା ନିଜର ମୋର
ତୁମକୁ ନ କହି କାହାକୁ କହିବି
ସୁଖ ଦୁଃଖ ଯାହା ଏ ଜୀବନର ? ॥ ୦ ॥

ପଥହରା ହେଲେ ଗୋସାଇଁ
କିଏ ଦେବ ବାଟ ବତାଇ ?
ଚଳିବି ଧରି ମୁଁ ନାମ ତୁମର ॥ ୧ ॥

ହେଲେ ପ୍ରାଣ ଭୟ ଆକୁଳ
ତୁମେ ପରା ଅଭୟ ଥଳ
ଭରସା ଏକା ସେ ରଂଗ ପୟର ॥ ୨ ॥

ଯହିଁକି ଏ ଭବେ ପେଶିଲ
ସାଧିବି ମୁଁ ଦିଅ ସେ ବଳ
ପାଶେ ନେବ ଶେଷେ, କରୁଣା କର ॥ ୩ ॥

❀❀❀

## ମିନତି

ଦୟାମୟ ଦିଅ ଫିଟାଇ  ଏ ମୋର ମନ ଦୁଆର
ଅଭକତ ବୋଲି ମୁହିଁ ହୃଦ ମୋର ଅନ୍ଧକାର ॥ ୦ ॥

ତବ କୃପା ଲୋକ ପାଇ ଘନ କାଳିମା ଘୁଞ୍ଚଇ
ଗୁରୁନାମ ରଟୁଥାଉ ଏ ପରାଣ ନିରନ୍ତର ॥ ୧ ॥

କର ମଙ୍ଗଳ ବିଧାନ ଅପସରୁ ଦୁରୁଦିନ
ଫେଡ଼ିଦିଅ ମାୟାଜାଲ ଦୂରେ ଯାଉ ଅହଂକାର ॥ ୨ ॥

ଭେଦା ଭେଦ ଭୁଲି ଯାଇ ନାମ ରସେ ହୁଏ ବାଇ
ସମ ନିରେଖୁ ନୟନ ନ ହେରି ନିଜ ବା ପର ॥ ୩ ॥

ତୁମେ ତ ଜୀବନ ସାଥୀ ତୁମ ବିନେ କେ ନାହାନ୍ତି
ସାହା ହୁଅ କୃପାନିଧି ! ଏତିକି ମିନତି ମୋର ॥ ୪ ॥

❀❀❀

# ମିନତି

ନାଥ ! ମିନତି ମୋ ଘେନାକର
ଜଣାଉଛି ତବ ଚରଣ ତଳରେ ଲୋଟାଇ ମୋହର ଶିର ॥ ୦ ॥

ତବ ପାଦପଦ୍ମେ ମୋ ପ୍ରାଣ-ମଧୁପ କରୁଣା ମଧୁ ଆଶାରେ
ଆଶାୟୀ ପରାଣେ ଲୋଭୀ ହେଉଥାଉ ସତତ ନିଶି ବାସରେ
ଏତିକି ଆଶା ମାତର ॥ ୧ ॥

ତୁମରି କରୁଣା-ଜଳଧିରେ ମନ-ମୀନ ମୋ ପହଁରୁ ଥାଉ
ଦିବସ ରଜନୀ ତବ ନାମ ସଦା କଣ୍ଠ ମୋହର ଗାଉ
ଏତିକି ମୋ ମାଗିବାର ॥ ୨ ॥

ମୋ ମନ-ମନ୍ଦିରେ ତବ ଶିରୀଅଙ୍ଗ ବାସନା ମହକୁ ଚିର
ତପନ ରୂପରେ କିରଣ ବିସାର ମାୟା ଅମା କର ଦୂର
ଏତିକି ସୁଦୟା କର ॥ ୩ ॥

❀❀❀

## ମିନତି

ପରାଣ ପତି ! ତୁ ଏକା ଅଗତିର ଗତି
ନାହିଁ ତୋ ବିନେ କେହି ଜଗତେ ମୁକତି ॥ ୦ ॥

ମିଛ ମାୟା ଘୋର ଘାରେ ନିରନ୍ତର
କି ଦିବସ କିବା ରାତି
ପିତା ମାତା ମୋର ବାନ୍ଧବ ସୋଦର
ସଭିଏଁ ସୁଖର ସାଥୀ ॥ ୧ ॥

ଭଜନେ ପୂଜନେ ନାମ ଗୁଣଗାନେ
ଅଶକତ ଦିନ ରାତି
ଜାଣୁଛି କେବଳ ତୁ ଏକା ସମ୍ବଳ
ତେବେକେ ଚଞ୍ଚଳ ମତି ॥ ୨ ॥

ଏତିକି ମାତର ପାଦ ତଳେ ତୋର
ମାଗୁଣି ମୋହର ନିତି
ଧନ, ଜନ, ମାନ ସବୁ ଅକାରଣ
ଦିନ ଯାଉ ତୋତେ ଚିନ୍ତି ॥ ୩ ॥

ନ ଯାଉ ପାସୋର କ୍ଷଣେ ହେଲେ ମୋର
ପଦରୁ ତୋର ଭକତି
ଭବ ଜଳନିଧି ପାର ହେବାପାଇଁ
ଭିଖ ମାଗେ ଶିର ପାତି ॥ ୪ ॥

# ମିନତି

ପ୍ରଭୁ ହେ ! ତୁମେ ପରା କରୁଣା ନିଧାନ ?
ମାଗିଛି ଯେ କର ପାତି, ପାଇଛି ସୁର ସମ୍ପତ୍ତି
ତିନି ପୁରେ ନାହିଁ ଯା' କଳନ ॥ ୦ ॥

ପରଶ ଲଭି ତୁମର ମର ହୁଅଇ, ଅମର
ଶିରୀମୁଖ ସୁଧାକର ହେରି, ଦୁଃଖ ହୁଏ ଦୂର
ବଚନ ଅମିୟ ଧାର,
ପାନେ ଉନମତ୍ତ ମନ ॥ ୧ ॥

ଗଗନେ, ପବନେ ହରି, ସୁନୀଳ ସାଗରେ ହରି,
ଯହିଁ ଦେଖେ ତହିଁ ହରି, ତୁମେ ତ ରହିଛ ପୂରି
ସତ୍ୟ, ନିତ୍ୟ, ତୁମେ ହରି,
ହରିମୟ ଏ ଭୁବନ ॥ ୨ ॥

ଘୁଞ୍ଚାଅ ମନରୁ ମାୟା, ପବିତ୍ର କର ଏ କାୟା
ମୋହ-ଅନ୍ଧକାର ଛାୟା ଅପସରୁ କର ଦୟା
ତବ ନାମ ଘୋଷି ବାୟା-
ହେବି ଏ ମିନତି ଘେନ ॥ ୩ ॥

***

# ମିନତି

ପ୍ରାଣବନ୍ଧୁ ! ପଣ ମୋର ଶୁଣ ଥରେ
ଜଣାଉ ନାହିଁ ମୁଁ ଜଣାଇବି ନାହିଁ ଦୁଃଖ କେବେ ଶ୍ରୀଛାମୁରେ ॥ ୦ ॥

ସହିଲେ ସହିବି ମଥାପାତି ସିନା
ଦୁନିଆଁ ଜଞ୍ଜାଳ ଯେତେ
ଆପଣାର ଜନ, ଦୁଃଖ ଶୁଣିଲେ ତ ବାଧିବ ବିଚାରି ଚିତ୍ତେ
ନ କହିବି ଦିନେ ହେଲେ ॥ ୧ ॥

ଜଳିଲେ ଜଳିବି ଦହନ ଜ୍ୱାଳାରେ ମୋର ଏ ଜନମ ସାରା
ପ୍ରିୟଠାରୁ ବଳି ପ୍ରିୟ ତୁମେ ସତେ ବ୍ୟଥା ଦେବ ଲୁହ ପରା !
ଲୁଚାଇବି ପଣତରେ ॥ ୨ ॥

ଭୋଗିଲେ ଭୋଗିବି କରମର ଫଳ,
ତୁମକୁ ଦୋଷିବି ନାହିଁ
ରୋପିଲା ତରୁର ଫଳ ତ ଭୁଞ୍ଜୁଛି ତୁମ ଅବିଚାର କାହିଁ ?
ବିଚାରି ମୁଁ ନିରନ୍ତରେ ॥ ୩ ॥

ମରିଲେ ମରିବି ସିନା, ପର ବୋଲି
ଭାଳି ନ ପାରିବି କେବେ
ଜାକି ଧରିଥିବି ଚରଣ-ଯୁଗଳ ଠେଲି ଦେଉଥିବ ଯେବେ
ଜୀବନରେ ମରଣରେ ॥ ୪ ॥

❀❀❀

# ମିନତି

ମଣିମା ଶୁଣିମା ହେଉ ଅଳି ମନର
ଦୀନ ପତିତ ଜନରେ କରୁଣା କର ॥ ୦ ॥

ହୃଦ ଆସନ ପାରି ବସିଛି ଅନୁସରି
ଆସି ବିଜୟ କର ସକଳ ତାପ ହର
ତୁମ ବିନୁ କେ ସାହା ନାହିଁ ମୋହର ॥ ୧ ॥

ହୁଅହେ ପରସନ୍ନ ଦେଇ ଶୁଭ ଦର୍ଶନ
ସହି ନ ପାରେ ଆଉ ଷଡ଼ ରିପୁର ଦାଉ
ଚିର ଚଞ୍ଚଳ ମତି କର ହେ ସ୍ଥିର ॥ ୨ ॥

ଡାକି ତ ଜାଣେ ନାହିଁ ଦିଅ ମୋତେ ବତାଇ
ଗାଇ ତୁମରି ନାମ ଘେନି ତୁମ ଶରଣ
ଅନ୍ତ ହେଉ ନାଥ ହେ, ଜୀବନ ମୋର ॥ ୩ ॥

❁❁❁

# ମିନତି

ମାଗୁ ନାହିଁ ଧନ ଜନ ମାଗୁଛି ମୁଁ ଶରଣ
ଜାଣି ମୁହିଁ ଜାଣୁ ନାହିଁ ତୁମେ ଜୀବ କାରଣ ॥ ୦ ॥

ନାହିଁ ନାହିଁ କେହି ମୋର ଏ ସଂସାର ମାୟାଘୋର
ହରବର କରୁଛନ୍ତି ଭଗାରୀ ଛ' ଜଣ ॥ ୧ ॥

ଚିତ୍ତରେ ଚିନ୍ତିବି ବୋଲି ଦଣ୍ଡେ ଯେବେ ବିଚାରିଲି
ଚଞ୍ଚଳ ଏ ଚିତ୍ତ ଥାଇ କରେ ସଦା ବାରଣ ॥ ୨ ॥

ଏତିକି କରୁଣା କର କଣ୍ଠେ ମୋର ସ୍ୱର ଭର
ସବୁ ଭୁଲି ତୁମ ନାମ କରୁଥିବି ଗାୟନ ॥ ୩ ॥

ଅଧମ ଜନର ସାହା ତୁମେ ଏକା ଚଉବାହା
ବିଜେକର ପାତି ଅଛି ତୁମ ଲାଗି ଆସନ ॥ ୪ ॥

ଘର କରି ଜଗତରେ ଥିବି ତୁମରି ଦୁଆରେ
ଗୁରୁଦାସ ପଣେ ସେବୁ ଥିବି ତୁମ ଚରଣ ॥ ୫ ॥

❁❁❁

# ମିନତି

ମୋର ବୋଲି ମୋତେ କହିବାକୁ ସତେ
କିଏ ଅଛି ଏ ସଂସାରେ ?
କାତ ଧରି ଆଉ ଖରସୁଆ ନଈ
କିଏ ସେ ନେବ ସେ ପାରେ ? ॥ ୦ ॥

ଯେବେ ମୁଁ ତୁମକୁ ଅନ୍ତରରେ ପାଏଁ
ଅମା ଅନ୍ଧକାର ଆଲୋକିତ ହୁଏ
ପଲକ ମାତରେ ଦୁଃଖ ଶୋକ ତାପ
ମନରୁ ମୋର ପାସୋରେଁ ॥ ୧ ॥

କଣ୍ଠ ଭରି ତୁମ ନାମ ଗାଉଥିବି
ଗୁରୁ ଦାସ ପଣେ କାଳ ବିତାଇବି
ମନର ମୋହର କାମନା ବାସନା
ଆଉ ଜଣାଇବି କା'ରେ ? ॥ ୨ ॥

ତୁମ ବିନେ ମୋର କେହି ନାହିଁ ନାହିଁ
ପଡ଼ୁଛି ତୁମରି ପାଦତଳେ ଶୋଇ
ମାରିଲେ ମାରିବ, ତାରିଲେ ତାରିବ
ମିନତି ଘେନ ମୋ ବାରେ ॥ ୩ ॥

❀❀❀

# ମିନତି

ରଂଗ ଚରଣ ତଳରେ ତ ଠାକୁର !
ବିକି ସାରିଛି ଯାହା ସବୁ ମୋହର ॥ ୦ ॥

ଧନ, ଜନ, ଯଉବନ ସାରା ଜୀବନ
ଜନମ କାଳରୁ ଯାହା ମୋ ଅରଜନ
ସୁତା ସୁତ ଘରଣୀ
ଯାହା ମୋ ଘରମଣି
ବୋଲିଛି ମୋର ମୋର
ସବୁଥିରେ ତୁମର
ପ୍ରିୟ ମୋର ! ବାଜିଛି ପରା କିଣା ମୋହର ॥ ୧ ॥

ଜପ ତପ ଭଲ-ଭେଲ, ଦାନ ଧିଆନ
କେଉଁ କଥା ମୋର ବୋଲି କରିବି ମନ ?
କିଛି ତ ନାହିଁ ନାହିଁ
ମୋର ବୋଲି ଗୋସାଇଁ
ଦେବି ମୁଁ କିସ ଆଉ
କହ ତ ମହାବାହୁ !
ଅଧିକାର ! କେବଳ ମୋର କୋଟି ଜୁହାର ॥ ୨ ॥

❀❀❀

# ମିନତି

ରଜନୀ ଦିନ ! ରଟୁ ଶ୍ରୀଗୁରୁ ଜୟଗୁରୁ ବଦନ ॥ ୦ ॥

ସତ୍ୟର ଆଲୋକ, ତୁମେ ନିତ୍ୟ ଲୋକ
ପୂଜିତ ହେ ଦେବ ମହାନ
ଅଜ୍ଞାନ ଅନ୍ଧକାର ଅମା ଦୂର କରି
କର ହେ କାମନା ପୂରଣ ॥ ୧ ॥

ସୁମଧୁର ସ୍ୱରେ ପ୍ରକୃତିତ କରେ
ତବ ଗୁଣ ଗଣ କୀର୍ତ୍ତନ
ତବ ଭାବ ଗତି ମୁହିଁ ମୂଢ଼ମତି
କି ବୁଝିବି ଅତି ଅଜ୍ଞାନ ॥ ୨ ॥

ଅତି ଆନନ୍ଦେ ଭକତ ବୃନ୍ଦେ
କରୁଥାନ୍ତି ଗୁଣ ଗାୟନ
ନିଖିଳ ଭୁବନ ସୁର ଯୋଗୀଜନ
କରନ୍ତି ଶ୍ରୀପଦ ଦର୍ଶନ ॥ ୩ ॥

ତୁମେ ଶୁଭ ଦାତା କଲ୍ୟାଣ କରତା
ସୁଧା ଝରା ତବ ଚରଣ
ହେ ଜଗତ ପତି, ତବ ପଦେ ମତି
ରହୁ, ଦିଅ ଚିର ଶରଣ ॥ ୪ ॥

❋❋❋

# ମିନତି

ସେଇ କଜଳ ଘେନାଇ ଦିଅ ନୟନେ ମୋର ଠାକୁର
ହେରିବି ଏଇ ବିଶ୍ୱସାରା ସୁନ୍ଦର ହେ ସୁନ୍ଦର ! ॥ ୦ ॥

ଦୂର ନୀଳ ଗନ କୋଳେ,
ହସି ସରସେ ଶଶୀଟି ଖେଳେ
କାଳି ବାଦଲ ଲପନେ ଘେରି
ନ ସାରୁ ତାର ଆବୁର
ନିରେଖୁ ଥିବି ନିତିକି ନିତି
ସୁନ୍ଦର ହେ ସୁନ୍ଦର ! ॥ ୧ ॥

ଅଝୁରା ତଟ ତଟନୀ ନୀରେ
ଭସାଇ ତରୀ ମନ ଅଧୀରେ
ପଶ୍ଚିମର ରଂଗଛବି ନଚାଉ ଥିବ ଅନ୍ତର
ଶୁଣୁଥିବି ମୁଁ ଦୂର ବଇଁଶୀ ସୁନ୍ଦର ହେ, ସୁନ୍ଦର ॥ ୨ ॥

ସବୁରି ଦେହେ ତୁମରି ଛାଇ
ମଧୁର ଶିରୀ ରହିବି ଚାହିଁ
ଉଛୁଳୁଥିବ କଣ୍ଠେ ତୁମ ବନ୍ଦନାର ଝଙ୍କାର
ନିଶି ଦିବସ ହସ ବିରସ
ମୋ' ଲାଗି ହେବ ସୁନ୍ଦର ॥ ୩ ॥

❀❀❀

# ନିବେଦନ

ଏତେ ଦିନେ କିହେ ବନ୍ଧୁ ପଡ଼ିଲା ମନେ
ଛଳଛଳ ନୀର କିମ୍ପା କମ ନୟନେ ? ॥ ୦ ॥

ଗୋପନ ମରମ ତଳେ ସପନ ବେଦନା ଖେଳେ
ମଣିଥିଲି ସେ ଏକା ମୋ ସାଥୀ ଜୀବନେ ॥ ୧ ॥

କାନ୍ଦିଛି କେତେ ମୁଁ ସତେ ବନ୍ଦି ମୁଁ କହିଛି କେତେ
ନାଶ ମୋ ବିରହ ଜ୍ୱାଳା, ଆସ ସଦନେ ॥ ୨ ॥

ଦୂରେ ଦୂରେ ଥାଅ ରହି ଡାକିଲେ ଉତ୍ତର ନାହିଁ
ଏବେ ପଡ଼ିଲା କି ମୋର ଡାକ ଶ୍ରବଣେ ॥ ୩ ॥

ନୀର ଆଖି ତଳେ ମୋର ଧରା ପଡ଼ିଛ ଏଥର
ଆଉ କାହିଁ ପଳାଇବ କହ ବଦନେ ॥ ୪ ॥

ଆତୁର ମୋ ଲାଗି ପରା ବହେ ତ ଲୋତକ ଧାରା
ବୁଝିଲି, ପାରିଛି ବାରି ମୋର ମରମେ ॥ ୫ ॥

ସତ କହ ହେ ଠାକୁର ! ଆଉ ନ କରିବ ପର
ଠାବ ଦେବ ନିରବଧି ରଙ୍ଗ ଚରଣେ
ଜନମେ ଜନମେ ଥିବ ସାଥୀ ଜୀବନେ ॥ ୬ ॥

❀❀❀

# ନିବେଦନ

କାମନା ବାସନା ସାରା ଜୀବନର ତବ ପଦ ଦରଶନ
ଅନ୍ତିମ ଦିନେ ତୁମେ ଦୟାମୟ ! ଚାହିଁବ ମେଲି ନୟନ ॥ ୦ ॥

ସାଧନ, ଭଜନ, ପୂଜନ, ସକଳ
ଛାଡ଼ିଦେଇ ମୁଁ ଯେ କରିଅଛି ମୂଳ
ପ୍ରତି ନିଃଶ୍ୱାସରେ ତୁମ ନାମ ଜପୁଥିବି ବସି ଅନୁଦିନ
ଶେଷ ହେଉ ସେହି ନିଃଶ୍ୱାସ ମୋର, କରି ତୁମ ନାମ ଗାନ ॥ ୧ ॥

ଆଶା ମୋର ଆନେ ନାହିଁ କୃପାସିନ୍ଧୁ
ମାଗୁଣି ମାତର କରୁଣାର ବିନ୍ଦୁ
ଚାଖିଛି ଯେ ତବ ପଦ ମଧୁ ସେ କି ଆଶାକରେ ଆନ ?
ନାମ-ମକରନ୍ଦ ପାନେ ବିଭୋର ସେ ଛାର ତା' ସଂସାର ଜ୍ଞାନ ॥ ୨ ॥

ଭକତ ତୁମର ଜଗତେ ଯେ ଜନ
ତୁମରି ସ୍ନେହରେ ଭରା ତା'ର ମନ
ତୁମ ବିନେ ପ୍ରେମ-ବାରିଧି ଜଳରେ ଭସାଇବ କିଏ ଆନ ?
ନିରାଶ ନ କର ଜଗବନ୍ଧନ ହେ ! ଅଭିଳାଷ ଏତେ ଘେନ ॥ ୩ ॥

❀❀❀

# ନିବେଦନ

କେତେ ଦିନେ ଘୁଞ୍ଚିବ ଏ ମାୟା ମୋହ ଘୋର
କେବେ ଆଉ ନାଶିବ ଏ ମନ ଅନ୍ଧକାର, ଘନ ସୁନ୍ଦର ହେ ॥ ୧ ॥

କେବେ ଅପସରିବ ମୋ କାମ, କ୍ରୋଧ ଆଶା
କେବେ କହ ଘୁଞ୍ଚିବ ଏ ମମତା ପିପାସା, ଦୀନ ବାନ୍ଧବ ହେ ॥ ୨ ॥

ପାସୋରି ସଂସାର ହେବ ତବ ପଦେ ଲୟ
ତୁଟିବ କେବେ ହେ ସତେ ପ୍ରପଞ୍ଚର ଭୟ, ମଧୁସୂଦନ ହେ ॥ ୩ ॥

ଅନାଥ ବତ୍ସଳ କେବେ ଆସିବ ସେ ଦିନ
ଶ୍ରୀପଦ ନଳୀନ କେବେ ହେରିବ ନୟନ, ମନ ମୋହନ ହେ ॥ ୪ ॥

ଅପଘନ ତବ ନବରବି ଛବି ହରା
ସପନେ ନାଚିବ ଆସି ସେ ମୁରଲୀଧରା, ଜୀବ ତାରଣ ହେ ॥ ୫ ॥

ଜଗତ ସୁଖ ଦୁଃଖରେ ବୁଡ଼ି ରହେ ଚିତ୍ତ
ଭୁଲାଏ ଜୀବରେ ତୁଚ୍ଛ ଅରଜନ ବିତ୍ତ, ଜଗ ଜୀବନ ହେ ॥ ୬ ॥

ଅନ୍ତର ମଝିରେ ଥାଇ ଦେଖା ତ ନ ଦିଅ
ଅମୀୟ ଝରା ସେ ସ୍ୱରେ ମୁରଲୀ ବଜାଅ, ନଟ ଶେଖର ହେ ॥ ୭ ॥

ପରାଣର ପ୍ରିୟତମ ତୁମେ ଜଗବନ୍ଧୁ
ଅଘ-ତମସା ନାଶନେ ତୁମେ ପୂର୍ଣ୍ଣଇନ୍ଦୁ, ପ୍ରାଣ ଠାକୁର ହେ ॥ ୮ ॥

ଚରଣେ ଶରଣ ଦିଅ ହେ ମଧୁସୂଦନ
ଅଜ୍ଞାନ-ଅନ୍ଧାର ନାଶ କର ଜନାର୍ଦ୍ଦନ, ପ୍ରାଣବଲ୍ଲଭ ହେ ॥ ୯ ॥

କୋଟି ପ୍ରଣିପାତ ଘେନ, ଦୋଷ କର କ୍ଷମା
ପାପହାରୀ ଜଗନ୍ନାଥ ! ଅସୀମ ମହିମା- ଶ୍ୟାମ ସୁନ୍ଦର ହେ ॥ ୧୦ ॥

# ନିବେଦନ

ଚରଣେ ପ୍ରଣତି ଘେନ ମାନସ ମୋହନ ହେ ॥ ୦ ॥

ଭବଭୟ ନିବାରଣ ତୁମେ ଜୀବର କାରଣ
ବରାଭୟ କର ଦାନ, ପଦେ ନିବେଦନ ହେ ॥ ୧ ॥

ପରାଣ ମନରେ ମୋର ଝରାଅ ଅମିୟ ଧାର
ଶକତି ସଂଚାର କର, କରୁଣା ନିଧାନ ହେ ॥ ୨ ॥

କଳହ ବିଚ୍ଛେଦ ମାନ ପରାପର ଭେଦ ଜ୍ଞାନ
ଦୂର କର ମନୁମମ, ଜଗତ ଜୀବନ ହେ ॥ ୩ ॥

ସାରା ଜୀବନଟା ମୋର ତବ ତୁଲେ ଏକ କର
ଆତ୍ମ ଅଭିମାନ ଦୂର, କର ନିରଞ୍ଜନ ହେ ॥ ୪ ॥

ମୁଖ ତବ ନାମ ଗାଉ କାନ ବାଣୀ ଶୁଣୁ ଥାଉ
ଆଖି ତବ ରୂପ ଚାହୁଁ, ଜୀବ ହେଉ ଧନ୍ୟ ହେ ॥ ୫ ॥

❋❋❋

# ନିବେଦନ

ଦୟାନିଧି ହେ ! ମନ ଗୁହାରି ଘେନ
ଘୁମେ ଜାଗରଣେ, ଶୟନେ ସ୍ୱପନେ
ପଦ ଚିନ୍ତନରେ ଥିବି ମଗନ ॥ ୦ ॥

ତବ ଗୁଣମାନ କରୁ କରୁ ଗାନ
ନୀରେ ଭରିଯିବ ବେନି ନୟନ
କଣ୍ଠରୋଧ ହେବ, ବାଣୀ ନ ସ୍ଫୁରିବ
ଭରିବ ଶ୍ରବଣେ ମୂରଲୀ ସ୍ୱନ ॥ ୧ ॥

ଅନ୍ତର, ବାହାର ପରା-ପର ମୋର
ଆତ୍ମ ଦରଶନେ ହେବ ମଗନ
ସେ କିଏ, ମୁଁ କିଏ ଭାବ ଛାଏଁ ଛାଏଁ
ଦୂର ହେବ ମନୁ ବିଭେଦମାନ ॥ ୨ ॥

ଜୀବରେ ଜୀବରେ କାମ ମୂରତିରେ
ଲଭୁଥିବି ତବ ରୂପ ସନ୍ଧାନ
ବାରିଝରା ମୋର ନୟନ ଯୁଗଳ
ଧୋଇବ ସେ ପଦ ଜଗବନ୍ଦନ !॥ ୩ ॥

❀❀❀

# ନିବେଦନ

ପଦେ ମୋ ଗୁହାରି ଘେନ ମାଗୁ ନାହିଁ ଧନ ଜନ ॥ ୦ ॥

ତୁମେ ବାଞ୍ଛା କଳ୍ପତରୁ ଶରଣ ନେଲା ଉଦ୍ଧାରୁ
ଅନାଥ ହେଲେ ମୁଁ ନାଥ ! କାହାକୁ ଏ ଅପମାନ ? ॥ ୧ ॥

ଆପଣାରେ ଆପେ ଭଣ୍ଡେ ନ ହେଜେ ସେ ପଦ ଦଣ୍ଡେ
ମନେ ମୁଖେ ଦିଅ ଭରି, ଗୁରୁ ନାମ ଗୁଣଗାନ ॥ ୨ ॥

ଦିଅ ହେ ପାଗଳ କରି ତୁଟାଇ ମାୟା ସବୁରି
ତୁମେ ଏକା 'ମୋର' ବୋଲି ରଟି ବୁଲେ ନିଶିଦିନ ॥ ୩ ॥

ଯେଣିକି ଦେଖିବି ମୁଁ ଚାହିଁ ସେ ରୂପ ଦିଶିବା ପାଇଁ
ନୟନ ପଟରେ ଦିଅ ଲଗାଇ ଜ୍ଞାନ ଅଞ୍ଜନ ॥ ୪ ॥

ଭଲ ଭେଲ ଯେତେ ଯାହା ସବୁତ ତୁମରି ଦିଆ
କରୁଣା କର ହେ ନାଥ ଏତିକି ବୁଝୁ ଏ ମନ ॥ ୫ ॥

❀❀❀

# ନିବେଦନ

ଭିଖ ଦିଅ, ଭିଖ ଦିଅ ଭିଖାରିରେ ଭିଖ ଦିଅ
ଡାକିଲା ପରି ମୁଁ ଡାକି ନାହିଁ ଦିନେ
ବିମୁଖ ତୁମେ ନ ହୁଅ ॥ ୦ ॥

ଅପରାଧ ତ ମୋ ଜୀବନର ସାଥୀ ତୁମେ ତ କ୍ଷମା ସାଗର
ପତିତ ବୋଲି ମୁଁ ପତିତପାବନ ନାମଟି ପରା ତୁମର
ମିଛ କି ଏ କଥା ଦିଅଁ ॥ ୧ ॥

ଦୀନଜନ ବଂଧୁ ବୋଲି ପରା ତୁମେ ବୋଲାଇ ହେଉଛ ଭବେ
କାହିଁକି ମାନିବି  ମୋ ପରି ଅଧମେ ତାରି ନ ପାରିଲ ଯେବେ
ଏ କଥା ବୁଝାଇ କୁହ ॥ ୨ ॥

ଭକତି କାହାକୁ କହନ୍ତି ସେ କଥା ଶିଖି ନାହିଁ କାଣିଚାଏ
ଜାଣିବାର ମୋର ଯାଇ ନାହିଁ ଦିନେ ଦେଉଳ ଦୂଆର ଯାଏ
ସେ ରାହା ମୋତେ ବତାଅ ॥ ୩ ॥

କିବୋଲି ଡାକିବି କିଭଳି ଡାକିବି କି ବୋଇଲେ ତୁମେ ଶୁଣ
ଘୁମେ ଜାଗରଣେ କେବେ ମୁଁ ଡାକିବି ମୁଦି ଦେବ ନାହିଁ କାନ
ଯେତେ ଦୂରେ ଯହିଁ ଥାଅ ॥ ୪ ॥

ପଥର ଭିଖାରି ଏତିକି ମାଗୁଛି ପଡ଼ିଦାତା ଜନାର୍ଦ୍ଦନ
ଭକତି ରସରେ ଜଠର ପୂରାଅ ନ ହୁଅ ଆଉ କୃପଣ
ଦାତା ପତାକା ଉଡ଼ାଅ ॥ ୫ ॥

❀❀❀

# ନିବେଦନ

ମନର ଠାକୁର ଆଜି ମନ କଥା ଘେନା କର
କହିବି କହିବି ବୋଲି ଅକୁହା ରହିଛି ମୋର ॥ ୦ ॥

ଆୟୁଧନ ମାନ ଜନ, ମାଗୁ ନାହିଁ ଜୀବଧନ
ଭିଖାରିରେ ଦୟାନିଧି ! ଚରଣ ଛଡ଼ା ନକର ॥ ୧ ॥

ଶୁଣ ହେ ମନ ମୋହନ, ମୁଦା ଥିବ ଏ ନୟନ
ନବଘନ କମଠାମ ନିରେଖୁ ଥିବ ମାତର ॥ ୨ ॥

ମୂକ ଥିବ ମୁଖ ମୋର, କଣ୍ଠରେ ନ ଥିବ ସୁର
ଏ ରସନା ରଟୁଥିବ ତୁମରି ନାମ କେବଳ ॥ ୩ ॥

ତନୁ ହରାଇ ଚେତନ କରୁଥିବ ଆଲିଙ୍ଗନ
ଅରୂପ-ସ୍ୱରୂପ ତବ ପ୍ରେମେ ହୋଇ ଜରଜର ॥ ୪ ॥

❁❁❁

# ନିବେଦନ

ମରମ ମଝିରେ ବିରାଜିତ ତୁମେ
ତେବେ ହେଲେ ଖୋଜି ମରେଁ
ଶୟନେ, ସ୍ୱପନେ, ଜାଗରେ, ଧିଆନେ
ଦରଶନ ନିତି ଝୁରେଁ ॥ ୦ ॥

କାଞ୍ଚନ ମଣିର ବଦଳେ କାଚର
କଣିରେ ଯତନ କରେଁ
କାହିଁ କାହିଁ ବୋଲି ସୁଖ ଖୋଜୁ ଥାଇ
ନ ଚାହିଁ ଅନ୍ତର ଘରେ ॥ ୧ ॥

ସୁରଧୂନୀ ନୀରେ ବୁଡ଼ି ନିରନ୍ତରେ
ଆଶା ପିପାସା ନ ମରେ
ଜୀବ ଯିବ ମଣେ, ଉପାୟ ବିହୀନେ
ଚରଣ ତବ ସୁମରେ ॥ ୨ ॥

ଅବଶ ଜୀବନେ ଶକତି ମାଗୁଛି
ଯୋଡ଼ି କର ପଦ ତଳେ
ରୂପ ପରକାଶ ପାପରାଶି ନାଶ
ଯାଉ ଅନ୍ଧକାର ଦୂରେ ॥ ୩ ॥

❀❀❀

# ନିବେଦନ

(ମୋର) ପଦେ ଖାଲି ପଦରେ ଗୁହାରି
ତୁମ ପଞ୍ଜୁରିରେ ମୋତେ ରଖ କରି ପୋଷା ଶାରୀ ॥ ୦ ॥

ପୀରତି ଡୋରରେ ବାନ୍ଧି
ରଖ କରି ପାଦ ବନ୍ଦୀ
ପଳାଇ ଯିବାକୁ ଆଉ ରାହା ନ ଥାଉ ମୋହରି ॥ ୧ ॥

ଗୋଳି ତବ ପ୍ରେମ ନୀର
ଖୁଆଇ ଦେବ ଆହାର
ଆଉଁସି ଦେଇ ମୋ ଶିର, ଡାକିବି ଆଦର କରି ॥ ୨ ॥

ଶିଖାଇବ ମୋତେ ପ୍ରିୟ !
ତୁମ ନାମ ପ୍ରେମ ମୟ
ନିଶିଦିନ ରଟୁଥିବି, ସେ ପଦଟି ନ ପାସୋରି ॥ ୩ ॥

ତୁମ ଆଶ-ପଥ ଚାହିଁ
ଖାଲି ସେହି ଗୀତ ଗାଇ
ଶୁଣାଇବି ତୁମ କାନେ ସାରା ଏ ଜନମ ଧରି ॥ ୪ ॥

# ନିବେଦନ

ମୋର ମନର ଗୁହାରି ଶୁଣ ଜଗତ ଜୀବନ !
(ତବ) ଚରଣ ତଳରେ ମିଶାଅ ଛାର ପରାଣ ॥ ୦ ॥

ପାଷାଣ ହିଆ ମୋ ଯାଉ ହେ ତରଳି
ସେହି ନୀରେ, ଦେବି ଚରଣ ପଖାଳି
ଅନ୍ଧ ନୟନ, ନିରେଖିବ ତାହା
ଘେନାଅଁ ଜ୍ଞାନ ଅଞ୍ଜନ ॥ ୧ ॥

ଧନ, ଜନ, ତୁଚ୍ଛ ଗରବ, ସରବ
ନାମ ତଳେ ତଳେ ତବ ପାଉ ପରାଭବ
ମାୟା କୁହକରେ ଯାଦୁକରୀ ଘେରା
ସପନ କର ଭଞ୍ଜନ ॥ ୨ ॥

ଦି'ଦିନିଆ ସାଥୀ, ବନ୍ଧୁ ପରିଜନ
ବୁଝି, ବୁଝୁ ନାହିଁ ଛାର ଏ ବନ୍ଧନ
ଜୀବନେ, ମରଣେ, ଜନମେ, ଜନମେ
ତୁମେ ତ ପରାଣ ଧନ ॥ ୩ ॥

ପାସୋରା ବୁକୁରେ ପାଷାଣର ଗାରେ
'ତୁମେ ମୋର' ବୋଲି ଅଲିଭା ଅକ୍ଷରେ-
ଗାରି ଦିଅ ଖାଲି କରୁଣା ସାଗରେ
ଏତିକି ମୋ ନିବେଦନ ॥ ୪ ॥

❀❀❀

# ନିବେଦନ

ହେ ଦେବତା ! ଏତିକି ମାଗୁଣି ଖାଲି
ଘୁମର ଅମଳ ତୁଟାଇ ଦିଅ ହେ
ଚାହିଁବି ନୟନ ମେଲି ॥ ୦ ॥

ପିତା ପରା ତୁମେ ନ ହୁଅ ନିଠୁର
ଭେଟିବି ବୋଲି ମୁଁ ନିରତ ଆତୁର
ଆଶିଷ ତୁମର ପାଉଛି ସତତ
ଖୋଜେ କାହିଁ ତୁମେ ବୋଲି ॥ ୧ ॥

ରହି ଦୂରେ ଦୂରେ ଅଗୋଚର କାହିଁ
ସୁଖ ଦୁଃଖ ଭଲ ମନ୍ଦ ବୁଝ ସାଇଁ
ଦେଖି ତ ନ ପାରେ ଆଖିରେ ମୋହର
ଭରିଛି ମୋହର ବାଲି ॥ ୨ ॥

ଏ କି ଜାତି ପ୍ରେମ ବୁଝି ତ ନ ପାରେଁ
କଳନାକୁ ଜ୍ଞାନ, ବୁଦ୍ଧି, ମତି ହାରେ
ଛଳନା ନ କର, କରୁଣାମୟ ହେ
ଝୁରି ଝୁରି ନିତି ମଲି ॥ ୩ ॥

❀❀❀

# ମାଗୁଣି

ଅନ୍ଧାରି ଜୀବନ ମେଘେ ତୁମ ଧ୍ରୁବତାରା ତ
ଦରଶାଅ ପଥ ମୋରେ ହେଲେ ପଥ ହରା ତ ॥ ୦ ॥

ରବି, ଶଶୀ, ଗ୍ରହ, ତାରା
ତୁମରି କିରଣେ ଭରା
ପରାଣର ସାଥୀ ଏକା ତୁମେ ସିନା ଚିର ତ ॥ ୧ ॥

ତୁମେ ମାତା, ତୁମେ ପିତା
ତୁମେ ବନ୍ଧୁ ତୁମେ ତ୍ରାତା
ତୁମ ବିନେ ସାହା କେହି ନାହିଁ ପ୍ରଭୁ ମୋର ତ ॥ ୨ ॥

ତୁମେ ବରାଭୟ ଦାତା
ତିନି ଭୁବନ କରତା
ଜୀବନ ମରଣ ସବୁ ବିଧାନ ତୁମର ତ ॥ ୩ ॥

ଯାବତ ଜୀବନ ଭାର
ଭେଟୁଛି ମୁଁ ଘେନା କର
ଚରଣେ ଶରଣ ଦିଅ ଗତି ଅଗତିର ତ ॥ ୪ ॥

❀❀❀

# ମାଗୁଣି

ଗୁହାରି ମୋ ଶୁଣ ଠାକୁର !
ଜଣାଉଛି ଯୋଡ଼ି ମୁଁ କର ॥ ୦ ॥

ତୁମେ ଏକା ରାଜା ମୋର
ମୁଁ ଚିର କିଣା କିଙ୍କର
ତୁମ ଗୁଣ ଗାଇବାକୁ କଣ୍ଠରେ ମୋ ଦିଅ ସୁର ॥ ୧ ॥

ଚିତ୍ତର ଚିନ୍ତା ସାଉଁଟି
ପ୍ରାଣର ଯେତେ ଭକତି
ଜୀବନ ସୂତାରେ ଗୁନ୍ଥି ଭେଟି ଦେବି କରି ହାର ॥ ୨ ॥

ଦୁଆରେ ତୁମର ରହି
ଥିବି ଶିରୀମୁଖ ଚାହିଁ
ଆହେ କରୁଣା ନିଧାନ ! ବାଞ୍ଛା ମୋ କର ପୂରଣ ॥ ୩ ॥

ନଉକରି ହେଉ ମୋର
ତୁମ ପଦ ସେବିବାର
ଏତିକି କେବଳ ଭିକ୍ଷା ନିରତ ଗୁରୁ ଦାସର ॥ ୪ ॥

❀❀❀

## ମାଗୁଣି

ଦୟାମୟ ! ଘେନ ଗୁହାରି
ଦିଅ ମୋତେ ତୁମ ପ୍ରେମ ପାଗଳ କରି ॥ ୦ ॥

ପଲକ ପାସୋରା ହେଉ
ଆଖି ତୁମ ରୂପ ଚାହିଁ
ବାଉଳା କର ହେ ମୋତେ
ସରଗ ଶୋଭା ଦେଖାଇ
ତୁମ ନାମ ଗୀତ-ସୁର କାନରେ ମୋ ଦିଅ ଭରି ॥ ୧ ॥

ହାତକୁ ଚଳାଅ ମୋର
ତୁମରି ଚରଣ ତଳେ
ଭୋକ ଶୋଷ ମେଣ୍ଟିଯାଉ
ପିଇ ନାମ କୃପା ଜଳେ
ସୁଖ, ଦୁଃଖ ଏକା ହେଉ ତୁମରି ଦାନ ସୁମରି ॥ ୨ ॥

ଯାହା ତୁମେ କର ସବୁ
ମୋହରି ମଙ୍ଗଳ ପାଇଁ
ତୁମ ବିନେ ନ ମାଗିବି
କାହାକୁ ହାତ ପତାଇ
ଶୟନେ ସ୍ୱପନେ ଖାଲି ତୁମ ଲାଗି ହେବି ଝୁରି ॥ ୩ ॥

***

# ମାଗୁଣି

ଦୁଃଖ ଘରେ ଯେବେ ତୁମରି ଆଲୁଅ ଜଳେ
ସୁଖର ଉଆସ ଲୋଡ଼ା ନାହିଁ ମୋର ତିଳେ ॥ ୦ ॥

ହୋଇଥିଲେ ହେଉ ଅମା ଅନ୍ଧାରିଆ ରାତି
ଥିଲେ ଥାଉ ପଛେ ବଣ ଜନ୍ତୁଙ୍କର ଭୀତି
ତୁମେ ଅଛ ମୋର କାହିଁ ପାଇଁ ଡର
ନିରିଭୟ ତୁମ ବଳେ ॥ ୧ ॥

ଟୋପିଏ ପାଣିକି ଭରସା ନ ଥିବ ମୋର
ରୋଗେ ଶୋଷେ ପଡ଼ି ହେଉଥିବି କଲବଲ
ପଶରା ନ ଥିବ କାହାକୁ, ତୁମର
କର ମୋ ମଥାରେ ଥିଲେ ॥ ୨ ॥

ଗୋଟିଏ ମାଗୁଣି ଅଛି ଖାଲି ଶୁଣ ଦିଅଁ
ସାଥୀ ଛଡ଼ା କରି ଦୂରରେ ମୋର ନ ରହ
ମନ ବଳ ଦିଅ, ମାଗୁଥିବି ସଦା
ବସିଛି ମୁଁ ବାପ କୋଳେ ॥ ୩ ॥

❀❀❀

# ମାଗୁଣି

ବନ୍ଧୁ ହେ ! ଆଉ ତ ଛାଡ଼ିବି ନାହିଁ
ବୁକୁ ଚିରି ତୁମେ ବସିବା ପାଇଁକି
ଆସନ ରଚିବି ମୁହିଁ ॥ ୦ ॥

ଶୀରିମୁଖ ତବ ନେତ୍ର ଦେଖୁଥିବ
ଆନେ ମୋର ଆଶ ନାହିଁ
ତୁମକୁ ହେରି ମୁଁ ବିଧାତାର ବରେ
ଆନରେ ନୋହିବି ବାଇ ॥ ୧ ॥

ବାନ୍ଧିବି ତୁମର ଚରଣ ଯୁଗଳ
ପୀରତିର ଡୋରି ଦେଇ
ଦେଖିବି କାହାର ଅଛି କେତେ ବଳ
ମୋ'ଠାରୁ ନେବ ଛଡ଼ାଇ ॥ ୨ ॥

ଅତି ଯତନରେ ରତନ ଲଭି ମୁଁ
ପାରିଲି ନାହିଁ କୋଳାଇ
ପାପ ଚିତ୍ତ ମୋର ସତତ ଚଞ୍ଚଳ
ସାହା ହୁଅ ଭାବଗ୍ରାହୀ ॥ ୩ ॥

❀❀❀

# ମାଗୁଣି

ମନ ଗୁହାରି ମୋର ଘେନା ହେଉ ଠାକୁର !
ଗାଉ ଥିବି ତୁମ ଗୁଣ ନିଶି ବାସର ॥ ୦ ॥

ହୃଦୟ ବୃନ୍ଦାବନେ- ବିରଚି ସିଂହାସନ
ତୋଳି ମନ-ସୁମନ କରି ଅତି ଯତନ
ଚରଣେ ଭେଟି ଦେବି ତୁମର ॥ ୧ ॥

ପତି ବିନେ ଯେସନ ସତୀ ନ ଜାଣେ ଆନ
ତୁମେ ଏକା ତେସନ ମୋର ଜୀବନ ଧନ
ତୁମ ବିନେ ସଂସାର ଅନ୍ଧାର ॥ ୨ ॥

ତୁମ ପୟର ଧୂଳି, ପ୍ରୀତି- ସଲିଳେ ଗୋଳି
ମଥାରେ ହୋଇ ବୋଳି, ନାଚିବି ମାରି ତାଳି
ଲାଜ ମାନ ମୋ ଯିବ ପାସୋର ॥ ୩ ॥

ଚରଣ ତଳେ ମୋତେ, ଠାବ ଦିଅ କିଞ୍ଚିତେ
ବିସୋରି ଏ ଜଗତେ, ସେବା ଅନୁବରତେ
ବରତ ହେଉ ମୋର ଜୀବର ॥ ୪ ॥

❀❀❀

# ମାଗୁଣି

ମନ ଗୁହାରି ଶୁଣ ମୋର ଜୀବନ-ଧନ !
ଆସ, ବସି ପାତି ରଖିଛି ହୃଦ-ଆସନ ॥ ୦ ॥

ପାସୋରିବି ମୁଁ ଦୁଃଖ
ହେରି ତବ ଶ୍ରୀମୁଖ
ଦଗଧ ଚିତ୍ତ ମୋର
ବିରହରେ କାତର
ହର ବିରହ-ବ୍ୟଥା ଦେଇ ଦର୍ଶନ ॥ ୧ ॥

ଲଭି ତବ ଆଶିଷ
କିବା ନିଶି ଦିବସ
ଶୁଦ୍ଧ ହେଉ ଏ ଜୀବନ
କର କଲ୍ୟାଣ ଦାନ
ଧନ୍ୟ ହେଉ ଏ ଛାର ମର ଜୀବନ ॥ ୨ ॥

ତବ ନାମ ମଧୁର
ଗାଉ ଏ କଣ୍ଠ ମୋର
ତବ ଆସନ ଯେବେ
ଆନେ ପୂଜିବି କେବେ
ପୋଡ଼ିଯାଉ ଏ ଦୀନହୀନ ପରାଣ ॥ ୩ ॥

❀❀❀

# ମାଗୁଣି

ମୁଖ ମୋ ଫିଟିବ ଯେବେ
ରଟିବ କେବଳ ପ୍ରଭୁ ! ତୁମରି ନାମଟି ତେବେ ॥ ୦ ॥

ମାଗୁନାହିଁ ଦିଅ ଧନ ବା ରତନ
ସହଜେ ତ ମୁହିଁ ଅତି ଅକିଞ୍ଚନ
ବଳଦିଅ ତୁମ ନାମ ଗାଇବାକୁ
ଯେତେ ଦିନ ଥିବି ଭବେ ॥ ୧ ॥

ସୁଖ ଅବା ଦୁଃଖ ଯାହା ଦେଲେ ଦିଅ
ତହିଁକି ଶୋଚନା ନାହିଁ ମୋର ଦିଅଁ
ଗାଇ ତୁମ ନାମ, ତୁମ ଦାନ ବୋଲି
ବାରୁ ଥିବି ଅନୁଭବେ ॥ ୨ ॥

ଯାହା ମୁଁ ଚିନ୍ତଇଁ ଯାହା ମୁଁ କରଇ
ବ୍ରତୀ ହେଉଥିବି ତୁମ ନାମ ଗାଇ
ଗୁରୁଦାସ ହୀନ ମାଗଇ ଏଥକୁ
ଗୁରୁ ହେ ! କରୁଣା ଲବେ ॥ ୩ ॥

❀❀❀

# ମାଗୁଣି

ହେ ନିଗମାନନ୍ଦ ! ମୋର ପରାଣ ଠାକୁର
ଦିବାନିଶି ସୁମରଇ ନାମଟି ତୁମର ॥ ୦ ॥

ଅପରୂପ ରୂପ ଶିରୀ
ଦେଖଇ ଆନନ୍ଦ ଭରି
ସେଇ ଛବି ଚିତ୍ତାକାଶେ ଭାସଇ ମୋହର ॥ ୧ ॥

ତୁମର ଅଭୟ ବାଣୀ
ଦିଏ ସୁଧା ଧାରା ବୁଣି
ମୃତ ପରାଣରେ ଚିର ଅମୃତ ପ୍ରକାର ॥ ୨ ॥

ଘେନ ପ୍ରଣତି ମୋହର
ସକଳ ସନ୍ତାପ ହର
ଜୟଗୁରୁ ଜୟଗୁରୁ କଣ୍ଠ ଗାଉ ମୋର ॥ ୩ ॥

❀❀❀

# ଆତ୍ମାନୁଚିନ୍ତା

ଆପଣାର କରି କିଏ ସେ ଚାହିଁବ ମୋତେ ?
ଚଉଦିଗେ ଖାଲି ଦେଖେ ସୁଖସାଥୀ ଯେତେ ॥ ୦ ॥

ଗତିହୀନ ଜନପାଇଁ
ସାହା କାହିଁ ଦିଶୁ ନାହିଁ
ଆହା ପଦେ କହି ଆଖି ଲୁହଧାର
ପୋଛି ଦେବାକୁ ପଣତେ,
ତୁମ ବିନା ଆଉ କିଏ ଅଛି ଏ ଜଗତେ ? ॥ ୧ ॥

କାତରେ ଡାକୁଛି ସାଇଁ,
ରାହା ନ ଦିଶଇ କାହିଁ
ଘେରିଆସେ ଘନ ଘୋର ଅନ୍ଧକାର
ଝଡ଼ ଝଞ୍ଜା ତୁଲେ ସତେ
ଦୀପ ଜାଳିଦିଅ, ଜଣାଏଁ ଦୀନ ଆରତେ ॥ ୨ ॥

ସଂସାର-ତାପେ ତାପିତ
ଚଞ୍ଚଳ ସତତ ଚିତ୍ତ
ଶରଣ ଦିଅ ହେ ଜଗତ-ତାରଣ
ଡାକୁଛି ଅନୁବରତେ
କରୁଣା-ନୟନେ ଅନାଏଁ ଏ ଅନୁଗତେ ॥ ୩ ॥

❋❋❋

# ଆତ୍ମାନୁଚିନ୍ତା

ଏ ବାଉଳା ! ଚିହ୍ନିରଖ, ଅନାଥର ସେ ଯେ ନାଥ
ଶିରୀମୁଖରୁ ତା' ଝରେ ସୁଧା ଧାର
ମାଗ ତୁ ପତାଇ ହାତ ॥ ୦ ॥

ସୁଖ, ଦୁଃଖ ଯେତେ ଆସୁ ତୋ ଜୀବନେ
ପସରା ତିଳକ ନ ରଖି ତୁ ମନେ
ଦିଅରେ ଅଜାଡ଼ି ସବୁ ତା' ଚରଣେ
ନୁଆଁଇ ନିତି ତୋ ମାଥ ॥ ୧ ॥

ପାସୋରି ଦିଅ ତୁ ଆଖିର ପଲକ
ରବିରେ, ଶଶୀରେ ହେର ତା' ଝଲକ
ଚାନ୍ଦ ମୁଖେ ତା'ର ଭରିଛି ପୁଲକ
ଉଚ୍ଛୁଳାଇ ଦେବ ଚିତ୍ତ ॥ ୨ ॥

ଜାକି ଧର ରଙ୍ଗ ଚରଣ ଯୁଗଳ
ଡାକି ନାମ ମାଗ, କରୁଣା କେବଳ
ଫାଙ୍କି ଆନ ଯେତେ ଦିଶେ ଝଲମଲ
ଭାଇ-ବନ୍ଧୁ-ଦାରା-ସୁତ ॥ ୩ ॥

ଆଖିରେ ତା'ର ତୁ ମିଶାଇ ଦେ ଆଖି
ସପନ ଚେତନ ସବୁରି ସେ ସାକ୍ଷୀ
ଯିବା ବେଳେ ଉଡ଼ି ତୋର ପ୍ରାଣପକ୍ଷୀ
ମଣାଇ ନେବେ ସେ ପଥ ॥ ୪ ॥

# ଆତ୍ମାନୁଚିନ୍ତା

କଥା ଦେଇ ଦେଉଛୁ ପାସୋରି
ଏଡ଼େ ଭୁଲାମନ ହେଲୁ ସତେ ତୁ କିପରିରେ ? ॥ ୦ ॥

ଆସିବା ବେଳେ କହିଛୁ ଭୁଲିଯିବୁ ନାହିଁ
ତୁ ତାଙ୍କ ପଦ ସେବକ ସେ ତୋହର ସାଇଁ
ଦୁନିଆଁକୁ ଆସି ମନୁ ଦେଲୁ ଦୂର କରିରେ ॥ ୧ ॥

ଚିଦାନନ୍ଦମୟ ସେ ଯେ ନିତ୍ୟ ସନାତନ
ଗୁରୁ ରୂପେ ବିରାଜିତ ସେହି ଭଗବାନ
ଗତି ମୁକତି କାରଣ ସବୁ ସେ ତୋହରିରେ ॥ ୨ ॥

ଆଶେ ପାଶେ ଘଟେ ଘଟେ ଅଦେଖାରେ ଥାଇ
ସୁଖ, ଦୁଃଖ ଭଲ ଭେଲ ସବୁ କରେ ସେହି
ନ ଖୋଜି ତାହାଙ୍କୁ ହେଉ ତୁ ବାଉଳା ପରିରେ ॥ ୩ ॥

❀❀❀

# ଆତ୍ମାନୁଚିନ୍ତା

ଗୁରୁ ପାଦ ପଦ୍ମେ ଚିତ୍ତ ଥାଉରେ
କୋଟି ଜନ୍ମର କଲ୍ମଷ ଯାଉ ॥ ୦ ॥
ଏ ଭବ ସାଗରେ ଅଥଳ ଜଳ
ଗୁରୁ ପାଦପଦ୍ମେ ମିଳଇ ଥଳ
କାମ କ୍ରୋଧ ଆଦି ରିପୁ କବଳରୁ
ଯାହା ଯୋଗେ ରକ୍ଷା ପାଉରେ ॥ ୧ ॥
ଦ୍ୱୈତ ଭାବ ତୋର ହୁଅଇ ଦୂର
ଏକ ପୂର୍ଣ୍ଣ ବ୍ରହ୍ମ ହୁଏ ଗୋଚର
ଯୋଗ ପଥେ ତୋତେ ଦେଖାଇ ଦିଅନ୍ତି
ଆତ୍ମ ଜ୍ୟୋତି ଦାଉ ଦାଉରେ ॥ ୨ ॥
ଗଙ୍ଗା, ଗୟା, କାଶୀ, ପ୍ରୟାଗ, ପୁରୀ
ବୃଥା କେତେ ତୀର୍ଥ ଆସିଲୁ ଘୂରି
ଗୁରୁପଦ ଭୁଲି ବହି ଜଟା ଝୁଲି
ବୃଥା କେତେ କଷ୍ଟ ପାଉରେ ॥ ୩ ॥
ପଢ଼ି ଗୀତା, ବେଦ, ପୁରାଣ, ନୀତି
ତର୍କେ ଦିନ ତୋର ଯାଉଛି ବିତି
ଅସଲ ହଜାଇ ନକଲରେ ମାତି
ପଣ୍ଡିତ ପଣ ଦେଖାଉରେ ॥ ୪ ॥
ଗୁରୁ ବାକ୍ୟେ ସର୍ବ ବେଦର ସାର,
ଗୁରୁ ପଦ ତୀର୍ଥ ମୁକତି ଦ୍ୱାର
ସବୁ ନାମ ତେଜ ଗୁରୁ ନାମ ଭଜ
ଅଛ ଯେତେ ଦିନ ଆଉରେ ॥ ୫ ॥

# ଆତ୍ମାନୁଚିନ୍ତା

ଚରଣେ ତଳେ ତବ ଶରଣ ମାଗେ ନିତି
ବିତର କରୁଣା-ପୂତ ବାରି
ଆଶିଷେ ତବ ପ୍ରଭୁ ! ହେଲେ ମରଣ ଲଭୁ
ଅହି ସରି ବିଷୟା-ଭଗାରି ॥ ୦ ॥

ଅନୁଦିନ ଏ ମନ କରୁ ତବ ଚିନ୍ତନ
ନୋହି ଅସତ ପଥଚାରୀ
ଅନ୍ତରୁ କରି ଦିଅ ଅନ୍ତ ନିରନ୍ତର
ପାପ ହେ କଳ୍ମଷହାରୀ ! ॥ ୧ ॥

ଚଞ୍ଚଳ ମନ ଚିର ଜ୍ଞାନ ଦାନ କର
ହେ ଭବ-ମଙ୍ଗଳକାରୀ
ପ୍ରଣତି ନିବେଦନ ଘେନ ହେ ବନ୍ଦନ
ଭବ ସାଗରୁ କରପାରି ॥ ୨ ॥

❀❀❀

# ଆତ୍ମାନୁଚିନ୍ତା

ଡାକି ନାହିଁ ନାଥ ଦିନେ
ଅନ୍ତର ଭରି ମୁଁ ନ ଡାକି ତୁମକୁ
ଡାକିଛି କେବଳ ମନେ ॥ ୦ ॥

ଏ ଡାକରେ ନାହିଁ ନାହିଁ କିଛି ଫଳ
ତେଣୁ ସିନା ସାରା ଜୀବନ ବିଫଳ
ଘୂରୁଛି ମୁଁ ଶୂନ୍ୟେ ପ୍ରାଣେ ॥ ୧ ॥

ଭାଷାରେ ନ ଥାଏ କେବେ ଅନୁରାଗ
ପରାଣରେ ଏକା ତୁମ ଅନୁରାଗ
ଅନୁଭବ ଏ ଜୀବନେ ॥ ୨ ॥

ବେଶ ଲୋଡ଼ା ନାହିଁ ଭୂଷା ଲୋଡ଼ା ନାହିଁ
ଯେ ପରାଣ ଲୋଡ଼ା ଦେଇଛି ମୁଁ କାହିଁ
ଗାଇ ନାହିଁ ତୁମ ଗାନ ॥ ୩ ॥

ବାରିଛି ମୁଁ ତୁମ ଠାରୁ ବଳି କେହି
ଏ ଜଗତେ ମୋର ସାହା ନାହିଁ କେହି
ପୂଜିତ ନାହିଁ ଚରଣ ॥ ୪ ॥

ଶିଖାଇ ଦିଅ ହେ ଗାଇଲେ କି ସୁରେ
ଯହିଁ ତହିଁ ଅବା ଥାଅ ଯେତେ ଦୂରେ
ପାଇବି ସେ ଦରଶନ ॥ ୫ ॥

# ଆତ୍ମାନୁଚିନ୍ତା

ଦୀନବନ୍ଧୁ ହେ ! କେତେ ଭାବୁଛି ମନେ
କିକରି ତୁମକୁ ବସାଇବି ପ୍ରଭୁ
ମଳିନ ଏ ମୋର ମନ ଆସନେ ॥ ୦ ॥

ଆନ ମନେ ତୁମକୁ ଯେବେ
ଅନାଏଁ ମୁଁ ପ୍ରଭୁ ହେ ତେବେ
ପ୍ରେମେ ଭୋଳ ହୋଇ ଆପଣାକୁ ଆପେ
ପାସୋରି ଯାଏ ତ ମୁହିଁ ଜୀବନେ ॥ ୧ ॥

ନିରେଖି ସେ ରୂପ ଥରେ
ପ୍ରେମ ନୀର ନୟନୁ ଝରେ
ବଚନ ମୁଖରୁ ନ ଫିଟଇ ଖାଲି
ଚାହିଁ ରହିଥାଏ ଥକା ନୟନେ ॥ ୨ ॥

ପୂରି ଉଠେ ହୃଦୟ ମୋର
ବହିଯାଏ ଆନନ୍ଦ ନୀର
ଗଭୀର ପ୍ରେମର ତରଙ୍ଗରେ ବୁଡ଼ି
ଖୋଜି ବୁଲେ ଖାଲି ନାଉରି ଜଣେ ॥ ୩ ॥

❋❋❋

# ଆତ୍ମାନୁଚିନ୍ତା

ବାଉଳା ମନ, ଏଣେ ତେଣେ ବୁଲୁ ଅକାରଣ ॥ ୦ ॥

ଭଣ୍ଡାରେ ସାଇତା ତୋର କୁବେର ମଣି କାଞ୍ଚନ
ପରମ ପରଶମଣି ଜାଣୁ ଜାଣୁ ତୁ ଅଜାଣ
ଖୋଜିଲା ପରି ଖୋଜିଲେ, ପାଇବୁ ସିନା ରତନ ॥ ୧ ॥

ବିଚାରୁ ଯିବୁ ତୁ ବୋଲି ତ୍ରିବେଣୀ ସ୍ନାହନ କରି
ତ୍ରିବେଣୀ ଧାରା ନିରତ ବହେ ତୋ ଅନ୍ତର ଭରି
ଅଣହେଲା କରି ମନ ମୁଦି ଦେଉ ତୁ ନୟନ ॥ ୨ ॥

ବାଟ ବଣା ହୁଅ ନାହିଁ ଗୁରପଦ ଧର (ମନ)
ରାହା ବତାଇ ସେ ଦେବେ କି ଭାବନା ତୋର ?
ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ପତିତ-ପାବନ ॥ ୩ ॥

❀❀❀

# ଆତ୍ମାନୁଚିନ୍ତା

ବିଚାରୁ ତୁ ବଇରାଗୀ ହେବୁ ?
ସେ ତ ସହଜ ନୁହେଁରେ ବାବୁ ॥ ୦ ॥

ବିଳାସ ବାସନା, ବିଷୟ କାମନା ତେଜି ଏ ଦୁର୍ଗୁଣଚୟ
ପ୍ରେମ ଅନୁରାଗୀ, ଜିତେନ୍ଦ୍ରିୟ ଯୋଗୀ ହୋଇ ଶାନ୍ତି ନିରିଭୟ
ପୁଣି ଆପଣାରେ ପାସୋରିବୁ ॥ ୧ ॥

ଜ୍ଞାନ, ଭକ୍ତି, ଯୋଗ ଏକତ୍ର ସଂଯୋଗ କରି ତୁ ସାଧନ କର
ନିଃସଙ୍ଗ ନିଷ୍କାମ ଭାବେ ଅବିରାମ ପାଳନ କର ସଂସାର
ସୁଖେ ପ୍ରେମ ରସ ପିଉଥିବୁ ॥ ୨ ॥

ସାଧୁଜନ ସଙ୍ଗେ ଉତ୍ତମ ପ୍ରସଙ୍ଗେ ସୁଖରେ ତୁ କାଳ ହର
ଜଗତ ସୁଅରେ ଆନନ୍ଦ ମନରେ ବୁଡ଼ି ରହ ନିରନ୍ତର
ନିଜ ସର୍ବସ୍ୱ ବରଜି ଦେବୁ ॥ ୩ ॥

❀❀❀

# ଆତ୍ମାନୁଚିନ୍ତା

ମନ ସେଦିନ କଥା ଥରେ ବିଚାର କର
ଛାଡ଼ି ଯିବୁ ଯେବେ ବାବୁ ଦୁନିଆଁ ଘର ॥ ୦ ॥

କଥା କହୁଥିବେ ସବୁ
ତୁହି ତୁଣ୍ଡ ମୁଦିଥିବୁ
ଦେଇ ନ ପାରିବୁ ପଦେ ହେଲେ ଉତ୍ତର ॥ ୧ ॥

ଜୀବନର ତୋର ମାୟା
ଯାହା ପ୍ରତି ଆରେ ବାୟା
ସେ ମୁଖ ଅନାଇ ହେଉଥିବୁ କାତର ॥ ୨ ॥

କିଏ ମଥା ପିଟୁଥିବ
କିଏ ବାହୁନି କାନ୍ଦିବ
କାନ, ମନ, ଦେହ ତୋର ହେବ ପଥର ॥ ୩ ॥

ପଦେ କଥା ମୋର ଶୁଣ
ତେଜ ଟାଣ ଅଭିମାନ
ଆଜ ହୁଁ ସତ୍ୟ ଧର୍ମ ତ୍ୟାଗ ସୁମର ॥ ୪ ॥

❀❀❀

# ଆତ୍ମାନୁଚିନ୍ତା

ରାହା ଦେଖାଅ ମୋତେ ଦୟାସାଗର !

ପାସୋରି ରହିଥିଲି ଠାକୁର ॥ ୦ ॥

ପିତା ଅବା ମାତା, ଭାଇ ବନ୍ଧୁ ସୋଦର

ବତାଇ ଦିଅ ଠାକୁର କିଏ ସେ ମୋର

ତୁମ ରୂପ ନ ଦେଖି, କେସନେ ରହିବିକି

ତୁମ ବିନୁ କେ ସାହା, ନାହିଁ କରିବ ଆହା

ଭରିଛି ଚଉଦିଗେ ଅନ୍ଧାର ॥ ୧ ॥

ଅନିତ୍ୟ ଏଇ ସଂସାରେ ତୁମକୁ ଭୁଲି

ମୋହ ପାରାବାରେ ମୁହିଁ ବୁଡ଼ି ତ ଥିଲି

ଏବେ ବାରୁଛି ମୁହିଁ, ମୋର ତ କେହି ନାହିଁ

କିଏ ବୋଲିବ ମୋର, ସଭିଏଁ ସାତ ପର

ପାରିକର ଏ ଭବ ସଂସାର ॥ ୨ ॥

ତୁମପରି ପ୍ରାଣବନ୍ଧୁ ନାହାନ୍ତି ଆଉ

ଇହ ଅବା ପରକାଳେ ପାଇବି କାହୁଁ ?

ମାଗେ ଅଧମ ଦାସ, ଚରଣ ତଳେ ବାସ

ନ କର ହେ ନିରାଶ, ପୂରାଅ ମନ ଆଶ

ଜଣା କରୁଛି ଧରି ପୟର ॥ ୩ ॥

କରୁଣା ସାଗର ବୋଲି ଉଡ଼େ ପତାକା

ନିଠୁର ହେଲକି ମୋହ ବେଳକୁ ଏକା ?

ଜଗତେ ପାପୀ ଜନେ, ଲଭି ତୁମ ଶରଣ

ଗାଇ ତୁମରି ନାମ ହେଲେ ସରବେ ଧନ୍ୟ

ମୁଁ ହେଲି ଭଗାରି କି ତୁମର ? ॥ ୪ ॥

# ଆତ୍ମାନୁଚିନ୍ତା

ସୁଖ ପାଏ ପ୍ରଭୁ ! ତୁମକୁ ଯେହୁ ଅନ୍ତର ଖୋଲି
ବାସନା ଯାହାର ତୁମରି ପଦ ସେବିବ ବୋଲି ॥ ୧ ॥

ନାମ ଶୁଣି ଯେହୁ ହୁଅଇ ହୃଦେ ଆନନ୍ଦ ଅତି
ତୁମ ବିଚ୍ଛେଦରେ ମରଣ ଯା'ର ଭରଇ ଛାତି ॥ ୨ ॥

ସଂସାରର ଭୋଗ ବିଳାସେ ମନ ନ ମାନେ ଯା'ର,
ଦରଶନ ଯାଏ ପାସୋର ଯା'ର ଘର ସଂସାର ॥ ୩ ॥

ମାତା କୋଳେ ଶିଶୁ ପରାୟେ ଭାସେ ଆନନ୍ଦ ନୀରେ
ତୁମରି ଆଦେଶ ପାଳନେ ଶ୍ରଦ୍ଧା ଥାଇ ମନରେ ॥ ୪ ॥

ଏ ଧିଆନ ଏହି ଧାରଣା ହୃଦେ ରହୁ ମୋ ଚିର
ଚରଣ ତଳରେ ପ୍ରଣମି ଏତେ ମାଗେ ଠାକୁର ॥ ୫ ॥

❀❀❀

## ଆତ୍ମାନୁଚିନ୍ତା

ହୋଇ ବିଷୟର କୀଟ, କେତେ କାଳ ଥିବୁ ଆଉ ?
ପାପ ପଙ୍କେ ବୁଡ଼ି ସଢ଼ି ଯାଉ ତୁ କି ଜାଣୁ ନାହୁଁ ? ॥ ୦ ॥

ସୁଖ, ସୁଖ, ସୁଖ ବୋଲି ଖୋଜି ବୁଲୁ ଜଗ-ସାରା
ଗୁରୁ ବିନେ ତୋ ଜୀବନେ ସୁଖ କିଏ ଦେବ ଭଲା ?
ଦୁନିଆଁ ହାଟରେ ବୁଲି ଏବେ ହେଲେ ବୁଝ ଭାଉ ॥ ୧ ॥

ଯେତିକି ଯେତିକି ମନେ କଳପୁ ଥିବୁ ବାସନା
ସେତିକି ସେତିକି ତୋର ବଢୁଥିବଟି ଭାବନା
ପିତାର ସୁପୁତ୍ର ହୋଇ, ହେଜ ଏବେ ବେଳ ଥାଉଁ ॥ ୨ ॥

ଶାନ୍ତି ଯେବେ ଖୋଜୁଁ, ତେବେ ଚିନ୍ତା, ଭାବନା ବରଜ
ପ୍ରେମର ବିଭୂତି ମାଖି, ଭକତି ମନେ ସରଜ
ଜଳେ ମୀନ ସରି ରହି, ସଂସାରେ ତୋ ଦିନ ଯାଉ ॥ ୩ ॥

ସରବେ ହୁଅନ୍ତୁ ସୁଖୀ, ହୁଅନ୍ତୁରେ ନିରାମୟ
କିବା ଦିବା କିବା ନିଶି, ଏତିକି ଚିନ୍ତୁ ହୃଦୟ
ପର ସୁଖେ ସୁଖୀ ହୋଇ, ଗୁରୁ ନାମ ମୁଖେ ଗାଉ ॥ ୪ ॥

❀❀❀

# ଆକ୍ଷେପ

କାହିଁକି ଏ ଛଳ କହ ପ୍ରିୟବର ! ବୁଝି ତ ପାରେ ନା ମନ ମୋର
ଅନ୍ତର ମଝିରେ ଖେଳ ଲୁଚକାଳି
କାହିଁକି ସତେ ଏ ଛଳ କର ? ॥ ୦ ॥

ମନ ଘରେ ଫୁଟେ ତୁମ ଛାଇ
ଆଖିରେ ଛବିର ଭେଟ ନାହିଁ
ବାରୁଛି ମୁଁ ତୁମେ ମନ ମନ୍ଦିରେ ମୋ
ନିଶିଦିନ ବସି, ଖେଳା କର ॥ ୧ ॥

ମୋତେ ତୁମେ ସୁଖ ପାଅ ବୋଲି
ଅନୁଭବ କରେ ନିତି ଖାଲି
ଆଶିଷ ତୁମର ଚଲା ପଥେ ମୋର
ବାରି ମୁଁ ପାରୁଛି ଅନିବାର ॥ ୨ ॥

ଛଳନା କାହିଁକି କର ଆଉ ?
ଦିଅ ପରିଚୟ ଖେଦ ଯାଉ
କିଏ ତୁମେ ମୋର ଜନନୀ, ପିଅର
କି ବୋଲି ଡାକିବି ମନ ଚୋର ॥ ୩ ॥

ଯାହା ଇଚ୍ଛା ତୁମେ ହୁଅ ତାହା
ସୁଖରେ ଦୁଃଖରେ ହୁଅ ସାହା
ଯାହା ପଛେ ହୁଅ ସମ୍ବନ୍ଧରେ ମୋର
ତୁମେ ଏକା ମୋର, ମୁଁ ତୁମର ॥ ୪ ॥

❀❀❀

# ଆକ୍ଷେପ

କି ଫଳ ସାଧନେ କି ଫଳ ଭଜନେ
ତପ ଆଚରିବି କାହିଁ ପାଇଁ ?
ଅଭୟ ଚରଣ ତଳେ ତ ଶରଣ
ଘେନିଛି, ଭାବନା କାହିଁ ପାଇଁ ? ॥ ୦ ॥

ମୋର ମୋର ବୋଲି ଯାହା ମୁଁ କହୁଛି
କେଡ଼େ ଅବିବେକି ପଣ ମୋର ଛି ଛି ?
ମୁଁ ପରା ତୁମର ଚିର ନଉକର
ବାଉଳା ହେଉଛି କାହିଁ ପାଇଁ ? ॥ ୧ ॥

ତୁମ ଚରଣର ଅମୃତ କଣିକା
ଜୀବନେ, ଜନମେ ଆଶା ମୋର ଏକା
ଦି' ଦିନର ଭବ ମାୟା ମୋହ ଭୋଗ
ଶରଧା ତହିଁକି କାହିଁ ପାଇଁ ? ॥ ୨ ॥

ତୁମେ ତ' ମୋହର ପରାଣର ପତି
ତୁମେ ତ ନାଥ ହେ ଅଗତିର ଗତି
ସବୁ ତ ଅରପି ଦେଇଛି ଠାକୁର
ଭୁଲାଉଛ ଭଲା କାହିଁ ପାଇଁ ? ॥ ୩ ॥

❀❀❀

# ଆକ୍ଷେପ

ଜନମୁଁ ମରଣ ଭଲ
ସୁମରି ତୁମରି ନାମ ଯେବେ ମୋର
ନ ଝରିଲା ଆଖି ନୀର ॥ ୦ ॥

ରସନା ଯେବେ ଗୋ ତୁମରି ନାମ ନ ରସେ
ସଞ୍ଜ ସକାଳେ ରହେ ଆନ ରସ ବଶେ
କରୁଣା ତୁମରି ଊଣା ବୋଲି ପ୍ରିୟ
ବୁଝିବି ସିନା ସକଳ ॥ ୧ ॥

ମନ ଯେବେ ମୋର ନ ଭାବିଲା ତୁମ ପ୍ରେମ
ଅନୁଭବ ଯେବେ ନ କଲି ତୁମ କରମ
ପୋଡ଼ି ଜଳି ଯାଉ ସେ ମନ ମୋହର
ଜନମ ସାରା ବିଫଳ ॥ ୨ ॥

ତୁମ କମ ଛବି ଯେବେ ଘୁମେ, ଜାଗରଣେ
ନାଚି ନ ଉଠିଲା, ଏ ମୋର ପୋଡ଼ା ନୟନେ
ଆପଣାରେ ଭାଳି, ତୁମକୁ ପାସୋରି
ଦେହ ଧରି କେଉଁ ଫଳ ? ॥ ୩ ॥

❀❀❀

## ଆକ୍ଷେପ

ଜଣାଉଛି ଯୋଡ଼ି କର ହେ ଠାକୁର ! ଜଣାଉଛି ଯୋଡ଼ି କର
ଅକିଞ୍ଚନ ଜନ ବୋଲି ପାଦ ତଳୁ କରି ଦିଅ ନାହିଁ ଦୂର ॥ ୦ ॥

ବୁଝି ତ ନ ପାରେ ତୁମେ କାହିଁ ପାଇଁ
ଧରା ଦେଇ ପୁଣି ଧରା ଦିଅ ନାହିଁ
ଯେତେ ଅପରାଧ କଲେ ମୁହିଁ ପରା ତୁମ ପୟର କିଙ୍କର ॥ ୧ ॥

ବିଜୁଳି ଝଲକେ ପରି ଥରେ ଥରେ
ତୁମ ରୂପ ଫୁଟି ଲିଭେ ଏ ଆଖିରେ
ଘେରି ଆସେ ପଲକରେ ଏ ଜୀବନ ଆକାଶରେ ଘନ ଘୋର ॥ ୨ ॥

ଅତଉଲ ତୁମ ପ୍ରେମ ମୋହଠାରେ
ବଳ କାହିଁ ତୋଳି ରଖିବି ଛାତିରେ
କହିଦିଅ ଆଖି ପତା ତଳେ ମୋର କିପରି ରହିବ ଚିର ॥ ୩ ॥

ତୁମ ବିନେ ଆଖି ନ ଚାହିଁବ ଆନେ
ଜୀବଧନ କରି ରଖିବି ଜୀବନେ
ତୁମ କଥାରେ ମୁଁ ବିଷୟ ବାସନା ପଲକେ କରିବି ଦୂର ॥ ୪ ॥

ଥରେ ଯେବେ ସଉଭାଗ୍ୟ ବଳେ ମୋର
ଦରଶନ ନାଥ ପାଇବି ତୁମର
ପଦଯୁଗ ଛନ୍ଦି ଧରିବି, ନ ଥିବ କାହିଁ ପଳାଇବ ବଳ ॥ ୫ ॥

ଛାଡ଼ି ଦେବି ଶୁଣି ମନ କଥା ମୋର
ମନମତ ଯେବେ ହୋଇବ ଠାକୁର !
ପାର କରିବ ଏ ଭବନଦୀ ମୂଲ ଦେଇ ନ ପାରିବି ତା'ର ॥ ୬ ॥

# ଆକ୍ଷେପ

ତୁମେ ଦୟାନିଧି ଥାଉଁ ଥାଉଁ ମୋର
ବିଫଳେ ଯିବ କି କାଳ ବହି ?
ମୋ'ଠାରୁ ବଳି ତ ସାରା ଦୁନିଆଁରେ
ଅପରାଧୀ ଆଉ କେହି ନାହିଁ ॥ ୦ ॥

ଭରମରେ ତୁମ ନାମ ବହି ନାହିଁ
ବିଜେ କର ତୁମେ ବିବେକ ଗୋସାଇଁ
କାନେ କାନେ ଶୁଣେ ନିତି, ମନରେ କାହିଁ ତ
କେବେ ମୁଁ ତୁମକୁ ଭାଳେ ନାହିଁ ॥ ୧ ॥

ଅନୀତି ମୋହର ଜୀବନର ସାଥୀ
ତୁମେ ତ ବୋଲାଅ ଅଗତିର ଗତି
ଦୟାନିଧି ବୋଲି ଗାଏ ଯାହା କ୍ଷିତି
ପାସୋରି ଦେଲ କି ମୋହ ପାଇଁ ॥ ୨ ॥

ଇଚ୍ଛାମୟ ତୁମେ ଯାହା ଇଚ୍ଛା କର
ଘେନା କର ପଦେ ପ୍ରଣତି ମୋହର
ଅନୁମତି ଦିଅ ଚରଣ ସେବାର
ଏଥକୁ ଏ 'ଗୁରୁଦାସ' ବାଞ୍ଛଇ ॥ ୩ ॥

❀❀❀

# ଆକ୍ଷେପ

ପରାଣ ମଧୁପ ନ ରସିଲା ଯେବେ କମଳ ଚରଣେ ତବ
କହ ଦୟାମୟ ! ଜୀବନରେ ଆଉ, କେଉଁ ସୁଖ ବଇଭବ ? ॥ ୦ ॥

ଅକଳନ ଧନ ଥାଇ ଅକାରଣ ନାହିଁ ତହିଁ ଲବେ ଲାଭ
ସେ ଧନେ ଅନାଇ ପରମ ରତନେ, ଯତନ ଯେବେ ନ ଥିବ ॥ ୧ ॥

ଅତି ଅଲିଅଳ କୋଳର ଦୁଲାଳ, କମଳ ମୁଖ ବିଭବ
ଥାଇ କିବା ଲାଭ ଯେବେ ତହିଁ ତବ ଶୀରିମୁଖ ନ ଫୁଟିବ ? ॥ ୨ ॥

ଏ ମନ ଗଗନେ ଯେବେ ତବ ପ୍ରେମ, ଶଶିକର ନ ହସିବ
ଛାର ସିନା ନଭ ଶଶାଙ୍କ ମୟୂଖ, ତିମିର ସରି ଦିଶିବ ॥ ୩ ॥

ସତୀ ନାୟିକାର ପ୍ରେମ ଅନୁରାଗେ, କାଳିମା ସିନା ସମ୍ଭବ
ତା' ପ୍ରେମ ହେମରେ ଯେବେ ତବ ପ୍ରେମ-ମଣି ଝଳି ନଦିଶିବ ? ॥ ୪ ॥

ମୋହ ପରମାଦେ ତବ ପଦେ ଯେବେ, ସଂଶୟ ତିଳେ ଘଟିବ
କୂଟ କାଳ ନାଗ ବିଷମ ଗରଳ ଦଂଶନରୁ ବଳି ଯିବ ॥ ୫ ॥

❀❀❀

# ସମର୍ପଣ

ଆଦର ଦିନେ ତ କରି ନାହିଁ ପ୍ରଭୁ, ପାଇଛି ତୁମର ଆଦର
ପ୍ରେମରେ ତୁମକୁ ଡାକି ନାହିଁ ଦିନେ, ବରିଛି ମୁଁ ପ୍ରେମ ତୁମର ॥ ୦ ॥

ଜାଣିଛି ମୁଁ ଦୂରେ ପଳାଇ ଯିବାର, ସ୍ନେହର ବନ୍ଧନ ତୁଟାଇ ତୁମର
ଭଲ କୁହା ତୁମ ଶୁଣିବା ପାଇଁ କି, କାନ ମୋ ପାଲଟେ ପଥର ॥ ୧ ॥

ଅକାଳେ ସକାଳେ କେବେ ଯେବେ ଦିନେ, ଡାକିବି ତୁମକୁ ବିଚାରଇ ମନେ
ବାରଆଡୁ ବାର କୁ ଚିନ୍ତା ଜାଗଇ, ଆଖି ମନ ଆଗେ ମୋହର ॥ ୨ ॥

ତେବେ କେ ବାରୁଛି ଏ ମୋର ହୃଦୟ, ତୁମେ ସ୍ନେହମୟ ତୁମେ ଦୟାମୟ
ଅତୁଳ ତୁମର ସୋହାଗ ଆଦର, ନାହିଁ ସୀମା କ୍ଷମା ଗୁଣର ॥ ୩ ॥

ଅଲିଭା ହରଷେ ତୁମ ସ୍ନେହ ଦାନ, ଇତିହାସେ ଲେଖା ରହୁ ଚିର ଦିନ
ଯାବତ ଜୀବନ ଥିବ ଏ ଭୁବନେ, ଅଲିଭା ହେଉ ଏ ମନର ॥ ୪ ॥

କରୁଣା ତୁମର ଆହେ କ୍ଷମାନିଧି, କିଏ ସେ ବର୍ଣ୍ଣିବ କାର ଏତେ ବୁଦ୍ଧି ?
ସହଜେ ହୀନ ମୁଁ ମୂଢ଼ ଠାରୁ ମୂଢ଼, କି ଗାଇବି ଗୁଣ ତୁମର ? ॥ ୫ ॥

ଦେଇ ଜାଣି ନାହିଁ କିଛି ହେ ଠାକୁର, ନବା ପାଇଁ ସଦାବେଳେ ମୁଁ ଆତୁର
ଦିଅ ଯେତେ ଦୁଃଖ ମାଗେ ଖାଲି ବଳ, ଦିନାନ୍ତେ ଥରେ ଡାକିବାର ॥ ୬ ॥

ଧନ, ଜନ, ସୁଖ କିଛି ଲୋଡ଼ା ନାହିଁ, ଖାଲି ତୁମ ପାଦେ ବିଶ୍ୱାସ ଗୋସାଇଁ
ଅପାସୋରା ରହିଥାଉ ଏ ଜୀବନେ, କୁବେର ସଂପଦ ସେ ମୋର ॥ ୭ ॥

# ସମର୍ପଣ

ଏତିକି ମାତର ମାଗିବାର
ପାଗଳ ହେବ ଏ ମନ ନାମ ଗାଇ ହେ ଠାକୁର ॥ ୦ ॥

ତୁମ ଭାଷା କହୁଥିବି
ବୁଝ ଯାହା ତା' ବୁଝିବି
ରସନା ମୋ ରଟୁଥିବ ନାମଟି ଖାଲି ତୁମର ॥ ୧ ॥

ଯହିଁ ମନ ତହିଁ ରଖ
ଦିଅ ସୁଖ ଦିଅ ଦୁଃଖ
ଆପଣାରେ ଭୁଲି ଆଖି ହେରିବି ରୂପ ତୁମର ॥ ୨ ॥

ତୁମରି ଆଶିଷ ଲଭି
ଅଭିମାନ ଭୁଲିଯିବି
ଦେହ ମନ ପ୍ରାଣ ଢାଳି ସେବିବି ତୁମ ପୟର ॥ ୩ ॥

❀❀❀

## ସମର୍ପଣ

ତୁ ଏକା ନାଉରିଆ ଅଥଳ ନୀରେ
ତୋ ବିନେ ନାହିଁ ଆନ
କେ ତରୀ ଲଗାଏ ତୀରେ ? ॥ ୦ ॥

ଏକେ ତ ମେଘଭରା ଅମାଘେରା ରାତି
ଏ ମେଘେ ନାହିଁ ତାରା ନାହିଁ ଚନ୍ଦ୍ରାବତୀ
ଉଉରା ପିଟେ ବାଆ, ପାଣି ଥରେ ଲହରୀରେ ॥ ୧ ॥

ଜାଣେ ନା କାହିଁ ଥାଉ କେତେ ଦୂରେ ଗାଆଁ
ଭରମେ ଥରେ ହେଲେ ଧରି ନାହିଁ ତୋ ନାଆଁ
ଶୁଣିଛି ଲୋକ ମୁଖେ ତୋ' ଘର ସବୁରି ଘରେ ॥ ୨ ॥

ସୁଖରେ ଖୋଜି ନାହିଁ ଡାକୁଛି ବିପଦେ ଆଜି
ମୋ ଟାଣ ଦମ୍ଭ ଯେତେ ସବୁତ ଗଲାରୁ ଭାଜି
ସଁପିଲି ପଦେ ପ୍ରାଣ ରଖ, ମାର ତୋ ଖୁସିରେ ॥ ୩ ॥

❊❊❊

# ସମର୍ପଣ

ନୟନ-ରଞ୍ଜନ ନୟନେ ନୟନେ
ଅଞ୍ଜନ ହୁଅ ହେ ମୋର
ମନ କୋଣେ ଲୁଚି ଖେଳ ଲୁଚକାଳି
ହୋଇ ତୁମେ ଚିତ୍ତ ଚୋର ॥ ୧ ॥

କଣ୍ଠ ତଟେ ନିଶିଦିନ ଝୁଲୁଥାଅ
ହୋଇ କଣ୍ଠ-ରତ୍ନ ହାର
ସୁବାସ ଅଗୁରୁ ଚନ୍ଦନ ହୋଇ ମୋ
ଲେପନ ହୁଅ ଅଙ୍ଗର ॥ ୨ ॥

ମଥା ପରେ ମୋର ବିରାଜୁ ଥାଅ ହେ
ହୋଇ ତୁମେ ଶିରୋମଣି
ହୃଦ ସିଂହାସନେ ହେ ଦେବତା ତୁମେ
ହୋଇଥାଅ ଚିନ୍ତା ମଣି ॥ ୩ ॥

ନାସା ପୁଟେ ହୋଇ ନିଃଶ୍ୱାସ ତୁମେ ହେ
ଅନ୍ତରେ ମୋ ଖେଳା କର
ବସନ ହୋଇ ମୋ ଅଙ୍ଗେ ଜଡ଼ି ରହ
ନିରତ ଲଜ୍ଜା ନିବାର ॥ ୪ ॥

ଶୟନେ ସ୍ୱପନେ ଘୁମେ ଜାଗରଣେ
ସଙ୍ଗେ ଥାଅ ମୋର ପ୍ରିୟ
ଗୁରୁଦାସ ପଣେ ଚରଣ ତଳରେ ସେବାରେ ନିଯୋଗ ଦିଅ ॥ ୫ ॥

❀❀❀

# ସମର୍ପଣ

ନେବାକୁ ଆଜି ମୁଁ ଆସି ନାହିଁ ନାଥ
ଦେବାକୁ ଆସିଛି ଧାଇଁ
ପିତା ଯା'ର ତିନି ଭୁବନ ଈଶ୍ୱର
ଭିଖାରି ହେବ ସେ କାହିଁ ? ॥ ୦ ॥

ଥାଡି ମାରି ମନେ ରହିଛି ଛଳନା
ମାୟା-ମୋହ-ମଦ ଆଜି
କାଢ଼ି ନିଅ ତୁମେ ଜୀବନରୁ ମୋର
ଘୁଞ୍ଚୁ ଜନମର ବ୍ୟାଧି ॥ ୧ ॥

ଚଞ୍ଚଳ ଚିତ୍ତ ମୁଁ ଅରପୁଛି ପଦେ
ହରି ନିଅ କୃପାସିନ୍ଧୁ !
ପାଦ ତଳେ ଦେବି ଅଜାଡ଼ି ବୋଲି ମୁଁ
ଆଣିଛି ଲୋତକ ବିନ୍ଦୁ ॥ ୨ ॥

ଅରପିବି ବୋଲି ଆଣିଛି ଠାକୁର
ଏ ମର ଶରୀର ମୋର
କରୁଣା ଦୁଆରୁ ତଡ଼ି ଦିଅ ନାହିଁ
ପଦେ ଘେନ ନମସ୍କାର ॥ ୩ ॥

❀❀❀

## ସମର୍ପଣ

ବନ୍ଧୁ ! ତୁମେ ମୋର ପରାଣର ପ୍ରିୟ
ତୁମ ବିନେ କିପରି ମୁଁ ଧରିବି ଏ ଦେହ ? ॥ ୦ ॥

ଅବଗାହି ନିତି ତୁମ ପ୍ରେମ-ଜଳଧିରେ
ସନ୍ତରିବି ମୀନ ସରି ସେ ଅଥଳ ନୀରେ
ଭସାଇ ନେବ ଏ ଜୀବ ପ୍ରେମ ନଦୀ ସୁଅ ॥ ୧ ॥

ସାଇତି ରଖିବି ବୁକେ ଆଦର ସୋହାଗେ
ଚୁମିବି ଚରଣତଳ ମନ-ଅନୁରାଗେ
ପୁଲକି ଉଠିବ ତନୁ, ଥରେ ଯେବେ ଚାହଁ ॥ ୨ ॥

ତୁମ ନାମ ସୁଧାରସ ପିଇ ହେବି ଭୋଳ
ଝୁଲାଇବି ପ୍ରିୟ ମୋର ନିତି କରି କୋଳ
ହେରିବି ନୟନେ ଜ୍ଞାନ-ଚନ୍ଦ୍ରମା ଉଦୟ ॥ ୩ ॥

ଆପଣାରେ ଭୁଲି କେବେ ହେବି ମୁଁ ତୁମର ?
ଏ ମର ତନୁରେ ତୁମେ ବାନ୍ଧିବ ହେ ଘର
ପଖାଳିବ ସେ ପୟରେ ଏ ମୋ ଆଖି ଲୁହ ॥ ୪ ॥

❀❀❀

# ସମର୍ପଣ

ବାହୁଡ଼ି ସବୁ ଦୁଆରୁ ହେ ଦୟାନିଧି !
ଆସିଛି ତୁମ ଦୁଆରେ ॥ ୦ ॥

ସବୁରି ସେନେହ ବିମୁଖ ହୋଇ ମୁଁ
ସୁଖ ପାଇଛି ତୁମରେ
କଣ୍ଟା ଖୁଣ୍ଟା କେତେ ଫୁଟି ଦେହେ ସତେ
ଯାଇଛି କାଳ ଦୁଃଖରେ ॥ ୧ ॥

ସହି ମୁଁ ଲାଞ୍ଛନା ସକଳ ବେଦନା
ଚାହିଁଛି ତୁମ ପଥରେ
ତୁମରି ଶରଣ କରୁଛି ବରଣ
ମାଗୁଛି ଦୟା ଦୁଆରେ ॥ ୨ ॥

❀❀❀

# ସମର୍ପଣ

ମୁଁ ଯେ ତୁମରି ଏକା ହେ ସୁନ୍ଦର
ତୁମରି ପ୍ରାଣର ଆବେଗ ସଞ୍ଚାରି
ମୂରତି ଗଢ଼ିଛ ମୋହର ॥ ୦ ॥
ଖୋଜିବାକୁ ନିଜ ଜନ ବୋଲି କାହିଁ
ତୁମ ବିନେ ଏ ଜଗତେ କେହି ନାହିଁ
ଏ ମୋ ତନୁ ମନ ସବୁ ତୁମ ଦାନ
ବନ୍ଧା ମୁଁ ଚିର ତୁମର ॥ ୧ ॥
ତୁମ ବିନେ ନାହିଁ କେହି ସ୍ୱତନ୍ତ୍ର
ତୁମେ ଏକା ଜୀବ ବୀଣାର ତନ୍ତ୍ର
ତୁମେ ହେ ସତ୍ୟ ତୁମେ ହେ ନିତ୍ୟ
ଆନ ଯେତେ ସେ ତ ଅସାର ॥ ୨ ॥
ମାୟା ଜାଲ ଘେରା ଭରା ଅହଂକାର
ସବୁ ଥିରେ ଖାଲି ମୁଁ' କାର ମୁଁ' କାର
ଦିନର ସପନେ ଭୁଲା ମନ ମୋର
ଜାଣି ଜାଣି ଯାଏ ପାସୋର ॥ ୩ ॥
କହ ଆଉ କେତେ ଦିନ ବନ୍ଧୁ ! ମୋର
ଦୂରେ ଦୂରେ ଥାଇ କରିବ ଅନ୍ତର
ଚେତାଇ ଦିଅ ଏ ପରାଣେ ଏଥର
'ତୁମେ ମୋର, ମୁଁ ତୁମର ॥ ୪ ॥
ତୁଟି ଯାଉ ମୋର ଅନ୍ଧାର ରଜନୀ
ତୁମ ଜ୍ୟୋତିଃ ରେଖା ହସାଉ ଅବନୀ
ଦେବତା ହେ ! ଡାକେ ଶିରପାତି ପଦେ
ପୂତ କର ମନ-ମନ୍ଦିର ॥ ୫ ॥

# ସମର୍ପଣ

ଯେ ଗୃହ ଆନନ୍ଦରବେ ସତତ ମୁଖର
ଆଚରନ୍ତି ପୁଣ୍ୟ ଯହିଁ କୁଟୁମ୍ବ ନିକର
ଶାନ୍ତିଦାୟୀ ସେ ଭବନ
ନିତ୍ୟ ବିରାଜନ୍ତି ତହିଁ ଶ୍ରୀମଧୁସୂଦନ ॥ ୧ ॥

ସୁତ ସୁତା, ଦାରା, ପତି ଯହିଁ ଏକ ମନ
ଅଦ୍ୱୈତ ଭକତି ସୂତ୍ରେ ଚିତ୍ତ ସଂଗ୍ରନ୍ଥନ
ସେ ଯେ ପବିତ୍ର ଭବନ
ଅଟେ ତାହା ଶ୍ରୀହରିଙ୍କ ନିତ୍ୟ ଅଧିଷ୍ଠାନ ॥ ୨ ॥

ଉଦାସୀନ ଯହିଁ ଗୃହୀ ଥାଇ ଏ ସଂସାରେ
ନ ଥାଏ କାମନା ଅବା ଲିପ୍ସା ଜୀବନରେ
ଶ୍ରେଷ୍ଠ ସେ ଘର ଧରାରେ
ବିରାଜିତ ନାରାୟଣ ତହିଁ ନିରନ୍ତରେ ॥ ୩ ॥

ଗୃହୀ ଯହିଁ ହସ ମୁଖେ ଦୁଃଖ ମଣେ ଛାର
ପର ଦୁଃଖ ହରଣରେ ରତ ପ୍ରାଣ ଯା'ର
କାହିଁ ତା'ର ପଟାନ୍ତର
ନିତ୍ୟ ନାରାୟଣ ତହିଁ କରନ୍ତି ବିହାର ॥ ୪ ॥

ଯେ ଗୃହେ ଗୃହସ୍ଥ ପରିଶ୍ରମୀ ମିତାଚାରୀ
ଧର୍ମ ପଥେ ଅର୍ଜେଧନ ଦେବ-ସେବାକାରୀ
ଗୁରୁ ଅତିଥି ପୂଜଇ
ପୂତସ୍ଥଳୀ ନାରାୟଣ ବିରାଜନ୍ତି ତହିଁ ॥ ୫ ॥

# ସମର୍ପଣ

ସଁପି ଦେଉଛି ପଦତଳେ ଜୀବନ
ସେବକ ବୋଲି ଘେନ ନଘେନ ॥ ୦ ॥

ସଂସାର ସୁଖ ବୋଲି ଖେଳିଲି କେତେ ଭୁଲି
ଏବେ ସିନା ବାରିଲି ମାୟା ସପନ ଖାଲି
ଦୟାନିଧି ! ଏଥର ଦିଅ ଭଲା ଶରଣ ॥ ୧ ॥

ଆପଣା ଜନ ଭାଳି କଲି ଯାହାରେ ମାଳି
ନିଜ ପାଇଁ ସେ ଖାଲି ଆଖିରେ ଦେଲା ବାଲି
ଦୟାନିଧି ! ଜାଣିଲି ମୋର ଏକା ଆପଣ ॥ ୨ ॥

ଅତି ଆରତେ ମୁହିଁ ସିଂହ ଦୁଆରେ ଥାଇ
କର ଯୋଡ଼ି ଜଣାଇଁ ଡାକ ଛାଡ଼େ ଗୋସାଇଁ
ଦୟାନିଧି ! ଲୁଚି ନ ରହ କଞ୍ଜ ବଦନ ॥ ୩ ॥

❀❀❀

# ମନଶିକ୍ଷା

ଆଜି ରାତି ପାହି ହେବ କାଲି ସକାଳ
ଭାବୁ ନାହିଁ ମନ ଗଡ଼ି ଯାଉଛି କାଳ ॥ ୦ ॥

ଅଣ ହେଳାରେ ବେଳ ନ କାଟରେ ପାଗଳ
ଏତିକି ବେଳୁ ମନ କର ତୁ ଗଣ୍ଠି ଧନ
ଗୁରୁନାମ ହେବ, ତୋ ପଥ ସମ୍ବଳ ॥ ୧ ॥

ତୁଣ୍ଡରେ ନାମ ରଟି ଫଳ ତିଳେ ନାହିଁଟି
ମନରେ ଯେବେ ତୋର ନାମ ନ କରେ ଘର
ମାଳି ଗଡ଼ାଇ ମିଛେ, ହେବ କି ଫଳ ? ॥ ୨ ॥

ହୃଦ ସିଂହାସନରେ ବସାଇ ପ୍ରେମ ଭରେ
ଭକତି ସୁମନରେ ଗୁରୁପଦ ପୂଜରେ
ସେ ନାମ ସୁଧା ପିଅ, ପିଅ କେବଳ ॥ ୩ ॥

❁❁❁

# ମନଶିକ୍ଷା

ଆରେ ଭଜ ମନ, ଭଜି ପାରିଲେ ପାଇବୁ ସେହି ଧନ ॥ ୦ ॥

ତାଳେ ତାଳେ ହେଉଥିଲା ଗାନ, ନାଚି ଉଠୁଥିଲା ଭକ୍ତ ପ୍ରାଣ
ଆଚମ୍ବିତେ ଅତି ଉଭା ହୋଇଛନ୍ତି, ସମ୍ମୁଖେ ଠାକୁର ମୂର୍ତ୍ତିମାନ ॥ ୧ ॥

ଆହା କି ସୁନ୍ଦର ଶାନ୍ତ ସୌମ୍ୟ, ଆଖି କରିଥିଲା କେତେ ପୁଣ୍ୟ
ଫଳ ଗଲା ପାଇ କୋଟି ଜନ୍ମପାଇଁ, ଭାଗ୍ୟେ ହେଲା ଦିବ୍ୟ ଦରଶନ ॥ ୨ ॥

କି ଭାଳେଣି ଜାତ ହେଲା ମନେ, ଦେଖନ୍ତି କି ତାଙ୍କୁ ସନ୍ନିଧାନେ
ଡାକିଲି ଆସ ହେ ପ୍ରାଣର ଦେବତା, ଦିଅ ବାରେ ପ୍ରେମ ଆଲିଙ୍ଗନ ॥ ୩ ॥

ବାଞ୍ଛା କଳ୍ପତରୁ ମନ ଜାଣି, ଆସିଲେ ପ୍ରସାରି ବେନି ପାଣି
ଜନ୍ମ ଜନ୍ମାନ୍ତର ଆଶା ଧରି ଫଳ, ବରିନେଲା ଶୁଭ ଆଗମନ ॥ ୪ ॥

ଦେଖିଲେ ସେ କମନୀୟ କାନ୍ତି, ଘୁଞ୍ଚିଯିବ କେତେ ଜନ୍ମ ଭ୍ରାନ୍ତି
ପୂର୍ଣ୍ଣିମା ନିଶୀଥେ ତରଳ ରଜତ, ରସାଣିତ ବର ଅପଘନ ॥ ୫ ॥

ଅତୁଳନ ଛବି କି ମଞ୍ଜୁଳ, ସକଳ ସୌନ୍ଦର୍ଯ୍ୟ ଯହିଁ ଠୁଳ
କହି ନୁହେଁ ଆଭା ଅପରୂପ ଶୋଭା, ଦେଖି ଲାଖି ରହିଗଲା ମନ ॥ ୬ ॥

ଯୋଡ଼ିଏ ନୟନ କେତେ ତହିଁ, ଦେଖିଲେ ଅସଂଖ୍ୟ ଆଖି ହୋଇ
ରଖନ୍ତି ସାଇତି ଅନନ୍ତ ଅତୃପ୍ତି, ପାଇଥାନ୍ତି ସିନା ଯେତେ ପୁଣ୍ୟ ॥ ୭ ॥

ଭାଗ୍ୟ ହୋଇଥିଲା କି ପ୍ରସନ୍ନ, ପାଇଲି ସେ ପ୍ରେମ ଆଲିଙ୍ଗନ
କଲେ ମୋତେ ବନ୍ଦୀ ବାହୁଯୁଗେ ଛନ୍ଦି ଉଦ୍ଦଣ୍ଡେ ନାଚିଲେ ଘନଘନ ॥ ୮ ॥

ନିରେଖନ୍ତେ ସେ ମୋହନ ମୁଖ, ଲିଭିଗଲା ଆଜନମ ଦୁଃଖ
କାହା ସଙ୍ଗେ ଦେବି ସେ ସୁଖ ଉପମା କରି ନାହିଁ ଧାତା ସରଜନ ॥ ୯ ॥

କ୍ଷଣେ ଏତେ ସୁଖ ଦେଇଗଲେ, ଆଉ କ୍ଷଣେ ସଂଜ୍ଞା ରହିଥିଲେ,
ସଂସାର ଆବର୍ତ୍ତେ ଜୀବନ ଧାରଣ ସେହି କ୍ଷଣେ ହୋଇଥାନ୍ତା ଧନ୍ୟ॥ ୧୦ ॥

# ମନଶିକ୍ଷା

କିକରି ହେବୁରେ ପାରି ଭବ ସାଗର
କିଏ ତୋର ସାହା ବାଇମନ ବିଚାର ! ॥ ୦ ॥

ଜ୍ଞାନ ଭେଳାକୁ ସାର- କର ତୁ ନିରନ୍ତର
ବିବେକରୂପୀ ଗୁରୁ ନାଉରି ପ୍ରସାଦରୁ
ପୂରିବ ମନ ଆଶା ତୋହର ॥ ୧ ॥

ମୋହ-ମାୟା ଅନ୍ଧାର ଆଖି ଘେରାଏ ତୋର
ଆଶା- ଝଞ୍ଜା ପବନ ପ୍ରସରେ ଘନ ଘନ
ପୁଣି ପ୍ରବୃତ୍ତି-ଉର୍ମି ପ୍ରଖର ॥ ୨ ॥

ଅଭିମାନର ଧାର ବହଇ ଖରତର
ଷଡ଼ରିପୁ ପ୍ରବଳ କରନ୍ତି କଲବଲ
ହିଂସୁକ ଜୀବଜନ୍ତୁ ପ୍ରକାର ॥ ୩ ॥

କିଏ ତାରିବ ବୋଲି ହେଉ ଯାହା ବାଉଳି
ଘରେ ଅଛି ସେ ତୋର ମନଟି ଟାଣ କର
ଖୋଜିଲେ ଭେଟ ହେବ ତାହାର ॥ ୪ ॥

❀❀❀

# ମନଶିକ୍ଷା

ଗୁରୁପଦେ ମାଗରେ ଯାଇ
ବାଇ ହେବୁ ବୋଲି ସେ ନାମ ଗାଇ ॥ ୦ ॥

ଗାଇବୁ ତୁ ସେ ନାମ ଯେବେ
ଶୁଣି ଜନେ ପାଗଳ ହେବେ
ସେଇ ସୁର ଛନ୍ଦି ତାଳ ମାନ ଜଗି
ଗାଇ ଜଗତରେ ଦିଅ ମତାଇ ॥ ୧ ॥

କଠିଣ ସେ ପୀରତି ଗୀତି
ନ କଲେ ତୁ ପଥର ଛାତି
ଗାଇଲା ବେଳକୁ ରିପୁ କୁଳ ଆସି
ତାଳ ମାନ ତୋର ଦେବେ ଭଙ୍ଗାଇ ॥ ୨ ॥

ରହିବାକୁ ଭଗାରି ଦୂରେ
ଅଳି କର ଗୁରୁ ଛାମୁରେ
ଗୁରୁ ଚାହିଁ ଦେଲେ ଆଖି ପିଛୁଳାକେ
ଛାଏଁ ସେ ତୋ ପାଶୁ, ଯିବେ ପଳାଇ ॥ ୩ ॥

ଏଥକୁ ତୁ ଗୁରୁଙ୍କୁ ଭେଟି
ଦେବୁ କହ, ତୋର କେଉଁଟି
ଧନ, ମାନ ଯାହା ସବୁ ତାଙ୍କ ଦାନ
ମନ ତୋର ଦିଅ ଗୁରୁଙ୍କୁ ଧ୍ୟାୟୀ ॥ ୪ ॥

❀❀❀

# ମନଶିକ୍ଷା

ଜୀବନରେ ଯେବେ ସାଧିବ କରମ
ସଂଘ ଶକ୍ତି କର ସାର,
ମିଳିମିଶି ସର୍ବେ ଜାତୀୟ ଜୀବନେ
ଶକତି କର ସଂଚାର ॥ ୧ ॥

ବ୍ୟକ୍ତିଗତ ସ୍ୱାର୍ଥ ମାନ ଅଭିମାନ
କରିଦିଅ ପରିହାର
ଆତ୍ମୋତ୍ସର୍ଗ କର ତୁମରି ମନ୍ଦିରେ
ତୁମ ଦେଶ ମାତୃକାର ॥ ୨ ॥

ନିଜ ପ୍ରାଣ ଦାନେ ମାତାଙ୍କର ପ୍ରାଣ
ପ୍ରତିଷ୍ଠା କର ସକଳେ,
ଜଗତ ବରେଣ୍ୟ ଯଶକୀର୍ତ୍ତି ପୂର୍ଣ୍ଣ
ହେବ ଏହି ତ୍ୟାଗ ବଳେ ॥ ୩ ॥

ଆତ୍ମଗୌରବକୁ ସ୍ମରୁଥିଲେ ମନେ
ନ ଲାଗେ କାହିଁ ବନ୍ଧନ,
ଶତ ବନ୍ଧନରେ ଥିଲେ ହେଁ ପାଇବ
ମୁକତିର ଆସ୍ୱାଦନ ॥ ୪ ॥

❀❀❀

# ମନଶିକ୍ଷା

ଡାକିଲା ପ୍ରକାରେ ଡାକ ମନ ତାଙ୍କୁ ରହିବେନା କେବେ ଦୂରେ
ନୟନ ଜଳରେ ରଖ ବୁକୁ  ତଳେ ତାଙ୍କ ପ୍ରେମ ମୂରତିରେ
ଚିଦଘନ ମୂରତିରେ
ପ୍ରେମ ଘନ ମୂରତିରେ ॥ ୦ ॥

ଭକ୍ତର ଅଧୀନ ସେ'ତ ଚିର ଦିନ ଭକ୍ତ ଅଟେ ତାଙ୍କ ପ୍ରାଣ
ଭକ୍ତି ଆକର୍ଷଣେ ଟଳେ ସେ ଆସନ ବାନ୍ଧିରଖ ଭକ୍ତି ଡୋରେ
ଛନ୍ଦି ହୁଅ ପରସ୍ପରେ
ନାଚି ଯାଅ ଆନନ୍ଦରେ ॥ ୧ ॥

ଧ୍ରୁବ ପ୍ରହଲ୍ଲାଦ ଡାକିଲେ ଯେପରି ରାଧା ଯେଉଁ ପରକାରେ
ସେହି ଭାବେ ଡାକି ତାଙ୍କରି ଶରଣ ନେଇ ମନ ପଡ଼ିଥାରେ
ଦେଇ ଧ୍ୟାନ ପଡ଼ିଥାରେ
ଧୂଳି ପରେ ପଡ଼ିଥାରେ ॥ ୨ ॥

ଶିଶୁ ଯେଉଁପରି ଡାକେ ଜନନୀରେ ଭୁଲେ ନା ଧୂଳି ଖେଳରେ
ଯେତେ ଧୂଳି ଖେଳ ଛାଡ଼ି ଦେଇ ମନ ତାଙ୍କ ପଦ ଧରିଥାରେ
ମହାମନ୍ତ୍ର ଧରିଥାରେ
'ଜୟଗୁରୁ' ଜପି ଯା'ରେ ॥ ୩ ॥

ନୟନରେ ଦେଖି ପାରୁନା ବୋଲି କି ବଧିର ସେ ତୋ କଥାରେ  ?
ଏତେ ନିକଟରେ ବାଜୁଛନ୍ତି ନିତି ତୋ ହୃଦୟ ବୀଣା ତାରେ
ନାମ ଉଚ୍ଚାରଣ କାଳେ
ବାଜୁଛନ୍ତି ତାଳେ ତାଳେ ॥ ୪ ॥

❀❀❀

# ମନଶିକ୍ଷା

ତାକୁ ଡାକ, ତାକୁ ଡାକରେ ମନବାଇ
ଏ ଭବ ଜଳଧି ପାରି କରିବାକୁ ଆଉ କେ ନାଉରି ନାହିଁ ॥ ୦ ॥

ସୁଖରେ ଶାନ୍ତିରେ ସେ ଏକା ସମ୍ବଳ
ସେହି ଏକା ସିନା ଜ୍ଞାନ, ବୁଦ୍ଧି, ବଳ
ଭାଇ, ବନ୍ଧୁ, ପିତା, ମାତା, ଯାହା ବୋଲ
ବହୁରୂପୀ ଏକା ସେହିରେ ॥ ୧ ॥

ଥିବା ବେଳ ଯିବା ବେଳ ସାଥୀ ତୋର
କିଏ ଅଛି ସତ, ମିଛ ତୁ ବିଚାର
ଭେଟିବାକୁ ତାକୁ, ଗୁରୁ ପାଦ ଧର
ରାହା ସେ ଦେବେ ବତାଇରେ ॥ ୨ ॥

ମନରେ ନ ଥାଇ ଡାକିଲେ ମୁଖରେ
ତୋ ପାଶରୁ ସେ ତ ଥିବେ ଦୂରେ ଦୂରେ
ବସାଇ ତାକୁ ତୁ ମନ ମଝି ଘରେ
ସେବ ତୁ ମଥା ଲୁଟାଇରେ ॥ ୩ ॥

❋❋❋

# ମନଶିକ୍ଷା

ଥରେ ଆପଣାର ତା'ରେ କର
ତନୁ, ମନ ସଁପି, ଦିଅ ତା' ପୟରେ
ଯା'ରେ ବୋଲୁ 'ମୋର' 'ମୋର' ॥ ୦ ॥

ତୁ ଯେବେ ବାଉଳା ! ହେବୁ ସତେ ତା'ର    ସେ ହେବ ତୋ ଆପଣାର
ପଲକରେ ପରା ଆଦରି ନେବ ସେ    ଯେତେ ଦୁଃଖ ଅଛି ତୋର
ବହିବ ସକଳ ଭାର ॥ ୧ ॥

ଅଥଳ, ଅକୂଳ ସାଗର ଦେଖି ତୁ    ବୁକୁ ତୋର ଥର ଥର
ନାଆରେ ବସାଇ, ମଙ୍ଗୁଆଳ ହୋଇ    କରିବ ସେ ସିନ୍ଧୁ ପାର
ତୁଟିଯିବ ଭୟ ତୋର ॥ ୨ ॥

ତ୍ରିତାପରେ ଜଳି ସରିଗଲୁ ବୋଲି    ଡରି ମରୁଥା'ଉ ତୁ'ରେ
ତୁ ହେଲେ ତାହାର, ତୋ ଦୁଃଖ ସମ୍ଭାଳି-    ରହିବ କି କେବେ ସେ'ରେ
କରି ତୋତେ ସାତ ପର ॥ ୩ ॥

ଅଗତିର ଗତି ପରାଣପତି ସେ    ଅନ୍ତରୁ କରି ଅନ୍ତର
ଅଜାଣ ପଣେ ତୁ ସିନା ଟାଣ କରୁ    ଦେଖାଇ ପୁରୁଷକାର
ହେଜ, ବୁଦ୍ଧି କରି ଥିର ॥ ୪ ॥

ଧନ, ଜନ, ମାନ ଠୁଳାଇ ତା' ପଦେ    କଲେ ଆତ୍ମ ସମର୍ପଣ
ଉଡାଇ ଯିବରେ ଛାର ଦୁନିଆଁର    ଯାବତ ଦାବ-ଦହନ
ଲଭି ତା' ଆଶିଷ ଧାର ॥ ୫ ॥

# ମନଶିକ୍ଷା

ପରମ ସାଧନ ଅଟେ ଗୃହସ୍ଥ ଧରମ
ଆବର ଅଟଇ ନିତ୍ୟ-କରମ ବିଧାନ
ଏ ଜଗତ-ତପୋବନ ପବିତ୍ର ତୀର୍ଥ ସମାନ
ପ୍ରେମର ଆଧାର ପରିବାରର ବନ୍ଧନ
ଅଟେ ତାହା ପ୍ରେମମୟ ପ୍ରେମ-ନିକେତନ ॥ ୧ ॥

ଛିନ୍ନ କର ମାୟା, ମୋହ, ସଂସାର ଜଞ୍ଜାଳ
ଦୂର କର ଚଉପାଶୁଁ ଷଡ଼ରିପୁ ଦଳ
ଆସକ୍ତି ବିଷୟା ଘୋର ପାଶରୁ ତୁ ଅପସର
ଘୁଞ୍ଚିଯିବ ଦୂରେ କାହିଁ ଜୀବର କଷଣ
ମୋକ୍ଷଧାମ ଲୋଡ଼ା ଭଜି ଶ୍ରୀଗୁରୁ ଚରଣ ॥ ୨ ॥

ଆସୁ ଦୁଃଖ, ଆସୁ ସୁଖ, ଆସୁ ଯେବେ ଯାହା
ସମଭାବେ ଘେନାକର ଜୀବନରେ ତାହା
ବିଧିର ବିଚାର ସବୁ ଏତେ ହେତୁ ରଖି ବାବୁ !
ଗୁରୁ ବ୍ରହ୍ମ ମହାମନ୍ତ୍ର କର ସୁମରଣ
ସାହା ହେବେ ନିତ୍ୟ ସେହି ସତ୍ୟ ସନାତନ ॥ ୩ ॥

❀❀❀

# ମନଶିକ୍ଷା

ପାଗଳ ମନ, ବିକଳ ସିନା ତୁ ଅକାରଣ ॥ ୦ ॥

ମିଛେ ମିଛେ ଭାବୁ ତୁହି କି ହେବ କି ହେବ ନାହିଁ
ତୋ ଭାବନା କଳ୍ପନା ପାଣିରେ ଗିରା ସମାନ ॥ ୧ ॥

ତୋର ସତେ କିବା ବଳ ଅଛି ଜଣେ ଆଦି ମୂଳ
ତାର ଇଚ୍ଛା ସବୁ ସେ ତ କରିବ ଭାର ବହନ ॥ ୨ ॥

ଅବିଶ୍ୱାସ ମନୁ ତୋର ବରଜ ତୁ ନିରନ୍ତର
ପିତା ସେ ଯେ ସୁତ ପାଇଁ ଭାବୁ ଅଛି ନିଶି ଦିନ ॥ ୩ ॥

ଚରାଚର ବିଶ୍ୱସାରା ଅଧୀଶ୍ୱର ସେହି ପରା
ଯାହା ଇଚ୍ଛା ତାହା କରୁ ତା ପଦେ ରଖ ଧିଆନ ॥ ୪ ॥

❀❀❀

# ମନବୋଧ

ପ୍ରାଣର ମଣି, ନଯାଏ ହଜି ବନ୍ଧୁରେ- ସର୍ବଗ୍ରାସୀ କାଳ ଜୁଆରେ
ଦିନର ମଣି, ନଯାଏ ଲୁଚି ବନ୍ଧୁରେ- ଶତଘନ ଘୋର ଅନ୍ଧାରେ ॥ ୦ ॥

ପରଶମଣିଟି ଅଛି, ତୋହରି ପାଶେ- ପରଶ ଆଶେ
ଦିନମଣି, କାଳ ଜାଣି, ଉଇଁ ଯେ ଆସେ- ଅନ୍ଧାର ନାଶେ
ଫୁଟନ୍ତା ଫୁଲରେ ଉଷା, ସାଜେ ତା କନକ ଭୂଷା
କଞ୍ଚି ହାସେ ବିରହର ରଜନୀ ପାରେ-
ମିଳନର ନୂଆ ଆଶାରେ ॥ ୧ ॥

ପ୍ରାଣ ସଖା ରହିବେନା, ପ୍ରାଣର ଡାକେ- କେଉଁ ମୁଲକେ
ବନ୍ଦାଇବା ଅଶ୍ରୁ ଅର୍ଘ୍ୟେ, ଆସିବ ପାଖେ- ପ୍ରେମ ପୁଲକେ
ପ୍ରେମ ତରଙ୍ଗିଣୀ ମୁଖେ, ସିନ୍ଧୁ ଉଠି ଚୁମ୍ବେ ସୁଖେ
ପାଛୋଟି ନେବାକୁ ଆସେ ଉଚ୍ଛୁଳି ଜୁଆରେ
କୋଳକରି ବାନ୍ଧେ ବାହାରେ ॥ ୨ ॥

ବିରାଟ ପ୍ରାଣରେ ପ୍ରାଣ ମିଳନ ଲାଗି- ହୁଅ ତିଆଗୀ
ଆତ୍ମ ବିସର୍ଜନ କର ଅନ୍ତରେ ଜାଗି- ସୁଖ ତିଆଗୀ
ତିଳେ ତିଳେ ଦାନ ଯା'ର, ସାର୍ଥକ ଜନମ ତାର
ଝରାଇ ନିଗାଡ଼େ ପ୍ରାଣ ମହା ପାରାବାରେ
ରୂପାନ୍ତର ପରିପୂର୍ଣ୍ଣତାରେ ॥ ୩ ॥

***

# ମନଶିକ୍ଷା

ବିବେକ-ଆଖି ତୁ ଖୋଲରେ ମନୁଆଁ
ବିବେକ-ଆଖି ତୁ ଖୋଲ
ଅନ୍ଧାର ତୋର ଏ ହୃଦୟ-ମନ୍ଦିରେ
ଭକତିର ବତି ଜାଳରେ ॥ ୧ ॥

କମଳ-ଆସନେ ନିରେଖ ବିଜୟ
ଦୀନ-ଦୟାଳୁ ଠାକୁର
ଦୀନବନ୍ଧୁ ବୋଲି ଜଗତ-ଜନରେ
ବାନା ଉଡୁଅଛି ଯା'ର
ତୁଟିବ ତୋର ଜଞ୍ଜାଳ ॥ ୨ ॥

ସବୁ ମାୟା, ସବୁ ମୋହ ପାସୋରି ତୁ
ଦୀନବନ୍ଧୁ ବୋଲି ଡାକ
ସରାଗ, ସେନେହ, ପୀରତି, ଭକତି
ଠୁଳାଇ ତା' ପାଦେ ରଖ
ଏ କଥା ମନୁ ନ ଭୁଲ ॥ ୨ ॥

ଡାକିଲା ପରି ତୁ ଡାକି ପାରିଲେ ରେ
ମନ ଥୟ କରି ତୋର
ଟଳି-ଯିବ ତା'ର କମଳ ଆସନ
ସେ କି କରିପାରେ ପର ?
ବୋଲ 'ଜୟଗୁରୁ' ବୋଲ ॥ ୩ ॥

# ମନଶିକ୍ଷା

ଭବ ଘନ ଘୋର ଅନ୍ଧାର
ଗୁରୁ ବିନେ କିଏ କରିବ ଦୂର ?
ଅନ୍ଧ ନୟନ ଯୁଗଳରେ’ ସେ ତ
ଜ୍ଞାନ ଅଞ୍ଜନ ଗାର ॥ ୦ ॥

ଜଗତେ ଯାହାର କହୁ ମୋର ମୋର
ସେ କି ସତେ ତୋର କରରେ ବିଚାର
‘ଦିଆ’ ବଦଳରେ ‘ନିଆ’ର ବନ୍ଧୁ ସେ
ସ୍ୱାର୍ଥର କାରବାର ॥ ୧ ॥

ଆଖିରେ ବନ୍ଧା ତୋ ମାୟାର ପଟଳ
ଦେଖୁ ଯାହା ସେ ତ ସପନର ଛଳ
ବେଳ ଥାଉଁ ବନ୍ଧ ବାନ୍ଧରେ କୁମର
ଗୁରୁ ନାମ କରି ସାର ॥ ୨ ॥

ଚଳୁଥିବା ଯାଏ କର, ପଦ, ଭବେ
ଦାରା, ସୁତ, ବନ୍ଧୁ ଆଦର କରିବେ
ଅଚଳ ହେବୁ ତୁ ଯେବେ ମନବାଇ !
ସବୁରି ହେବୁ ତୁ ପର ॥ ୩ ॥

ସତ ଅବା ମିଛ ଭାଳ ତୁ ମନରେ
କେ ଅଛି ତୋହର ଏ ମର ସଂସାରେ
ଗୁରୁ ଏକା ତୋର ବନ୍ଧୁ ବିପଦର
ସେ ଚରଣ ଆଶା କର ॥ ୪ ॥

# ମନଶିକ୍ଷା

ଭାସିଚାଲ ମନ ! ମହାକାଳର ତରଙ୍ଗେ
ଭୁଲିଯାଅ ମନୁ ଦୁନିଆଁର ନବରଙ୍ଗେ ॥ ୦ ॥

ମୃତ୍ୟୁଞ୍ଜୟ ପଦ ଶରଣ ଯାହାର
ଛାର ମରଣରେ କିବା ତା'ର ଡର ?
ଚାଲ ତୁ ଭକତି- ଡୋରେ ପାଲଟାଣି
ଜୀବନ ନାଆର ସଙ୍ଗେ ॥ ୧ ॥

ଯାତ୍ରା ପଥରେ ନାହିଁ ଭୟ, ଭୀତି
ମେଲିଦିଅ ନାଆ ଟାଣ କରି ଛାତି
ଅନନ୍ତ ଗୀତି ଗାଇ ଆନନ୍ଦେ
ସ୍ୱର, ତାଳ, ଲୟ ସଙ୍ଗେ ॥ ୨ ॥

ଡରାଇବ ପଥେ ଝଞ୍ଜା ପ୍ରଳୟ
ଯାତ୍ରୀରେ ! ତିଳେ ନ କର ତୁ ଭୟ
ଅଭୟ ଚରଣେ ଲୟ ରଖି ମାଖ
ଅଭୟ ବିଭୂତି ଅଙ୍ଗେ ॥ ୩ ॥

ବରଷା, ବାଦଲ, ଘୋର ଅମାରାତି
ପଲକେ ଲୁଚିବ ଯେବେ ଦିବ୍ୟ ଜ୍ୟୋତିଃ
ଅନନ୍ତ ଗଗନ ସୀମା ପରଶିବ
ରସିବୁ ତା' ପରସଙ୍ଗେ ॥ ୪ ॥

# ମନଶିକ୍ଷା

ଭୁଲା ମନରେ ! ଭୁଲି ଅନ୍ତର ବନ୍ଧୁରେ ରଖେଁ ଦୂରେ ଦୂରେ ॥ ୦ ॥

କେବେ ଯେବେ ଥରେ ହେଜି ବସେଁ
କାହୁଁ ଜଞ୍ଜାଳ ଭାବନା ଘେରି ଆସେ
ମାୟା ମୋହ ଘେରେ ପ୍ରାଣ ବନ୍ଧୁରେ ପାସୋରେଁ ॥ ୧ ॥

ଆଖି ଥାଉଁ କେଡ଼େ ଅନ୍ଧ ମୁହିଁ
ଚେତା ଥାଉଁ ତା'ରେ ନ ଚିହ୍ନଇ
ପାପ ତାପ ଦୂରେ ଯାଏ ସଙ୍ଗ ଲଭିବାରେ ॥ ୨ ॥

ଘୋର ଅବୋଧ ପଣିଆଁ ଲାଗି
କର ପଛେ ମୋରେ ଦଣ୍ଡ ଭାଗୀ
ହରି ସବୁ ସୁଖ, ଢାଳ ଦୁଃଖ ମୋ ମଥାରେ ॥ ୩ ॥

ସହି ନ ପାରି ବିପତ୍ତି ଭାର
ଡାକ ଦେବି ପ୍ରଭୁ ରକ୍ଷାକର
ହେଉ ହେଳାରେ, ପଛକେ ନାମକୁ ସୁମରେଁ ॥ ୪ ॥

❀❀❀

# ମନଶିକ୍ଷା

ମନବାଇ ! ବିଚାର ମନରେ ତୁହି
ମୋର ମୋର ବୋଲି ବୋଲୁ ତୁ ଯାହାରେ
ଆପଣାର ସେ କି କେହି ॥ ୦ ॥

ନିଜ ସ୍ୱାର୍ଥ ପାଇଁ ସର୍ବେ ହାଇଁ ପାଇଁ
ଦାରା, ସୁତ, ସୁତା ଯେତେ
ସବୁ ଦି'ଦିନର ମାୟାରେ ମନୁଆଁ
ଛନ୍ଦେ ରଖିଛନ୍ତି ତୋତେ
ଅନ୍ଧ ପୁଟୁଳିରେ ଆଖି ବନ୍ଧା ଘଣା
ଟଣା ଗୋରୁ ହୁଅ ନାହିଁ ॥ ୧ ॥

ଆଖି ମେଲି ଦେଖ ତୁ କେଡ଼େ ନିରେଖ
କିଏ ତୋର ଆପଣାର
ବେଳ ଥାଉଁ ଥାଉଁ କଷି ରଖ ଭାଉ
ବିବେକ ନିକିତି ଧର
ଗୁରୁ ବିନେ ଆନ ନାହିଁ ସାହା କେହି
ରହ ଗୁରୁପଦ ଧ୍ୟାୟୀ ॥ ୨ ॥

ଦୟାର ଭଣ୍ଡାର, କ୍ଷମା ପାରାବାର
ପିୟୂଷର ଛଣା ସାର
ମନେରଖ ଧନ ! ଧରିଲେ ତା' ନାମ
କେବେ ସେ ନ କରେ ପର
ଇହ ପର ସାଥୀ ଏକା ସେ ଗୁରୁଟି
ବାଇ ହୁଅ ନାମ ଗାଇ ॥ ୩ ॥

# ମନଶିକ୍ଷା

ମାନ ମନ !

ପୂଜ ତୁ ଶ୍ରୀଗୁରୁ ଚରଣରେ ॥ ୦ ॥

ସକଳ ମଙ୍ଗଳଦାତା ଗୁରୁଟି ଏକା
ମତି ରଖ ଗୁରୁପଦେ ତୁଟିବ ଦକା
ଗୁରୁ ମହିମା ମେରୁ ଗୁରୁ କଳପତରୁ
ସେ ତରୁ ଛାଇରେ ସୁଖେ କଟାଅ ଦିନ ॥ ୧ ॥

ମୋହ ମାୟା ଘେରା ଭବ ଅନ୍ଧାର ପଥେ
ବାଟ ମଣାଇବେ ଏକା ଗୁରୁଟି ତୋତେ
ଭାଇ ବନ୍ଧୁ ପିଅର ସୁଖ ସାଥୀ ତୋହର
ଚିର ବନ୍ଧୁ କେବଳ ଗୁରୁଟି ଜାଣ ॥ ୨ ॥

ତୋ ମନ ଆକାଶର
ସେହିରେ ଚାନ୍ଦ କର
ଗୁରୁଦାସ ପଣେ ତୁହି ମାଗ ଶରଣ ॥ ୩ ॥

❀❀❀

## ମନଶିକ୍ଷା

ମିଛେ ବସି କାହିଁକି ତୁ ଭାବୁରେ ମନ
କରରେ ଆନନ୍ଦମୟ ନାମ କୀର୍ତ୍ତନ ॥ ୦ ॥

ପରସାଦ କଣା ପାଇ ଆନନ୍ଦେ ବିଭୋର ହୋଇ
ସାଧୁ-ସନ୍ଥ ସଙ୍ଗେ ରହି ହୁଅରେ ପ୍ରେମେ ମଗନ ॥ ୧ ॥

ସଂସାର ଅନ୍ଧାର ଘେରା ସେ ଦୀପ କର ଆଶରା
ପଥ ହୁଡ଼ିଲେ ବାଉଳା ଭାଙ୍ଗି ଯିବଟି ଚରଣ ॥ ୨ ॥

ଭୁଲନାରେ ଛଳନାରେ ପଡ଼ିଯିବୁଟି ଖଣାରେ
ଗୋବିନ୍ଦର ଭରସାରେ ବିତାଅ ତୁ ନିଶିଦିନ ॥ ୩ ॥

ଖାଉନ୍ଦ ତୋ ଜନାର୍ଦ୍ଦନ ନିଯୋଗ ସେବକ ଗଣ
ଖଲର କଲେ ସେବାରେ କେ ଦେବେ ତୋରେ ବେତନ ॥ ୪ ॥

❀❀❀

# ମନଶିକ୍ଷା

ମୁକତିର ଧାମ-ଗମନେ ତୁ ମନ
କରୁ ଯେବେ ମନ ବାଇ ! ମାନ ॥ ୦ ॥

ନିଶିଦିନ କର ଆରାଧନା ତାର
ଏ ଭବ ଯାହାର ନାମ ଧର ଧର
ନାମ ସୁଧାପାନେ ଗରଭ ତୁ ଭର
ଅନୁରାଗେ ତା'ର ଆଦର ତୁ କର
ବିଚାର ତୁ, କେହି ନାହିଁ ଆନ ॥ ୧ ॥

ଭକତିରେ ପ୍ରଭୁ ନାମ ହେଜ ହେଜ
ସଂସାର ଜଞ୍ଜାଳ ଆସକତି ତେଜ
ସେ ପୟର ଯୁଗ ନିଶିଦିନ ପୂତ
ରହି ତା' ସେବାରେ ସଚେତନ ॥ ୨ ॥

ସାଧୁ ମହାଜନ ସଙ୍ଗ କର କର
'ମୁଁ' ବୋଲି ମନେ ତୁ ଗରବ ନ ଧର
ତୃଣ ସରି ମଣି ଶରୀର ତୋହର
କର ଗୁରୁନାମ ସଂକୀର୍ତ୍ତନ ॥ ୩ ॥

❀❀❀

# ମନଶିକ୍ଷା

ରସନା ! ଗୁରୁ ବିନେ ଆନେ ରସ ନା
ଗୁରୁ ନାମ ରସ ପାନେ ବଳାଅ ବାସନାରେ ॥ ୦ ॥

କଣ୍ଠ ତଟେ ତୋର ଗୁରୁନାମ କର ହାର
ଗୁରୁ ହରି ଗୁରୁ ପ୍ରାଣ ଆରାମ ତୋହର
ସେ ପଦ ଶରଣ ଭବ ଭୟ କରେ ଚୂନାରେ ॥ ୧ ॥

ପାନ କର ସଦା ଗୁରୁ ନାମାମୃତ ଧାର
ଗୁରୁ ନାମ ସାର, ଆନ ସକଳ ଅସାର
ଭବ ଜଳଧିର ଛଳ- ନାବରେ ଭାସନାରେ ॥ ୨ ॥

ଆଖିରେ ଆଖିରେ ଗୁରୁ ମୂରତିଟି ଦେଖ
ଅଲିଭା ଗାରରେ ଗୁରୁ ଛବି ଲେଖି ରଖ
ଗତି ମୁକତି ମନ୍ତର ଗୁରୁ ନାମ ସିନାରେ ॥ ୩ ॥

❁❁❁

# ମନଶିକ୍ଷା

ସବୁ ସାଧନାର ଲକ୍ଷ୍ୟ ମନୁଷ୍ୟତା ମନୁଷ୍ୟ ହୁଅ ସକଳେ,
ଅର୍ଥ, ସାମରଥ, ଶକ୍ତି କରଗତ ହେବ ଏହା ଏକାବେଳେ ॥ ୧ ॥

ବିଶୁଦ୍ଧ ଆଧାରେ ଲାଭ ହେଲେ ସତ୍ୟ ସଂକଳ୍ପ ଜାଗିବ ମନେ
ସିଦ୍ଧ କରିବାକୁ ଭଗବାନ ତାହା ଅବତରିବେ ସେ କ୍ଷଣେ ॥ ୨ ॥

ନିଜ ସୁଖ ଛାଡ଼ି ପ୍ରେମ ଭକ୍ତି ଭରି ସରସ କର ହୃଦୟ
ଗୁରୁ ଉପଦେଶେ ଚରିତ୍ର ଗଠନ କର ତୁ ସଂଯତ ହୁଅ ॥ ୩ ॥

କର ଆଲିଙ୍ଗନ ଯେତେ ନର ନାରୀ ଭାଇଭଉଣୀଙ୍କ ପରି,
ରୋଗୀର ଶୁଶ୍ରୂଷା, ଶୋକ ଦୁଃଖାର୍ତ୍ତର ଅଶ୍ରୁ ନିବାରଣ କରି ॥ ୪ ॥

ତାପିତକୁ ଧର ପ୍ରେମ ବନ୍ଧନରେ ପାପୀକୁ ନ କର ଘୃଣା,
ଧୋଇଦିଅ ତାର ପାପ-ପଙ୍କ ଦେଇ ତୁମର ପ୍ରେମ-ଝରଣା ॥ ୫ ॥

ବିତାଡ଼ିତ କରି ହୃଦୟ-ରାଜ୍ୟରୁ ଶଇତାନ ସ୍ୱାର୍ଥପରେ,
ପ୍ରେମମୟ ଭଗବାନଙ୍କୁ ସେଠାରେ ଆସନ ଦିଅ ସତ୍ୱରେ ॥ ୬ ॥

ଆଖି, କାନ ରୁନ୍ଧି ଜପ, ତପ, ତାହା ଜଡ଼ର ମାତ୍ର ସାଧନା
ଭଗବତ କୃପା ନ ପାଇବ ତାହିଁ କେବଳ ତା ବିଡ଼ମ୍ବନା ॥ ୭ ॥

❀❀❀

# ମନଶିକ୍ଷା

ସେ ଏକା ସାଥୀ ଏଇ ମର ସଂସାରେ
ତା' ବିନା ଭୁଲନାରେ ରସି ଅସାରେ ॥ ୦ ॥

କରି ସେ କରାଉ ଥାଇ ତା' ବିନେ କେ ଆନ ନାହିଁ
ଅଢ଼େଇ ଦିନକୁ ଏତେ ଆଣ୍ଟ କିଆଁରେ ॥ ୧ ॥

ପିତା ବନ୍ଧୁ ସହୋଦର କହିବେ ସେ ମୋର ମୋର
ଘଟରେ ଥିବା ଯାଏ ତୋ ଜୀବ ସିନାରେ ॥ ୨ ॥

ଯେବେରେ ଏ ଜୀବ ଯିବ ଘଟ ତୋ ମଢ଼ା ହେବ
ମଶାଣି ପଦାକୁ ତୁତ ହେବୁ ବୁହାରେ ॥ ୩ ॥

ଧନ ମାନ ଅଭିମାନ ସବୁ ତୋ ଅଢ଼େଇ ଦିନ
ଦୁଃଖ ବେଳେ ନ ଦେବେ କେ ଧରା ଛୁଆଁରେ ॥ ୪ ॥

ଏତିକି ବେଳରୁ ହେଜ 'ଜୟଗୁରୁ' ନାମ ଭଜ
ସୁଖ ଦୁଃଖର ତ ଏକା ସେହି ସାହାରେ ॥ ୫ ॥

ନିଶି ଦିବସେ ଘୁମାଇଁ କାଳ ତୁ ବିତାଅ ନାହିଁ
'ଜୟଗୁରୁ' ନାମ ଏକା ଶାନ୍ତି ଦିଆରେ ॥ ୬ ॥

ଆରେରେ ପାଗଳ ମନ ମାନ ତୁ ମୋ କଥା ମାନ
ଘୋଷି ହୁଅ ସଦା 'ଜୟଗୁରୁ' ନାଆଁରେ ॥ ୭ ॥

ହୋଇତୁ ଶ୍ରୀଗୁରୁ ଦାସ ଜୀବନକୁ କର ଶେଷ
ସେ ଏକା ଭବତରୀ ନାଉରିଆରେ ॥ ୮ ॥

❀❀❀

# ମନଶିକ୍ଷା

ସେ ତ ସକଳ ସାଧନ ଧନରେ, ଚିର ସାଥୀ ଜନ୍ମଜନ୍ମାନ୍ତରେ,
ତୋର ଅନାଦରେ ଅଭିମାନ ଭରେ, ଅପ୍ରକଟ ତୋ ଅନ୍ତରେ ॥ ୦ ॥

ପଥ ଚାହିଁ ନିରାଲମ୍ବ ଭୁବନେ,
ସେ ତ ଖେଳି ରହିଛନ୍ତି ଗଗନେ
ଶୀତଳନ୍ତି ଜ୍ୱାଳା ଦକ୍ଷିଣା ପବନେ, ତପତ ମରୁ ପ୍ରାନ୍ତରେ ॥୧ ॥

ତୋର ମରମ ଗୁପତ ବ୍ୟଥାରେ
ସଦା ଗୁଣୁଥାଉ ତାଙ୍କ କଥାରେ
ଭାବର ବାରତା ଶତ ଅଭାବରେ, ପ୍ରଚାରନ୍ତି ନିରନ୍ତରେ ॥ ୨ ॥

ସେ ତ ସକଳ ମନ୍ଦିରେ ଅର୍ଚ୍ଚନା,
ସେ ତ ସକଳ ସଙ୍ଗୀତେ ମୂର୍ଚ୍ଛନା
ନିଖିଳ ସୃଷ୍ଟିର ସଉନ୍ଦର୍ଯ୍ୟ ଉତ୍ସ, ଅମୃତ-ଭୂମି କେନ୍ଦ୍ରରେ ॥ ୩ ॥

ଉଷା ପ୍ରଥମ ଅରୁଣ ରାଗରେ
ସଞ୍ଜ ସୁନାଶିରୀ ଶେଷ ଭାଗରେ
ନୀରବ ନିଶୀଥେ ବିଜନ ଜାଗରେ, ଖୋଜ ବ୍ରାହ୍ମମୁହୂର୍ତ୍ତରେ ॥ ୪ ॥

ଭବେ ଅତି ପ୍ରିୟ ଯେତେ ଦରବ,
ଯାହା ଲାଗି କରୁ ଏତେ ଗରବ
ଦେଖା ପାଇଯିବୁ ଅରପିଲେ ସବୁ, ସେହି ଚରଣପ୍ରାନ୍ତରେ ॥ ୫ ॥

# ପ୍ରାର୍ଥନା

ଅଳପ ମୋ ନିବେଦନ ଗୁରୁଦେବ ! ଅଳପ ମୋ ନିବେଦନ,
ଡରିଯାଅ ନାହିଁ ମାଗିଦେବି ବୋଲି
ଗୋପ, ଲକ୍ଷ୍ମୀ, ଧନ, ଜନ ॥ ୦ ॥
ଏତିକି ପଦେ ଜଣାଣ ଗୁରୁଦେବ ! ଏତିକି ପଦେ ଜଣାଣ
ତବ ଶ୍ରୀଚରଣ ଚିନ୍ତନ ବିନାରେ
ଆନେ ନ ରସୁ ଏ ମନ ॥ ୧ ॥
ଗାଇବାର ହେଲେ, ଏ ମୁଖ କେବଳ
କରୁ ତବ ନାମ ଗାନ,
ଶୁଣିବାର ଥିଲେ, ତବ ଗୁଣ ଏକା
ଶୁଣୁଥାଉ ନିତି କାନ ॥ ୨ ॥
ଦେଖିବା ଶକତି ଥିଲେ, ରୂପ ତବ
ଦେଖୁ ଏ ବେନି ନୟନ,
ଭାଳିବାର ଯେବେ, ଚିତ୍ତ କରୁ ତେବେ
ତବ ନାମ ସୁମରଣ ॥ ୩ ॥
ମାଗିବାର ଥିଲେ, ମାଗୁ ମନ ଶୁଦ୍ଧା
ଭକତି କର ପ୍ରଦାନ
ସେବିବାର ଯେବେ, ସେବି ଧନ୍ୟ ହେବି
ସେ ବେନି ରଙ୍ଗ ଚରଣ ॥ ୪ ॥
ମଜ୍ଜିବାର ହେଲେ, ତବ ନାମ ରସେ
ମଜ୍ଜିବି, କର ବିଧାନ,
ନାହିଁ ନାହିଁ ଆନ ମାଗୁଣି କେବଳ
ପଦତଳେ ଦିଅ ସ୍ଥାନ ॥ ୫ ॥

# ପ୍ରାର୍ଥନା

ଅକ୍ଷୟ ଆନନ୍ଦ ଧାମେ ଚାଲରେ ପଥିକ ମନ
ପାଇବୁ ଶାଶ୍ୱତ ସୁଖ ଶମିବ ଦଗ୍ଧ ଜୀବନ ॥ ୦ ॥

ସେ ବଡ଼ ପବିତ୍ର ଦେଶ ନାହିଁ ତହିଁ ପାପ ଲେଶ
ପ୍ରେମାନନ୍ଦେ ସମାବେଶ ସକଳ ଶୋକ ଭଞ୍ଜନ ॥ ୧ ॥

(ତଥା) ଶାନ୍ତି ନାମେ ପୁଣ୍ୟ ନଦୀ ବହୁଛି ତ ନିରବଧି
ନ ରହିବ ମନବ୍ୟାଧି କଲେଟି ଅବଗାହନ ॥ ୨ ॥

ଅଜସ୍ର ଅମିୟ ସୁଧା ବାଞ୍ଛାପୁରେ ମିଳେ ସଦା
ଘୁଞ୍ଚିବ ମନର କ୍ଷୁଧା ସେ ସୁଧା କରି ସେବନ ॥ ୩ ॥

(ତଥା) ନିତ୍ୟାନନ୍ଦ ନିତ୍ୟୋତ୍ସବ ଅନନ୍ତ ପୂର୍ଣ୍ଣ ବୈଭବ
ଅପ୍ରାପ୍ୟ ଅଭାବ ସର୍ବ ତତ୍କ୍ଷଣେ ହେବ ପୂରଣ ॥ ୪ ॥

(ତଥା) ସଦାବ୍ରତ ତୃପ୍ତି ଅନ୍ନ ଲାଳସା ନଥାଏ ଆନ
ସେବନେ ବାସନା ପୂର୍ଣ୍ଣ (ହୁଏ) ଚିଦାନନ୍ଦ ଉଦ୍ଦୀପନ ॥ ୫ ॥

❀❀❀

# ପ୍ରାର୍ଥନା

ଅଗତିର ଗତି କାରଣ ତୁମେ ଜଗତପତି
କମଳ ଚରଣ ତଳରେ ମୋର ଘେନ ପ୍ରଣତି ॥ ୦ ॥

ଦୁରୁଦିନେ ତୁମେ କେବଳ ଦୁଃଖ ବେଦନାହାରୀ
ଜୀବନର ଯେତେ କଳୁଷ ତୁମେ ଦିଅ ନିବାରି ॥ ୨ ॥

ଭକତ ବତ୍ସଳ ତୁମେ ହେ କରୁଣାର ସାଗର
ଅନ୍ତକେ ପାଇବ ତୁମର ଅଛି ଶକତି କା'ର ? ॥ ୩ ॥

ଆଜି ଅଛି କାଲି ନାହିଁ ତ ସବୁ ଦୁଇ ଦିନିଆ
ଦୁଇ ପାଖେ ନିଆଁ ଜଳୁଛି ତେଣୁ ନାମ ଦୁନିଆଁ ॥ ୪ ॥

ତୁମେ ଏକା ଚିର ସ୍ଥିର ହେ ସବୁ କରି କରାଅ
ଚଞ୍ଚଳତା ହାରି ମନରୁ ପାଦେ ଶରଣ ଦିଅ ॥ ୫ ॥

❀❀❀

# ପ୍ରାର୍ଥନା

ଅଙ୍ଗେ ଅଙ୍ଗେ ପ୍ରସରି ମର୍ମେ
ପ୍ରକଟିତ ହୁଅ ସକଳ କର୍ମେ ॥ ୦ ॥

ପ୍ରଭାତ ବନ୍ଦନା ପ୍ରଦୋଷ ଆରତି କରେ ଯାହା ତୁମ କୃପାକର୍ଷଣେ
ନ କଲେ ଗ୍ରହଣ କର ନାହିଁ ବୋଲି ଜାଗିରହୁ ମୋର ଚିର ସ୍ମରଣେ ॥ ୧ ॥

ଶୁଣ ବୋଲି ସିନା ସୁଖ ଦୁଃଖ ମୋର ନତି ନିବେଦନ କରେ ଚରଣେ
ଶୁଣ ନାହିଁ ଯେବେ ଶ୍ରୁତିକଟୁ ହୁଏ ବଧିର ନୋହି ତ ସ୍ଫୂର ମୋ ମନେ ॥ ୨ ॥

ଦିଅ ଯେବେ ଦେଖା ସେ ସିନା ଅଦେଖା ପଡ଼ନ୍ତେ ନୟନ ରହ ମଉନେ
ଉଠିଯାଅ କାହିଁ ତର ସହେ ନାହିଁ ନାହିଁ କି ସାହସ ରହିବ କ୍ଷଣେ ॥ ୩ ॥

କରେ ଜୟଗାନ ଉଠେ ଯେ କମ୍ପନ ନ ଖେଳେ କି ତାହା ବିଶ୍ୱ ପରାଣେ
ନ ବାଜେ କି ଥରେ ତରଙ୍ଗ ଭଙ୍ଗରେ ବିଶ୍ୱଶ୍ରୋତା ତୁମ ବଧିର କାନେ ॥ ୪ ॥

ଜନ୍ମ ଜନ୍ମାନ୍ତର ଚଞ୍ଚଳତା ମୋର କେତେ ଶ୍ରାନ୍ତି ସଞ୍ଚି ରଖିଛି ପ୍ରାଣେ
ନ ଦେଲେ ନ ଦିଅ ଶାନ୍ତି ବା ବିଶ୍ରାମ ଲକ୍ଷ୍ୟ ସଦା ସ୍ଥିର ରହୁ ମହାନେ ॥ ୫ ॥

ବିନ୍ଦୁ ମୁହିଁ ସତ ସିନ୍ଧୁରେ ନିୟତ ମିଶିବି ସଂକଳ୍ପ ପୋଷିଛି ମନେ
ନ ହେଲେ ନ ହେଉ ଆଶା ଚାହିଁ ରହୁ ଆନନ୍ଦ-ଜଳଧି ଅବଗାହନେ ॥ ୬ ॥

ତୁମରି ଇଚ୍ଛାରେ ମିଶି ଇଚ୍ଛା ମୋର ଜୟଯୁକ୍ତ ହେଉ ଏହି ଜନମେ
ନ ହେଲେ ପୂରଣ ହେଉ ପଥ ମୋର ଆନନ୍ଦରେ ଶେଷ ଅନ୍ତିମକ୍ଷଣେ ॥ ୭ ॥

ଶ୍ରବଣ ମନନ ନ କରେ ଧିଆନ ଅନୁଭୂତି ପଛେ ନଦିଅ ଦିନେ
ହୋଇନାହିଁ କିଛି ଅଭାବ ଯା' ଅଛି ଦେଉ ବ୍ୟଥା ଜାଗରଣେ ସ୍ୱପନେ ॥ ୮ ॥

❀❀❀

# ପ୍ରାର୍ଥନା

ଅତୁଳ ତୁମରି ଦାନ ଅଭୟ ବଚନ ହେ
ଶୁଣିଲେ ଗୁଣିଲେ ଦିଶେ ସେ ରଂଗାଚରଣ ହେ ॥ ୦ ॥

କି ମଧୁର ସେ ଭାରତୀ କି ମଧୁର ସେ ପୀରତି
ମଧୁରୁ ମଧୁର ତବ ସୃଷ୍ଟି ସରଜନ ହେ ॥ ୧ ॥

ଭୟଭୀତି ଅପସରେ ନୟନୁ ଲୋତକ ଝରେ
ଆଖି ଯାଏ ଯହିଁ ତହିଁ ମିଳେ ଦରଶନ ହେ ॥ ୨ ॥

ମାଗୁ ନାହିଁ କିଛି ଆଉ ନାମ ଖାଲି କଣ୍ଠ ଗାଉ
ମନର କଳୁଷ ଯେତେ ହେଉ ନିପାତନ ହେ ॥ ୩ ॥

ବରଷୁ ଶିରରେ ମୋର ତୁମରି ଆଶିଷ ଧାର
ଯେତେ ଦୋଷ କ୍ଷମା କର, କରୁଣା ନିଧାନ ହେ ॥ ୪ ॥

❀❀❀

# ପ୍ରାର୍ଥନା

ଅନାଥ ଜନେ ଅନାଅଁ ଥରେ ହେଲେ ଫେରି
ଦୁଆରେ ଭିଖାରି ତବ, ଭବ ନର ନାରୀ ॥ ୦ ॥

କର ଯୋଡ଼ି ଅନୁସରେ
ମାଗଇ ଅତି କାତରେ
ଦିଅ ଦିଅ ପ୍ରେମ ଭିଖ ! ଦୁଃଖ ତାପ ହାରୀ ॥ ୧ ॥

ତୁମେ ହେ କରୁଣା ସାଇଁ
ଅତି ଦୀନ ଅଟେ ମୁହିଁ
ତୁମ ବିନୁ ଆଉ କେହି ମୋର ବୋଲି ନାହିଁ ॥ ୨ ॥

ନୁଆଁଏ ମୁଁ ନିତି ମଥା
ହେଲେ ପଦେ କୁହ କଥା
ତୁମକୁ ଅଜଣା ନୁହେଁ ମୋ ଅନ୍ତର ବ୍ୟଥା ॥ ୩ ॥

ଶରଣ ହେ ନାରାୟଣ !
ଅଗତି ଗତି କାରଣ
ଅସାର ଭବ-ସାଗରୁ କର ପ୍ରଭୁ ପାରି ॥ ୪ ॥

❋❋❋

# ପ୍ରାର୍ଥନା

ଅନୁପମ ରୂପଠାଣି ହେ ଠାକୁର ! ଅତୁଳନ ତବ ବାଣୀ
ଅକଳନ ପ୍ରେମ ସେନେହ ସୁଷମ ନ ପାରଇ ପରିମାଣି
ହେ ଠାକୁର ! ନପାରଇ ପରିମାଣି ॥ ୦ ॥

ଅପାସୋରା ସ୍ମୃତି ଛାୟା କିଏ ତୁଟାଇବ ମାୟା
ପ୍ରଣତି ଘେନ ଧିଆନି
ପ୍ରଳୟ ବତାସେ ଟଳିବ ନାହିଁ ସେ
କି ଅବା ଦିବା ରଜନୀ
ହେ ଠାକୁର ! କି ଅବା ଦିବା ରଜନୀ ॥ ୧ ॥

ସୁମର ସ୍ମୃତି ତୁମର ହୃଦୟ ତ ଭରପୂର
କରି ନାମ ମଥା ମଣି
ଗୁରୁପଦ ଧରି ଜୀବନ ମୋହରି
ହେଉ ପରପାରଗାମୀ
ହେ ଠାକୁର ! ହେଉ ପରପାରଗାମୀ ॥ ୨ ॥

ଧନଜନ ମୋହ ମଦ ଏ ଜଗତର ସମ୍ପଦ
ସବୁ ଦଣ୍ଡକର ମଣି
ମଥା ନତକରି ତୁମରି ଚରଣେ
ଗୁରୁଦାସ ହୁଏ ଗୁଣି
ହେ ଠାକୁର ! ଗୁରୁଦାସ ହୁଏ ଗୁଣି ॥ ୩ ॥

❀❀❀

# ପ୍ରାର୍ଥନା

ଅପାର ଭବ ସାଗରେ କାହିଁ ଯିବି ପଥ ହରା ?
ଏକାନ୍ତ ଭରସା ତୁମେ ମୋ ଜୀବନ ଧ୍ରୁବ ତାରା ॥ ୦ ॥

କେତେ ଦୂର କାହିଁ ପଥ, ପାଉ ନାହିଁ ଆଦି ଅନ୍ତ
ଭୀମ ଗରଜନେ ଉଠେ ସମ୍ମୁଖେ ଲହରୀ ମାଳା ॥ ୧ ॥

ଦଦରା ନଉକା ବାହି, କେଉଁ ଦିଗେ ଯିବି କାହିଁ ?
ଚାହିଁଲେ ହତାଶ ହୋଇ ଢାଳିବ କିରଣ ଧାରା ॥ ୨ ॥

ଘୋଟିଲେ ଘନ କୁହୁଡ଼ି, ନଯିବି କି ପଥ ହୁଡ଼ି ?
ସବୁ ଦିଗ ରୁଦ୍ଧ ହେଲେ ମୁଦିବି ନୟନ ତାରା ॥ ୩ ॥

ସେତେବେଳେ ଧ୍ରୁବ ଜ୍ୟୋତି, ଅନ୍ତରେ ଫୁଟି ଝଟତି
ଉଭା ହୋଇ ଆଗେ ମୋର ଦେଖାଦେବ ପଥ ସାରା ॥ ୪ ॥

❋❋❋

# ପ୍ରାର୍ଥନା

ଅମୃତ ସନ୍ତାନ ବିଶ୍ୱବାସୀ ଶୁଣ ଅମରଧାମ ବାରତା
ନିତ୍ୟ ଜଗତର ମୁକ୍ତି ଗନ୍ତାଘର ଚାବି ସଦ୍‌ଗୁରୁ କଥା ॥ ୧ ॥

ଲକ୍ଷ ଲକ୍ଷ ଯୋନି କଷ୍ଟେ ପାର ହୋଇ ଆସିଛ ନର ଦେହରେ
କୀଟ ପତଙ୍ଗାଦି ପଶୁପକ୍ଷୀ ଆଦି ଦେହେ ଜନ୍ମ ମୃତ୍ୟୁ ପରେ ॥ ୨ ॥

ସେସବୁ ଜନମ ସହଜାତ ଗୁଣ ଯେତେ ଚଞ୍ଚଳତା ଯାର
ଏକତ୍ର ହୋଇଛି ଏହି ଦେହେ ଅଛି ହୋଇ ନାହିଁ କ୍ଷୟ ତାର ॥ ୨ ॥

ମଧୁର କାମନା ଅତି ଭୟଙ୍କର ପଶୁ ଆଚରଣେ ମିଶି
ଭୋଗ ସୁଖ ଲାଭେ ଚଳାଏ ମାନବେ ଭ୍ରମି ମରେ ଦିବା ନିଶି ॥ ୩ ॥

ଭୋଗ ପାଇଁ କରେ ଯେତେକ କାମନା ହୁଏ ନାହିଁ ସବୁ ପୂର୍ଣ୍ଣ
ନୂଆ କାମନାର ପଛେ ପଛେ ଧାଇଁ ପୋଡ଼ି ମରେ ଅନୁକ୍ଷଣ ॥ ୫ ॥

ଅଛି ଚଞ୍ଚଳତା ଜନ୍ମଜନ୍ମାନ୍ତର ମନ ହୁଏ ନାହିଁ ସ୍ଥିର
ଯେଉଁ ଉପାୟରେ ହେଉ ଧନ ମାନ ପାଇଁ ହୁଏ ତରତର ॥ ୬ ॥

ଲକ୍ଷେ ନର ରକ୍ତ ଶୋଷି ନୁହେଁ ତୃପ୍ତ ଧନ-ବୃଦ୍ଧି ଲକ୍ଷ୍ୟ ତାର
ନିଏ ମାତ୍ର ଦୀକ୍ଷା ପାଇଥିଲେ ଶିକ୍ଷା ଭାଗ୍ୟବଳେ ସମାଜର ॥ ୭ ॥

ଗୁରୁ କୃପା ବଳେ ପାଇବା ଆଶାରେ ପଦଗୌରବ ସଂସାରେ
ଏହି ଲୋଭେ ଏକା ଗୁରୁଙ୍କ ଆଶ୍ରୟ ନିଏ ସେହି ଧାଡିକାରେ ॥ ୮ ॥

❁❁❁

# ପ୍ରାର୍ଥନା

ଅଯୋଗା ଅଗୁଣର ମୁଁ ବୋଲି
କାହିଁରେ ତ ତୁମେ ଊଣା କରି ନାହଁ
ଦେଇ ନାହଁ କେବେ ଦୂରକୁ ଠେଲି ॥ ୦ ॥
ପୋଛିଛି ମଥାରୁ ଆଶିଷ ଚନ୍ଦନ
ସରାଗରେ ଯାହା ଦେଇଛ ବୋଲି
ପ୍ରତିଦାନେ ତାର ଲୋଡ଼ିନାହିଁ କିଛି
ରୁଷିବା ବଦଳେ, ହସିଛ ଖାଲି ॥ ୧ ॥
ବାରବୁଲା ପରି ବୁଲେ ଏଣେତେଣେ
ତୁମ ଦେଖାଇଲା ରାହା ପାସୋରି
ଧୂଳି ପୋଛି ଦେଇ, ଆହା କରି ଧର
ଗେଲାଇ କୋଳରେ ଶରଧା କରି ॥ ୨ ॥
ତୁମ ଦିଆ ସୁଧା ଥୁ ଥୁ କରି ମୁଁ ଯେ
ମିଛରେ ଶୋଷରେ ଯାଉଛି ମରି
ତେବେ ହେଲେ ତୁମେ ଭରି ଦିଅ ମୁଖେ
ଥର ଥର କରି କରୁଣା ବାରି ॥ ୩ ॥
କାହିଁ କେବେହେଲେ ଚାହିଁ ନାହିଁ କିଛି
ନାହିଁ ଦାତା ପଣେ କେ' ତୁମ ସରି
ନିଆ ବଦଳରେ ଦିଆର ସାଗର
କୂଳ ଲଂଘି ପଡୁଛି ତ ଉଛୁଳି ॥ ୪ ॥
ପ୍ରେମ ବନ୍ଧନରେ ବାନ୍ଧିରଖ ତୁମେ
ଖସି ପଳାଏ ମୁଁ ପାଗଳ ପରି
ଦୂରେ ଅଛ ବୋଲି ମନେ ବିଚାରି ମୁଁ
ଫେରିଚାହେଁ, ପାଶେ ଅଛ ମୋହରି ॥ ୫ ॥

## ଆଶୀର୍ବାଣୀ

ଅରୂପ ସ୍ୱରୂପ ତୁମେ ବହୁରୂପ ଧାରୀ
ତୁମେ ହେ କରୁଣାନିଧି ଭବ ଦୁଃଖ-ହାରୀ ॥ ୦ ॥

ତୁମେ ହେ ମଙ୍ଗଳମୟ ତୁମେ ସୁଖର ଆଳୟ
ଦୀନ ତାରଣ ଭକତ ହୃଦୟ ବିହାରୀ ॥ ୧ ॥

ତୁମେ ମାତା ତୁମେ ପିତା ତୁମେ ଭବଭୟ ତ୍ରାତା
ତୁମେ ଗୁରୁ ଜ୍ଞାନଦାତା ପ୍ରଭୁ ଦଇତାରୀ ॥ ୨ ॥

ତୁମେ ପୁରୁଷ ଉତ୍ତମ ବିଶ୍ୱରୂପ ସତ୍ୟକାମ
ସଗୁଣ ନିର୍ଗୁଣ ତୁମେ ପାପ-ନାଶ-କାରୀ ॥ ୩ ॥

ତୁମେ ଧର୍ମ ତୁମେ ଜ୍ଞାନ ତୁମେ ଜୀବର ଜୀବନ
ତୁମରି ଚରଣେ ଦାସ ଶରଣ ଭିକାରୀ ॥ ୪ ॥

❁❁❁

# ପ୍ରାର୍ଥନା

ଆଉ କେତେ ଦିନେ ଏ ଶୁଷ୍କ ଜୀବନେ ହୋଇବ ପ୍ରେମ ସଂଚାର
ହେବି ପୂର୍ଣ୍ଣକାମ ଗାଇ ଗୁରୁନାମ ବହିବ ପ୍ରେମାଶ୍ରୁ ଧାର ହେ
ଶୁଦ୍ଧ ହେବ ପ୍ରାଣ ମନ
ନିରେଖିବି ପ୍ରେମ ବୃନ୍ଦାବନ ହେ ॥ ୧ ॥

ସଂସାର ବନ୍ଧନ ହୋଇବ ମୋଚନ ପାହିବ ଅମା ରଜନୀ ହେ
ଏ ପାପ ଜୀବନ ହୋଇବ ସୁବର୍ଣ୍ଣ ପରଶି ପରଶ ମଣି ହେ
ସେହି ମୂରତି ମୋହନ
ବିଶ୍ୱେ ଦେଖିବି ସଦା ନୟନ ହେ ॥ ୨ ॥

କେବେ ହେବ ଦୂର କର୍ମ ଫଳ ମୋର ଜାତିକୂଳ ଅଭିମାନ ହେ
ଲଜ୍ଜା ଭୟ ପାଶ ହୋଇବ ନିରାଶ ଦମ୍ଭ, ମାନ, ଅପମାନ ହେ
ଧରି ବୈରାଗ୍ୟର ଝୁଲି
ହେବି ବୋଲି ଭକ୍ତ ପଦ ଧୂଳି ହେ ॥ ୩ ॥

ହସିବି, କାନ୍ଦିବି, ନାଚିବି, ଗାଇବି ପ୍ରେମେ ହୋଇ ଉନମତ୍ତ ହେ
ପ୍ରେମ ସିନ୍ଧୁ ଜଳେ ବୁଡ଼ିବି ଅତଳେ ବୁଡ଼ାଇ ସାରାଜଗତ ହେ
ଦେଖି ସେ କୁଞ୍ଜ ବିହାରୀ
ଉଚ୍ଛୁଳିବ ଆନନ୍ଦ ଲହରୀ ହେ ॥ ୪ ॥

ମୋହନ ମୂରତି ସୁମଧୁର ଅତି ନିରେଖି ପରାଣ ଭରି ହେ
ରୋମାଞ୍ଚିବ ତନୁ ଝରିବ ନୟନୁ ଅବିରଳ ନେତ୍ର ବାରି ହେ
ମେଣ୍ଟାଇବି ଚିର ଆଶ
ମାଗି ପଦସେବା ଅଭିଳାଷ ॥ ୫ ॥

❀❀❀

# ପ୍ରାର୍ଥନା

ଆନେ ମୋର ମନ ନାହିଁ, କରୁଣା କର ଗୋସାଇଁ ॥ ୦ ॥

ନୟନ ଯେ ଦିଗେ ଫେରିବ, ସେ ଦିଗେ ତୁମ ଛବି ଦେଖୁ ଥିବ
କାନ ଶୁଣୁଥିବ, ତୁମରି ଚରଣ ନୂପୁର ମଧୁର ରବ
ତୁମ ପଦରଜ ଶିରେ ବୋଳିହୋଇ, ନାଚୁଥିବ ଥେଇ ଥେଇ ॥ ୧ ॥

ମନ ମୋର ତୁମ ପୀରତି ବିହୁନେ, ଆନ ରସେ ନ ରସିବ
ହୃଦୟ-ମନ୍ଦିରେ ତୁମରି ଆରତି-ବତି ନିତି ଜଳୁଥିବ,
କଣ୍ଠ ମୋହର ହେଉଥିବ ଖାଲି ତୁମ ନାମ, ଗୁଣ ଗାଇ ॥ ୨ ॥

ତୁମରି କରୁଣା ଦୁଆରେ ମୋ ହାତ ଅଞ୍ଜଳି ଥିବ ପାତି
ସୁଖ, ଦୁଃଖ ସବୁ ତୁମ ଦାନ ବୋଲି, ଭାଳୁଥିବ ମୋର ମତି
ପାଗଳ ହେବି ମୁଁ ତୁମ ବିରହରେ, ସଦା ଚେତନା ହଜାଇ ॥ ୩ ॥

❀❀❀

# ପ୍ରାର୍ଥନା

ଆପଣାର ହିତ ଭାବି ଅବିରତ
କାଟିଲୁ ଜୀବନ ଆରେ ମୂଢ଼ମତି
ତୋହରି ଇଚ୍ଛାରେ ପରିଚାଳିତ କି
ଜଗତ ବାନ୍ଧବ ପ୍ରଭୁ ବିଶ୍ୱପତି ॥ ୦ ॥

ନିଜ କଥା ମନ ଭାବିଲୁ ତୁ ଯେତେ
ଭାବନାରେ ବୋଝ ବଢ଼ାଇଲୁ ସେତେ
ଶତଶତ ଆଶା ଭାଙ୍ଗି ହେଲା ଚୂନା
ତଥାପି ଆଶାର ନ ହେଲା ବିରତି ॥ ୧ ॥

ସାଗର ମଣ୍ଡଇ ମେଘେ ଶୈଳଶିର
ଶୈଳ ଅରପଇ ନିଜ ହୃଦ ନୀର
ଶିଷ୍ୟ ହୋଇ ମନ ଦୈବୀ ପ୍ରକୃତିର
ଶିଖ ଶିଖ ତୁହି ପର ଅନୁଗତି ॥ ୨ ॥

ହୃଦଦ୍ୱାର କିଳି ବସି ରୁଦ୍ଧ ଘରେ
ନିଜ ପାଇଁ ମନ ! କାନ୍ଦିଲୁ କେତେରେ
ଦୁଇଟୋପା ଲୁହ ଢ଼ାଳ ହେଲେ ଥରେ
ତାଙ୍କ ପାଇଁ ଯେତେ ଦୀନ ଦୁଃଖୀ ଅତି ॥ ୩ ॥

ରହିବୁ ତୁ ବୁଡ଼ି ଯେବେ ନିଜ କାର୍ଯ୍ୟେ
କିପାଇଁ ଆସିଲୁ ମାନବ ସମାଜେ ?
ସାଜି ଆପଣାକୁ ସେବକର ସାଜେ
ଶ୍ରୀଗୁରୁ ଚରଣେ କରରେ ପ୍ରଣତି ॥ ୪ ॥

❀❀❀

# ପ୍ରାର୍ଥନା

ଆରେ ମନ ମୋର ! କହୁଛି ମୋ ବୋଲ ଘେନା କର ॥ ୦ ॥

ଗୁରୁ ଦେଇଥିବା ସିଦ୍ଧ ମନ୍ତ୍ର, ସରି ନୁହେଁ ତାକୁ ଯନ୍ତ୍ର ତନ୍ତ୍ର
ଚତୁର୍ବର୍ଗ ଫଳ ହେଲେ ତୁ ପାଇବୁ
ବିଶ୍ୱାସ କରିଣ ହୃଦେ ଧର ॥ ୧ ॥

ଗୁରୁବାକ୍ୟ ସଚେତନ ମନ୍ତ୍ର, ଜାଣି ଶୁଣି କିମ୍ପା ହେଉ ଭ୍ରାନ୍ତ
ଅବିଶ୍ୱାସ ସଂଶୟକୁ ଦିଅ ଜାଳି
ନାମ ବଳେ ହୁଅ ବଳିୟାର ॥ ୨ ॥

ହୃଦପଦ୍ମେ ତାଙ୍କୁ ଚିନ୍ତାକର ସରବ ଅଭାବ ହେବ ଦୂର
ଆନନ୍ଦରେ ସଦା ହୋଇବୁ ବିଭୋର
ଅଜ୍ଞାନତା ନ ରହିବ ତୋର ॥ ୩ ॥

ଛାଡ଼ିଲେ ଅହଂତ୍ୱ ଅଭିମାନ କୃପାଜଳେ ହୃଦ ହେବ ପୂର୍ଣ୍ଣ
ବିଦ୍ୟା, ବୁଦ୍ଧି, ଗୁଣ, ଥାଉ ବା ନ ଥାଉ
ନିର୍ଭୟେ ଗମିବୁ ନିତ୍ୟପୁର ॥ ୪ ॥

ସଦ୍‌ଗୁରୁ ଚରଣ ତଳେ ପଡ଼ି ଜଣାଅ ପ୍ରାର୍ଥନା ପ୍ରାଣ ଭରି
ଭାବଗ୍ରାହୀ ପ୍ରଭୁ ବୁଝିବେ ବେଦନା
ନରହିବ ଭବ ତାପ ଘୋର ॥ ୫ ॥

❀❀❀

# ପ୍ରାର୍ଥନା

ଆହେ ଗୁରୁଦେବ ! ଭକତ ଜନରେ କର ଜ୍ଞାନ ବଇରାଗ୍ୟ ଦାନ
ସକଳ ଦୁଃଖରୁ କରି ପରିତ୍ରାଣ ତୁମେ ଏକା ହୋଇ ପରସନ୍ନ
ଦିଅ ଶୁଭ ଗତି
ଦାନ କର ଚିର ଶାନ୍ତି ମୁକ୍ତି ॥ ୧ ॥

ନ ଅନାଇ ଶାସ୍ତ୍ର ବିଧାନେ ତୁମରି ସେବାରେ ବ୍ରତୀ ଯେ ଥାଏ ନିତି
ଦରଶନ ଦିଅ ତୁମେ ଗୁରୁଦେବ, ଧରି ତାରେ ଇଷ୍ଟଦେବ ମୂର୍ତ୍ତି
ଆଜି ଶୁଭଦିନେ
ନମୁଁ ଭକ୍ତିଭରେ ଶ୍ରୀଚରଣେ ॥ ୨ ॥

ପରମ ଆନନ୍ଦ ମୂରତିରେ ରାଜ ଅନ୍ତର ମଝିରେ ଦୟା ବହି
ଦିଅ ଶୁଭବୁଦ୍ଧି, ଘେନ ଶୁଭ ପଥେ ମନର ଏକାନ୍ତ ବାଞ୍ଛା ଏହି
ତବ ଶୁଭାଶିଷ
ଚିରଦିନ ହେଉ ମନ ଆଶ ॥ ୩ ॥

ରବି, ଶଶୀ, ତାରା, ସ୍ୱରୂପ ତୁମର ବ୍ୟାପି ରହିଅଛ ଚରାଚର
ଅଗ୍ନି ତୁମ ମୁଖେ ବାୟୁ ତୁମ୍ଭ ପ୍ରାଣେ ବିରାଜିତ ପ୍ରଭୁ ପରାତ୍ପର
ଦାସେ ଦୟାକର
ଘେନ ପ୍ରଣିପାତ ଅଧମର ॥ ୪ ॥

ଜଗତମଙ୍ଗଳ ଦାନି ଗୁରୁଦେବ ଦୁର୍ଗତି ସବୁରି ନାଶ କର
ଶାନ୍ତି ସୁଖ ରାଜୁ ଦିବସ-ରଜନୀ ସେବା ବ୍ରତ ହେଉ ମାନସର
ତବ ଶ୍ରୀଚରଣ
ପୂଜନେ ନିରତ ରହୁ ମନ ॥ ୫ ॥

# ପ୍ରାର୍ଥନା

ଇଚ୍ଛାମୟ ତୁମେ ଠାକୁର ! ଇଚ୍ଛା ହେଉ ପୂରଣ
ସୁଖେ ଦୁଃଖେ ତୁମ ଇଚ୍ଛାରେ ବିତୁ ରଜନୀ ଦିନ ॥ ୧ ॥

ବାସନା-ବିକାର ବଶରେ ହସେଁ କାନ୍ଦେ ମୁଁ ସିନା
ହସ କାନ୍ଦ ଯାହା ସବୁତ ତୁମ ମାୟା ସର୍ଜନା ॥୨ ॥

ଅଭିମାନେ, ରୋଷେ, ଶୋକରେ ନୀର ଭରେ ନୟନେ
ନ ଭରେ ମାତର କାହିଁ ତ ତୁମ ଅଦରଶନେ ॥ ୩ ॥

ଦୁଃଖେ ନ କାନ୍ଦିବି ଏଥର ତୁମ ଜୟ ଗାଇବି
କି ଭୟ-ଭାବନା ଯେବେ ମୁଁ ତୁମ ଶରଣ ନେବି ? ॥ ୪ ॥

❀❀❀

# ପ୍ରାର୍ଥନା

ଏତେ ଦିନ ପରେ ଜାଣିଛି ହେ ଠାକୁର ତୁମକୁ ନ ପାଇଲେ ଶାନ୍ତି ନାହିଁ
ଦଗ୍ଧ ହୃଦୟର ଜ୍ୱାଳା ଦୁଃଖ ଭାର ଘୁଞ୍ଚାଇବ ଆଉ କିଏ କାହିଁ ? ॥ ୦ ॥

ମଳିନତା ଦୂର ନ ହେବ ମନର
ହେବ ନାହିଁ ଛିନ୍ନ ପାଶ ପ୍ରବୃତ୍ତିର
ଅତୃପ୍ତ ପ୍ରାଣର ସନ୍ତପ୍ତ ପିପାସା, ମେଣ୍ଟାଇବ କିଏ ଆଉ ନାହିଁ ? ॥ ୧ ॥

ତେଣୁ ଆଜି ନାଥ ! ହେଲି ଉପଗତ
ତୁମରି ଦୁଆରେ ବେଦନା ମଥିତ
କେତେଦିନ ଆହା ଶୂନ୍ୟ ମରୁପଥେ ଭ୍ରମୁଥିବି ତୃଷାତୁର ହୋଇ ॥ ୨ ॥

ସୁଖ ଆଶାକରି ବାସନା ଅନଳ
ଅହର୍ନିଶି ଜାଳି ପାଇଛି ଗରଳ
ଶାନ୍ତି ଶାନ୍ତି ବୋଲି କେତେ ପାନ କଲି ବିଷୟର ତୀବ୍ର ବିଷ ମୁହିଁ ॥ ୩ ॥

ଶାନ୍ତି ଶାନ୍ତି କହି ଆଉ ଯେହ୍ନେ ମୁହିଁ
ନ ଘୂରେ ସଂସାରେ ପଥ ଭ୍ରାନ୍ତ ହୋଇ
ସଂଚିତ ତୁମରି ମଧ୍ୟେ ସବୁ ସୁଖ ତୁମଠାରେ ପ୍ରଭୁ ଦୁଃଖ କାହିଁ ? ॥ ୪ ॥

ସୁଧା ବୋଲି ଧାଇଁ ବିଷ ଅଛି ପାଇ
ବିଷୟରେ ସୁଧା କେଉଁଠାରେ ନାହିଁ
ମୋହ ଶିକୁଳିରେ ପଡ଼ିଅଛି ବନ୍ଧା ପ୍ରେମଲାଭ କରିବାକୁ ଯାଇ ॥ ୫ ॥

ଚିର ତୃପ୍ତି ମୁହିଁ ଖୋଜେ ତୁମଠାରେ
ଦେଖାଦିଅ ନିତ୍ୟ ଚିନ୍ମୟ ରୂପରେ
ହେ ପ୍ରେମ ନିର୍ଝର, ପ୍ରେମ ତୃଷା ମୋର ମେଣ୍ଟିଯାଉ ତବ ପ୍ରେମ ପାଇ ॥ ୬ ॥

# ପ୍ରାର୍ଥନା

ଏହି ପୀଠ ଛାଡ଼ି କାହିଁ, କାହିଁ ନ ଯିବି ମୁହିଁ
ଯେତକ ସାଧନା ଠୁଳ ଏଠାଇଁ ॥ ୦ ॥

ଗୁରୁ ମୋର ତୀର୍ଥ ସେବା ମୋର ବ୍ରତ
ତାଙ୍କରି ରାଇଜ ମୁକତି ଭୂଇଁ
ତ୍ରିଦିବ ଦୁଆର ମୁକୁଳା ହେଲେହେଁ
ଖଣ୍ଡେ ସୁଖ ସାର ଅଛି କି ତହିଁ ?
ସମ୍ଭୋଗ ପାଇଁ, ଯିବି କିମ୍ପାଇଁ
ଏହି ଦେଶ ସଙ୍ଗେ ତୁଳନା ନାହିଁ ॥ ୧ ॥

ପାଖକେ ସରଗ ପାଖକେ ନରକ
ଏପଟ ସେପଟ ଏକହିଁ ଦୁଇ
ଯେ ପଥ ଫିଟିବ ଏଥୁ ଅନନ୍ତରେ
ସେ ପଥେ ଥିବେ ସେ ଆଗୁଆ ହୋଇ
ସେ ଦିଗେ ଚାହିଁ, ଯେସନେ ଛାଇ
କାୟା ପଛେ ପଛେ ଯିବି ମୁଁ ଧାଇଁ ॥ ୨ ॥

ରମ୍ୟ କଲପନା ମନର ରଚନା
ଗୋଟି ଗୋଟି ଦେବି ସେ ପଦେ ଥୋଇ
ହେଉବା ନ ହେଉ ଯୋଗ୍ୟ ଅରଚନା
ମରମ କୋଣରେ ସଚେତ ହୋଇ
ରହିବି ଧ୍ୟାୟୀ, ଅନ୍ଧାରେ ବାଇ
ହେଲେ ଦିବ୍ୟାଲୋକ ଦେବେ ଦେଖାଇ ॥ ୩ ॥

❋❋❋

# ପ୍ରାର୍ଥନା

କରୁଣା ଦୁଆରେ ଶରଣ ଭିଖାରି
ମାଗୁଛି କର ପସାରି
କଣିକା ମାତର କୃପା ସରିତର
ଦେଲେ ଯିବ କି ହେ ସରି ? ॥ ୦ ॥
ବଡ଼ ଆଶା କରି ଘେନି ଆସିଛି ମୁଁ
ନୟନର ନୀରଧାର
ଧୋଇ ଦେବି ଖାଲି ଚରଣ ଯୁଗଳ
ବାରଣ ମୋରେ ନ କର
ଏତିକିରେ ମନ ପିଆସ ମେଣ୍ଟିବ
ମିନତି ଘେନ ମୋହରି ॥ ୧ ॥
ଜନ କହେ ତୁମେ ଦୟାର ସାଗର
ନ କର ମୋରେ ନିରାଶ
ନାହିଁ କର ନାହିଁ, କ୍ଷମାକର ମୋର
ଜୀବନର ସବୁ ଦୋଷ
ଧୋଇ ପଦଯୁଗ ହୃଦୟ ମନ୍ଦିରେ
ବସାଇବି ପୂଜା କରି ॥ ୨ ॥
ଗାଇ ଶୁଣାଇବି ତୁମ ଗୁଣଗୀତି
ବିସୋରି ଜଗତ ମାୟା
ସେଇ ଗୀତ ସୁରେ ଦିବସ-ରଜନୀ
କରି ରଖ ମୋତେ ବାୟା
ବଡ଼ ଆଶାକରି ଆସିଛି ପ୍ରଭୁ ହେ !
ଘେନ ଅଧମ ଗୁହାରି ॥ ୩ ॥

# ପ୍ରାର୍ଥନା

କହିବକି ପଦେ କଥା ପୋଛିବ ପରାଣୁ ତପତ ବ୍ୟଥା ହେ
କେତେ ଜନମ ଗୁପ୍ତ ବାରତା, ଠାକୁର ହେ ॥ ୦ ॥

ଅମା ନିଶାର ପାହାନ୍ତି, ବିଜନ ପଥରେ କେହି ନାହାଁନ୍ତି ହେ
ଫୁଟି ଉଠିଲା ତଡ଼ିତ କାନ୍ତି, ଠାକୁର ହେ ॥ ୧ ॥

ଏହି ବାଟେ ଗଲ ଚାଲି ଚାହିଁଥିଲି ଥରେ ଦୁଆର ଖୋଲି ହେ
ଲାଗେ ସତେ ଯେପରିକି କାଲି, ଠାକୁର ହେ ॥ ୨ ॥

ବାଜିଲା କି ଛନ୍ଦେ ବୀଣା, ସରଗର ଯେତେ ରାଗିଣୀ ଜିଣା ହେ
ହେଲା ଆଚମ୍ବିତ ପ୍ରାଣ କିଣା, ଠାକୁର ହେ ॥ ୩ ॥

ଯେଉଁ ପଥେ ଗଲ ଏକା, ଅରୁଣ ବରଣେ ରହିଛି ଲେଖା ହେ
ତହିଁ ଫୁଟିଲା ଫୁଲ ଅଲେଖା, ଠାକୁର ହେ ॥ ୪ ॥

ମହକିଲା ଦିବ୍ୟ ଗଂଧ, ପୂରିଲା ପରାଣେ କେତେ ଆନନ୍ଦ ହେ
ଖେଳି ଉଠିଲା ଅମର୍ତ୍ତ୍ୟ ଛନ୍ଦ, ଠାକୁର ହେ ॥ ୫ ॥

ଚମକେ ନିଦ ଭାଙ୍ଗନ୍ତେ, ଆଖି ମଳି ଚାହେଁ ଗବାକ୍ଷ ପଥେ ହେ
ମିଶି ଯାଇଛ କାହିଁ ଦିଗନ୍ତେ, ଠାକୁର ହେ ॥ ୬ ॥

ଅପଲକେ ରହେ ଚାହିଁ ତୁମ ବାଣୀ ଆଉ ଆସିଲା ନାହିଁ ହେ
ସପନରେ ଉଭେଇଲ କାହିଁ, ଠାକୁର ହେ ॥ ୭ ॥

ରନ୍ଧ୍ରେ ରନ୍ଧ୍ରେ ପୂରି ବ୍ୟୋମେ, ପ୍ରକଟିତ ହୁଅ ହୃଦୟ ପଦ୍ମେ ହେ
ମୋର ଚେତନ ଭରି ମରମେ, ଠାକୁର ହେ ॥ ୮ ॥

❋❋❋

# ପ୍ରାର୍ଥନା

କାମନା ମନର ପରାଣ ଈଶ୍ୱର ! ଜଣାଉଛି ଘେନା କର
ଶିରୀମୁଖ ଶିରୀ କେବେ ସତେ ହେରି, ପୂରିବ ଆଶା ମୋହର ?
ହେ ଠାକୁର ! ନକରି କାନ ପଥର
ଅଧମ ବୋଲି ମୁଁ ଜଣାଣ ମୋହର ଶ୍ରୁତିରୁ ନକର ଦୂର ହେ ॥ ୧ ॥

ଦିଅ ବୋଲି ମୁହିଁ କିଛି ମାଗୁ ନାହିଁ ଧନ ରତନ ସମ୍ଭାର
ଆଡ଼ ନୟନରେ ଚାହିଁଦିଅ ଥରେ ପୂରିବ ମୋର ଅମାର
ହେ ଠାକୁର ! ନହୁଅ ତୁମେ କଠୋର
ମନେ ଯାହା ଅଛି ଫିଟାଇ କହୁଛି ଯାହା ଇଚ୍ଛା ତାହା କର ॥ ୨ ॥

ତୁମ ନାମ ଗାଇ, ଲୁହ ମୁଁ ଝରାଇ, ପଖାଳିବି ଶ୍ରୀପୟର
ଯେତେ ଦୁଃଖ ଦେବ ଦିଅ ପଛେ ଦେବ ! ନାମ ନ ହେଉ ପାସୋର
ହେ ଠାକୁର ! ଚଞ୍ଚଳ ଚିତ୍ତ ମୋହର
ତବ ନାମ ଗୁଣ ଗାଇବାରେ ମନ କରାଇ ରଖ ହେ ସ୍ଥିର ॥ ୩ ॥

ସବୁବେଳେ ଖାଲି ବାନ୍ଧି ସତେ ମେଳି ରିପୁଏ ଭଗାରି ମୋର
ଘେରି ଚଉକତି ଦାଉ ସାଧି ନିତି କରନ୍ତି ମୋତେ ବିକଳ
ହେ ଠାକୁର ! ନ ପାଉଛି ବଳ ମୋର
ଆଖି ଆଗେ ମୋହ ମାୟା ଅନ୍ଧକାର ଘେରି କରେ କଳେବର ॥ ୪ ॥

ଦିଅ କିଛି ବୋଲି ମାଗୁ ନାହିଁ ଖାଲି, ଅନ୍ତରେ ମୋ ବିଜେକର
ଗୁନ୍ଥି ପ୍ରେମଫୁଲ ବନାଇଛି ହାର ଭେଟିବି ଚରଣ ପର
ହେ ଠାକୁର ! ହୋଇ ଗୁରୁଦାସ ଚିର
ଆପଣାରେ ଭୁଲି, ନାମ ଗାଇ ଖାଲି ଯାଉ ଏ ଜୀବନ ମୋର ॥ ୫ ॥

# ପ୍ରାର୍ଥନା

କାୟା ନ ଥାଇ ଛାୟା ଅଛି କାହିଁ
ତୁମେ ଛାୟା ମୁଁ ଯେ କାୟା ଅଟଇ
କାୟା ସ୍ୱରୂପ, ଛାୟା ଯେ ଅରୂପ
କାୟା ଛାଡ଼ି ଛାୟା ଥିବ କି ରୂପ ?
 କାୟା ଛାୟା ବେନି
ସାରା ଜଗତର ସୃଷ୍ଟି ବିପଣି ॥ ୧ ॥

କାୟା ରୂପେ ତୁମେ ବଳ ମୋହର
ପ୍ରାଣ ତୁମେ ମୁହିଁ ପରାଣୀ ଛାର
ତୁମେ ଚଳାଅ ପଥ ଚଳେ ମୁହିଁ
ତୁମେ କୁହାଅ ବୋଲି ମୁଁ କହଇ
 ତୁମେ ଜୀବନର ସ୍ୱାମୀ
ତୁମେ ହେ ସକଳ ଅନ୍ତରଯାମୀ ॥ ୨ ॥

ଯନ୍ତ୍ରୀ ଯେସନେ ଚଳାଏ ଯନ୍ତର
ତୁମେ ମୋ ଅନ୍ତର ମହାମନ୍ତର
ତୁମେ ଚେତାଅ ବୋଲି ମୁଁ ଚେତଇ
ସୁଖ ଶାନ୍ତି ଦାତା ତୁମେ ମୋ ସାଇଁ
 ଅଭୟ ପଦେ ତୁମର
କୋଟି ପ୍ରଣତି ମୋର ଘେନାକର ॥ ୩ ॥

❀❀❀

# ପ୍ରାର୍ଥନା

କିଏ ବା ବୁଝିବ କହ
ମନ କଥା ମୋର ମନରେ ମିଳାଏ ଜଳି ମରେ ଅହରହ ॥ ୦ ॥
ମରମ ବେଦନା ଦୁଃସହ ଯାତନା
ମୁକୁଳିତ ହୃଦେ କେତେ ଯେ ବାସନା
ଅଥୟ ଆକୁଳ ବୁକୁଭରା କୋହ
ଛଳ ଛଳ ଆଖି ଲୁହ ॥ ୧ ॥
ଅଛି ଦିବା ନିଶି ଆଲୋକ ଅନ୍ଧାର
ରବି ଶଶି ଆଭା ଉଜ୍ଜ୍ୱଳ ସୁନ୍ଦର
ସଜ ସୁମନର ହସ ସୁମଧୁର
ସବୁ କାଳେ ମଧୁମୟ ॥ ୨ ॥
ଜନ ମୁଖୁଁ ସିନା ଶୁଣିଅଛି କାନ
କାହୁଁ ବା ଦେଖିବି ନାହିଁ ତ ନୟନ
ମନ କଥା ସିନା ମନେ ମରେ ମୋର
ବୁକୁ ଭରି ଉଠେ କୋହ ॥ ୩ ॥
ନ ଜାଣେ ପ୍ରକୃତି ସୁଷମା କେସନ
ଦେଖି ନାହିଁ ଦିନେ ରମଣି ବଦନ
ଦେଖି ନାହିଁ ଶିଶୁ ମୁଖ ଅନୁପମ
ବାରେ ବିଧି ଚକ୍ଷୁ ଦିଅ ॥ ୪ ॥
ଯଦି ବା ନଦେଲ ନୟନ ଯୁଗଳ
ରୂପ ତୃଷ୍ଣା କିମ୍ପା ଦେଇଛ ପ୍ରବଳ
ଆଖି ନାହିଁ କିମ୍ପା ଦେଲ ନେତ୍ରେ ଲୁହ
ତେଜିବାକୁ ଅନ୍ଧ କୋହ ॥ ୫ ॥

# ପ୍ରାର୍ଥନା

କୃପା ସାଗର ହେ ନକର ମୋରେ ଅନ୍ତର
କି ଘେନି ଆଉ ମୁଁ ତୁମ ବିହୁନରେ
ତୋଳିବି ସଂସାରେ ଘର ॥ ୦ ॥

ତୁମେତ ଅମୂଲ୍ୟ ନିଧି ଦୟାନିଧି ତୁମେ ରତନ ଭଣ୍ଡାର
ଅତି ଅଧମ ମୁଁ ତୁମେ ଏକା ମୋର
ମନ ଜୀବନ ଈଶ୍ୱର ॥ ୧ ॥

ବତାଇ ଦିଅହେ ଏ ଦୀନ ଜନରେ କର ନାହିଁ ସାତ ପର
କି କଲେ, କି ଦେଲେ କି ରୂପେ ଭଜିଲେ
ହେବି ମୁଁ କିଣା କିଙ୍କର ॥ ୨ ॥

ଲୁଚି ରହ ପଛେ ବସ ଅରୂପରେ ମନ ସିଂହାସନ ପର
ତୁମ ବିନେ ଆଉ ଆହା କରିବାକୁ
କେ ଅଛି ଜଗତେ ମୋର ? ॥ ୩ ॥

ଜାଣୁଛି ବୁଝୁଛି ଡାକିଲା ପରାଏ ଡାକୁ ନାହିଁ କି ପାମର
ତୁମେ କି ସମିବ ନାହିଁ ଦୋଷ ଯେତେ
ବୋଲାଇ କ୍ଷମା ସାଗର ॥ ୪ ॥

❀❀❀

# ପ୍ରାର୍ଥନା

କେଉଁ ଆକର୍ଷଣେ ନେଇଥିଲ ଟାଣି ଶ୍ରୀଚରଣ ସନ୍ନିଧାନେ
ଦେଲ ସ୍ନେହମୟ ଅଲଭ୍ୟ ଅଭୟ ନିହି ନୂଆ ଆଶା ପ୍ରାଣେ
ଦେଇଥିଲ, ଦେଇଥିଲ-
ଶକ୍ତିପୂର୍ଣ୍ଣ ମନ୍ତ୍ର ଦୀକ୍ଷା, ନିଷ୍କାମ କରମ ଶିକ୍ଷା
ଶକ୍ତି ସାଧନାର ଆଶା, ଭକ୍ତି ପଥେ ମୁକ୍ତି ଦିଶା ॥ ୧ ॥

ଛାଡ଼ିଗଲ ପ୍ରିୟ କନ୍ଦାଇ ଅକାଳେ ରହିଥିଲା ସିନା ସ୍ମୃତି
ଚାହିଁଲ ଏ କ୍ଷଣେ କରୁଣା ନୟନେ ଯେତେ ଅଭାଗାଙ୍କ ପ୍ରତି
ଦେଖା ଦେଲ, ଦେଖାଦେଲ-
ସପନରେ ଦୀକ୍ଷା ଦେଇ, ପ୍ରତ୍ୟକ୍ଷ କ୍ରିୟା ଶିଖାଇ
ବିପଦୁ ରଖିବା ପାଇଁ, ଶୋକେ ଆଶ୍ୱାସନା ପାଇଁ ॥ ୨ ॥

ଆତ୍ମ ନିବେଦନ, ଆତ୍ମ ବିସର୍ଜନ କହିଥିଲ କାନେ କାନେ
ଆତ୍ମ ସମର୍ପଣେ କର୍ମ ଧରାଧାମେ କରିଯାଅ ନିତ୍ୟଧାମେ
କହିଥିଲ, କହିଥିଲ-
ଆତ୍ମବଳି ଦିଅ କର୍ମେ, ଛାଡ଼ି କର୍ତ୍ତା ଅଭିମାନେ
ନିଃସଙ୍ଗ ସଂସାର କର, ସ୍ୱରୂପ ପ୍ରତ୍ୟକ୍ଷ କର ॥ ୩ ॥

ଏତେ ନିକଟରେ ରହିଅଛ ଆଜି, ପରତେ ନ ଆସେ ଚିତ୍ତେ
ସନ୍ତାନ ସ୍ନେହରେ ହୁଅ ଭାରାକ୍ରାନ୍ତ, ଭାଳେଁ ନାହିଁ କଦାଚିତେ
ରହିଅଛ, ରହିଅଛ-
ଯାଏ ଯେଣେ ପଛେ ପଛେ, ପ୍ରତ୍ୟକ୍ଷରେ ଭକ୍ତ ସଙ୍ଗେ
ସ୍ମରଣ, ଚିନ୍ତନ କାଳେ, ନିଶୀଥ ଜାଗର ବେଳେ ॥ ୪ ॥

ଭାଳେ ଯେବେ ମନେ ତୁମ ଆଗମନେ, ସପନ ଧରିବ ଫଳ
ରଚିଯାଅ ଛନ୍ଦ ଜନମାଏ ଦ୍ୱନ୍ଦ୍ୱ, ନ ବୁଝି ହୁଏ ପାଗଳ
ରଚିଯାଅ, ରଚିଯାଅ-
ନେପଥ୍ୟର ଅନ୍ତରାଳେ, ନିର୍ବାଣର ଭୂମିକାରେ
ଅଦ୍ୱୈତ ମର୍ମ୍ମ ଶେଷରେ, ଦ୍ୱଇତର ସୁବାସରେ
ଉଷାର ଅରୁଣ ହାସେ, ତଡ଼ିଲ୍ଲତା ବଜ୍ରତ୍ରାସେ ॥ ୫ ॥

ମସୃଣ ସୁନ୍ଦର କାନ୍ତି ଭୟଙ୍କର ବିଚିତ୍ର ତବ ରଚନା
ଯହିଁ ତହିଁ ଭରା ପୁଲକର ଧାରା, ମନ ବୁଦ୍ଧି ହୁଏ ବଣା
ଅଭିନବ ତୁଳିକାରେ, ରଚିଯାଅ ବିଶ୍ୱ ପରେ
ସୁନୀଳ ନଭେ ପ୍ରକାଶି, ବିପୁଳ ଆଲୋକ ରାଶି
କି ଉଦାର ସେ ପ୍ରସାର, ପ୍ରକାଶ ସେ ଆଲୋକର
ସୌରକର ଭୀମ ତାପ, ଚନ୍ଦ୍ରିକା ଶାନ୍ତ ପ୍ରଲେପ
ଆମୋଦେ, ଆମୋଦେ-
ହସି ହସି ଭକ୍ତବୃନ୍ଦେ,
ନାଚେ ସୃଷ୍ଟି କି ଆନନ୍ଦେ
ଧ୍ୱନି ଉଠେ ମଧୁ ଛନ୍ଦେ ॥ ୬ ॥

# ପ୍ରାର୍ଥନା

ଗୁରୁ ଏକା ପତିତ ପାବନ
ଗୁରୁ ଧନେ ନ ଚିହ୍ନିଲୁ ମନ
ବାଇ ହୋଇ ଖୋଜୁ ତୁ ରତନରେ ॥ ୦ ॥

ଗୁରୁ କାଳାତୀତ, ଗୁରୁ ନିତ୍ୟ ନିରଞ୍ଜନ
ଜ୍ଞାନର ଅତୀତ ସେ ଯେ ହାରିଯାଏ ଧ୍ୟାନ
ଯୋଗୀ, ଋଷି ନିତି ଝୁରେ ଯା'ର ଦରଶନରେ ॥ ୧ ॥

ଜନମ ଜନମ ପୁଣ୍ୟ ଫଳେ ସଦଗୁରୁ
ଆଶିଷ ଲଭଇ ନର ତାଙ୍କ କରୁଣାରୁ
କରୁଣା ନିଧାନ ଗୁରୁ ଅଭୟ ଚରଣରେ ॥ ୨ ॥

କାଳର ଯେ କାଳ ମହାକାଳ ନାମ ତା'ର
ଭରସା କରେ ସେ ନିତ୍ୟ ଗୁରୁ ଚରଣର
ଗୁରୁକୃପା ବଳେ ଦୂରେ ଯାଏ ତ ଶମନରେ ॥ ୩ ॥

❀❀❀

# ପ୍ରାର୍ଥନା

ଗୁରୁ କୃପା ହିଁ କେବଳ
ଗାଅ ମନ ଭରି
ଗୁରୁ କୃପା ଭକତର
ଏକା ପ୍ରାଣ ତରୀ ॥ ୦॥

ଗୁରୁ କୃପା ଲଭି ଭାଇ
ସୁଶୀତଳ କର ଦେହୀ
ଗୁରୁ କରୁଣାରେ ପଙ୍ଗୁ
ସହଜେ ଲଙ୍ଘଇ ଗିରି ॥ ୧ ॥

ଜୀବନର ପାପ ତାପ
କାହିଁ ହୋଇଯାଏ ଲୋପ
ଅଭୟ ହୋଇବୁ ତୁରେ
ଏକା ଗୁରୁ ନାମ ଧରି ॥ ୨ ॥

ଗୁରୁ ନାମ ଗାନ କର
ଲଭ ଆନନ୍ଦ ଅପାର
ଜୟଗୁରୁ ଜୟଗୁରୁ
ଜପ ଦିବସ ଶର୍ବରୀ ॥ ୩ ॥

❀❀❀

# ପ୍ରାର୍ଥନା

ଗୁରୁ ଠାରୁ କେହି ସାଂସାରିକ ସୁଖ ଆଶା ନରଖିବ ପ୍ରାଣେ,
ଗୁଣ ସ୍ପର୍ଶ କଲେ ଗୁରୁତ୍ୱ ମୋହର ଆଉ ନରହିବ କ୍ଷଣେ ॥ ୧ ॥

ଜନ୍ମ ଜନ୍ମାନ୍ତର ସଞ୍ଚିତ କରମ ଭିତରୁ ତୁମକୁ ଆଣି
ତ୍ୟାଗପୁତ ପଥେ କିପରି ଉନ୍ନୀତ କରିବି ନ ପାରେ ଜାଣି ॥ ୨ ॥

ଶିଷ୍ୟ ଭକ୍ତ ଛଡ଼ା କେହି ନୁହେଁ ପ୍ରିୟ ଅଧିକ ଜୀବନେ ମୋର
ଜଗନ୍ମାତାଠାରେ ସେମାନଙ୍କପାଇଁ କାନ୍ଦୁଥିବି ନିରନ୍ତର ॥ ୩ ॥

ସମସ୍ତଙ୍କ ସୁଖ ବିଧାନ ପାଇଁ ମୋ ଜୀବନ ଉତ୍ସର୍ଗୀକୃତ
ଅନ୍ତରଙ୍ଗ ଭକ୍ତ ସହିତ ମୋର ଏ ହୃଦୟ ରହିଚି ଯୁକ୍ତ ॥ ୪ ॥

ବହିରଙ୍ଗ ଭକ୍ତ ନିମନ୍ତେ ଅଧିକ ମନୋଯୋଗୀ ହୋଇଥାଏଁ
ଅନ୍ତରଙ୍ଗ ଯେଣୁ ନିଜ ଲୋକ ତାଙ୍କ ବାହ୍ୟକାମ ଚାଡ଼ିଯାଏ ॥ ୫ ॥

ନିଜ ସ୍ୱାର୍ଥ ତେଜି ପର ପାଇଁ ହୁଅ ଅଧିକ କର୍ମତତ୍ପର
ପରକାମ ଶେଷେ ଆପଣା ସମୟ କର୍ମ ସମ୍ପାଦନ କର ॥ ୬ ॥

ମୋର ଏ ଆଦର୍ଶ ହେଉ ପ୍ରତିଷ୍ଠିତ ପ୍ରତି ଶିଷ୍ୟ ହୃଦୟରେ
ନିଜ ଲୋକ ବିନା ଏ ଆଦର୍ଶ ପଥ କିଏ ଅନୁସରି, ପାରେ ? ॥ ୭ ॥

❋❋❋

# ପ୍ରାର୍ଥନା

ଗୁରୁ ଦେବ ଏତେ ମିନତି ଘେନ
ସତ କର୍ମେ ଚିତ୍ତ ହେଉ ମଗନ
ଚିର ମଧୁମୟ ହେଉ ପବନ
ଝରୁ ନଦୀ ଶ୍ରୋତୁଁ ମଧୁ ଝରଣ
ସୁଖେ ବିତୁ ଦିନ ରାତି
ଭବ ସୁଖୀ ହେଉ ଦେବ-ମଣ୍ଡଳୀର
ଶୁଭ ଦୃଷ୍ଟି ଥାଉ ନିତି ॥ ୧ ॥

ନିରତ ସମାନ ସଂଘରେ ରହି
'ସରବେ ସମାନ ମନ୍ତର' ଗାଇ
ହୋଇ ଏକ ମନ, ଏକ ପରାଣ
ଏକ ଭୂମିରେ କରୁଁ ବିଚରଣ
ଐକ୍ୟ ମନ୍ତ୍ର ଅଛ ଦେଇ
ରଟି ସେ ମନ୍ତର, ପାଳି ଯଜ୍ଞ ବିଧି,
ଦେବେ ତୋଷ କରୁ ସାଇଁ ॥ ୨ ॥

ଏକ ମନେ କରି ମନ୍ତ୍ରୋଚ୍ଚାରଣ
ଯଜ୍ଞ ଭାଗ ସର୍ବେ କରୁଁ ଗ୍ରହଣ
ହେଉ ଆମ ସଂକଳପ ସମାନ
ସଂଘବଦ୍ଧ ହୋଇ ସକଳ ଜନ
ମନନ ଅନ୍ତଃକରଣ
ସମାନ ସ୍ତରରେ କରୁ ଅବସ୍ଥାନ
ଜଣାଉଁ କୃପାନିଧାନ ॥ ୩ ॥

ଦରଶାଅ ପଥ ଆହେ ଦେବତା
ଯେ ପଥେ ଚଳି ଜାଗିବ ଏକତା
ପରସ୍ପର ଶ୍ରଦ୍ଧା ଅତୁଟ ରହୁ
ଚିତ୍ତ ମନ ଧ୍ୟାନ ଏକତ୍ର ହେଉ
ଏ ଗୁହାରି ଘେନା କର
ଚରଣରେ ତବ ଦୃଢ଼ ଶ୍ରଦ୍ଧା ଭକ୍ତି
ରହି ଥାଉ ନିରନ୍ତର ॥ ୪ ॥

# ପ୍ରାର୍ଥନା

ଗୁରୁ ପଦ କର ଧ୍ୟାନ, କର ସାର ଗୁରୁ ନାମ ॥ ୦ ॥

ଗୁରୁ ମାତା ଗୁରୁ ପିତା ଗୁରୁ ଧନ ଜ୍ଞାନ
ଶିଖ ଗୁରୁ ନିର୍ଭରତା ହୋଇ ଏକ ମନ ॥ ୧ ॥

ଅଜ୍ଞାନ ଅନ୍ଧାର ଦେଖି ହୁଏ ଭୟ ଭ୍ରାନ୍ତି
ଜ୍ଞାନ ଅଞ୍ଜନ ଲଗାଇ ଦେବେ ଗୁରୁ ଶାନ୍ତି ॥ ୨ ॥

ଆସିଅଛୁ ଏକା ପୁଣି ଯିବୁ ଏକା ହୋଇ
ଭାଇ ସୁତ ସଖା ବନ୍ଧୁ ସଙ୍ଗେ ଯିବେ ନାହିଁ ॥ ୩ ॥

ଗୁରୁ ଏକା ତୋର ଭବ ସାଗର ତାରଣ
ଗୁରୁ ଆଶ୍ରା କରି ଜିଣ ଜନମ ମରଣ ॥ ୪ ॥

ରଙ୍ଗିନ ଜଗତ ଛବି ମହା ଆକର୍ଷଣେ
କରାଳ କାଳ ହାବୁଡ଼େ ନିଏ ଅନୁକ୍ଷଣେ ॥ ୫ ॥

ସେହି କାଳ ଆଶ୍ରାକରେ ଶ୍ରୀଗୁରୁ ଚରଣ
ଭାଗ୍ୟ ଥିଲେ ଧର ଗୁରୁ ପଦ ମହାଧନ ॥ ୬ ॥

❁❁❁

# ପ୍ରାର୍ଥନା

ଘନ ଅନ୍ଧକାରେ ଏକା ମୁହିଁ ହେ
ଦିଅ, ଦୟା ବହି ବାଟ କହି ହେ ॥ ୦ ॥

ଆଖି ଆଗେ ଆଗେ କାଳ ବିଭାବରୀ
ଡରାଉଛି ମୋରେ ଚିତ୍ତ ଯାଏ ଥରି
ତୁମ, ବିନେ ସାହା ନାହିଁ କେହି ହେ ॥ ୧ ॥

ଭକତ ବତ୍ସଳ ତୁମେ ବୋଲି ଗୁରୁ
ଏ କାନ ଶୁଣିଛି ଦୁନିଆଁ ମୁଖରୁ
ଜୀଇ ରହିଛି ସେ ଆଶା ନେଇ ହେ ॥ ୨ ॥

ଅନ୍ଧାରେ ଝଲସେ ତୁମ ଆଖି ତାରା
ତୁମ ଭକତଟି ନୋହେ ପଥହରା
ପ୍ରାଣ, ମନ ତୁମକୁ ଖୋଜଇ ହେ ॥ ୩ ॥

❀❀❀

# ପ୍ରାର୍ଥନା

ଚରଣ ଯୁଗ ତବ ଶରଣ ମୋର
କରୁଣା କର ଦୟା ସାଗର
ସତ୍ୟ ଶିବ ତୁମେ ଚିର ସୁନ୍ଦର
ମଙ୍ଗଳମୟ ବିଶ୍ୱର ॥ ୦ ॥

ତୁମେ ଏକା ଭବଭୟ ବିନାଶନ
ପାପ ତାପ ମୋର କର ହେ ଖଣ୍ଡନ
ଦୁସ୍ତର ଭବ ସାଗରେ ତୁମେ
ନଉକାର ମଙ୍ଗ ଧର ॥ ୧ ॥

ତୁମ ପରସାଦେ, ତୁମ ନିର୍ଦ୍ଦେଶରେ
ଏ ଜୀବନ ଧରିଅଛି ଏ ବିଶ୍ୱରେ
ଯାହାକର ତୁମେ ଗୁରୁଦେବ ମୋର
ମଙ୍ଗଳ ଲାଗି ସକଳ ॥ ୨ ॥

ତୁମ ନାମ ଗାଇ ଏ ଜୀବନ ଧରି
ଅନ୍ତିମେ ତୁମରି ପଦ ଆଶ୍ରା କରି
ଯାଉ ଏ ପରାଣ ଗୁରୁ ଦାସର ହେ
ନିବେଦନ ଘେନା କର ॥ ୩ ॥

❀❀❀

# ପ୍ରାର୍ଥନା

ଚରଣ ତଳେ ଶରଣ ମାଗେ (ମାଗେ, ମାଗେ)
ଅନ୍ତର ଭରା ଅନୁରାଗେ ॥ ୦ ॥

ପ୍ରେମର ଦେବତା ତୁମେ, ତୁମେ ହେ ଭାବଗ୍ରାହୀ
ତୁମେ ତ ପରାଣ ପ୍ରିୟ ତୁମ ଶ୍ରୀଚରଣ ଛାଇ
ମାଗୁଣି ମୋ ଜୀବ ଅନୁରାଗେ ॥ ୧ ॥

ଜଗତେ ସଭିଏଁ ପର ତୁମେ ଏକା ପ୍ରିୟ ବର
ଏତିକି ଗୁହାରି ମୋର ତୁମ ପ୍ରେମ ହେ ଠାକୁର !
ଚିତ୍ତରେ ଯେସନ ସଦା ଜାଗେ ॥ ୨ ॥

ମାଗୁଛି ଏତିକି ବର ତୁମେ ତ ଦୟା ସାଗର
ଧୋଉ ଚରଣ ତୁମର ମୋ ନୟନ ନୀର ଧାର
ନିଶି ଦିନ ମନର ସରାଗେ ॥ ୩ ॥

❀❀❀

# ପ୍ରାର୍ଥନା

ଚରଣ ଯୁଗଳ କି ମନୋହର
ବିକଚ କମଳ ରଂଗ ରୁଚିର
ବାସ ମନୋହର ବେଷ୍ଟିତ କଟୀ
ପୁଷ୍ପହାର କଣ୍ଠେ ପଡୁଛି ଲୋଟି
ମୁଖ ସୁଧାକର ଛଇ ଯେ
ଭକତ ଜନର ନୟନ-ରଞ୍ଜନ
ଜୟଗୁରୁ ନର ଦେହୀ ଯେ ॥ ୧ ॥

ଅତୁଳନ ରୂପ ଗୁଣ ତୁମର
ଭକତ ହୃଦୟେ ବିରାଜ କର
ରସମୟ ତୁମେ ଜୟ ଚିଦ୍‌ଘନ
ଚିଦାନନ୍ଦମୟ ବିଶ୍ୱ ବନ୍ଦନ
ଭଗତ ଜନର ସଙ୍ଗେ ଯେ
ଅକ୍ଷୟ, ଅବ୍ୟୟ ପ୍ରେମ ଲୀଳା ଖେଳା
ରଚୁଥାଅ ନାନା ରଙ୍ଗେ ଯେ ॥ ୨ ॥

ମିଳି ସରବେ ଚିତ୍ତ କରି ସ୍ଥିର
ଦରଶନ କର ରୂପ ମଧୁର
ଅନ୍ତରରୁ କରି ମୋହରେ ଦୂର
ଅକପଟ ପ୍ରେମେ ଚିନ୍ତନ କର
ମହା ଆନନ୍ଦରେ ମଜ୍ଜି ଯେ
ଅନୁରାଗ ଭରେ ଚିତ୍ତରୁ ସକଳ
ଅନୁଶୋଚନା ବରଜି ଯେ ॥ ୩ ॥

❀❀❀

# ପ୍ରାର୍ଥନା

ଚାଲମନ ଯିବା ଚାଲ ଶ୍ରୀଗୁରୁ ଚରଣ ତଳେ
ଧର୍ମ. ଅର୍ଥ, କାମ, ମୋକ୍ଷ ଲଭିବାର ଅବହେଳେ ॥ ୦ ॥

ନାହିଁ ଇହ ପରକାଳ ନାହିଁ ଯାତନା ଜଞ୍ଜାଳ
ସତ୍ୟ ନିତ୍ୟ ତହିଁ ଠୁଳ ବିହରିବା ସୁଖ ଭୋଳେ ॥ ୧ ॥

ଶୋକ, ତାପ, ମୋହ, ମାୟା ପରଶିବି ନାହିଁ କାୟା
ଅଜ୍ଞାନ କୁହୁଡ଼ି ଛାୟା ଭୁଲାଇବ ନାହିଁ ଛଳେ ॥ ୨ ॥

ଅନନ୍ତ ଆଶିଷ ଧାର ବହେ ଯହିଁ ନିରନ୍ତର
ସନ୍ତରଣ କର ବନ୍ଧୁ ସେହି ମହିମା ସଲିଳେ ॥ ୩ ॥

ଦିଦିନ ଭବ ବନ୍ଧନ, ସାର କେବଳ କ୍ରନ୍ଦନ
ନିତ୍ୟ ପ୍ରେମ ଆନନ୍ଦରେ ସନ୍ତରିବା ଅବହେଳେ ॥ ୪ ॥

ଗୁରୁନାମ ରଟି ମୁଖେ ଗୁରୁପଦ ସେବି ସୁଖେ
କାମନା ବାସନା ଦିଅ ଢାଳି ସେହି ପାଦ ତଳେ ॥ ୫ ॥

ପୂରିବ ସେ ମନୋରଥ ସେହି ଏକା ମୋକ୍ଷ ପଥ
ଗୁରୁ ଏକା ସାହା ହେବେ ଜୀବନର ସଂଜବେଳେ ॥ ୬ ॥

❀❀❀

# ପ୍ରାର୍ଥନା

ଜୀବନର ତୁମେ ଜୀବନ ନାଥ ହେ
ଅନ୍ଧ ନୟନ ତାରା
ପଲକ ମାତର ଅନ୍ତର ହେଲେ
ମଣେ ମୁଁ ସର୍ବ ହରା ॥ ୦ ॥

ମନ ଘର କୋଣେ ତୁମେ ଅଛ ବସି
ଚଉକତି ଖେଳ ତୁମେ ହସି ହସି
କାନ ଶୁଣେ ତୁମ ମୋହନ ମୂରଲୀ
କଲ୍ୟାଣ ସୁରେ ଭରା ॥ ୧ ॥

ତୁମ ରୂପ ଛାଇ ଆକାଶେ ବିକାଶେ
ସାଗର ଲହରୀ ତୁମ ଗୀତି ଘୋଷେ
ଠାବ ନାହିଁ ନାହିଁ ତୁମ ଦେଖା ନାହିଁ
ଏ ତିନି ଭୁବନ ସାରା ॥ ୨ ॥

ଜନମେ ଜନମେ ଏତିକି କାମନା
ଦୟାନିଧି ମୋତେ ନ କରିବ ମନା
କଣାଏ ମାତର ଚରଣର ଧୂଳି
ହେଉ ମୋର ମଥା ଝରା ॥ ୩ ॥

***

# ପ୍ରାର୍ଥନା

ଜ୍ଞାନର ସ୍ୱରୂପ ତ୍ରାଣ କରତା
ଜଗତ ଜନର ମଙ୍ଗଳଦାତା
ସତ୍ୟର ବିଗ୍ରହ ସର୍ବ ବ୍ୟାପକ
ପଦେ ବନ୍ଦେ ତିନି ଭୁବନ ଲୋକ
ଜୟ ଗୁରୁଦେବ ଜୟ ହେ,
ବାରବାର ତବ ଚରଣ ତଳରେ
ପ୍ରଣମୁଛୁଁ ଦୟାମୟ ହେ ॥ ୧ ॥

ସତ୍‌ପଥେ ଚାଳ ମତି ମାନସ
ଜୟଗୁରୁ ନାମେ ରହୁ ବିଶ୍ୱାସ
ଶୁଭ କରମରେ ସହାୟ ହୁଅ
ପ୍ରଣିପାତ ଘେନି ଆଶିଷ ଦିଅ
ତବ-ପଦ ଧ୍ୟାନେ ମତି ହେ
ଜଗତର ମାୟା-ବନ୍ଧନ ତୁଟାଇ
ରହୁ ଦେବ ! ଦିନ ରାତି ହେ ॥ ୨ ॥

ତବ ନାମେ ଖେଳୁ ଚିତ୍ତେ ନିରତ
ମନ ପିଉ ଥାଉ ଚରଣାମୃତ
ପାପ ତାପ ଦୂରେ ଘୁଞ୍ଚୁ ତୁରିତ
ଜପ ମାଳା ହେଉ ନାମ ସନ୍ତତ
ଦାସର ମାଗୁଣି ଘେନ ହେ
ତୁମ ବିନେ ଆଉ ତିନି ଭୁବନରେ
ନାହିଁ ଶରଣ ରକ୍ଷଣ ହେ ॥ ୩ ॥

***

# ପ୍ରାର୍ଥନା

ଠାକୁର ହେ ! ଅପରାଧ ହେ ମୋର ଏତେ
ଅନନ୍ତ କାଳିମା ଗଣିହେବ ନାହିଁ  ସାଗରର ବାଲି ଯେତେ ॥ ୦ ॥

କରିଥିଲ ଯେଉଁ ଅପାରଗ ଦୟା
ସବୁ ହରି ନେଲା ଜଗତର ମାୟା
ଦେଇଥିଲ ଯେଉଁ ଜୁଇରେ ଜନମ
ଅକାରଣ ହେଲା ଭୁଲି ତୁମନାମ
ଲାଗିଲା ଯା’ ଭଲ କରିବାକୁ ଦେଲ
ଭ୍ରମିଲି ମାୟା ମରତେ ॥ ୧ ॥

ମିଥ୍ୟା ମାୟା ପ୍ରୀତି ବନ୍ଧନରେ ରହି
ଘୂରି ଘୂରି ମଲି ତା ପଛେ ଗୋଡ଼ାଇ
ନିଜର ବୋଲି ଯା ବାନ୍ଧିଥିଲି ଆଶା
ଛଳନା କରିସେ ଦେଲେ ଯେତେ ଦଶା
ଜାଣତରେ ଅବା ଅଜାଣତେ ମୋର
ଅପରାଧ ହେଲା କେତେ ? ॥ ୨ ॥

ଜନନୀ ଗରଭେ ଯାହା କରିଥିଲି
ଜନମି ମରତେ ସବୁ ଭୁଲି ଗଲି
ତୁମ ପାଇଁ ଭବେ ସିନା ମୁଁ ବାଛିଛି
ଜନମରୁ ଆଜି ଯାଏ ଖୋଜୁଅଛି
ଆସ କୃପା କରି ଦୋଷ ହରି ନେଇ
କ୍ଷମା କରିଦିଅ ମୋତେ ॥ ୩ ॥

# ପ୍ରାର୍ଥନା

ଠାକୁର ହେ, ଦରିଆର ବାଲି ସତେ,
ସରି ହେବ ନାହିଁ, ଜୀବନଯାକର
ଦୋଷ ତ୍ରୁଟି ମୋର ଯେତେ ॥ ୦ ॥

ଆଖି ଆଗେ ମୋର ଅନ୍ଧାର ଘେରିଛି ଆଲୋକର ତେଜ ନାହିଁ
ବାଟବଣା ହୋଇ ଖୋଜୁଛି ଠାକୁର ! ତୁମ ଶ୍ରୀଚରଣ ଛାଇ
ଜଣାଇବି ଆଜି ମନର ବେଦନା
କରୁଣା କର କିଞ୍ଚିତେ ॥ ୧ ॥

କୁମତି, କୁନୀତି ବରଜି ନ ପାରେଁ, ଜାଣି ତ ଅଜାଣ ମୁହିଁ
ମୁଖ କରେ ପର ନିନ୍ଦା, ପର ଚର୍ଚ୍ଚା ଗୁଣ ଗାନ ଭୁଲି ଯାଇ
କାହା ଆଗେ ଆଉ ଗୁହାରି କରିବି
କିଏ ଚେତାଇବ ମୋତେ ? ॥ ୨ ॥

ମାନ ଅଭିମାନ, ସାଙ୍ଗ ସାଥି ମୋର, ଅହଂକାର ପ୍ରାଣବନ୍ଧୁ
ବିଷୟ, ଆଶୟ, ଜପ, ତପ କିଛି ବରତି ନ ପାରେ ଫାନ୍ଦୁ
ସଂସାର ଜଳରେ ମାୟାଜାଲ ଘେରା
ମୀନ ସରି ଅବିରତେ ॥ ୩ ॥

ଅବାଧ୍ୟ ଏ ଚିତ୍ତ, ଚଞ୍ଚଳ ସତତ ବଶ ତିଳେ ମାନୁ ନାହିଁ
ଶକତି ମାଗୁଛି, ତୁମ ଚରଣରେ ଅଚଳା ଭକତି ପାଇଁ ।
ଦେଉଳ ଦୁଆର ବାଟ ମଣାଆଁ ହେ ! ଅନାଥ, ଶରଣାଗତେ ॥ ୪ ॥

## ପ୍ରାର୍ଥନା

ଡର କାହିଁକିରେ କରୁଥାଉ ଶମନରେ
ଜଗତ ଠାକୁର ଭବଭୟ ଦୂର
ମତି ରଖ ତା' ପୟରେ ॥ ୦ ॥

ଜୀବର ଜୀବନ, ପତିତ ତାରଣ
କର ସୁମରଣ ତାରେ
ବୋଲ ଜୟଗୁରୁ ବାଞ୍ଛା କଳ୍ପତରୁ
ମନର ହରଷ ଭରେ ॥ ୧ ॥

ଦୁର୍ଲଭ ଏ ତୋର ମାନବ ଶରୀର
ଲଭିଛୁ ଯା' କରୁଣାରେ
ଅନ୍ତରେ ବାହାରେ ହେରୁଥିଲେ ତା'ରେ
ମରଣ ଛାର କି କରେ ? ॥ ୨ ॥

କାମ, କ୍ରୋଧ, ଲୋଭ ଆଦି ଯେଉଁ ଷଡ଼୍
ଭଗାରୀ ତୋର ସଂସାରେ
ଅଞ୍ଜଳି ଦେଇ ତୁ ଚରଣରେ ତା'ର
ଛାର ମଣ ଦୁଃଖ ଭାରେ ॥ ୩ ॥

❋❋❋

# ପ୍ରାର୍ଥନା

ଡର କାହିଁକିରେ ? ଚାଲ ପିତାର ଦୁଆରେ
ଅନାଥ ନାଥ ସେ ଡାକ ଦେବା ଆସ
ସକଳେ ମିଳି ତାହାରେ ॥ ୦ ॥

ମନ ଧ୍ୟାନ ଦେଇ ଡାକିଲେ ନିଠାଇ
ସେ କି ରହିବ ଥୟରେ ?
ସନ୍ତାନ ବିକଳ ହେରି କେଉଁ ପିତା
ନିହଲରେ ରହିପାରେ ? ॥ ୧ ॥

ଆମେ ନିରାଶ୍ରୟ, ସେ ଏକା ଆଶ୍ରୟ
ଏହି ତିନି ଭୁବନରେ
କରୁଣାନିଧାନ ବୋଲି ଯାର ନାମେ
ଡିଣ୍ଡିମ ବାଜେ କା’ ନାଁ ରେ ॥ ୨ ॥

ଭାଇ ବନ୍ଧୁ ମାୟା ବରଜି ମନରୁ
ତାହାରି ଶରଣ ଗଲେ
ଡାକ ନଶୁଣିବ ବିଚାରୁ ମନେ ତୁ
ଏଡ଼ିକି କଠୋର ସେ’ରେ ॥ ୩ ॥

ଆସରେ ସରବେ ତାର ପାଶେ ଯାଇ
ଜଣାଇବା ଯୋଡ଼ି କରେ
ଏ ଭବ ସଙ୍କଟୁ ପାରି କର ପିତା !
ଦେଇ ଠାବ ଶ୍ରୀ ପୟରେ ॥ ୪ ॥

# ପ୍ରାର୍ଥନା

ଡର ଲାଗେ ଏ ତରଙ୍ଗ ହେରି
ଥଳ କୂଳ ନ ଦିଶଇ କେସନେ ହେବି ମୁଁ ପାରି ॥ ୦ ॥

କୁହୁଡ଼ି ଘେରା ଏ ମେଘ
ପବନ ବହୁଛି ବେଗ
ସାହା ନାହିଁ, ସାଥୀ ନାହିଁ, ବଳହୀନ ଭାରି ॥ ୧ ॥

ଦେଖି ମୋତେ ଦୀନ ଅତି
କେ ଅଛି ଦୟାଳୁ ମତି ?
ମୂଲ ବିନା କରିଦେବ ପାରି ଭବବାରି ॥ ୨ ॥

ଶୁଣିଛି ସାଧୁ ବଚନ
ଡାକିଲେ ଧରି ତା ନାମ
ଅଛି ଜଣେ ଦୁରୁଦିନେ ଶୁଣେ କାନ ଡେରି ॥ ୩ ॥

ତେଣୁ ନଦୀ ତୀରେ ବସି
'ଜୟଗୁରୁ' ବୋଲି ଘୋଷି
ଡାକେ ଗୁରୁଦାସ ପାର, କର ହେ ନାଉରି ॥ ୪ ॥

❋❋❋

# ପ୍ରାର୍ଥନା

ଡରି ମରୁ କାହିଁକିରେ ପାଗଳ ମନ
ଘୁଞ୍ଚିବ ସଂସାର ଭୟ ବୋଲ ତୁ ମାନ ॥ ୦ ॥

ଶୟନେ, ସପନେ ତୋର ଗୁରୁ ନାମଟି ସୁମର
ବିପଦେ ନୋହି କାତର ଗୁରୁ ଆଶ୍ରା କର
ହେବେ ସାହା, କରିବେ ବିପଦ ନିବାରଣ ॥ ୧ ॥

ଜାଣି ନାହୁଁ କି ସେ ଗୁରୁ ବ୍ରହ୍ମା, ବିଷ୍ଣୁ, ଶିବ
ଗୁରୁ ବିନେ କିଏ ତୋତେ ପଥ ଦେଖାଇବ ?
ଭବ ଅରଣ୍ୟରେ କରି ସଙ୍କଟ ମୋଚନ ॥୨ ॥

ଗୁରୁନାମ ଔଷଧଟି ସର୍ବବ୍ୟାଧି ହର
ପଙ୍ଗୁ ଲଙ୍ଘେ ଗିରି ଗୁରୁ ହେଲେ ସାହା ତାର
କ୍ଷମା କରୁଣାଆକର ଶ୍ରୀଗୁରୁ ଚରଣ ॥ ୩ ॥

ଜୟଗୁରୁ ଜୟଗୁରୁ ଜୟଗୁରୁ ଗାଇ
ସଂସାର ଦୁସ୍ତର ଜଳନିଧି ତରିଯାଇ
ଗୁରୁଦାସ ପଣେ କର ଜୀବନ ଅର୍ପଣ ॥ ୪ ॥

***

# ପ୍ରାର୍ଥନା

ତୁମକୁ ପାଇବା ପାଇଁ ମୋତେ ଆଉ
ଦୂରେ ଖୋଜିବାକୁ ହେବ ନାହିଁ,
ଏହି ହୃଦୟର ନିଭୃତ ମନ୍ଦିରେ
ରଚିଛି ଆସନ ତୁମପାଇଁ ॥ ୦ ॥

ଅମା ଅନ୍ଧକାର ଘୋଟିଛି ମନ୍ଦିରେ
ଦିନ ଯାଏ ତିଳେ ନାହିଁ ଅପସରେ
ଚକ୍ଷୁର ସଂସ୍କାର ସିନା ଅନ୍ଧକାର
ଜ୍ୟୋତିର୍ମୟ ଇନ୍ଦୁକର ତ୍ରାହି ॥ ୧ ॥

ବିଶ୍ୱାସ ଆଧାରେ ଜ୍ଞାନର ଦୀପାଳି
ଯେଦିନ ମନ୍ଦିରେ ଦେବି ମୁହିଁ ଜାଳି
ସେଦିନ ପୂରିବ ନଇବେଦ୍ୟ ଥାଳି
ସାଧନା ସଫଳ ହେବାପାଇଁ ॥ ୨ ॥

ଅନ୍ଧାର ନେପଥ୍ୟେ ତୂଳୀ ଧରି କରେ
ଚିତ୍ରିଛି ଯେ ଛବି ଏହି ଜୀବନରେ
ଅନ୍ଧକାର ପଟ୍ଟ ଅପସାରି ଦୂରେ
ଏ ହାତେ ତୁଳି କି ଦେବ ଯାଇ ॥ ୩ ॥

ଦ୍ୱଇତ ମରମେ ଅଦ୍ୱୈତ ଚେତନା
ଚିରନ୍ତନ ସେ ତ ତୁମରି ରଚନା
ଚିରଦିନ ମୋର ଦ୍ୱଇତ ଭାବନା
ରହିଥିବି ଲୀଳା ସଂଗୀ ହୋଇ ॥ ୪ ॥

# ପ୍ରାର୍ଥନା

ତୁମରି ପୂଜାର ଗୁରୁ ଭାର ମୋତେ ଦେଇଅଛ ଦୟାବହି
ରହି ପାଶେ ମୋର ଦିଅ ହେ ବତାଇ ପଥ କାହିଁ ନ ହୁଡ଼ଇ ॥ ୦ ॥

ଅନ୍ତର ଯାହାର ମରୁଭୂମି ସମ
ଫୁଟିବକି ଫୁଲ ତହିଁ ପ୍ରିୟତମ
କି ଦେଇ ପୂଜିବି ଚରଣ ଯୁଗଳ
ନିଃସ୍ୱ ଆଜି ତ ମୁହିଁ ॥ ୧ ॥

ସିଂହାସନ ତଳେ ନଇବେଦ୍ୟ ପାଇଁ
ମୋର ହୋଇ ଭବେ କିଛି ମାତ୍ର ନାହିଁ
ଯେଣେ ଚାହେଁ ତେଣେ ସବୁ ତୁମ ଦାନ
ତୁମେ ତ ଜଗତ ସାଇଁ ॥ ୨ ॥

ନିତି ନିତି ଢାଳୁ ଅଛି ଆଖି ଜଳ
ଭାବୁ ଅଛି ମୋର ସେହି ପୁଣ୍ୟବଳ
କରୁଣା ନିଧାନ ଧନ୍ୟ ହୋଇଯିବି
କଟାକ୍ଷରେ ଦେଲେ ଚାହିଁ ॥ ୩ ॥

❀❀❀

# ପ୍ରାର୍ଥନା

ତୁମ ବିନା ଆଉ ନାହିଁକେ ନିଜର ମୋର
ଜାଣୁ ଜାଣୁ ମୋତେ ଭୁଲାଉଛି ମାୟା ଘୋର ॥ ୦ ॥

ଅଢ଼େଇ ଦିନିଆଁ ମୋହ
ଲୋକ ଦେଖାଣିଆ ସ୍ନେହ
ଭାଇ, ବନ୍ଧୁ, ବୋଲି ଯେତେ, ସଭିଏଁ ତ ସ୍ୱାର୍ଥପର ॥ ୧ ॥

ସକାଳେ ଯେ ଫୁଲ ଫୁଟେ
ସଞ୍ଜରେ ଧୂଳିରେ ଲୋଟେ
ଆସିବାର ଯିବାପାଇଁ ଏତିକି ସତ ମାତର ॥ ୨ ॥

ନିତି ମୁଁ ଆଶାରେ ଚାହେଁ
ଭେଟ ତ କାହିଁ ନ ପାଏ
ସବୁଠାରେ ଥାଅ ପରା କଲ ମୋତେ ସାତପର ॥ ୩ ॥

ଥରେ ଖାଲି ଦେଖା ଦିଅ
କିଛି ନ ମାଗିବି ଦିଅଁ !
ଭେଟି ଦେବି ମନ ଭରି ଚରଣେ କୋଟି ଜୁହାର ॥ ୪ ॥

❁❁❁

# ପ୍ରାର୍ଥନା

ତୁମ ଠାରୁ ବଳି କିଏ ଅଛି ଆଉ ମୋର
କାହାକୁ କହିବି ମନକଥା ଯୋଡ଼ି କର ॥ ୦ ॥

ପାପର ତମସା ଘେରା ପ୍ରାଣ ମୋର
ପୁଣ୍ୟର ଆଲୋକ ଚିର ଅଗୋଚର
ବିସାରି ଉଜ୍ଜ୍ୱଳ କର
ଅମା ନିଶି ଦୂରେ ହର
ତୁମେ ତ ଦୟାସାଗର ॥ ୧ ॥

ମଳୟ ପରଶେ ସୁମନ ଯେସନ
ବିକଶି କରଇ ବାସ ବିତରଣ
ସାଧୁସଙ୍ଗ ସେହି ମତି
ଶୁଦ୍ଧ କରଇ ମତି
ଢାଳି ପ୍ରେମ ପ୍ରେମ-ସୁଧା ଧାର ॥ ୨ ॥

ସେ ସରି ପରଶମଣି ମୋ କାମନା
ପରଶରେ ଯାର ଲୁହା ହେବ ସୁନା
ସେଇ ସଉଭାଗ୍ୟ ମୋର
ମାଗୁଛି କରୁଣା କର
ଏତିକି ଆଶା ମନର ॥ ୩ ॥

❋❋❋

# ପ୍ରାର୍ଥନା

ତୁମେ ତ ମୋ ଗଣ୍ଠି ରତନ - ଜୀବନ ଧନ
ଅଗତି ଗତି କାରଣ - ମନ ମୋହନ ॥ ୦ ॥

ତୁମେ ମୋର ଚଇତନ୍ୟ
ଜୀବନ କରିଛ ଧନ୍ୟ
ଜଗତ ଜନ ପ୍ରାଣାରାମ- ଜୀବନ ଧନ ॥ ୧ ॥

ଅନ୍ଧାରର ତୁମେ ଦୀପ
ତୁମେ ଅନାଦି ଅରୂପ
ବିପଦ କାଳରେ କୋଳେ ଘେନ- ଚନ୍ଦ୍ରବଦନ ॥ ୨ ॥

ଆସେ ଯେବେ କୁ ବାସନା
ତୁମେ ତ ଦିଅ ଚେତନା
ମାଗୁଛି ଚରଣେ ଶରଣ- ପ୍ରଣତି ଘେନ ॥ ୩ ॥

❁❁❁

# ପ୍ରାର୍ଥନା

ତୁମେ ତ ମୋ ଜୀବନ ଧନ
ଛାଡ଼ି ମୁଁ ତୁମକୁ କହ ରହିବି କେସନ ହେ ॥ ୦ ॥

ରଖିଛ ତୁମେ ବଞ୍ଚାଇ ତେଣୁ ତ ଜୀଇଁଛି ମୁହିଁ
ତୁମ ବିନେ ଅସାର ତ, ଏ ସାରା ଭୁବନ ହେ ॥ ୧ ॥

ତୁମକୁ ହୃଦେ ବସାଇ ଦିନ ସିନା ନିଏ ମୁହିଁ
ରୋଗ ଶୋକ ଯାତନା ମୋ, ସବୁ ତୁଚ୍ଛ ଜ୍ଞାନ ହେ ॥ ୨ ॥

ତୁମକୁ ଡାକେ ମୁଁ ଯେବେ, ସାରା ଦୁଃଖ ଘୁଞ୍ଚେ ତେବେ
ସବୁ ଭୁଲି ତୁମକୁ ମୁଁ ଭାଳେ ନିଶିଦିନ ହେ ॥ ୩ ॥

ତୁମକୁ ପାଇଲେ ସୁଖ ଲିଭିଯାଏ ସବୁ ଦୁଃଖ
ଯେବେ ହେ ତୁମକୁ ବଂଧୁ ଭାଳେ ଏ ପରାଣ ହେ ॥ ୪ ॥

ଆଶା ମୋ ହୁଏ ପୂରଣ ସୁମରିଲେ ତୁମନାମ
ମୁଁ' କାର ମନରୁ ମୋର ହୁଅଇ ସପନ ହେ ॥ ୫ ॥

# ପ୍ରାର୍ଥନା

ତୁମେ, ପରାଣର ପ୍ରିୟ ମୋର
ଯେଣେ ଚାହେଁ ତେଣେ ଆଖି ଆଗେ ନାଚେ
ତୁମ ରୂପ ମନୋହର ॥ ୦ ॥

ରବିରେ, ଶଶୀରେ ତୁମ ପରକାଶ
ଜଳରେ ଥଳରେ ତୁମରି ବିକାଶ
କୁସୁମ ଅଧରେ, ପକ୍ଷୀ କଳସ୍ୱରେ
ତୁମ ହସ କି ମଧୁର ! ॥ ୧ ॥

ସବୁ ଦେଖି ଶୁଣି ଚାହେଁ ମୋର ମନ
ତୁମରି ପ୍ରେମରେ ହେବାକୁ ମଗନ
କର ଦୁଇ ମୋର ତୁମରି ଚରଣ
ସେବା ଲାଗି ତରତର ॥ ୨ ॥

ଧୂପ, ଦୀପ ଭେଟି ତୁମ ଅରଚନା
କରିବାକୁ ମୁଁ ଯେ ଚିର ଉନମନା
ମାଗୁଣି ଏତିକି– ତୁମେ ଦୟାମୟ
ମୋ ଆଶ ପୂରଣ କର ॥ ୩ ॥

❀❀❀

# ପ୍ରାର୍ଥନା

ତୁମେ ଯେବେ ମୋର ଜୀବନ ବଲ୍ଲଭ
ତୁମେ ନିଶ୍ଚେ ମୋର ସାଧନ ଧନ
ତୁମ ଲକ୍ଷ୍ୟେ ତେବେ ବାହିନେବି ତରୀ
ଦିଗଭ୍ରମ ହେଲେ ଦେବ ଦର୍ଶନ
ଧ୍ରୁବତାରା ଜୀବନର, ଦେଖାଦେବ ହୋଇ ମୋର
ଭୀଷଣ ସାଗର ଜଳେ, ହେଉ ଚୂର୍ଣ୍ଣ ଶିଳା କୋଳେ
ନ ଗଣିବି ଯେତେ ବିଘ୍ନ, ନଶୁଣିବି କା ବାରଣ

ଜୀବନ ତରୀ,
ବାହିନେବି ନାମ ସ୍ମରଣ କରି
ଜୟ ଶ୍ରୀଗୁରୁ ଜୟ ହେ ବୋଲି
ମାୟା ଅନ୍ଧକାର ଭେଦ କରି
ଧ୍ରୁବ ଜ୍ୟୋତି ସଦା ଲକ୍ଷ୍ୟ କରି
ଭୀମ ଭବସିନ୍ଧୁ ଅପର ପାରେ
ଚିତ୍-ଜ୍ୟୋତି-ସିନ୍ଧୁ ମୁକ୍ତି ତୀରେ

ବାହିବି ବାହିବି,
ତାପ ଜୀର୍ଣ୍ଣନାବ ମୋର,
ଭୀମ ଭବସିନ୍ଧୁ ପାରେ
ଲଘିଂ ଅନ୍ଧାର କୁହୁଡ଼ି
ନ ଡରି ବତାସ ଝଡ଼ି
ଲକ୍ଷ୍ୟ କରି ଧ୍ରୁବ ଜ୍ୟୋତି ॥ ୧ ॥

ତୁମେ ଯେବେ ମୋର ଚିର ଜୀବନର
ପ୍ରାଣ ସଖା ପରିଚିତ ସୋଦର
ବିରହୀ ନୋହିବି ତୃପତ ହୋଇବି
ପାଇଲେ ନିମିଷେ ଦେଖା ମାତର
ଅନିମେଷ ନେତ୍ରେ ଦେଖି, ସେ ରୂପ ରେଖିବି ଲେଖି
ହୃଦ-ମନ୍ଦିରେ ଥାପିବି, ନୟନ ପଥେ ରଖିବି
ଅରୁଣ ରାଗରେ ରଞ୍ଜି, ସଜ ଫୁଲ ଦେବି ଖଞ୍ଜି
ପ୍ରଭାତୀ ବନ୍ଦନା ଗାଇ, ଧ୍ୟାୟିବି ଚରଣ ଦୁଇ

ସ୍ମରଣ କରି-
ମଧୁର ସୌମ୍ୟ ମୂରତି ତୁମରି
ପ୍ରଶାନ୍ତ ଗମ୍ଭୀର ଶ୍ରୀମୁଖ ତୁମରି
କରୁଣା କ୍ଷମାଶୀଳ ସେ ମୂରତି
ଭକତବତ୍ସଳ ଅଭୟ ମୂରତି

ଧ୍ୟାୟିବି ଧ୍ୟାୟିବି,
ରାଜ ଅଭିଷେକ କରି
ଶ୍ରୀଚରଣ ସେବା କରି
ନେତ୍ରଜଳେ ସିକ୍ତ କରି
ଅତୃପ୍ତ ପିପାସା ଧରି
ଅଙ୍ଗେ ଅଙ୍ଗୀଭୂତ କରି
ଅନ୍ତରେ ପ୍ରତିଷ୍ଠା କରି ॥ ୨ ॥

❀❀❀

# ପ୍ରାର୍ଥନା

ତୁମେ ମନର ଅପାସୋରା ଠାକୁର
ଦେବତା ତୁମେ ମର ଦେହର ॥ ୦ ॥

ତୁମ ରଙ୍ଗ ପୟର ମନେ ବାନ୍ଧିଛି ଘର
କପାଳେ ଲେଖା ନାହିଁ ଜନମେ ସେବାପାଇଁ
ସବୁତ ଶୁଣାକଥା କାନର ॥ ୧ ॥
କମଳ ଫୁଟା ପାଇଁ ନଳିନୀକାନ୍ତ ହୋଇ
ଜନମ ସତେ ସିନା ତୁମର ॥ ୨ ॥
ଥରେ ଅଧେ ପୁରୀରେ ଦେଖିଛି ରିକିସାରେ
ମିଳନ ନାହିଁ ଏହି ଭାଗ୍ୟର ॥ ୩ ॥
ତୁମ ପିନ୍ଧା ସରଳ ଆଖିରେ ନାଚେ ମୋର
ନ ଥିଲା ତହିଁ ତ ଆଡ଼ମ୍ବର ॥ ୪ ॥
ଗଳା କୁସୁମମାଳା କଟିକୁ ଚୁମ୍ବୁଥିଲା
କି ଶୋଭା ସତେ ସେହି କେଶର ॥ ୫ ॥
ରଟେ ଜଗତ ନର ଉପଦେଶ ତୁମର
କରୁଣା-କଣା ତୁମେ ବିତର ॥ ୬ ॥
ସାଧକର ଜୀବନ ଧନ୍ୟ ତୁମର ଧନ୍ୟ
ସାଧି ହୋଇଛି ଆଜି ଅମର ॥ ୭ ॥
ଆଖିରୁ ଦୂରେ ଥାଇ ଜଗତ ହିତ ପାଇଁ
ଢାଳ କରୁଣା-କଣା ଅପାର ॥ ୮ ॥
କାହିଁ ଦୂରରେ ଅଛି ଗୁରୁ ବୋଲି ଘେନୁଛି
ପ୍ରଣତି ଘେନ ଗୁରୁଦାସର ॥ ୯ ॥

# ଶେଷଗାନ

ତୃଷିତ ପରାଣେ ଢାଳିଦିଅ ଦେବ ତୁମରି ଅମିୟ ଝରଣା
ନିରାଶ ଅନ୍ତରେ ପ୍ରକାଶିତ ହେଉ ତୁମରି ଶାଶ୍ୱତୀ ପ୍ରେରଣା ॥ ୦ ॥

ଆହାରେ, ବିହାରେ, ଶୟନେ, ସ୍ୱପନେ
ଦିବସେ, ନିଶୀଥେ, ପ୍ରଭାତେ, ସାୟାହ୍ନେ
ଅନ୍ତର ବାହାରେ ଜାଗରିତ ହେଉ ତୁମରି ମଧୁର ଭାବନା ॥ ୧ ॥

ଦୁଃଖେ, ସୁଖେ, ଶୋକେ, ଧନେ, ଅନଟନେ
ଯଶେ, ଅପଯଶେ, ଜ୍ଞାନେ ବା ଅଜ୍ଞାନେ
ଅବିରତ ବାଜୁ ହୃଦବୀଣା ତାରେ ତୁମରି ବିଜୟ ବାଜଣା
ଜୀବନେ ମରଣେ ତୁମ ପାଶେ ଥିବୁଁ ଏତିକି ଆମରି କାମନା ॥ ୨ ॥

ଦର୍ଶନେ, ଶ୍ରବଣେ, ଘ୍ରାଣେ, ଆଲିଙ୍ଗନେ
ଆନନ୍ଦେ ବିଳାସେ ରସ-ଆସ୍ୱାଦନେ
କରମେ, ଆରାମେ ଫୁଟି ଉଠୁ ସଦା ତୁମରି ଧିଆନ-ଧାରଣା ॥ ୩ ॥

ଭଜନେ, କୀର୍ତ୍ତନେ, ନୀତି ଆଚରଣେ
ତୀର୍ଥ ପର୍ଯ୍ୟଟନେ, ଦାନେ ବା ଗ୍ରହଣେ
ସର୍ବଥା ସର୍ବଦା ହେଉ ଅନୁଭୂତ, ଅହେତୁକୀ ତବ କରୁଣା
ଜୀବନେ ମରଣେ ତୁମ ପାଶେ ଥିବୁଁ ଏତିକି ଆମର ପ୍ରାର୍ଥନା ॥ ୪ ॥

❋❋❋

# ଶେଷଗାନ

ଦୟାମୟ କେବେ ଆସିବ ସେ ଦିନ
ଆପଣାରେ ଆପେ ପାସୋରି ଦେବି ମୁଁ
ନିରେଖି କଞ୍ଜବଦନ ॥ ୦ ॥

ପଦତଳେ ପଡ଼ି ଲୋଟିଯିବି କେବେ
ହେରି ମୂରତି ମୋହନ
କେବେ ମୋ ତୁଟିବ ମାୟା ମୋହ ଘେରା
ନୟନୁ ନିଶି ସପନ ॥ ୧ ॥

ଭରିଯିବ କେବେ କଣ୍ଠରେ ମୋ'ର
ତୁମରି ମହିମାଗାନ
ତୁମ ନାମ ଗୀତି ଶୁଣୁଥିବ ନିତି
ଏ ମୋର ବେନି ଶ୍ରବଣ ॥ ୨ ॥

ତୁମରି ଚରଣ ନୂପୁର ନିନାଦେ
ଭରିଯିବ ଏ ଭୁବନ
ନୟନ କୋଣରେ ଖେଳିବ ପୁଲକେ
ଧାରା ଶ୍ରାବଣର ଘନ ॥ ୩ ॥

ଚଉକତି ମୋର ଶୁଭୁଥିବ ତୁମ
ଶୁଭ ଜୟଗୀତି ମାନ
ଏ ମୋର ଜନମ ସଫଳ ହୋଇବ
ଲଭି ସେ ପଦ ମିଳନ ॥ ୪ ॥

❋❋❋

# ପ୍ରାର୍ଥନା

ଦୟାମୟ କେବେ ଆସିବ ସେ ଦିନ
ହୃଦ ସରୋବରେ ଫୁଟିବରେ କେବେ ସରସ ପ୍ରେମ ନଳିନ ॥ ୦ ॥

ଘୋର ତମଘେରା ଘରେ ମୋର ହେବ
ଜ୍ଞାନ ଆଲୋକ ଜ୍ୱଳନ
ଯୁଗ ଯୁଗ ଧରି ଅନ୍ଧାର କାଳିମା
କେବେ ହେବରେ ମଳିନ ॥ ୧ ॥

କେବେରେ ମୋହର ମନର ଠାକୁର
ଉଜ୍ଜ୍ୱଳିବେ ଏ ପରାଣ
ହୃଦୟ ତନ୍ତ୍ରୀରେ ଝଂକାରିତ ହେବ
ମଧୁର ମୂରଲୀ ତାନ ॥ ୨ ॥

ଦୁନିଆଁ ମଝିରେ କେବେ ହୋଇବରେ
ପ୍ରେମ-କଳି ବିକାଶନ
ଚହଟିବ ବାସ ତୁଟିବ ପରାଶ
ଜୀବନ ହୋଇବ ଧନ୍ୟ ॥ ୩ ॥

କେବେରେ ପରାଣ କରିବ ମୋହର
ନାମ ନିଶା ବିମୋହନ
ଭାବର ଏ ଦେହ ପାଲଟିବ କେବେ
ପୀରତି-ସୁଧା ସଦନ ॥ ୪ ॥

# ପ୍ରାର୍ଥନା

ଦୟାମୟ ! ଶୁଣିବା ହେଉ ଗୁହାରି
ତୁମ ବିନେ ସାହା କେ ନାହିଁ ମୋହରି ॥ ୦ ॥

ମନ ମୋର କରୁ ତବ ରୂପ ଧିଆନ
ମୁଖ କରୁ ଥାଉ ତବ ଗୁଣ ଗାୟନ
ତୁମର ପ୍ରିୟ ଯାହା, କରମ କରୁ ତାହା
ଲଭୁ ମୋର ନୟନ, ତବ ରୂପ ଦର୍ଶନ
ସଂପଦେ ବିପଦରେ, ନିଶି ଅବା ବାସରେ
ଦୟାମୟ ! ନାମ ନ ଦେଉ ମନ ପାସୋରି ॥ ୧ ॥

କେବଳ ତୁମରି ନାମ ଗୁଣ କୀର୍ତ୍ତନ
ଶୁଣିବା ପାଇଁ କି ଟାକି ଥାଉ ଶ୍ରବଣ
ଆଦେଶକୁ ତୁମରି, ପାଳନ ଚିନ୍ତା କରି
ଚରଣ ବେନି ମୋର, ଚଳୁ ହେ ନିରନ୍ତର
ଲୋଟୁ ଥାଉ ଏ ଶୀର, ତବ ପୟର ତଳ
ଦୟାମୟ ! ଘେନ ମୁଁ ପଦ ସେବା ପୂଜାରୀ ॥ ୨ ॥

ରିପୁ ଏ ରହନ୍ତୁ ସଦା କୋୟର ସରି
ତବ ପଦ ପୂଜନରେ ଭକତି ଭରି
ସଂସାରେ ଯେତେ ଦିନ, ଥିବ ଦୀନ ଜୀବନ
ତବ ସେବା ଧିଆନ, କରୁଥାଉ ଏ ମନ
ଭାଳି ମିଳନ ତବ ମରଣ ଯାଉ ହାରି
ଦୟାମୟ ! ଜଣାଏଁ ପଦତଳେ ଜୁହାରୀ ॥ ୩ ॥

# ପ୍ରାର୍ଥନା

ଦୟାନିଧି ! ପଦେ କଥା ମୋର ଶୁଣ
ଜୁରିବାକୁ ହୁରି ପକାଉ ନାହିଁ ମୁଁ
ଭଣ୍ଡାରୁ ମଣି କାଞ୍ଚନ ॥ ୦ ॥

ସାଇତି ରଖିଥା ରତ୍ନାକର; ତୁମ
ଶଶୁର ଘରର ଥାତି
ଉଜୁଡ଼ି ନ ଯିବ ଧନ ରତନ, ମୁଁ
ମାଗୁନାହିଁ ହାତ ପାତି,
ଦିଅ ମୋତେ ଖାଲି ଶରଣ-ପଞ୍ଜର !
ଚରଣ ସେବାରେ ମନ ॥ ୧ ॥

ମୁଖରେ ମୋହର ହସ ଫୁଟୁ ଅବା
ଝରୁ ଏ ଆଖିରୁ ଲୁହ
ସବୁ 'ମାୟା' ବୋଲି ଘେନିବାକୁ, ମୋର
କାନରେ ମନ୍ତର ଦିଅ
ସୁଖ, ଦୁଃଖ କିଛି ଚିର ନୁହେଁ- ସବୁ
ତୁମ ଯାଦୁକରୀ ପଣ ॥ ୨ ॥

ତୋଳି ଜାଣ ତୁମେ, ଟାଣି ଜାଣ ତୁମେ
ନିଜ ଘର କାହିଁ ନାହିଁ
ବଣ, ପରବତ, ଆକାଶ, ବତାସ
ଯହିଁ ଦେଖେ ତୁମେ ତହିଁ
ଧରା ନ ଦେବାଟି ସିନା ତୁମ ରୀତି
କାହିଁକି ଏ ଶଠପଣ ? ॥ ୩ ॥

## ପ୍ରାର୍ଥନା

ଦୟାନିଧି ! ଧନ, ଜନ ମାଗୁ ନାହିଁ
ମାଗୁଛି ମାତର ଚରଣ କମଳ
ତଳେ ମୋତେ ଦିଅ ଠାଇଁ ॥ ୦ ॥

ତବ ନାମ ଚିତ୍ତେ ରହୁ ଅପାସୋରା
ତବ ଗୁଣ ଗାନେ କଣ୍ଠ ହେଉ ଭରା
କାନ ଶୁଣୁଥାଉ ତବ ନାମ ଖାଲି
ଚଉଦିଗ ପୂରି ରହି ॥ ୧ ॥

କରେ ଯେ ତୁମକୁ ତାର ଆପଣାର
ତାରେ ହେରୁଥାଉ ନୟନ ମୋହର
ପ୍ରିୟଜନ ଏକା ସେତ ଜୀବନର
ତା ପଛେ ହୁଏ ମୁଁ ବାଇ ॥ ୨ ॥

ନାମେ ତବ ଭରା ଏ ତିନି ଭୁବନ
ସେ ନାମ ଶ୍ରବଣେ ଏ ଜୀବନ ଧନ୍ୟ
ନାଉରିଆ ଏକା ତୁମେ ସିନା ଭବ
ସାଗର ତାରଣ ପାଇଁ ॥ ୩ ॥

ତୁମେ ଅଟ ପ୍ରଭୁ ! ଜଗତର ଗୁରୁ
ଭୁଲାଇ ନ ରଖ ନାମ ସ୍ମରଣରୁ
ମନ ଚଞ୍ଚଳତା ନିରତ ନିବାର
ଭିଖାରି – ମାଗୁଣି ଏହି ॥ ୪ ॥

# ପ୍ରାର୍ଥନା

ଦୀନବନ୍ଧୁ ହେ ! କରୁଣା କଣା ବିତର
ହୃଦ-ବୃନ୍ଦାବନେ ମୋର ହେ ଦୟା ବହି ବିତର ॥ ୦ ॥

ତୁମେ ପରା ଦୀନ ଜନର ବନ୍ଧୁ
ତୁମେ ଏକା ସିନା କରୁଣା ସିନ୍ଧୁ
ଆପଦେ-ବିପଦେ ତୁମେ ରକ୍ଷାକାରୀ
ଭକତ ଜନର ମନ-ଭ୍ରମର ॥ ୧ ॥

ପାପତାପ ଶମି ଦାନି ଅଭୟ
ପାଦତଳେ ତବ ଶରଣ ଦିଅ
ଜାଣି ଅପରାଧୀ ଅଟଇ ତ ନାଥ
ତୁମ ବିନେ କିଏ କ୍ଷମା-ସାଗର ॥ ୨ ॥

ମାଗୁଛି କରୁଣା ବିନ୍ଦୁ ଗୋସାଇଁ
ତୁମ ବିନେ ଆନ ଭରସା ନାହିଁ
ତୁମେ ନ ରଖିଲେ ଭାସିଗଲି ଜଳେ
ଭବ ଜଞ୍ଜାଳରୁ କର ନିସ୍ତାର ॥ ୩ ॥

❀❀❀

# ପ୍ରାର୍ଥନା

ଦୀନବନ୍ଧୁ ! ବୁକୁମୋର ଥରଥର
ରତନ ପ୍ରକାରେ ଯତନ କଲି ମୁଁ ବଶ ନୁହେଁ ମନ ମୋର ॥ ୦ ॥

ଆପଣାକୁ ଆପେ ଭଣ୍ଡୁଛି କହ ମୁଁ ତୁମେ ମୋର ତୁମେ ମୋର
ବିଚାରୁଛି ଆଉ ନ ଭୁଲିବି ବୋଲି ଦିନକୁ ସହସ୍ର ବାର
କାହୁଁ ଆସି ପୁଣି କୁଚିନ୍ତା ସନ୍ତତ
ସବୁ କରେ ନାରଖାର ॥ ୧ ॥

ଏଇ ଆଖି ମୋର ବେଳେ ବେଳେ ଢାଳେ ତୁମ୍ଭ ପାଦ ତଳେ ନୀର
ସେଇ ଆଖି ପୁଣି ପାସୋରି ତୁମ୍ଭକୁ ହେରେ ଅସାର ବିକାର
ବିଷୟ ଭୁଲାଏ, ପାଦ ଚାଲି ନିଏ
କୁପଥରେ ଅନିବାର ॥ ୨ ॥

ପାପ ମନେ ଜାଳି ଦିଅ ଦେବ ଗୁରୁ ଅନୁତାପ ନିଆଁ
ଜଳି ପୋଡ଼ି ଯାଉ କୁନୀତି କୁରୀତି ପାଲଟୁ ପାଉଁଶ ଧୂଆଁ
ତୁମ୍ଭ ବିନେ ଆଉ ନାହିଁ ଆନ କେହି,
ଶାସିବ ଏ ମୋ ଅନ୍ତର ॥ ୩ ॥

ଜାଣୁ ଜାଣୁ ମଣି ହରାଇ ବସୁଛି ହାତେ ପାଇ ବାରବାର
ଦୟାନିଧି ! ଆଉ ନୁହଁ ନିରିଦୟ ଶରଣ ଦିଅ ଏଥର
ଆଉ କିଛି ମୋର ଲୋଡ଼ା ନାହିଁ କର
ଚରଣ ତଳେ କିଙ୍କର ॥ ୪ ॥

# ପ୍ରାର୍ଥନା

ଦୀନବାନ୍ଧବ ହେ ! ସବୁ ତ ତୁମରି ଦାନ
ସବୁ କରି, ସବୁ କରାଉଛ ତୁମେ
ତୁମ ବିନେ ନାହିଁ ଆନ ॥ ୦ ॥

ସବୁବେଳେ ତୁମ ରୂପ ଗୁଣମାନ ଝୁରି ହେଉଛି ଏ ମନ
କଣ୍ଠ ଭରି ମୋର ତୁମ ଦିଆ ସୁର
କରୁଥାଇ ଗୁଞ୍ଜରଣ ॥ ୧ ॥

ତୁମ ଲାଗି ନିତି ସଜାଇ ରଖିଛି ମନରେ ମୁଁ ସିଂହାସନ
ଆସିବ, ବସିବ, କଲୁଷ ନାଶିବ
ନିତି କରେ ନିବେଦନ ॥୨ ॥

ତୁମରି ପ୍ରେମରେ ହୋଇ ଭରପୂର ଶୁଣାଇବି ତୁମ ଗାନ
ତୁମରି ଛାମୁରେ ଯୋଡ଼ି ବେନି କରେ
ମୋହିବି ତିନି ଭୁବନ ॥ ୩ ॥

ଦୁଃଖ ସୁଖ ଯାହା ଭୋଗଇ ମୁଁ ତାହା ନୁହେଁ କେହି ଆନ ଆନ
ତାରି ପାର ତୁମେ ମାରି ପାର ତୁମେ
ସବୁ ତୁମରି ଭିଆଣ ॥ ୪ ॥

ମୋହ ଅହଙ୍କାର ସବୁ ଦୂର କର ଦିଅ ଶୁଭ ବୁଦ୍ଧି ଜ୍ଞାନ
ଚରଣ ତଳରେ ଦିବା ରଜନୀରେ
ଏତିକି ମୋ ନିବେଦନ ॥ ୫ ॥

❀❀❀

# ପ୍ରାର୍ଥନା

ଦୁଃଖ ବୋଲି ଜାଣୁ ନାହିଁ
ଯାହା ତୁମେ ମୋତେ ଦେଇଛ ଠାକୁର
ଏ ଜୀବନେ ସୁଖ ସେହି ॥ ୦ ॥

ପାଇଛି ତ ମୁହିଁ ଜନନୀ ଆଦର
ମାଧୁରୀ ଭରା ଏ ବିଶ୍ୱ ଚରାଚର
ଯେଣେ ଦେଖେ ତେଣେ ତୁମ କାରିଗରୀ
ତୁମରି ରୂପର ଛାଇ ॥ ୧ ॥

ଦୀନ ତହୁଁ ଦୀନ ଏ ମୋର ଜୀବନ
ତୁମେ ତ ଦେଇଛ ଅଭୟ ଶରଣ
ସାରା ଦୁନିଆଁର ଦୁଃଖ, ଶୋକ, ତାପ
ଭୁଲେ ତୁମ ନାମ ଗାଇ ॥ ୨ ॥

ମରଣର ଡର ନାହିଁ ତିଳେ ମୋର
ବାରୁଛି ଜଗତ ନିପଟ ଅସାର
ମରଣ ବରଣ କରୁଛି ନାଥ ହେ
ତୁମ ପଦ ସେବା ପାଇଁ ॥ ୩ ॥

ଏତିକି ମାତର ମାଗିବାର ମୋର
ଦିନୁଁ ଦିନ ବଢୁ ଭକତି ମନର
ଜାଗୁ ତୁମ ଲାଗି ନିତି ନବପ୍ରେମ
ନବ ଆଶା ଜନମାଇଁ ॥ ୪ ॥

# ପ୍ରାର୍ଥନା

ଦେଖୁଛି ଯାହା ଏ ନୟନ ବନ, ଗିରି, ସାଗର
ପ୍ରକୃତିର କମ ରଚନା ସତେ କେଡ଼େ ସୁନ୍ଦର ! ॥ ୦ ॥

ଯେତେ ମତେ ଭାବେଁ ପ୍ରଭୁ ହେ ମନ ବିଚାରେ ମୋର
ସବୁ ତ ତୁମରି କରୁଣା ଦୟାମୟ ଠାକୁର ! ॥ ୧ ॥

ବିପଦର ଜାଲ ଯେବେ ହେ ମାୟା ଦିଏ ଘେରାଇ
ଚଉଦିଗେ ଦିଶେ ଅନ୍ଧାର ସାହା ହୁଅ ଗୋସାଇଁ ॥ ୨ ॥

ଆଖିର ପଲକେ ଘୁଞ୍ଚଇ ଦୁରୁଦିନ ମୋହର
ଅଦେଖାରେ ଥାଇ ହସି ହେ ଚିର କରୁଣା କର ॥ ୩ ॥

ଶୂନ୍ୟ ଦିଶେ ଯେବେ ଭୁବନ ହୁଏ ଶ୍ମଶାନ ସରି
ହୃଦୟ ମନ୍ଦିରେ ତୁମେ ହେ ରାଜ ସୁଦୟା କରି ॥ ୪ ॥

ଖୋଲି ଦିଅ ପ୍ରଭୁ ଦୁଆର ଗୁରୁଦାସ ଭିଖାରି
ଭିଖ ମାଗିବାକୁ ଆସିଛି ପୂରୁ ଆଶା ତାହାରି ॥ ୫ ॥

❁❁❁

# ଆଶୀର୍ବାଣୀ

ଦେବ ! ଦେଇଯାଅ ଆଶୀର୍ବାଣୀ ହେ ॥୦ ॥
ଭାଳି ବସେଁ ମନେ ଆସନ୍ତ କି ଥରେ
ନିମିଷକ ପାଇଁ ଜୀବନ ପଥରେ
କୁସୁମିତ ଶ୍ୟାମ ଧରା ବକ୍ଷ ପରେ
ଖେଳାଇ ସ୍ନିଗ୍ଧ ଚାହାଣୀ ହେ
ଦେବ ! ଶୁଣାଇ ଅମୃତ ବାଣୀ ହେ ॥ ୧ ॥
ଶୁଭ୍ର ଶରତର ଜୀବନ ତରଙ୍ଗେ
ଧ୍ୟାନ ମଞ୍ଜରୀର ଦୋଳାୟିତ ରଙ୍ଗେ
ଦେବାଳୟ ଶଙ୍ଖ ମନ୍ଦ୍ରନାଦ ସଙ୍ଗେ
ବନ୍ଦନା ଧରଣୀ ରାଣୀ ହେ
ଦେବ ! ଶୁଣାନ୍ତା ଅମିୟ ବାଣୀ ହେ ॥ ୨ ॥
ଗ୍ରାମ ଉପକଣ୍ଠେ ମଞ୍ଜୁ ଉପବନେ
ନବ କିଶଳୟ ଛାୟାମୟ ସ୍ଥାନେ
ସଜାଡ଼ନ୍ତା ବେଦୀ ଫୁଟନ୍ତା ସୁମନେ,
ପ୍ରଭାତ ଶିଶିରେ ଛାଣି ହେ ॥ ୩ ॥
ପଖାଳନ୍ତା ପାଦ କାନନ ନିର୍ଝର
କାଶାହାରେ ରଚି ଭୂଷଣ ରୁଚିର
ବାଢ଼ନ୍ତା ନୈବେଦ୍ୟ ଅନବଦ୍ୟ ଫଳେ
ଶୁଚିସ୍ନାତା ଉଷାରାଣୀ ହେ
ଦେବ ! ପ୍ରସାରି ଦିଗନ୍ତ ପାଣି ହେ ॥ ୪ ॥
ନୀଳ ନଭ କୋଳେ ସଲିଳେ ଅନିଳେ
ମାଳତୀ ଲତିକା ମଞ୍ଜୁ ମଉଳିରେ
ଆସ ରାଜେଶ୍ୱର, ତ୍ରିବେଣୀ ଦୋଳିରେ
ଦେବ ! ଶୁଣାଅ ଅମୃତ ବାଣୀ ହେ ॥ ୫ ॥

# ପ୍ରାର୍ଥନା

ଦେହ ତୋର ସଙ୍ଗୀ ପ୍ରାଣ ତୋର ସଙ୍ଗୀ
ନୋହୁ ତୁହି ଦେହ ପ୍ରାଣ
ତୋର ସଉନ୍ଦର୍ଯ୍ୟ ଧରି ଫୁଟେ ଫୁଲ
ତୋ ବାସେ ତାର ଭିଆଣ ॥ ୧ ॥

ଦେହ ସିନା ତୋର ନୋହୁ ତୁ ଦେହର
ତୋ ଯୋଗୁଁ ଜାଗେ ସ୍ପନ୍ଦନ
ନିତ୍ୟ ସଙ୍ଗୀ ବୋଲି ମଜ୍ଜିଛୁ ତା'ଠାରେ
ରହିବ ସେ କେତେ ଦିନ ॥ ୨ ॥

ଅନ୍ତହୀନ ଏହି ଆକାଶ କେନ୍ଦ୍ରରେ
ତୋର ଆଦି ବାସସ୍ଥାନ
ଅନାଦ୍ୟନ୍ତ ନିତ୍ୟ ସଗୋତ୍ର ସଙ୍ଗମ
ସେଠାରେ ବିରାଜମାନ ॥ ୩ ॥

ତୋର ମୂଳ ସତ୍ତା ତୋ ପ୍ରାଣ ସବିତା
ସ୍ୱରୂପରେ ବର୍ତ୍ତମାନ
ନାଭି ବାଡ଼ି ଧରି ନେଉଛନ୍ତି ଟାଣି
ଗୁରୁରୂପୀ ଭଗବାନ ॥ ୪ ॥

❁❁❁

# ପ୍ରାର୍ଥନା

ନ ନିଅ ପାଦ ଘୁଞ୍ଚାଇ, ଦୟାନିଧି !
ଜୀବନର ସୁଖ ଦୁଃଖ ଠୁଳ କରି କର ଦେଉଛି ବଢ଼ାଇ ॥ ୦ ॥

ଜୀବନେ ପୂରଣ ନହେଲା କାମନା
କେତେ ମୁଁ ଫେରିବି ଦୁଆରୁ କୁହ ନା ?
ଦୂରେ ଦୂରେ ଆଉ ନରଖ ଦାସରେ
ମିନତି ଶୁଣ ଗୋସାଇଁ ॥ ୧ ॥

ବାସନା ବେଦନା ହେଲା ଗୁରୁଭାର
ସହି ନ ପାରୁଛି ଆଉ ହେ ଠାକୁର !
କରି କଲବଲ କହ କିବା ଫଳ
କାହିଁକି ରଖ ବଞ୍ଚାଇ ? ॥ ୨ ॥

ଆଶା ପିପାସା ମୋ କେବେ ନ ମେଣ୍ଟଇ
ଖୋଜିଲିଣି ଆଉ ଦାନୀ କେହି ନାହିଁ
କାହାର ଦୁଆରେ ମାଗିବି ଭିଖ ମୁଁ
ଦିଅ ହେ ମୋତେ ବତାଇ ॥ ୩ ॥

ରଖ କରି ମୋତେ ଚରଣର ଦାସ
ଜୀବନଯାକର ଯେତେ ଭୋକ, ଶୋଷ
ମେଣ୍ଟିଯାଉ ନାଥ, ପୂରୁ ମନୋରଥ
ତୁମକୁ ହାତ ପତାଇ ॥ ୪ ॥

# ପ୍ରାର୍ଥନା

ନୟନ ତୁମକୁ ପାରେ ନାହିଁ ଦେଖି ରହିଛ ନୟନ ନୟନେ
ହୃଦୟ ତୁମକୁ ପାରେ ନାହିଁ ଜାଣି ହୃଦୟେ ରହିଛ ଗୋପନେ ॥ ୦ ॥
ବାସନା ବଶରେ ଅବିରତ ମନ
ଧାଏଁ ଦଶ ଦିଗ ପାଗଳ ସମାନ
ସାକ୍ଷୀରୂପେ ତୁମେ ସତତ ମରମେ
ଜାଗିଛ ଶୟନେ ସପନେ ॥ ୧ ॥
ତେଜିଛନ୍ତି ସର୍ବେ କେହି ନାହିଁ ଯା'ର,
ତୁମ ସ୍ନେହ ଅଛି ତୁମେ ଅଛ ତା'ର
ନିରାଶ୍ରୟ ଜନ ଗୃହ ନାହିଁ ଯା'ର
ରଖ ତାକୁ ତୁମ ଭୁବନେ ॥ ୨ ॥
ତୁମ ବିନା ସାଥୀ  କେହି ନାହଁ ମୋର
ସମ୍ମୁଖେ ଅନନ୍ତ ଜୀବନ ବିସ୍ତାର
କାଳ ପାରାବାର କରୁଅଛ ପାର,
କେହି ନ ଜାଣଇ କେସନେ ॥ ୩ ॥
ତୁମେ ଅଛ ବୋଲି ମୁହିଁ ସିନା ଅଛି,
ତୁମେ ପ୍ରାଣମୟ ତେଣୁ ମୁଁ ବଞ୍ଚିଛି
ଯେତେ ପାଇଲେ ହେଁ ତୃପ୍ତି ନ ଆସୁଛି
(ମୁଁ) ଯେତେ ଜାଣିଲେ ବି ନଜାଣେ ॥ ୪ ॥
ତୁମକୁ ପାଇବି ଜାଣ ନିରନ୍ତରେ,
ଲୋକ ଲୋକାନ୍ତରେ ଯୁଗ ଯୁଗାନ୍ତରେ
ତୁମ ଆଉ ମୋହ ବିନା କେହି ନାହିଁ,
ନାହିଁ କିଛି ବାଧା ମିଳନେ ॥ ୫ ॥

# ପ୍ରାର୍ଥନା

ନବ ବରଷର ପ୍ରଥମ ପ୍ରଭାତେ କରେ ତବ ପ୍ରଣିପାତ,
ହେ ମୋର ପ୍ରାଣର ଆରାଧ୍ୟ ଦେବତା ହେ ମୋର ଜୀବନନାଥ ॥ ୧ ॥

ତୁମରି କୃପାର ଆଲୋକ ବିତରି ଅନ୍ଧକାର ନାଶିଦିଅ,
'ଅହଂ ମମତା' ଘୁଞ୍ଚାଇଣ ପ୍ରଭୁ ତୁମରି କରିଣ ନିଅ ॥ ୨ ॥

ଦେହର ଜଡ଼ତା ମନର କାଳିମା ଘୁଞ୍ଚିଯାଉ ମୋର ଦୂରେ,
ଅନ୍ତରପୁର ପୂରି ରହିଥାଉ ତୁମରି ମୋହନ ସ୍ୱରେ ॥ ୩ ॥

ଶୁଦ୍ଧ କର ହେ ବୃତ୍ତି ମୋହର ଊର୍ଦ୍ଧ୍ୱେ ଚାଳିତ କର,
ତୁମରି ଅଭୟ କର ପ୍ରସାରିଣ ଆମକୁ କୋଳରେ ଧର ॥ ୪ ॥

ଅନ୍ତର ମଧ୍ୟରୁ ବିଦୂରିତ କର ଅଶୁଭ ସଂସ୍କାର ରାଶି,
ଅଜ୍ଞାନର ମୂଳ ଚିରଦିନ ପାଇଁ ଦିଅ ହେ ଠାକୁର ନାଶି ॥ ୫ ॥

ଜ୍ଞାନର ଅଗ୍ନିରେ ପୋଡ଼ିଦେଇ କାଟ ସକଳ କରମ ଡୋର,
ପ୍ରେମ ପ୍ଳାବନରେ ଭସାଇ ଦିଅହେ ଦଗଧ ହୃଦୟ ମୋର ॥ ୬ ॥

ସେ ମରୁ ହୃଦରେ ହେଉ ଜାଗରଣ ପ୍ରେମର ବୃନ୍ଦାବନ,
ନିତ୍ୟ ଲୋକର ଆଭାସ ଫୁଟୁ ମୋ ଅନ୍ତରେ ଅନୁକ୍ଷଣ ॥ ୭ ॥

ମଦନେ ମୋହିଣ ସାର୍ଥକ କର ମଦନମୋହନ ନାମ,
ହୃଦରେ ସର୍ବଦା ଜାଗୁ ହେ ଠାକୁର ତୁମରି ମୋହନ ଠାମ ॥ ୮ ॥

ତୁମକୁ କେବଳ ଦେଖିବି ଠାକୁର ସକଳ ହୃଦ ମଧ୍ୟରେ,
ତୁମକୁ ଘେରିଣ ହେଉ ଜାଗରଣ ଜଗତ ନୂଆ ଭାବରେ ॥ ୯ ॥

ପ୍ରତି ଅଣୁ ମଧ୍ୟେ ତୁମରି ବିକାଶ ଦେଖିବାକୁ ଯେହ୍ନେ ପାଇ,
ତୁମରି ରୂପର ମାଧୁରିମା ମଧ୍ୟେ ନିଜକୁ ଯାଇ ହରାଇ ॥ ୧୦ ॥

ତୁମରି ମଙ୍ଗଳ ଇଚ୍ଛାର ଯେପରି ଦେଇପାରେ ସଦା ଜୟ,
ନିର୍ଭର କରିଣ ତୁମରି ଉପରେ ହୋଇ ପାରିବି ନିର୍ଭୟ ॥ ୧୧ ॥

ବିଶ୍ୱାସ ଦିଅ ଦିଅ ନିର୍ଭରତା ଦିଅ ହେ ଭକତି-ଜ୍ଞାନ,
ଦିଅ ମନେ ବଳ ଦୃଢ଼ତା ଅଟଳ ଦିଅ ହେ ଅଦୀନ ପ୍ରାଣ ॥ ୧୨ ॥

ବାହୁରେ ଶକ୍ତି ହୃଦରେ ଭକ୍ତି ଆସୁ ହେ ଦେବତା ଜାଗି,
ସ୍ୱଭାବ-ବିରୋଧୀ ରିପୁର ପ୍ରଭାବ ନିମିଷକେ ଯାଉ ଲିଭି ॥ ୧୩ ॥

ନୟନ ମଧ୍ୟରୁ ମାୟା ଆବରଣ ଯାଉ ମୋର ତ୍ୱରା ଖୋଲି,
ବିଶ୍ୱରୂପଙ୍କୁ ଦର୍ଶନ କରି ଲୋଟିବି ଚରଣେ ବୋଲି ॥ ୧୪ ॥

ଜଗତକୁ ଯେହ୍ନେ ତବ ରୂପ ଭାବି ପାଇବି ହେ ଅତି ଭଲ,
ତୁମରି ଅସୀମ ପ୍ରେମର କଣିକା ସସୀମ ହୃଦୟେ ଢ଼ାଳ ॥ ୧୫ ॥

ଦିଅ ଜ୍ଞାନ ପ୍ରେମ କର୍ମ ଶକ୍ତି ଦିଅ ସାଧିବି ତୁମରି କାର୍ଯ୍ୟ,
ସବୁ ଆବରଣ ହରି ନେଇ ପ୍ରଭୁ ଦିଅ ହେ ସେବକ ସାଜ ॥ ୧୬ ॥

ସବୁ ଅଭିମାନ ଚୂର୍ଣ୍ଣ କରି ହେ ତୁମରି କରିଣ ନିଅ,
ତୁମରି ବିନ୍ଦୁ ସେବା ଅଧିକାର ଦିଅ ପ୍ରଭୁ ମୋତେ ଦିଅ ॥ ୧୭ ॥

ତୁମ୍ଭେ ମୋର ପ୍ରଭୁ ମୁହିଁ ତବ ଦାସ ରହୁ ସଦା ଏହି ଜ୍ଞାନ,
ନିର୍ମମ କରି ଚୂର୍ଣ୍ଣ କର ହେ ମୋର ଦମ୍ଭ ଅଭିମାନ ॥ ୧୮ ॥

ତୁମରି ଅତୁଳ ରୂପ ଆଲୋକରେ ପୂର୍ଣ୍ଣ କର ମୋ ପ୍ରାଣ,
ସ୍ନେହର ପରଶ ଦେଇ ହେ ଠାକୁର ଅହମିକା କର ଚୂର୍ଣ୍ଣ ॥ ୧୯ ॥

ତୁମରି ନାମର ଅମିୟ-ସାଗରେ ବୁଡ଼ାଇଣ ମୋତେ ଦିଅ,
ଚିର ଜୀବନର ଧ୍ରୁବତାରା ହୋଇ ହୃଦୟ ଆକାଶେ ରହ ॥ ୨୦ ॥

# ପ୍ରାର୍ଥନା

❋❋❋

ନ ହେବି ଆଉ ମୁଁ ଅକୂଳ ଅଥଳ

ପାରାବାରେ ପଥ ହରା

ତୁମେ ପରା ମୋର ଜୀବନ-ମେଘରେ

ଆଲୋକିତ ଧ୍ରୁବତାରା ॥ ୦ ॥

ବିପଥରେ ଯେବେ ମୁହିଁ ଗତି କରେଁ

ପଦେ ପଦେ ତୁମ ପରକାଶ ବାରେଁ

ନୟନ-ଉଚ୍ଛୁଳା ଜଳ ତଳେ ତୁମେ

ଢାଳ କିରଣର ଧାରା ॥ ୧ ॥

ତୁମ ମୁଖ ଛବି ଗୋପନେ ଗୋପନେ

ଜାଗି ଉଠେ ସଦା ଶୟନେ ସ୍ୱପନେ

ତିଳେକ ଅନ୍ତର ହେଲେ ହୁଅଇ ମୁଁ

ଅନ୍ଧ ସରି ଯଷ୍ଟି ହରା ॥ ୨ ॥

କେବେହେଲେ ଯେବେ ହରାଇ ଚେତନ

କୁପଥେ ବିପଥେ ଭରମଇ ମନ

ତବ ମୁଖଶିରୀ ଭାସେ ଆଖି ଆଗେ

ସରମେ ହୁଏ ମୁଁ ସାରା ॥ ୩ ॥

❋❋❋

## ପ୍ରାର୍ଥନା

ନିରାନନ୍ଦେ ମୋର ଦେଖାଦିଅ ବାରେ ଆନନ୍ଦ ସ୍ୱରୂପେ ଦେବ
ଭୌତିକ ତାପର ଭାର ଦେବି ନାହିଁ ଭୟ କି ନେବାକୁ ହେବ ॥ ୧ ॥

କର୍ମ ଦୋଷ କିବା ପ୍ରାରବ୍ଧ ସଞ୍ଚିତ ଭୋଗୁଛି କ୍ଷୟ ନିମନ୍ତେ
କେତେ ସାଙ୍ଗ ସାଥୀ ଆହା କହୁଛନ୍ତି ଦେଖା ନଦିଅ କେମନ୍ତେ ॥ ୨ ॥

ପାର୍ଥିବ ଯନ୍ତ୍ରଣା ଜଣାଇବି ଆଗେ ଏହି ମନ୍ଦ ବୁଦ୍ଧି ନାହିଁ
ପୁଷ୍ଟ କରିଅଛି ମହତୀ ବାସନା ଦିନେ ନିବେଦିବା ପାଇଁ ॥ ୩ ॥

ନ ଆସନ୍ତି ଯଦି କେବେ ହେଁ ଭୂଲୋକେ ଦୁଃଖ କି ରହନ୍ତା ମନେ
କେତେ ଭକ୍ତ କଥା ଶୁଣ, ମୋ ବେଳକୁ ଚାଲିଯାଅ ଆନ ମନେ ॥ ୪ ॥

ମଧୁପ ଯେ କାଳେ ଆସି ମଧୁ ପିଏ କୁସୁମ ତା ଭାର ବହେ
ତବ ମୃଦୁ ଭାର ନେବି ମଥା ପରେ ମରମ ଫିଟାଇ କହେ ॥ ୫ ॥

କଳଙ୍କ ଲାଗିବ ଭୟ ହୁଏ ଯେବେ ଲୋଡ଼ା ନାହିଁ ଦେଖା ଆଉ
ଏତିକି ମାଗୁଣି ତୁମ ପଦତଳେ କାଳେ କାଳେ ମତି ଥାଉ ॥ ୬ ॥

❀❀❀

# ପ୍ରାର୍ଥନା

ନିରେଖ ନିରେଖ ଆଖି ରାଜେଶ୍ୱର ରାଜେ
ରତନ ସିଂହାସନରେ ଗୁରୁଦେବ ବିଜେ ॥ ୦ ॥

ଅଗଣିତ ନରନାରୀ ସେ ପଦ କୃପା ଭିକାରି
କରୁଣା ଅମୃତ ପାନେ ଚିର ଆଶାୟିତ ମନେ
ଧାମନ୍ତି ସରବେ ନିରନ୍ତର ॥ ୧ ॥

ଜ୍ଞାନ ଚକ୍ଷୁ ମେଲି ମନ ! କର କର ନିରୀକ୍ଷଣ
ଗୁରୁ ମୂରତି ମୋହନ ଗୁରୁ ବିନେ ନାହିଁ ଆନ
ତ୍ରାଣ କାରୀ ଏ ମର ଜୀବର ॥ ୨ ॥

ନାହିଁ କେହି ଆନ ଜନ ପିତା-ମାତା-ବନ୍ଧୁଜନ
ଗୁରୁ ଏକା ପ୍ରାଣଧନ ଗତି ମୁକତି କାରଣ
ଗୁରୁ ପ୍ରେମ ପାନ କର ସାର ॥ ୩ ॥

ଆବାହନ ବଳେ ଯା'ର ପରାଣ ହୁଏ ଶୀତଳ
ନିରତ ବନ୍ଦନା କର ସେ ପାଦପଦ୍ମ ଯୁଗଳ
ଝରେ ତହୁଁ କରୁଣା ନିର୍ଝର ॥ ୪ ॥

❀❀❀

# ପ୍ରାର୍ଥନା

ନିଶି ଦିବସ ନିତି ଭାଳୁଛି ମନ
　　　　କେବେ ମିଳିବ ଦରଶନ ତବ ଚରଣ　　　　　॥ ୦ ॥

ମିଛ ମାୟା ବନ୍ଧନ ଜାଲରୁ ଏ ଜୀବନ
　　　　ମୁକତ ହେବ କେବେ ତୁଟିବ ଅହଂଜ୍ଞାନ
　　　　　　　　କହିବି ପିତା ! ହେଉ ତବ ଇଚ୍ଛା ପୂରଣ　॥ ୧ ॥

ତୁମ ଆଦେଶ ମୋତେ ଚାଲିବି ସତ୍ୟ ପଥେ
　　　　ଦେଖିବି ସାରାଧରା ପୁଲକେ ଚାହେଁ ମୋତେ
　　　　　　　　ହେରିବି ପ୍ରତି ଅଙ୍ଗେ ତୁମ ରୂପ ସମାନ　॥ ୨ ॥

କଣ୍ଠ ମୋର ନିରତ ଗାଇବ ତୁମ ଗୀତ
　　　　ତୁମ ବିନେ କେ ନାହିଁ ଫେଡ଼ିବାକୁ ଆରତ
　　　　　　　　ମଣିବି ସୁଖ ଦୁଃଖ ସବୁ ତୁମ ବିଧାନ　　॥ ୩ ॥

ଏ ମୋର ଦେହ ମନ କରି ସମରପଣ
　　　　ହାତ ପ୍ରସାରି ମାଗେ ତୁମ କରୁଣା ଦାନ
　　　　　　　　ଅନ୍ଧ ନୟନେ ମୋର ରଞ୍ଜି ଜ୍ଞାନ ଅଞ୍ଜନ ॥ ୪ ॥

❋❋❋

# ପ୍ରାର୍ଥନା

ନାହିଁ ଆନ ଶରଣ ଅଗତିର କାରଣ
କାରଣ ତୁମେ ନାରାୟଣ !
ଅଭୟ ଶ୍ରୀଚରଣ ତଳେ ଏ ଦୀନଜନ
ଗୁହାରି ପଦେ ହେଲେ ଶୁଣ
ହେ ମହାବାହୁ !
ସହି ଏ ଷଡ଼ ରିପୁ ଦାଉ
କଳବଳ ନିରତ ହେଲି ହେ ପୀତପଟ !
କାହାରେ ଜଣାଇବି ଆଉ ? ॥ ୧ ॥
ତୁମ ପରି ସାମନ୍ତ ଥାଉଁ ଥାଉଁ କେମନ୍ତ
ଜଞ୍ଜାଳ ହୁଏ ବଳବନ୍ତ ?
ହର ଦୀନ ଆରତ ଯେବେ ଏ କଥା ସତ
ମୋ' ଲାଗି ଏ କି ବିପରୀତ
ହେ ମହାବାହୁ !
ବଳୁଛି ଦୁଃଖ ଚାହୁଁ ଚାହୁଁ
କଳା କରମ ଫଳ ଭୋଗିବା ଯେବେ ମୂଳ
ତୁମ ବାନା ଉଡ଼ିବ କାହୁଁ ? ॥ ୨ ॥
ଇଚ୍ଛାମୟ ଠାକୁର ଯାହା ଇଚ୍ଛା ତା' କର
ଏତିକି ମିନତି ମୋହର
ଦିଅ ଯେତେ ଦେବାର ବିପଦ ଦୁଃଖ ଭାର
ଶକତି ଦିଅ ସହିବାର
ହେ ମହାବାହୁ !
ଦିବା ନିଶି ତୁମରି ଚରଣ ସେବାକରି
ନାମ ଗାଇ ଜୀବନ ଯାଉ ॥ ୩ ॥

# ପ୍ରାର୍ଥନା

ନାହିଁ ଆନ କେହି ସାହା ମୂରୁଖ ମନ !
ତ୍ରାହି-କରତା ଏକା ସେହି ଭବତାରଣ ॥ ୦ ॥
ଝୁରି ମରୁ ତୁରେ ଦାରା ସୁତ ଲାଗି
ଫେରି ଅନା ସେତ ସବୁ ସୁଖ ଭାଗୀ
କରାର କରିତୁ ଆସିଛୁ ଏକାରେ
ଏକା ଯିବୁ ତ ସାଥୀ ନୋହିବେ ତୋ ଜନ ॥ ୧ ॥
କାଲିର ବାଳୁତ ଆଜି ବଡ଼ ହେଲୁ
ବୟସ ବଢ଼ିଲା ମନେ ବିଚାରିଲୁ
ଜାଣୁକିରେ ତେଣେ ପାଞ୍ଜିକାର ଗଣେ
ଜୀବନ କାଳୁ ତୋ ଗଲାଣି କେତେଦିନ ॥ ୨ ॥
ଡର ନାହିଁ ଆଉ ଭାଳିବାକୁ ବସି
ଆଖି ପିଛୁଳାକେ ଯାଏ କାଳ ଖସି
ଏତିକି ବେଳକୁ ଆପଣା ଜନରେ
ଭେଟି ତୋଷିବାକୁ ତୁ ସଞ୍ଚିରଖ ଧନ ॥ ୩ ॥
ମୁକୁଳା କର ତୁ ହୃଦୟ ମନ୍ଦିର
ସିଂହାସନେ ଥାପି ମୂରତି ତାହାର
ଅଭିନନ୍ଦନ ତୁ ଜଣାଅ ପୟରେ
ଭେଟି ତାରେ ଭକତି କୁସୁମ ଚନ୍ଦନ ॥ ୪ ॥
ସୁଖ ଦୁଃଖ ଯାହା ଆସୁ ଆସିବାର
ସବୁ ତାର ଦାନ ମନରେ ବିଚାର
ହସି ହସି ଦିନ ବିତିଯିବ ତୋର
ଚରଣେ ତାର ରଖ ଛନ୍ଦି ତୁ ମରମ ॥ ୫ ॥

# ପ୍ରାର୍ଥନା

ପରମାନନ୍ଦଙ୍କୁ ପାଇବୁ ଯେବେରେ ପ୍ରାଣର ଦୁଆର ଖୋଲି
ପରମ ଆଦରେ ଡାକିବୁ ତାହାଙ୍କୁ ପ୍ରାଣର ଠାକୁର ବୋଲି ॥ ୦ ॥

ପରମ ଦୟାଳୁ ପ୍ରାଣର ଠାକୁର ପର ନୁହଁନ୍ତି ସେ ତୋର ଆପଣାର
ପାସୋରି ଦେଲୁ ତୁ ଆପଣା ଜନକୁ ପରସଙ୍ଗେ ଧୂଳି ଖେଳି ॥ ୧ ॥

ପଦରଜ ଲାଗି ବଳାଇବୁ ମତି ପତିତର ଯାହା ପରମ ସମ୍ପତ୍ତି
ପ୍ରଣତି ଜଣାଇ ପ୍ରାର୍ଥନା କରିବୁ ପ୍ରେମର ପ୍ରଦୀପ ଜାଳି ॥ ୨ ॥

ପବିତ୍ର ରଖିବୁ ତୋ ହୃଦୟ ପୁର ପ୍ରବେଶିବେ ତହିଁ ପ୍ରାଣର ଠାକୁର
ପିନ୍ଧାଇ ଦେବୁ ସେ ପଦାରବିନ୍ଦରେ ପୀରତି ପ୍ରସୂନ ମାଳି ॥ ୩ ॥

ପୋଛି ଦେବୁ ମନୁ ମାନ ଅଭିମାନ ପରଶଂସା ନିନ୍ଦା ମଣିବୁ ସମାନ
ପ୍ରାଣୀ ଜଗତରେ ସେବା ସାଧନାରେ ଦେବୁ ଲୁହ ଲହୁ ଢ଼ାଳି ॥ ୪ ॥

ପ୍ରାଣ ଅରପିବୁ ତାଙ୍କ ପାଦ ତଳେ ପାଦୁକା ଧୋଇବୁ ପ୍ରେମ ଅଶ୍ରୁଜଳେ
ପ୍ରସାରି ସେ କର ପ୍ରେମିକ ଠାକୁର ନେବେରେ କୋଳକୁ ତୋଳି ॥ ୫ ॥

ପରମାଦ ଆସୁ ହୋଇ ପରବଳ ପରବତ ପରି ରହିବୁ ଅଟଳ
ପରମ ସୁଖଦ 'ଜୟଗୁରୁ' ନାମ ନ ଯିବୁଟି କେବେ ଭୁଲି ॥ ୬ ॥

❀❀❀

# ପ୍ରାର୍ଥନା

ପରମ ଆନନ୍ଦ ବିତର ବିତର
ଚରଣେ ପ୍ରଣତି ଘେନ
ଜୟ ଗୁରୁଦେବ, ଜୟ ଗୁରୁଦେବ
ଭଣୁଛି ଏ ଦୀନଜନ ॥ ୦ ॥

ମରୁ ମନେ ପ୍ରେମ-ଝରଣା ଝରାଇ
ଉଷର କେଦାର ସରସ କରାଇ
କର କୁସୁମିତ ଫଳଭାର ନତ
ଏ ଜନମ ହେଉ ଧନ୍ୟ ॥ ୧ ॥

ଅନାଅଁ ସଦୟ ନୟନେ
ଅପସାରି ଦିଅ ମାୟାର ସପନେ
ଭକତି ଅମଳ ଚଖାଇ ବିଭୋଳ
କରି ରଖ ନିଶିଦିନ ॥ ୩ ॥

ନିବେଦନ ଘେନ ବିତରି କରୁଣା
ପଥ ଖୋଜି ବୁଲେଁ ହୋଇ ବାଟବଣା
ଆହେ ଗୁରୁଦେବ ! ନୟନେ ମୋ ଜ୍ଞାନ
ଅଞ୍ଜନ କର ରଞ୍ଜନ ॥ ୪ ॥

❋❋❋

# ପ୍ରାର୍ଥନା

ପରମ ଆରାଧ୍ୟ ଆହେ ଗୁରୁଦେବ !
ତବ ଦାନ ଅକୂପାର
ତୁମେ ତ କରିଛ ଜ୍ଞାନ, ଭକ୍ତି, ଶକ୍ତି
ଏ ଜୀବନେ ଭରପୂର ॥ ୧ ॥

ତୁମରି କରୁଣା ସୁମରି ମାନସେ
ସନ୍ତୋଷ ଲାଗି ତୁମର
କାୟ ମନୋବାକ୍ୟ ସଚେଷ୍ଟ ନିରତ
ସେବକ ଜନ ନିକର ॥ ୨ ॥

ଭୁଲି ଭେଦାଭେଦ ଏକ ହୋଇ ସର୍ବେ
ଏକ ମନେ, ଏକ ପ୍ରାଣେ
ସମ୍ମିଳିତ ହୋଇ କାଳ ବିତୁ ସୁଖେ
ତୁମରି ନାମ ସ୍ମରଣେ ॥ ୩ ॥

ଏହି ବୁଦ୍ଧି ଦିଅ ମାଗୁଣି ମନର
ଜଗତର ଶୁଭ ଚିନ୍ତି
ସମାନ ଚକ୍ଷୁରେ ନିରେଖି ବିଶ୍ୱରେ
ମନାସୁଁ ସବୁରି ଶାନ୍ତି ॥ ୪ ॥

କାମନା ପୂରଣ କର ଗୁରୁଦେବ
ଦୟାମୟ ଭଗବାନ
ମୋହ, ମାୟା, ମଦ ପାସୋରି ମନରୁ
ତୁମ ପଦେ ରହୁ ଧ୍ୟାନ ॥ ୫ ॥

❀❀❀

# ପ୍ରାର୍ଥନା

ପରାଣ ବନ୍ଧୁଆ ! ତୁମଠାରୁ ବଳି କିଏ ଅଛି ପ୍ରିୟ ମୋର ?
ବିନ୍ଦୁ ମୁଁ ମାତର ତୁମେ ତ ଅନନ୍ତ ଅସୀମ ମହାସାଗର ॥ ୧ ॥

ନିବାସ ତୁମର ହୃଦ କନ୍ଦରେ ମୋ ବାରୁଛି ମୁଁ ନିରନ୍ତର
ଦାସ ଜନ ମୁହିଁ ଆହେ ଦୟାମୟ ! ତୁମେ ରାଜ-ରାଜେଶ୍ୱର ॥ ୨ ॥

ଲୁଚି ଲୁଚିଥାଅ, କାନେ କାନେ କହ ନିଶବଦେ ଶବଦ ସେ
ନିଶି ଅବା ଦିନ ଘେରି ତ ରହିଛ ତୁମେ ମୋର ଚଉପାଶେ ॥ ୩ ॥

ତୁମ ଦାନେ ସୁଖୀ, ତା' ବିହୁନେ ଦୁଃଖୀ ପରମ-ବାନ୍ଧବ ତୁମେ
ଏ ମନ, ଏ ଦେହ ଅଧୀନ ତୁମର ତୁମେ ରାହା ମରଭୂମେ ॥ ୪ ॥

ଭାଇ, ବନ୍ଧୁ, ଜ୍ଞାତି, କୁଟୁମ୍ବ ସକଳେ ପର କରିଦେଲେ ମୋତେ
'ମୁଁ ଅଛି' 'ମୁଁ ଅଛି' ବୋଲି କାନେ ମୋର ତୁମେ ତ କୁହ ନିରତେ ॥ ୫ ॥

ପରାଣ ଦେବତା ! ଯେତେ ଅପରାଧ କୃପାକରି କ୍ଷମାକର
ଜୀବନେ, ମରଣେ, ଜନମେ ଜନମେ ଦାସରେ ନକର ପର ॥ ୬ ॥

❀❀❀

# ପ୍ରାର୍ଥନା

ପ୍ରଣିପାତ ଘେନାକର
ହରଷେ ବିରସେ ଏ ଜଗତେ ପରା ତୁମେ ଗଣ୍ଠି ଧନ ମୋର ॥ ୦ ॥

ଥରେ ଥରେ ମନଘରେ
ଯେବେ ତୁମ ଛାଇ ବାରେ
ଏ ସାରା ଦୁନିଆଁ ହସି ଉଠେ ଲଭି ତୁମରି ଉଦୟ କର ॥ ୧ ॥

କିଏ ମାତା କିଏ ପିତା
ବାରିପାରେ ନାହିଁ ମଥା
ତୁମରି ଛବିରେ ଦେଖେ ଆଖି ମୋର ମାତା ପିତା ସହୋଦର ॥ ୨ ॥

ଚାଲିଲା ବେଳରେ ରାହା
ତୁମେ ସାଥୀ ତୁମେ ସାହା
ଘନ ତିମିରରେ ବିଜୁଳି ଝଲକ ଆଲୋକ ଏ ନୟନର ॥ ୩ ॥

ଆସେ ଯେବେ ମାଡ଼ି ଝଡ଼
ନଇଁ ପଡ଼େ ମେରୁ ହାଡ଼
ଅଦେଖା ହାତର ପରଶ ବାରେ ମୁଁ ପୋଛିଦିଅ ଲୁହଧାର ॥ ୪ ॥

ମାଗୁଣି ମୋ କିଛି ନାହିଁ
ପଦେ ଅଳି ଆହେ ସାଇଁ !
ସେବା କରିବାକୁ ଚରଣ ତୁମର ଦିଅ ମୋତେ ଅଧିକାର ॥ ୫ ॥

# ପ୍ରାର୍ଥନା

ପ୍ରଭୁ ! ପାରିବି ନାହିଁ ପାସୋରି ତ
ଜୀବନରେ ତବ କଲ୍ୟାଣ-ବାଣୀ ପାରିବି ନାହିଁ ପାସୋରି ତ !
କହିଅଛ ପରା ଥାଉଁ ଥାଉଁ ତୁମେ ଡର ମୋ ନାହିଁ କାହାରି ତ ॥ ୦ ॥

ଯହିଁ ତହିଁ ମୁହିଁ ଥାଏଁ ଯେଉଁ ଭାବେ
ନାମ ଧରି ତବ ଡାକ ଦିଏଁ ଯେବେ
ମଥାପରେ ମୋର ବାରେ ତୁମ କର ଦୁଃଖ ଯାଏ ଅପସରି ତ ॥ ୧ ॥

ତୁମେ ଏକା ପିତା ମାତାଟି ମୋହର
ତୁମେ ଅଟ ପ୍ରଭୁ ବନ୍ଧୁ ସହୋଦର
ସମ୍ପଦେ, ବିପଦେ ତୁମେ ଏକା ସାଥୀ ଆନେ ସବୁ ପର ପରି ତ ॥ ୨ ॥

ମାୟା ମୋହ ଘେରା ଘନ ଅନ୍ଧକାରେ
ଡାକ ଦେଲେ ଦୟାନିଧି ହେ କାତରେ
ତୁମରି ଗୋଟିଏ ଆଶିଷ ଆଲୋକ ଆଖି ମୋ ପାରଇ ବାରି ତ ॥ ୩ ॥

ପଦତଳେ ମନେ ଆଶା ଅଛି ଯାହା
କରଯୋଡ଼ି ଆଜି ଜଣାଉଛି ତାହା
ଭକତି-ଧନରେ ଧନୀ କର ମୋତେ ସେତିକି ମାଗେ ଭିଖାରି ତ ॥ ୪ ॥

❀❀❀

# ପ୍ରାର୍ଥନା

ପ୍ରଭୁ ! ତୁମରି ଚରଣ ତଳେ
ପ୍ରଣତି ଢାଳେ ହେ ପ୍ରାଣର ଠାକୁର ତୁମରି କରୁଣା ବଳେ ॥ ୦ ॥
ତୁମେ ଜାଣ ପ୍ରଭୁ ମୁଁ ପତିତ ଜନ
ମୁଁ ଜାଣେ ତୁମେ ତ ପତିତପାବନ
ପ୍ରାର୍ଥନା ମୋହର ପ୍ରସାରିତ କର ଜୀବନର ସଂଜବେଳେ ॥ ୧ ॥
ତୁମେ ଜାଣ ମୁଁ ଯେ ସଦା ଅପରାଧୀ
ମୁଁ ଜାଣେ ତୁମେତ କ୍ଷମାର ବାରିଧି
ଅପରାଧ ମୋର ଧୋଇଦିଅ ପ୍ରଭୁ ତୁମ କରୁଣା ସଲୀଳେ ॥ ୨ ॥
ତୁମେ ଜାଣ ମୁଁ ଯେ ଭକତି ବିହୀନ
ମୁଁ ଜାଣେ ତୁମେତ ମୋର ଭଗବାନ
ମୋ ହୃଦେ ଭକତି ଦିଅ ପ୍ରାଣପତି ଅରପିବି ଶ୍ରଦ୍ଧା ଭରେ ॥ ୩ ॥
ତୁମେ ଜାଣ ମୁଁ ଯେ କଲୁଷ ଯେ ଭାରି
ମୁଁ ଜାଣେ ତୁମେତ କଲୁଷାପହାରୀ
ମୋତେ ନିଷ୍କଲୁଷ କର ହେ ପ୍ରାଣେଶ (ତୁମ) ଶାସନ ଅଙ୍କୁଶ ବଳେ ॥ ୪ ॥
ତୁମେ ଜାଣ ପ୍ରଭୁ ମୁଁ ଯେ ନରାଧମ
ମୁଁ ଜାଣେ ତୁମେ ତ ପୁରୁଷ ଉତ୍ତମ
ଅହମିକା ମୋର କରିଦିଅ ଦୂର ତୁମ ପ୍ରେମର ଦୁଆରେ ॥ ୫ ॥
ତୁମେ ଜାଣ ମୁଁ ତ ନୁହେଁ ସେବାକାରୀ
ମୁଁ ଜାଣେ ତୁମେତ ସେବ୍ୟ ମୋହରି
ଦିଅହେ ଶକତି ସେବିବାକୁ ନିତି ଶିବଜ୍ଞାନେ ଜୀବକୁଳେ ॥ ୬ ॥
ହେ ଅନ୍ତରଯାମୀ ଜାଣ ମୋ ବେଦନା
ଅନ୍ତିମ ଦିବସେ କରିବ ତା' ଘେନା
ଗାଇ 'ଜୟଗୁରୁ' କାଳ ମୋର ପୂରୁ ମିଶିଯାଏ ଶ୍ରୀପଦ୍ମରେ ॥ ୭ ॥

# ପ୍ରାର୍ଥନା

ପ୍ରଭୁ ହେ ! ମୁକତି ମୁଁ ଚାହୁଁ ନାହିଁ
ପଡ଼ିଲେ ବିପଦେ ତୁମରି ଶ୍ରୀପଦେ
ଭକତି ମୋ ଥାଉ ରହି ॥ ୦ ॥

ଆସିବି ଯିବି ମୁଁ ଥରକୁ ଥର
ତୁମ ପଦ ସେବା କାମନା ମୋର
ତରିବାକୁ ଏହି ସଂସାର ସାଗର
ଦେଉଥିବ ତୁମେ ପଥ ମଣାଇ ॥ ୧ ॥

ନ ଲୋଡ଼େ ମୁଁ ଧନ, ଜନ, ସମ୍ମାନ
ଭକତି ଡୋରରେ ବାନ୍ଧ ମୋ ମାନ
ହୃଦ ବୃନ୍ଦାବନେ ସତତ ବିହରି
ସେବା ଅଧିକାର ଦିଅ ଗୋସାଇଁ ॥ ୨ ॥

ଯମୁନା ପୁଳୀନେ ରାସ ମଣ୍ଡଳେ
ରାସ ବିହାରୀ ହେ ଦେଖିଲେ ଥରେ
ଜନ୍ମେ ଜନ୍ମେ ଥିବି ସେବକ ପଣରେ
ଧନ୍ୟ ହେବ ନେତ୍ର ଦୋଳି ଖେଳାଇ ॥ ୩ ॥

❀❀❀

# ପ୍ରାର୍ଥନା

ପ୍ରଭୁ ହେ ! ମୋଠାରୁ ପାତକୀ ବଡ଼ କାହିଁ
ଦିନେ ତବ ନାମ ଗୁଣ　　କରି ନାହିଁ ସୁମରଣ
ବୃଥା ଦେଲି ଏତେ କାଳ ବାହି
ବହୁ ଜନ୍ମ ଗଲା ବିତି　　ପରନିନ୍ଦା ରସେ ମାତି
ରସନା ତା' ଛାଡ଼ି ନପାରଇ　　॥ ୧ ॥
ବାସନା ତଇଲେ ରୁଚି　　କରଇ ତନୁ ଅଶୁଚି
ଚିତ୍ତ ବାସ ହୁଅଇ ମଳିନ
ଯେତେ କଲେ ପରିଷ୍କାର　　ଦେଇ ସାଧନାର ଖାର
ବୃଥା ଶ୍ରମେ କଟିଯାଏ ଦିନ　　॥ ୨ ॥
ଅଙ୍ଗରେ ତିଳକ ବୋଳି　　ମୁଖେ 'ରାମକୃଷ୍ଣ' ବୋଲି
ସାଧୁବେଶେ ଭ୍ରମେ ମୁଁ ସଂସାରେ
ବିଷୟ ପଛରେ ମନ　　ଘୂରୁଥାଏ ଅନୁକ୍ଷଣ
ମିଛେ ସିନା ସାଧୁବେଶ ଧରେ　　॥ ୩ ॥
ମହାବଳୀ କାଳ ଡରେ　　ଜଗତ ଭୟରେ ଥରେ
ଶୋକାକୁଳ ବ୍ରହ୍ମା ଆଦି ଦେବ
ମୁଁ ଅଧମ ମୂଢ଼ଜନ　　ଆହାରେ ବିହାରେ ମନ
କହ ମୋର କେଉଁ ଗତି ହେବ ?　　॥ ୪ ॥
ଏ ଭବ ଯାତନା ଘୋର　　କୃପା କରି କର ପାର
ଖଟୁଥିବି ସଦା ଦାସ ପଣେ
ଭକତଙ୍କ ଭୃତ୍ୟ ହେବି　　ଭକତଙ୍କ ସଙ୍ଗେ ଥିବି
ସଂସାରେ ବୁଲିବି ଗୋପନେ　　॥ ୫ ॥
ତବ ନାମ ଗୁଣମାନ　　ନିରତେ କରିବି ଗାନ
ଯେତେଦିନ ଥିବ ପିଣ୍ଡେ ପ୍ରାଣ
ଏତିକି ପ୍ରାର୍ଥନା ମୋର　　ଘୋଟିଲେ ମରଣ ଘୋର
ଜପୁଥିବି ହୃଦେ ତବ ନାମ　　॥ ୬ ॥

❀❀❀

# ପ୍ରାର୍ଥନା

ପ୍ରାଣବନ୍ଧୁ ! ତୁଟିଲା ମୋ ଟାଣପଣ
ଧୂପ, ଦୀପ, ଗନ୍ଧ, ପୁଷ୍ପ, ନଇବେଦ୍ୟ
ସବୁ ହେଲା ଅକାରଣ ॥ ୦ ॥

ସାଇତି ସାଉଁଟି ଯାହା ମୁଁ ଆଣିଲି
ପୂଜିବା ପାଇଁ ଚରଣ
କାହାକୁ ନେଇ ମୁଁ ଭେଟିବି ତୁମକୁ
ସବୁ ତ ତୁମରି ଦାନ ॥ ୧ ॥

ସବୁଥିରେ ତୁମେ ସବୁଠାରେ ତୁମେ
ସବୁରି ତୁମେ କାରଣ
ଗରବ ମୋହର ଚୂନା ହେଲା ଏତେ
ଚେତାଇ ଦେଲାରୁ ମନ ॥ ୨ ॥

ନାହିଁ ନାହିଁ କିଛି ବାରିଲିଣି ନାଥ
ସବୁ ତୁମ ଦିଆ ଧନ
ଜୀବନ, ମନ ମୁଁ ଅରପୁଛି ପଦେ
ଏତିକି କର ଗ୍ରହଣ ॥ ୩ ॥

❀❀❀

# ପ୍ରାର୍ଥନା

ପ୍ରିୟ ! ଦୁଆର ମୁଦିବ ନାହିଁ
ମନ କଥା ମୋର କହିବି ବୋଲି ମୁଁ
ଆସିଅଛି ଆଜି ଧାଇଁ ॥ ୦ ॥

ଲଦିଥିଲ ଯେତେ ଭରା ମୋ ମଥାରେ
ବହିଥିଲି ଆଜି ଯାଏ
ଆଉ ପାରୁନାହିଁ ସହି, ଆଣିଛି ମୁଁ
ଢାଳିବି ତୁମରି ପାଏ
ଯାହା ମନ ତାହା କର ଠାକୁର ହେ
ଆସିଛି ଶପଥ ନେଇ ॥ ୧ ॥

ଜନମ ଜନମ ନୂଆ ନୂଆ ରଙ୍ଗେ
ବୋଝ ବୋହିଲି ମୁଁ କେତେ
କରମ ଫଳରେ ମଥା ନଇଁଲାଣି
ଭାର ବାଧିଲାଣି ମୋତେ
ସହି ପାରୁନାହିଁ ନିହଲ ହେବି ମୁଁ
ତୁମ ପାଦେ ସଁପି ଦେଇ ॥ ୨ ॥

ଏତିକିରେ ମୋର ଦୁନିଆ ଜଞ୍ଜାଳ
ସରିଯିବ ଦୟାନିଧି
ଠଣ ଶିରିମୁଖ ଅନାଇଁବି, ମୋତେ
ମିଳିଯିବ କୋଟିନିଧି
ଚରଣ ମଞ୍ଜାଳି ନିଶିଦିନ ଭୁଲି
ବାଇ ହେବି ଗୁଣ ଗାଇ ॥ ୩ ॥

# ପ୍ରାର୍ଥନା

ପ୍ରିୟଠାରୁ ବଳି ପ୍ରିୟ ତୁମେ ମୋର
ତେବେ ହେଲେ ଭୁଲି ରହିଛି
ତୁମେ କିନ୍ତୁ ମୋତେ ପାସୋରି ଦେଇନା
ତୁମ ଡାକ କାନେ ଶୁଣୁଛି ॥ ୦ ॥

ଦିବସ ରଜନୀ ମୂରଲୀ ବଜାଇ
ତୁମେ ଡାକ ଦିଅ ତୁହାଇ ତୁହାଇ
ମନ ଧିଆନରେ, ଜ୍ଞାନେ ନୟନରେ,
ସେଇ ଛବି ଭରି ଉଠୁଛି ॥ ୧ ॥

ଭାବୁଅଛି ମନେ ସବୁ ତେଜି ଦେଇ
ମଥା ଦେବି ତୁମ ଚରଣେ ଲୋଟାଇ
ହେଜି ନ ପାରୁଛି, ଦେଖି ନ ପାରୁଛି
କିଏ ମୋର ଆଉ ଅଛି ॥ ୨ ॥

ନିୟତ କାନ୍ଦୁଛି ମନ ପ୍ରାଣ ମୋର
ନୀରବ ନୟନୁ ବହେ ନୀରଧାର
ଜୀବନରେ ଦିଅ ଦରଶନ ବୋଲି
କରଯୋଡ଼ି ଜଣା କରୁଛି ॥ ୩ ॥

❀❀❀

# ପ୍ରାର୍ଥନା

ପାଶେ ଅଛିରେ ମୁଁ ତୋର କା'ରେ ଡର
ମୁଦା ଆଖି ମେଲି ଚାହାଁ ତୁ ଏଥର ॥ ୦ ॥

ସୁଖ ସଂପଦରେ ଦୁଃଖ ବିପଦରେ
ହସେ, କାନ୍ଦେ ରଚି ନିତି ଖେଳଘର ॥ ୧ ॥

ଡେରି ବେନି କାନ ଶୁଣ ମୋ ବଚନ
ଦୂରେ ଘୁଞ୍ଚିଯିବ ମାୟା ଅନ୍ଧକାର ॥ ୨ ॥

ତୁରେ ମୋ ସନ୍ତାନ ଏତ ନୁହେଁ ଆନ
ରଖ ବିଶ୍ୱାସ, ମୁଁ ନେବି କରି କୋଳ ॥ ୩ ॥

❀❀❀

# ପ୍ରାର୍ଥନା

ବଟ ତଟ ଭୂମି ତଳେ ନିବାସ ଯାହାର ଭୋଳେ
ସମରୂପେ ମୁନି ଜନେ ଜ୍ଞାନଦାୟକ
ତିନି ଭୁବନ ମଣ୍ଡନ ଇଷ୍ଟଗୁରୁ ମହାଜନ
ଦକ୍ଷିଣାମୂର୍ତ୍ତି ଧାରକ ବିଶ୍ୱ ନାୟକ
ପ୍ରଣମୁଛି ପଦେ ସେବକ
ଜନମ ମରଣ ଦୁଃଖ ତାପ ନାଶକ ॥ ୧ ॥

# ପ୍ରାର୍ଥନା

ବନ୍ଧୁ ହେ ! ତୁମେ ଏକା ମୋ ଜୀବନ ଧନ
ବାଇ ପରି ଖୋଜୁଛି ମୁଁ ତବ ଦରଶନ ହେ ॥ ୦ ॥

ମନେ ମନେ ଭଲ ବୋଲି ଯାହା ମୋ ବିଚାର
ଏକା ତୁମ ଦୟା ବିନେ ସବୁ ସେ ଅସାର
ତେଣେ ପରା ଟାଣୁଛନ୍ତି ଭଗାରି ଛ'ଜଣ ॥ ୧ ॥

ଦୁନିଆଁ ବଢ଼ି ନଈରେ ଭାସୁଛି ମୋ ନାଆ
କୂଳରେ ଲଗାଇ ଦେବ ତୁମେ ନାଉରିଆ
ଭରସା ମୋହର ତୁମ ବିନୁ ନାହିଁ ଆନ ॥ ୨ ॥

ସୁଖ ଲାଗି ଖୋଜି ବୁଲେ ଦୁଆର ଦୁଆର
କିଏ ଦେବ ସଭିଏଁ ତ ସୁଖେ ଆପଣାର
ସଙ୍ଗୀ ନାହିଁ ସାଥୀ ନାହିଁ ହୀନ ମୋ ଜୀବନ ॥ ୩ ॥

ଯାହା ଖାଇ ପିଇ ହେବ ଭୋକ ଶୋଷ ଦୂର
ଖୋଜି ଖୋଜି ନ ପାଇଲା କାହିଁ ହାତ ମୋର
ଶେଷରେ ଭରସା ଏକା ତୁମ ଦୟା ଦାନ ॥ ୪ ॥

ଚୂନା କରିଦିଅ ମୋର ମନରୁ 'ମୁଁ' କାର
ଜୀବନବଂଧୁ ! ମାଗୁଛି ପଦେ ଯୋଡ଼ିକର
ମାର ଅବା ତାର ତୁମେ ଯାହା ତୁମ ମନ ହେ ॥ ୫ ॥

# ପ୍ରାର୍ଥନା

ବାଇମନ କଥାଟି ହେଜ

ଭକତ ହେବାର ନୁହେଁ ସହଜ ॥ ୦ ॥

ଭକତ ହେବାକୁ ମନ ଯେବେ ତୋର

ପହିଲେ ଶକତି ପୂଜା ତୁ କର

ଶକତି ବିନାରେ ଭକତି ତୋହର

ଉପୁଜିବା କଥା ମନୁଁ ବରଜ ॥ ୧ ॥

ଶକତି ପ୍ରକାଶ ହୋଇବ ଯେବେ

ପ୍ରକୃତି ବିନାଶ ହେବରେ ତେବେ

ମାନ ଅପମାନ ଅବିଗୁଣ ଯେତେ

ସେ ସବୁକୁ ଆଗେ ଦୂରକୁ ତେଜ ॥ ୨ ॥

ଛଅ ଜଣ ରିପୁ ଅସଲ ଭଗାରି

ତୋ ସଂଗରେ ଯେବେ ଯିବେ ସେ ହାରି

ହେବ ଭୂତ ଶୁଦ୍ଧି ବଢ଼ିବରେ ବୁଦ୍ଧି

ତୁଚ୍ଛ ବର୍ଣ୍ଣମାଳା ଘୋଷିବା ବ୍ୟାଜ ॥ ୩ ॥

ଚିତ୍ତଶୁଦ୍ଧି ଏକା ବୈଷ୍ଣବ ଲକ୍ଷଣ

ନ ରହିବ ରୋଗ ହିଂସାର ଚିହ୍ନ

ମନରେ ବିବେକ ସାର ହେଲେ ତୋର

ଭକତି ଲଭିବା ହୋଇବ ସଜ ॥ ୪ ॥

ଭକତି ଉଦୟ ହେଲେ ଆରେ ମନ

ଦୂରେ ଯିବେ ତୋର ଭେଦର ଜ୍ଞାନ

ପ୍ରବୃତ୍ତି ହୋଇବ ନିବାରିତ ତେବେ

ଜଗତେ ହେରିବୁ ବ୍ରହ୍ମ ବିରାଜ ॥ ୫ ॥

# ପ୍ରାର୍ଥନା

ବାଇମନ ଚାଲଯିବା ଗୁରୁଙ୍କ ଶରଣ ନେବା
ସେ ପଦ କମଳ ଶୋଭା ଦେବଙ୍କର ମନଲୋଭା ॥ ୦ ॥

ଆଜାନୁ ଲମ୍ବିତ ବାହୁ ଅଭୟ କାରଣ ସେହୁ
ଯୋଡ଼ ହସ୍ତେ ଜଣାଇବା ପଦ ଦର୍ଶନ ଇଚ୍ଛିବା ॥ ୧ ॥

ସ୍ମରଣେ ଦିଶିବ ପଦ ହଟିବ ଯେତେ ଆପଦ
ମାତା ମମତା ପାଇବା ପିତା ଶାସନେ ରହିବା ॥ ୨ ॥

ବନ୍ଧୁ ସହୋଦର ସେହି ବିପଦେ କାତର ନୋହି
ଗୁରୁଙ୍କ ସେବା କରିବା ସର୍ବ ବିଭୂତି ପାଇବା ॥ ୩ ॥

ଦୟାଳୁ ଗୁରୁ ଆମ୍ଭର ଆଶିଷର ସେଯେ ଝର
ସେ ଝରେ ଡୁବି ରହିବା ଭିକ୍ଷା ହେବ ଗୁରୁସେବା ॥ ୪ ॥

ପ୍ରାର୍ଥନା ହେବ ଆମ୍ଭର ଯା ଦେବ ଦିଅ ଠାକୁର
ସେଥିରେ ସନ୍ତୋଷ ହେବା ଆଉ କିଛି ନ ଚାହିଁବା ॥ ୫ ॥

ଯେତିକି ମିଳୁ ଆନନ୍ଦେ ଅଧିକ ନ ଯିବା ଦ୍ୱନ୍ଦ୍ୱେ
ଗୁରୁଙ୍କ କୃପା ଲଭିବା ମୁକ୍ତିର ପଥିକ ହେବା ॥ ୬ ॥

❀❀❀

# ପ୍ରାର୍ଥନା

ବାସନା ମୋହର ନାଥ କରହେ ପୂରଣ
ଅନାଥର ନାଥ ତୁମେ ଅଧମ ତାରଣ ॥ ୦ ॥

ଯେଉଁ ଦିଗେ ଯିବ ଆଖି ସେ ଦିଗେ ତୁମକୁ ଦେଖି
ସାର୍ଥକ କରିବି ମୋର ଜନମ ଜୀବନ ॥ ୧ ॥

ଚାହେଁ ନାହିଁ ଧନ ସୁଖ ଲୋଡ଼ା ତୁମ ପ୍ରେମ ମୁଖ
ପାଇ ତା' ଭୁଲିବି ଦୁଃଖ ଆନନ୍ଦେ ହେବି ମଗନ ॥ ୨ ॥

ତୁମେ ମୋର ଧନମାନ ତୁମେ ଗଉରବ ଜ୍ଞାନ
କାୟା ସଙ୍ଗେ ଛାୟାସମ ରହିଥିବି ନିଶିଦିନ ॥ ୩ ॥

ତୁମେ ପ୍ରାଣ ମୁହିଁ ପ୍ରାଣୀ ତୁମେ ମୋ ହୃଦୟ-ସ୍ୱାମୀ
ତୁମ ଜ୍ଞାନେ ମୁହିଁ ଜ୍ଞାନୀ ନାହିଁ କିଛି ଆଉ ଜ୍ଞାନ ॥ ୪ ॥

ତୁମେ ସର୍ବ ସୁଖ ଧାର ଶାନ୍ତିପ୍ରଦ ତୁମ ଗିର
ତୁମ ଅଭୟ ଚରଣ କମଳେ ଦିଅ ହେ ସ୍ଥାନ ॥ ୫ ॥

# ପ୍ରାର୍ଥନା

ବାରିଲି ବାରିଲି ଏବେ ଜୀବଧନ !
ସବୁ ସଁପିଦେଲେ ମିଳେ ତୁମ୍ଭ ଚରଣ ॥ ୦ ॥

ଜନ କହେ ଦୀନବନ୍ଧୁ କାଙ୍ଗାଳର କୃପାସିନ୍ଧୁ
ଦୀନଜନ ଏକା ଲଭେ ତୁମ୍ଭ ଆଶିଷ ରତନ ॥ ୧ ॥

ଡାକ ଦେଲେ ଦୀନଜନ ଶୁଣେ ପରା ତୁମ୍ଭ କାନ
ଆପଣାର ଜନ ବୋଲି ତୁମେ ତ' ଦିଅ ଶରଣ ॥ ୨ ॥

ହେଲେ ଯେବେ ଦୀନଦାସ ପାଇବି ତୁମ୍ଭ ପରଶ
ଲୋଡ଼ାନାହିଁ ତେବେ ମୋର ସୁଖ, ଶାନ୍ତି ଧନ ଜନ ॥ ୩ ॥

ସବୁ ମୁଁ ଅରପି ଦେଲି ଘେନ ମୋତେ ଦାସ ବୋଲି
ଏତିକି ମାତର ଆଶା କୋଟିଏ ପ୍ରଣତି ଘେନ ॥ ୪ ॥

❋❋❋

## ପ୍ରାର୍ଥନା

ବିରହ ଅନଳ ଦହନ ମନାସେ ଅନ୍ତର ଦେଶରେ ମୋର
ସେ ଅନଳ ତେଜ ଝଲକ ଦେଖାଉ ରାହା ତୁମ ଦେଉଳର
ହେ ନାଥ !
ଷଡ଼ରିପୁଏ ଜଗିଲେ ପଥ
ସେଇ ଅନଳେ ହୁଅନ୍ତୁ ହତ ॥ ୧ ॥

ଅଳୀକ ମମତା ମାୟାର ସପନ ସେ ଅନଳେ ପୋଡ଼ିଯାଉ
ତୁମରି ବିଚ୍ଛେଦ- ହୁତାଶ ମରମେ ଜଳୁ ଥାଉ ଦାଉ ଦାଉ
ହେ ନାଥ !
ରଖ ଦାସ ଜନର ମହତ
'ମାନ ରଖା' ଘୋଷଇ ଜଗତ ॥ ୨ ॥

ଦହନ ବିନାରେ ମାଳା ଜପି ଜପି ସେ ପଦ ପରଶ କାହିଁ ?
ମିଳନେ ବଦଳେ ଦହନ, ତେଣୁ ମୁଁ ମାଗୁଛି ସିନା ଗୋସାଇଁ
ହେ ନାଥ !
ଯେବେ କୃପାସିନ୍ଧୁ ନାମ ସତ
କୁହ ପୂରାଇବ ମନୋରଥ
ଆଶ ପୂରିବ, ସତ କହ ତ ॥ ୩ ॥

***

# ପ୍ରାର୍ଥନା

ବିଶ୍ୱାସଟି ମୂଳ ଯାହାର ଧନ୍ୟ ସେହି ସଂସାରେ
ସେହିଟି ଅଟଳ ନଉକା ଊର୍ମି ଭରା ସାଗରେ ॥ ୦ ॥

ଗୁରୁ ନାମ ତରୀ ଭସାଇ ଯେହୁ ଭାବନାହୀନ
ଯାବତ ବିପାକେ ସ୍ମରେ ଯେ ସଦା ଗୁରୁଚରଣ ॥ ୧ ॥

ଗୁରୁ ଶୀରିମୁଖ ବିହୁନେ ଯେହୁ ନ ଚାହେଁ ଆନେ
ଗୁରୁଚରଣ ଯେ ସୁମରେ ନିଶି ଦିବସ ମନେ ॥ ୨ ॥

ଦୂର ହୁଏ ସବୁ ଯାତନା ଭାଗ୍ୟବାନ ସେ ଭବେ
ଗୁରୁ ଶ୍ରୀଚରଣ କରୁଣା ଯେହୁ ଲଭଇ ଲବେ ॥ ୩ ॥

ଗୁରୁ ପଦତଳେ ଆଶ୍ରୟ ଯା'ର ଦିବା ଶର୍ବରୀ
ଭାଗ୍ୟବଳେ ହୃଦ ଆସନେ ତା'ର ବିଜୟ ହରି ॥ ୪ ॥

❁❁❁

# ପ୍ରାର୍ଥନା

ଭିକାରି ମୁଁ ନୁହେଁ ମାଗିବିନି କେବେ ଦେବ ଯାହା ନେବି ହାତ ପତାଇ
ଜାଣେ ମୁଁ ଅନ୍ତରେ ତୁମ ବିନା ପ୍ରଭୁ ଜଗତ କରତା ଆଉ କେ ନାହିଁ ॥ ୦ ॥

ବିଷାଦ ପଛରେ ରଖିଛ ହରଷ ଅନ୍ଧକାର ପରେ ଆସଇ ଦିବସ
ତୁମରି ଭିଆଣ ଅଟେ ବର୍ଷମାସ ହସଇ ଚନ୍ଦ୍ରମା ଯା' ଗୁଣ ଗାଇ ॥ ୧ ॥

କଣ୍ଟା ଥାଉ ପଛେ ତୁମ ଛଡ଼ା ଫୁଲ ଗୋଟାଇ କରିବି ମୋର ଗଳାହାର
ଲିଭାଇ ନ ଦେବି ହୋମର ଅନଳ ଦେଉ ଅବା ଯେତେ ଅନ୍ତର ଦହି ॥ ୨ ॥

ଆସୁ ଯେତେ ଝଡ଼ ଦେବି ମୁଣ୍ଡ ପାତି ପ୍ରଳୟ ହୁଙ୍କାରେ ପତାଇବି ଛାତି
ଟାଳି ନ ପାରିବ ହୁତାଶନ ତାତି ଦୃଢ଼ ଥିବି ତବ କରୁଣା ପାଇ ॥ ୩ ॥

ବାସନା ଯଦିବା ନହୁଏ ପୂରଣ ନ ମଣିବି ମୋର ପୂଜା ଅକାରଣ
ନ ଗାଇବି କେବେ ବିଦ୍ରୋହର ଗାନ ଆଶାହୀନ କେବେ ହେବି ମୁଁ ନାହିଁ ॥ ୪ ॥

ତୁମେ ଯେ ମଙ୍ଗଳ ମଙ୍ଗଳକରତା ଚିର ଶାନ୍ତିପ୍ରଦ ସର୍ବ ସୁଖ ଦାତା
ନ ଭୁଲିବି କେବେ ତୁମରି ମମତା ନାଚୁଥିବି ତୁମ ମହିମା ଗାଇ ॥ ୫ ॥

ତୁମ ଇଚ୍ଛା ପୂର୍ଣ୍ଣ ହେଉ ଏ ଜୀବନେ ଥାଏ ବା ସଉଧେ କଣ୍ଟକିତ ବନେ
ଚିନ୍ତା ନାହିଁ କିଛି ପ୍ରଭୁ ତୁମ ବିନେ ମରେ ଯେହ୍ନେ ତବ କରୁଣା ପାଇ ॥ ୬ ॥

❀❀❀

# ପ୍ରାର୍ଥନା

ମଣିମା ! ଗୁହାରୀ ମୋ ଘେନା ହେଉ
ତୁମରି କରୁଣା ଅମିୟ-ଝରଣା ଏ ଜୀବନ ଉଚ୍ଛୁଳାଉ ହେ ॥ ୦ ॥

ଜାଗରଣେ ଅବା ଶୟନେ ତୁମରି ଆରତି-ମଙ୍ଗଳ-ଶଙ୍ଖ
ଆନ ଶବଦରେ ନ ଭଳି ଏ କାନ ନିଶିଦିନ ଶୁଣୁଥାଉ ହେ ॥ ୧ ॥

ଅଜ୍ଞାନ ତିମିର ଘୋର ଅମାଘୋର ଜୀବନର ଘନ ଛାଇ
କମନୀୟ ତବ ତେଜର ଆଲୋକ ଝଲକରେ ଘୁଞ୍ଚିଯାଉ ହେ ॥ ୨ ॥

ଅକୂଳ, ଅଥଳ ଏ ଭବ-ସାଗର ଦେଖି ଆଖି ପାଉ ନାହିଁ
ପାରି କରିବାକୁ ନାଉରିଆ ପଣେ କିଏ ସମରଥ ଆଉ ହେ ॥ ୩ ॥

ମୁକୁଳିବା ପାଇଁ ଜଗତ ଜଞ୍ଜାଳୁ-ଜାଲରୁ ଉପାୟ କହ
ଅମଳ କମଳ ଚରଣ- ତଳରେ ଏ ଜୀବନ ଠାବ ପାଉ ହେ ॥ ୪ ॥

❀❀❀

# ପ୍ରାର୍ଥନା

ମଥା ଛୁଇଁ ମୋହର ତୁମେ କହିଲ ସତେ
କୋଳରେ ଧରି ଖେଳାଅ କିଏ ସେ ମୋତେ ? ॥ ୦ ॥

ମାଆରୁ ବଳି ପରା ତୁମର ସ୍ନେହ ଧାରା
ବରଷୁଛ ଅବିରତ କେଜାଣି କେତେ ॥ ୧ ॥

ତୁମେ କିସ ମୋହର ବନ୍ଧୁ ଅବା ପିଅର
କି ସମ୍ବନ୍ଧ ତୁମ ତୁଲେ ମୋର ଜଗତେ ॥ ୨ ॥

ଆଖିକି ଦେଖା ନ ଦେଇ ସବୁ କର ଲୁଚି ରହି
ସନ୍ତାନରେ କର କିଆଁ ଛଳନା ଏତେ ॥ ୩ ॥

ବାରୁଛି ତୁମର ଦୟା ତୁମ ସ୍ନେହ, ତୁମ ମାୟା
ଝୁରୁଛି ମୁଁ ଭେଟିବାକୁ, ଥରେ କେମନ୍ତେ ॥ ୪ ॥

❀❀❀

# ପ୍ରାର୍ଥନା

ମଧୁରୁ ମଧୁର ତୁମ ନାମ କେଡ଼େ ମଧୁର
ତୁଳନା ଯାହାର ସରଗେ ନାହିଁ
ପାନ କରି ନାମ ସୁଧା ମକରନ୍ଦ
ନାଚିବା ଜଗତ ଜନେ ମତାଇ ॥ ୦ ॥

ସେ ନାମ ଗାଇଲେ ମୂକ ବାଚାଳ ହୋଇବ
ନାମୀ ଆଶା କଲେ ପଙ୍ଗୁ ଗିରି ଲଙ୍ଘି ଯିବ
ନାମ ନାମୀ ଭେଦା ଭେଦ ବରଜ ତୁହି ॥ ୧ ॥

ଜୟଗୁରୁ ନାମ ଭାଇ କଲେରେ ଭଜନ
ଡରି ପଳାଇବ ତୋତେ ଦୂରରୁ ଶମନ
ନାମର ପରଶେ ଶିଳା ଜଳେ ଭାସଇ ॥ ୨ ॥

କିଦେଇ ଗଢ଼ିଛ ପ୍ରଭୁ ନାମକୁ ତୁମରି
ତୁଚ୍ଛ ଲାଗେ ସବୁ ମୋତେ ସେ ନାମ ସୁମରି
ଦରଶନ ଆଶା ଖାଲି ମନେ ଜାଗଇ ॥ ୩ ॥

ଗୁରୁନାମ ଗାଇ ଗାଇ ଗୁରୁପଦ ଧ୍ୟାୟୀ
ଦୁସ୍ତର ସାଗରୁ ପ୍ରଭୁ ନିସ୍ତରିବା ପାଇଁ
କାଳ ବିତିଯାଉ ତୁମ ନାମକୁ ଗାଇ ॥ ୪ ॥

***

# ପ୍ରାର୍ଥନା

ମନକଥା ଶୁଣ ମୋର ଦୟାନିଧି
ମନ କଥା ଶୁଣ ମୋର
ସୁମରି ତୁମରି ନାମ, ସାଧଇ ମୁଁ
ମୋର କରମ ନିକର ॥ ୦ ॥

ଶୁଣ କି ନ ଶୁଣ ତହିଁ କି ମୋହର
ନ ଥାଏ ବିଚାରିବାର
ସୁଖରେ, ଦୁଃଖରେ ବାରୁଛି ଅନ୍ତରେ
ତୁମେ ସାଥୀ ପରାଣର ॥ ୧ ॥

ବାହାର ଭିତର ଭିନ୍ନାଭିନ୍ନ ବୋଲି
ନାହିଁ ମୋ ବାଛ ବିଚାର
ସବୁଠାରେ ତୁମେ ଜଡ଼ି ତ ରହିଛ
କି ଅବା ଘୁମ, ଜାଗର ॥ ୨ ॥

କୋଳରେ ଖେଳାଇ ଧରିଅଛ ମୋତେ
କରି କେତେ ଆପଣାର
ମଥାରେ ମୋହର ଝରୁଛି ନିରତ
ତୁମରି ଆଶିଷ ଧାର ॥ ୩ ॥

❀❀❀

# ପ୍ରାର୍ଥନା

ମନ କଥା ମୋର ଜଣା କରୁଅଛି,
ତୁମକୁ ହେ ମନଚୋର !
ଜାଣୁଛି, ବୁଝୁଛି, ତୁମେ ମନୋମୟ
ତେବେକେ ଅଦେଖା ଚିର ॥ ୦ ॥

ଖରାରେ, ତରାରେ, ଆକାଶେ, ଧରାରେ
ଜଳରେ, ଥଳରେ, ତୁମେ ସବୁଠାରେ
ଅନ୍ତରେ, ବାହାରେ ଥାଇ କାହିଁ ପାଇଁ
ଦେଖା ନ ଦିଅ ହେ ପରାଣ-ଠାକୁର ॥ ୧ ॥

ବିହଗ କଣ୍ଠରେ ଶୁଣେ ତୁମ ସୁର
କୁସୁମ ତୁମରି ସୁବାସେ ବିଭୋର
ଗୀତ ଲେଖେ ମୁଁ ଯେ କଥା ତ ତୁମର
କଣ୍ଠରୁ ଫୁଟୁଛି ତୁମ ଦିଆ ସୁର ॥ ୨ ॥

ଅଛ ତୁମେ ମୋର ଚଉକତି ଘେରି
ଜାଣି, ଏ କଥା ମୁଁ ନ ପାରେଁ ତ ବାରି
ସବୁ କର ତୁମେ, କରାଅ ତ ତୁମେ,
ହରଣ କରତା ତୁମେ ଜଗତର ॥ ୩ ॥

ତୁମ ବିନେ କେହି ନାହିଁ ଆପଣାର
ଜାଣି ଏ କଥା ମୁଁ ଭୁଲେ ବାରବାର
ମନ ଚୋରି କରି, କର କିପାଁ ପର
ଦୟା ପଦ ସତେ ଗଲାକି ପାସୋର ॥ ୪ ॥

# ପ୍ରାର୍ଥନା

ମନ କୁସୁମରେ ଭକତି ସୂତାରେ
ଗୁନ୍ଥିଛି ବରଣମାଳା
ଭେଟୁଛି ଚରଣେ ଘେନାକର ଦେବ !
ଘୁଞ୍ଚାଅ ସଂସାର ଜ୍ୱାଳା ॥ ୦ ॥

ଯେଣିକି ଚାହିଁଲେ ତୁମ ଛବି ହସେ
ଜଳେ, ସ୍ଥଳେ ଅବା ଆକାଶେ, ବତାସେ
ଶୟନରେ ତୁମେ, ସପନରେ ତୁମେ
ଜାଗରଣେ ଅମଉଳା ॥ ୧ ॥

ପାସୋରାପଣ ତ' ମୋ ଜୀବନ ସାଥୀ
ଜଣା କରୁଛି ମୁଁ ପଦେ ହାତ ପାତି
ତୁମେ ତ କ୍ଷମାର ସାଗର, ତୁମେ କି
ବୁଡ଼ାଇବ ମୋର ଭେଳା ? ॥ ୨ ॥

ଆଉ କିଛି ମୋର ମାଗିବାର ନାହିଁ
ଜୁହାରି ଚରଣେ ମାଗୁଛି ଗୋସାଇଁ
ଥିର କରିଦିଅ ମୋ ଚଞ୍ଚଳ ମତି
ହୁଏ ତୁମ ଭାବଭୋଳା ॥ ୩ ॥

❀❀❀

# ପ୍ରାର୍ଥନା

ମନ ଚାଲ ନିଜ ନିକେତନେ,
ସଂସାର ବିଦେଶେ ବିଦେଶୀର ବେଶେ
ଭ୍ରମୁ କିମ୍ପା ଅକାରଣେ ॥ ୦ ॥
ବିଷୟ ପଞ୍ଚକ ପୁଣି ଭୂତଗଣ
ପଞ୍ଚଦିଗେ ତୋତେ କରେ ଆକର୍ଷଣ
ଇନ୍ଦ୍ରିୟର ଫାନ୍ଦେ ପଡ଼ି ଅଚେତନ
ଭୁଲିଲୁ ଆପଣା ଜନେ ॥ ୧॥
ସତ୍ୟ ପଥେ ମନ କର ଆରୋହଣ
ଜ୍ଞାନାଲୋକ ଜାଳି ଚାଲ ଅନୁକ୍ଷଣ
ସଙ୍ଗରେ ସମ୍ବଳ ରକ୍ଷ ପୁଣ୍ୟଧନ
ଗୋପନେ ଅତି ଯତନେ ॥ ୨ ॥
ଲୋଭ ମୋହ ଆଦି ପଥେ ଦସ୍ୟୁଗଣ
ପାନ୍ଥର କରନ୍ତି ସର୍ବସ୍ୱ ହରଣ
ପରମ ଯତନେ ଜଗାଅ ପ୍ରହରୀ
ସମ ଦମ ବେନି ଜନେ ॥ ୩ ॥
ସାଧୁ ସଙ୍ଗ ନାମେ ଅଛି ପାନ୍ଥ ଧାମ
ଶ୍ରାନ୍ତ ହେଲେ ତହିଁ କରିବୁ ବିଶ୍ରାମ
ପଥ ଭ୍ରାନ୍ତ ହେଲେ ଦେଖାଇବେ ପଥ
ସେ ପାନ୍ଥ ନିବାସୀ ଗଣେ ॥ ୪ ॥
ଯଦି ଦେଖୁ ପଥେ ବିଭୀଷିକା ଘୋର
ପ୍ରାଣପଣେ ଦିଅ ଦୁହାଇ ପ୍ରଭୁର
ସେ ପଥେ ତାଙ୍କର ପ୍ରବଳ ପ୍ରତାପ
ଯମ ଡରେ ଯା ଶାସନେ ॥ ୫ ॥

# ପ୍ରାର୍ଥନା

ମନର ଭକତି ପ୍ରଣତି ନିବେଦି, ତୁମରି କରି ପୂଜନ
କୃତାର୍ଥ ଜନମ, ଧନ୍ୟ ଏ ଜୀବନ ଗୁରୁଦେବ ନାରାୟଣ
ଭିକ୍ଷା ଶ୍ରୀଚରଣ ତଳେ
ରକ୍ଷାକର ଦେବ ! ମାୟା ଜଞ୍ଜାଳରୁ ପରିତ୍ରାଣ ଲଭୁଁ ହେଳେ ॥ ୧ ॥

ଅଜ୍ଞାନ ଅନ୍ଧାରେ ଭରମି ଖୋଜୁଛୁଁ ପଥ କାହିଁ, ପଥ କାହିଁ ?
କରୁଣା ସାଗର ଆହେ ଗୁରୁଦେବ ! ଦିଅ ହେ ରାହା ବତାଇ
କୁହେଳିଘେରା ନୟନ
ତୁମ ଆଶିଷରେ ଲଭୁ ଗୁରୁଦେବ ! ଦିବ୍ୟଜ୍ୟୋତି ଦରଶନ ॥ ୨ ॥

ନାସିକା ତୁମରି ଚରଣ କମଳ ସୁରଭି ନିରତ ବାରୁ
ଶ୍ରବଣରେ ତୁମ ଗୁଣ ସଂଗୀତର ସୁର ମୂର୍ଚ୍ଛନା ଝରୁ
ଉଚ୍ଚାରୁଥାଉ ରସନା
ଜୟଗୁରୁ, ଜୟଗୁରୁ, ଜୟଗୁରୁ- ଏତିକି କର କରୁଣା ॥ ୩ ॥

ତୁମରି ଆଶିଷେ ଲଭି ଶୁଭବୁଦ୍ଧି ଜଗତ ମଙ୍ଗଳଧାୟୀ
ଅତି ନିଜ ଜନ ମଣୁ ଏ ଜୀବନ ତୁମକୁ ଜଗତ ସାଇଁ !
ଘେନି ନିବେଦନ ସ୍ୱାମୀ
ହୃଦୟ ଆସନେ ସତତ ବିରାଜ କୋଟି ଅପରାଧ କ୍ଷମି ॥ ୪ ॥

❀❀❀

# ପ୍ରାର୍ଥନା

ମନରେ ! ଗୁରୁ ବିନେ ସାହା ନାହିଁ ତୋର
ସେ ଏକା କରିବେ ପାର ଭବ-ପାରାବାର ॥ ୦ ॥

ଅନ୍ତର କଳୁଷ ଯେତେ କରିବାକୁ ଦୂର
ନିଶିଦିନ ଗୁରୁନାମ ଜପମାଳା କର
ଚଞ୍ଚଳ ଚିତ୍ତକୁ ଏକା କରିବେ ସେ ଥିର ॥ ୧ ॥

ଗୁରୁଜନ ସଂଗତରେ କଟାଅ ତୁ କାଳ
ତୁଟିବ ଭବ ବନ୍ଧନ ମୋହ-ମାୟା-ଜାଲ
ଘୁଞ୍ଚିବ ତୋ ଆଖି ଆଗୁ ଜଞ୍ଜାଳ ଅନ୍ଧାର ॥ ୨ ॥

ସଂସାରର ଚଲାପଥ କଣ୍ଟକ ବହୁଳ
ତହିଁ ପୁଣି ହିଂସ୍ରଜନ୍ତୁ ରିପୁ ପଲପଲ
ସୁପଥେ ନେବେ ତୋତେ ରେ ଗୁରୁ ଆଶ୍ରାକର ॥ ୩ ॥

ସକଳ ଜୀବରେ ସମ ଦୃଷ୍ଟି ଘେନି ହେର
ବିବେକ, ବୈରାଗ୍ୟ, ବୁଦ୍ଧି, ସେବା ମୂଳ କର
ଗୁରୁ ପଦ ଧୂଳି ଘେନାକର ଶିରପର ॥ ୪ ॥

❋❋❋

# ପ୍ରାର୍ଥନା

ମନେ ମୋର ଚିର, ଜାଗେ ହେ ଠାକୁର
ତୁମେ ମୋର, ମୁଁ ତୁମର
ପରାଣର ତୁମେ ପରାଣ, ସକଳ
ଜାଣି ତୁମେ ବ୍ୟଥା ହର ॥ ୦ ॥

ତୁମ ସରି ମୋର କିଏ ଅଛି ଆଉ ?
କିଏ ସେ ଦହିବ ଜୀବନର ଦାଉ ?
ସେଥିଲାଗି ସିନା ସବୁ ଅଧିକାର
ତୁମ ଉପରେ, ମୋହର ॥ ୧ ॥

ପରାଣର ତୁମେ ପରାଣ ଦେବତା
ଲୁଚି ରହି କାହିଁ, ନ କହୁଛ କଥା
ଦିବସ, ରଜନୀ, ନିଃଶ୍ୱାସେ, ପ୍ରଶ୍ୱାସେ,
ଖେଳ ତୁମେ ନିରନ୍ତର ॥ ୨ ॥

କିଏ ସତେ ଆଉ ପିଛୁଳା-ପାସୋରା
ଆଖିରେ ମୋ ଆଢ଼େ ଚାହିଁ ରହେ ଭଲା
ଚିର ଜାଗ୍ରତ ପ୍ରହରୀ ସମାନ
କିଏ ଭଲା ଜଗୁଆଳ ? ॥ ୩ ॥

ତୁମ ପ୍ରେମ ଭାର ସତେ ଅତୁଳନ
ସହିବି କିପରି ଭାବୁଛି ଏ ମନ
ମାଗୁଛି ଏତିକି, ତୁମ ଦିଆ ପ୍ରେମ
ମଥାରେ ତୋଳିବା ବଳ ॥ ୪ ॥

❀❀❀

# ପ୍ରାର୍ଥନା

ମରମର ବ୍ୟଥା ପରାଣର କଥା
ଅନ୍ତରଯାମୀ ସେ ଏକା ଜାଣନ୍ତି,
ତାଙ୍କ ବିନେ ଆଉ କାହାରେ କହିବି
ସଂସାରେ ମୋ ଆନ କେହି ନାହାନ୍ତି ॥ ୦ ॥

ହୃଦୟ ମଝିରେ ମୋର
ଶୁଭେ ଯା ମୂରଲୀ ସ୍ୱର
ବେନି କର ଯୋଡ଼ି କହେଁ ବିପତ୍ତି ॥ ୧ ॥

ନିଶି କି ଅବା ବାସର
ସେ ଯେ ପ୍ରାଣବନ୍ଧୁ ମୋର
ତା' ବିହୁନେ ଦୁଃଖହାରୀ କାହାନ୍ତି ? ॥ ୨ ॥

ସଦା ମାନସ ମନ୍ଦିରେ
ପୂଜିବି ଏକା ତାହାରେ
ଅରପି ମନର ଚିର ଭକତି ॥ ୩ ॥

***

## ପ୍ରାର୍ଥନା

ମିଛେ ମିଛେ ଘୂରି ମରେ ମୁଁ ସିନା
ଇଚ୍ଛାମୟ ତୁମେ ଯହିଁ ତହିଁ ଥାଅ
ସବୁ ଜାଣୁ ଜାଣୁ ମୁଁ ଯେ ଅଜଣା ॥ ୦ ॥

ଚଉକତି ଖୋଜିବୁଲେ ଦରଶନ ପାଇଁ
ତୁମେ ମୋତେ ଦେଖ, ରଖ ବାରି ବାରେ ନାହିଁ
ଅତୁଳନ ସତେ ତୁମ କରୁଣା ॥ ୧ ॥

କୋଟି ଅପରାଧ ମୋର, ନଧର ଗୋସାଇଁ
କ୍ଷମା କର ହସି ହସି କୋଳରେ ବସାଇ
ସେ ଆଦର କେ କରିବ କଳନା ? ॥ ୨ ॥

ମଥା ପାତି ନେବି ଯେତେ ଦିଅ ଦୁଃଖ ଭାର
ତେବେ ହେଲେ ନ ଛାଡ଼ିବି ସେ ବେନି ପୟର
ଆହା ବୋଲି ସାହା ହେବ ତ ଜଣା ॥ ୩ ॥

❀❀❀

# ପ୍ରାର୍ଥନା

ମୁକ୍ତିଧାମର ଯାତ୍ରୀ ଆମେରେ ମୁକ୍ତି ସେନାର ଦଳ,
ଯୁକ୍ତ ଆମେରେ ମୁକ୍ତ ହେବାକୁ ଗୁରୁକୃପା ସମ୍ବଳ ।
ପରାଣେ ଅଜେୟ ବଳରେ ଆମର ବାହୁରେ ଅମିତ ଶକ୍ତି
ନିର୍ଭର ଯୋଗେ ନିର୍ଭୟ ଆମେରେ ହୃଦୟେ ଆନତ ଭକ୍ତି ।
ଏହି ଘୋର ମହାରୌଦ୍ର ଲୀଳାରେ ସକଳ ହୋଇବ ଧ୍ୱଂସ,
ଧ୍ୱଂସର ମଧ୍ୟେ ଶାନ୍ତିର ଧାରା ବୁହାଇବେ ଋଷିବଂଶ ।
ସେହି ଯେ ପ୍ରାଚୀନ ଋଷି ସଂଘର ଆମେରେ ବଂଶଧର,
ବୁହାଇବା ଆମେ ସାରା ଜଗତରେ ଶାନ୍ତିର ନିର୍ଝର ।
ଆସିବରେ ଫେରି ସେହି ଋଷିଯୁଗ ପୁନରାୟ ଏହି ବିଶ୍ୱେ,
(ପୁଣି) ପ୍ରାଚୀନ ଯୁଗର ସନାତନ ରୀତି ଚାଲିବ ନବୀନ ଦୃଶ୍ୟେ ।
ସତ୍ତ୍ୱଗୁଣର ମଳୟ ପରଶେ ଜାଗିବ ନୂତନ ପ୍ରାଣ,
ବିଶ୍ୱ ବ୍ୟାପୀ ଧରମ ରାଜ୍ୟ ହୋଇବ ଅଭ୍ୟୁତ୍‌ଥାନ ।
ପୁଣି ଏ ଭାରତ ଜଗତର ମଧ୍ୟେ ଲଭିବ ଆସନ ଶ୍ରେଷ୍ଠ,
ବିଶ୍ୱଜଗତ ନତଶିରେ ତାକୁ କରିନେବ ମଣି ଜ୍ୟେଷ୍ଠ ।
ତାପିତର ଆମେ ପୋଛି ଦେବା ଅଶ୍ରୁ ସାନ୍ତ୍ୱନା ଦେବା ପ୍ରାଣେ,
କ୍ଷୁତ୍ ପିପାସାର୍ତ୍ତେ ତୋଷିବା ଆମେରେ ଅନ୍ନ ପାନୀୟ ଦାନେ ।
ରୋଗୀ ଶୁଶ୍ରୂଷାରେ ଉଜାଗରେ ବସି ପୁହାଇବା ସାରା ନିଶି,
ଭୋଗୀକୁ ଦେବାରେ ତ୍ୟାଗର ମନ୍ତ୍ର ଅନ୍ତରେ ତାର ମିଶି ।
ଅଜ୍ଞାନେ ଦେବା ଜ୍ଞାନ ଦାନ ଆମେ ବିଦ୍ୟା ବିଦ୍ୟାହୀନେ,
ହିଂସ୍ର ମନରୁ ଭୁଲାଇବା ହିଂସା ପ୍ରେମର ମନ୍ତ୍ର ଦାନେ ।
ସ୍ଥାପନ କରିବା ଭାତୃପ୍ରେମ ଆମେ ସମଗ୍ର ଜଗତ ଭରି,
ପ୍ରେମର ରାଜ୍ୟ ଗଢ଼ିବା ଆମେରେ ଧରମକୁ ଭିତ୍ତି କରି ।
ପ୍ରାଚୀନ ଯୁଗର ସନାତନ ଧାରା ବୁହାଇବା ପୁଣି ବିଶ୍ୱେ,
ପ୍ରେମର ଜଗତ ଉଠିବ ଜାଗିରେ ସୁନ୍ଦର ନବୀନ ଦୃଶ୍ୟେ ।
ମୁକ୍ତିର ବାଣୀ ଶୁଣାଇବା ଆମେ ମୁକ୍ତି ସେନାର ଦଳ
ଶାନ୍ତିର ବାଣୀ ପ୍ରଚାର କରିବା (ସର୍ବେ) ଆଗଭର ହୋଇ ଚଳ ।
ପ୍ରସ୍ତୁତ ହୁଅ ଭାରତର ଯେତେ ଧାର୍ମିକ ମହାପ୍ରାଣ,
ସେ ଶୁଭ ମୁହୂର୍ତ୍ତ ନାହିଁ ଆଉ ଦୂରେ ସମ୍ମୁଖେ ଆଗୁଆନ ।

# ପ୍ରାର୍ଥନା

(ମୋର) ଧନରେ, ମାନରେ ମନ ନାହିଁ ନାହିଁ
କମଳ ଚରଣ ଧୂଳି ଚାହିଁ ଚାହିଁ ॥ ୦ ॥

ବାସବ ଗରିମା ଅବା କୁବେର ଧନ ଭଣ୍ଡାର
ସବୁ ତ ସେ ପଦତଳେ ଚିର ସାଇତା ସମ୍ଭାର
ଭିଖାରିର ଆଶା ଖାଲି କରୁଣା କଣାକ ପାଇଁ ॥ ୧ ॥

କାହିଁକି ଲୋଡ଼ିବି ଆଉ ଜାଣେ ଯାହା ପଲକର
ଭିଖାରି ମୁଁ ସତ, ବାକି ସେ ଧନ ଅଲୋଡ଼ା ମୋର
ଜୀବନର ଆଶ ଏକା ଥିବି ପଦେ ଦାସ ହୋଇ ॥ ୨ ॥

❀❀❀

# ପ୍ରାର୍ଥନା

(ମୋର) ପରାଣର ଧନ ! ଶୁଣ
ଶ୍ରୀମୁଖ ସୁମରି ନିରବଧି ବାରି ଝରାଏ ବେନି ନୟନ ॥ ୦ ॥

ସେ ମଧୁ ହସରେ କଳନା କେ କରେ
କେତେ ସୁଧା ବାରି ଭରା
ତାପିତ ତୃଷିତ ପରାଣ ମୋର ତ
ସେ ସୁଧା ଆଶାୟୀ ପରା
ସତେ, ରଜନୀ କି ଅବା ଦିନ ॥ ୧ ॥

ଚାରି ଆଖି ଯେବେ ଭେଟ ହୁଏ ତେବେ
ପାସୋରେ ମୁଁ ଆପଣାରେ
ଚଉକତି ଖାଲି ଦେଖେ ଆଖି ମେଲି
ତାହାରି ଖେଳ ବିଚାରେ
ତରୁ, ଲତା କିବା ଗିରିବନ ॥ ୨ ॥

ମନର ଗୁହାରି ଏତିକି ମୋହରି
ଘେନିମା ହେଉ ମଣିମା
ସେ ମଧୁ ମୂରତି ଦିନ କିବା ରାତି
ପରଶୁ ନୟନ ସୀମା
ମଥା, ଲୋଟୁ ଥାଉ ସେ ଚରଣେ॥ ୩ ॥

***

# ପ୍ରାର୍ଥନା

ମୋର ବୋଲି ଯା'ରେ ଆଦର କରିବି ସେ ଜଣକ ଏକା ତୁମେ
ଦିନ ରାତି ଯେଉଁ ଗୀତ ମୁଁ ଗାଇବି, ସୁର ଏକା ତାର ତୁମେ ॥ ୧ ॥

ମନ ଦେଉଳେ ଯା' ମୂରତି ଥାପିବି ସେ ଜଣକ ଏକା ତୁମେ
ସଞ୍ଜ, ସକାଳେ ଯା' ଆରତି କରିବି ସେଇ ଦିଅଁ ଏକା ତୁମେ ॥ ୨ ॥

ଦୁଃଖ ମୋର ଯାହା କାନେ ଶୁଣାଇବି ସେ ଜଣକ ଏକା ତୁମେ
ଶରଣ ଯାହାର ମାଗିବି ଜୀବନେ ସେ ଜଣକ ଏକା ତୁମେ ॥ ୩ ॥

ସବୁରି ଭିତରେ ଦେଖିବି ଯାହାକୁ ସେ ଜଣକ ଏକା ତୁମେ
ହସିବି, ରସିବି, ତୋଷିବି ଯାହାକୁ ସେ ଜଣକ ଏକା ତୁମେ ॥ ୪ ॥

❀❀❀

# ପ୍ରାର୍ଥନା

ମୋର ବୋଲିବାକୁ କି ଅଛି ମରତେ
ନିରେଖେ ଯାହା ନୟନ
କି ଧନେ କି ଦାନେ ପୂଜିବି ନ ଜାଣେ
ସବୁତ ତୁମରି ଦାନ
ଦେହ ମନ, ଅରପୁଛି ପଦେ ଘେନ ॥ ୧ ॥

ସାଗରରୁ ବାରି ଶୋଷି ସିନା ଘନ
କରେ ବାରି ବରଷଣ
ତେସନ ତୁମରି ଦାନ ଦେହ-ମନ
ଘେନି କରେ ଅରଚନ
ଦୀନଜନ ! ମନର ଏ ନିବେଦନ ॥ ୨ ॥

ସ୍ମୃତି ପଥରୁ ମୋ କ୍ଷଣିକ ପାଇଁକି
ଦୂର ନୋହି ଜୀବଧନ
ଦୟାଳୁ ଠାକୁର ଶିରପରେ ମୋର
କର କୃପା ବରଷଣ
ମହାଜନ ! କିଣାଜନ ତଳେ ଗଣ ॥ ୩ ॥

ରାଜୁଥିଲେ ଏ ମୋ ଅନ୍ତର ମଝିରେ
ତୁମ ମୂରତି ମୋହନ
କାହିଁ ପାଇଁ ଭବ ଭାବନା, କି ଭୟ
ଦେଖାଇ ପାରେ ଶମନ
କର ଦାନ, ଚରଣ ତଳେ ଶରଣ ॥ ୪ ॥

# ପ୍ରାର୍ଥନା

ମୋ ବନ୍ଧୁ ହେ ଦୂର ପରବାସୀ ହେଲି
ଆଜି ମୁଁ ବୁଝୁଛି, କି ଭ୍ରମ କରିଛି
ତୁମ ଘରୁ ଆସି ଚାଲି ॥ ୦ ॥

ପରବାସର ଏ ବସାଘରେ ଯେତେ ଘେରି ରହିଛନ୍ତି ଖାଲି
ଛଳରେ ଭୁଲାଇ ଠକୁଛନ୍ତି ମୋତେ କୁଟୁମ୍ବ ବାନ୍ଧବ ବୋଲି ॥ ୧ ॥

ବସନ୍ତ ଶରତ ବରଷା ପ୍ରକୃତି କେତେ ରଙ୍ଗେ ମୋତେ ଛଳି
ଆଖି ମନ ମୋର ଭୁଲାଇ ରଖନ୍ତି ମିଛ ମାୟା-ଜାଲ ମେଲି ॥୨ ॥

ସବୁ ମୋର ମୋର ବୋଲି ଆବୋରିଛି ଛଳନାରେ ସିନା ଭୁଲି
ପରବାସେ ପୁଣି କିଏ ଆପଣାର ଏ କଥାକୁ ନ ଚେତିଲି ॥ ୩ ॥

ପରବାସୁଁ ମୋତେ ଘରେ ନେଇ ଠାବ ଦିଅ ପଦେ ଜଣା କଲି
ସେବକ ପଣରେ ନିଯୋଗ ଦିଅହେ ଦିନ ତ ଯାଉଛି ଚାଲି ॥ ୪ ॥

❀❀❀

# ପ୍ରାର୍ଥନା

ମୋ ଭାଲେ, ସତେ ହେବ କି ସେଦିନ
ପାଗଳ ହୋଇବି ଗାଇ ଗାଇ ତବ ଗୁଣଗଣ ॥ ୦ ॥

ଫଳ ଭାରେ ତରୁ ଶାଖା ନଇଁ ପଡ଼ିଥିଲା ପରି
ତବ ଭାବ ଭୋଳେ ନତ ହେବ ଏ ଶିର ମୋହରି
ତୃଣ ସରି ସହୁଥିବି ସବୁରି ପଦ ଦଳନ ॥ ୧ ॥

ନୋହିବି କା'ରେ ବିମୁଖ ଭରାଥିବ ଆତ୍ମସୁଖ
ଜଗତେ ସବୁରି ଲାଗି ହେବ ଏ ମନ ସମାନ ॥ ୨ ॥

କେବେ ମୁଖ ହସ ଭରା କେବେ ଆଖି ଲୁହ ଝରା
ସୁଖ ଦୁଃଖ ଏକା ଭଳି ମଣିବ ଏ ମୋ ଜୀବନ ॥ ୩ ॥

ଭାବ ସାଗରେ ପହଁରି ଜଗତଦେବି ପାସୋରି
ଶିରପାଗ ହେବ ମୋର ଆନନ୍ଦ ଲହରୀ ଫେଣ ॥ ୪ ॥

ଗୁରୁକୃପା ହିଁ କେବଳ କରି ଜୀବନ ସମ୍ବଳ
ମରୁବାଲି ପରକାର ମଣିବି ମୁଁ ଧନଜନ ॥ ୫ ॥

❀❀❀

# ପ୍ରାର୍ଥନା

ରଙ୍କଧନ ! ତୁମେ ମୋର ଜୀବନ ସଙ୍ଖାଳି
ମୁଁ ଉନ୍ନିଦ୍ର ନିଶୀଥେ ବସେ ଯାହା କଥା ଭାଳି ॥ ୦ ॥

ତୁମ ସ୍ମୃତି ମୋର ଜାଗର ଦୀପାଳି
ଚେତନେ ସ୍ୱପନେ ତୁମ ନାମ ଜପାମାଳି ॥ ୧ ॥

ତୁମ ଅଭିସାରେ ଗୁନ୍ଥେ ଫୁଲ ମାଳି
ପଥ ଚାହିଁ ବସେ କାଳେ ଆସିବନି ଭାଳି ॥ ୨ ॥

କେତେ ଆଶା ଭରେ ନଇ ବେଦ୍ୟ ଥାଳି
ପୂଜିବାକୁ ଧରେଁ ବସି କୁସୁମ ଅଞ୍ଜଳି ॥ ୩ ॥

ଅତି ସଂଗୋପନେ ଡାକେ ଆସ ବୋଲି
ଚାହିଁ ଥରେ ଭାଷି ଯିବ ପଦେ କଥା ଖାଲି ॥ ୪ ॥

ଶୟନେ ସ୍ୱପନେ ପୁଲକ ସଞ୍ଚାରି
ଚୁମ୍ବିବ ପ୍ରାଣକୁ କେବେ ପ୍ରେମ ଭରେ ଢଳି ॥ ୫ ॥

ଅବିଶ୍ୱାସ ସଂଶୟକୁ ପୋଡ଼ି ଜାଳି
ଆଶା ପଥେ ବସିଥିବି ନେତ୍ରୁ ନୀର ଢାଳି ॥ ୬ ॥

❁❁❁

# ପ୍ରାର୍ଥନା

ରହି ବିଷୟାଜଡ଼ିତ ବିଷମ ସଂସାରେ
ଘେନି ଶୁଭ ଉପଦେଶ ସତତ ଚିତ୍ତରେ
ଆହେ ପରାଣ ଠାକୁର
ସକଳ କରମେ ତୁମେ ନ ହେବ ପାସୋର ॥ ୧ ॥

ସାହସ ଶକତି ଦିଅ ଅବଳା ଜୀବନେ
ସାଧିବୁଁ ସଂସାର କର୍ମ ସଫଳ ଯେସନେ
ତବ ଉପଦେଶ ମାନି
ହୋଇବୁ କନ୍ୟା, ଜନନୀ, ଆଦର୍ଶ ଗୃହିଣୀ ॥ ୨ ॥

ସକଳ କରମ ତବ ସାଧିବୁଁ ଧରାରେ
ଏହି ଆଶୀର୍ବାଦ ଭିକ୍ଷା ସଦା ଚରଣରେ
ଗୁରୁଦେବ ! ଦୟାକର
ନତ ମାଥେ ବନ୍ଦନ ! କରୁଛୁ ଶ୍ରୀପୟର ॥ ୩ ॥

❁❁❁

# ପ୍ରାର୍ଥନା

ରହି ରହି ଆଜି ତୁମେ ଦୟାନିଧି ! କାହିଁକି ପଡୁଛ ମନେ ?
ଛାଇ ଛାଇ ଦିଶିଯାଏ ତୁମ ରୂପ ମାୟାଘେରା ଏ ନୟନେ ॥ ୦ ॥

ସତେ ସତେ ମନେ ହେଉଅଛି ମୋର
ଚାହିଁ ଚାହିଁ ମୁହିଁ ରହିଛି ପାଶର
ତୁନି ତୁନି କେତେ କଥା କହୁଅଛ ଶୁଣି ନପାରଇ କାନେ ॥ ୧ ॥

ଫୁଟି ଫୁଟି ଉଠେ ମୋ ଆଖି ଆଗର
ହସ ହସ ଭରା ଶ୍ରୀମୁଖ ତୁମର
ମନେ ମନେ ଭାଳେ ଉଭାରି ହସୁଛ ତୁମେ ମୋ ହୃଦୟ କୋଣେ ॥ ୨ ॥

ଠାରି ଠାରି ସତେ ଡାକୁଛ ତୁହାଇ
ମିଶି ମିଶି ଯିବି ତୁମ ତୁଲେ ଯାଇ
ଟାଣି ଟାଣି ଘେନୁଅଛ ମୋତେ ପରା ତୁମରି ତନୁ ମିଳନେ ॥ ୩ ॥

ପାଶେ ପାଶେ ତୁମେ ଡାକୁଅଛ ମୋତେ
ପଥେ ପଥେ ପାଦ ଥମିଯାଏ ସତେ
ରହି ରହି କର ବଢ଼ାଇଲେ ଧରା ନପଡ଼ଇ ବ୍ୟବଧାନେ ॥ ୪ ॥

ଯାଉଁ ଯାଉଁ ସତେ ତୁମେ ପ୍ରାଣଧନ
ଥରେ ଥରେ ଚାହିଁ ଫେରାଇ ନୟନ
ସତେ ସତେ ଅବା ଫୁଟଇ କି ଦେବ ! ତୁମରି ଛବି ନୟନେ ॥ ୫ ॥

ଦେଖି ଦେଖି ଏତେ ଭରସା ପାଉଛି
ବେଳେ ବେଳେ ମୋର ମନଟା କହୁଛି
ମିଶି ମିଶି ଯିବି ତୁମ ତୁଲେ ମୁହିଁ ଜୀବନେ ଅବା ମରଣେ ॥ ୬ ॥

# ପ୍ରାର୍ଥନା

ଶରଣ ମନାସି ଶ୍ରୀଗୁରୁ ହେ ଆଜି

ଭକତ ଡାକଇ ଆତୁର ସୁରେ ଆଜି

କରୁଣା କର ହେ କରୁଣା ନିଧାନ

ଜୟଗୁରୁ ନାମେ ଆଜି ପ୍ରାଣ ଉଚ୍ଛୁଳେ ॥ ୦ ॥

ପୁଲକେ ଝଲକେ ଭକତ ପରାଣ

ପ୍ରଲୋଭନ ପଡ଼େ ହେରି ଆତୁର ନୟନ

ମଳୟ ପରଶ ଭରା ସୁନୀଳ ଗଗନ ଗାଏ

ଶୁଭ ଆବାହନୀ ମଧୁର ସ୍ୱରେ ॥ ୧ ॥

ଭଜନେ ଭକତ ହୃଦୟ ବିଭୋର

ରାସ ରସମୟ ଆହେ ପ୍ରାଣର ଠାକୁର

ଅନନ୍ତ ଅଶେଷ ତୁମେ ସେତ ମୀନ ରୂପ

ଆଦରେ ବିରାଜ ଆଜି ଭକତ ପୁର ॥ ୨ ॥

ତୁମେ ପୂର୍ଣ୍ଣମୟ ପୂର୍ଣ୍ଣ ସନାତନ

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଶିବ ନାରାୟଣ

ଭକତ ଅନ୍ତର ପୂର୍ଣ୍ଣକର ଗୁରୁଦେବ

ତବ ମହିମା ବିକାଶୁ ଆନନ୍ଦ ଭରେ ॥ ୩ ॥

ତୁମେ ରାମ, ତୁମେ କୃଷ୍ଣ, ତୁମେ ଜଗନ୍ନାଥ

ଦେବ ଶ୍ରୀନିଗମାନନ୍ଦ ଅନାଥର ନାଥ

ପ୍ରେମମୟ ପ୍ରେମାନନ୍ଦେ ତୁମେ ପ୍ରେମରୂପ

ମିଳାଅ ଭକତେ ଆଜି ପ୍ରେମାନନ୍ଦରେ ॥ ୪ ॥

# ଶିବ ବନ୍ଦନା

ଶିବ ଶଙ୍କର ପଦେ କର ପ୍ରଣିପାତ କର
ସକଳ ଦୁଃଖ, ସକଳ ବେଦନା ମନୁ ହୋଇଯିବ ଦୂର ॥ ୦ ॥

ଉଚ୍ଛୁଳି ଉଠିବ ଆନନ୍ଦର ଢ଼େଉ ହୃଦେ
ଗାଅ ଗାଅ ପରମେଶ୍ୱର ନାମ ମୋଦେ
ନିଶି ଦିବସରେ, କାଳ ଅକାଳରେ ବନ୍ଦ ସେହି ପୟର ॥ ୧ ॥

ପରାଣ ହୋଇବ ସୁଶୀତଳ, ସୁବିମଳ
ଜଗତ ଜଞ୍ଜାଳ ପଲକେ ହୋଇବ ଦୂର
ପାନ କରି ସେହି ନାମ ସୁଧା, ହେଲେ ମେଣ୍ଟିବ ତୃଷା ଘୋର ॥ ୨ ॥

ଜୟଗୁରୁ ଜୟଗୁରୁ ଗାଇ ହୁଅ ବାୟା
ଅପସରି ଯିବ ଜଗତ କୁଟିଳ ମାୟା
ପରାଣ ମନ ଅରପିଲେ ସେହି ପଦତଳେ ନିରନ୍ତର ॥ ୩ ॥

❁❁❁

# ଆତ୍ମନିବେଦନ

ଶିଷ୍ୟ ହୃଦ ଇନ୍ଦୁ ଭକ୍ତ ପ୍ରାଣ ବନ୍ଧୁ
ତୁମେ ବାଞ୍ଛା କଳ୍ପତରୁ
ଶତକୋଟି ପ୍ରାଣ ଶାଶ୍ୱତି ରଜ୍ଜୁରେ
ବାନ୍ଧ ପରା ମହାମେରୁ ହେ, ଗୁରୁଦେବ !
କରୁଣା ମୋ'ଠାରେ ଊଣା
ପଡ଼ିଲାଟି ଯେଣୁ ନ ଶୁଣି ସେ ବେଣୁ
ହେଲି ସିନା ବାଟ ବଣା ହେ, ଗୁରୁଦେବ ! ॥ ୧ ॥

ଅବିଶ୍ୱାସ କୀଟ ଲଗାଇ କି ନାଟ
ସାରିଲା ସବୁ ସାଧନା
ଫୁଟି ଆସୁଥିଲା ଦରଫୁଟା କଳି
କାଟିଲା ମୂଳରୁ ସିନା ହେ, ଗୁରୁଦେବ !
କହି ତ ଥିଲି ଅଗ୍ରତେ
ଶୁଣି ନ ଶୁଣିଲି ଏତେ ସରି ହେଲି
ଏବେ କେ ତାରିବ ମୋତେ ହେ, ଗୁରୁଦେବ !॥ ୨ ॥

ନାହିଁ ହୃଦେ ଭକ୍ତି ବାହୁରେ ଶକତି
ଅଛି ଲୋତକ ସମ୍ବଳ
ବୁକୁଫାଟି ଯେବେ ଛୁଟିବ ସରିତ
ଥିବ କି ତେବେ ଅଟଳ ହେ, ଗୁରୁଦେବ !
ମାଗେ ନା ମୁଁ ଆଉ କିଛି
ବିଶ୍ୱାସ ଅଟଳ ଆଉ ଯେ ନଟାଳ
ଖେଳୁ ଭକତି-ମରାଳ ହେ ଗୁରୁଦେବ ! ॥ ୩ ॥

# ପ୍ରାର୍ଥନା

ଶୁଣ ପ୍ରାଣବନ୍ଧୁ ! ଆସିଛି ମୁଁ ଆଜି
ତୁମ ଗୀତ କଣ୍ଠେ ଭରି
ମୋର ବୋଲି ଯାହା ଏ ସଂସାରେ ଅଛି
ସବୁ ଆସିଅଛି ଧରି ॥ ୦ ॥

ଏ ଶୁଭ ଲଗନେ ତୁମ ଶ୍ରୀଚରଣେ
ଭେଟି ଦେବି ପ୍ରିୟ ମୋର
ସବୁ ଅପରାଧ କ୍ଷମା କରି ନାଥ !
ଏଇ ଭେଟି ଘେନା କର ॥ ୧ ॥

❀❀❀

# ପ୍ରାର୍ଥନା

ଶ୍ରୀଗୁରୁ ତତ୍ତ୍ୱ ପରମ ତନୁ ଶୁଦ୍ଧ ସତ୍ତ୍ୱ ସମ
ମରତେ ବିକାଶ ମଧୁ ମାଧୁରୀ ଧରି
ବରନ ଅତି ସୁଷମ ଶୋଭା ରବି ଶୀରି ସମ
ନୟନେ କରୁଣା ଧାରା ରହିଛି ଭରି
ଗୁରୁଦେବ ଜୟ ହେ ଜୟ !
ନାମ ସୁମରଣେ ଲଭେ କଲୁଷ କ୍ଷୟ ॥ ୧ ॥

ଜଗତକୁ ଜଣାଇଲ ପ୍ରେମ ଗୀତି ଶୁଣାଇଲ
ବ୍ରତ ତବ ଗୁରୁଦେବ, ଜୀବ ଉଦ୍ଧାରେ
ପରାମୁକ୍ତି ଲାଭ ହେତୁ ରଚିଲ ସାଧନ ସେତୁ
ଶଙ୍କର ଗୌରାଙ୍ଗ ପ୍ରେମ ସମନ୍ୱୟରେ
ଗୁରୁଦେବ ଜୟ ହେ ଜୟ !
ଭକତ ଆରତ ଜନେ ଦିଅ ଅଭୟ ॥ ୨ ॥

ତବ ପଦ ସୁଧାଝର ପାନ କରି ଭକତର
ଭବର ଦୁଃଖ ଜଞ୍ଜାଳ ହୁଅଇ ଦୂର
ସକଳ ସନ୍ତାନ ମିଳି କରେ ଘେନି ପୁଷ୍ପାଞ୍ଜଳି
ପ୍ରଣତି ଜଣାଇଁ ପୂଜୁଁ ତବ ପୟର
ଜୟଗୁରୁ ଜୟ ହେ ଜୟ !
ପଦ ସେବା ଅଧିକାର ଦିଅ ହେ ଦିଅ ॥ ୩ ॥

❀❀❀

# ପ୍ରାର୍ଥନା

ସଙ୍କଟ ତାରଣ ପାଇଁ ଜଗତେ ଆନକେ ନାହିଁ
ମୋହ କାରାଗାରେ ଅଛି ମୁହିଁ ବନ୍ଦୀ ସରି ହୋଇ ॥ ୦ ॥

ବିଷୟା ବିଷରେ ରତ ପାପଭାରେ କଳୁଷିତ
ତବ ପ୍ରେମାମୃତ ଛାଡ଼ି ଆନ ମାଦକେ ରସଇ ॥ ୧ ॥

ଚଉକତି ଅନ୍ଧକାର ଘେରିଛି ମାୟା ତିମିର
ପଥ ହୁଡ଼ି ଚାଲେ ପ୍ରଭୁ କେ ଦେବ ରାହା ବତାଇ ? ॥ ୨ ॥

ଜୀବନେ ଆଲୋକ ନାହିଁ ଆଖି ମୁଦି ଅଛି ରହି
ଥରେ ହେଲେ ଗୁରୁନାମ ସୁମରଣ କରୁନାହିଁ ॥ ୩ ॥

ଜାଣେ ମୁହିଁ ବ୍ରଜ ସେହ୍ନା ସାହା କେ ନାହିଁ ତୋ ବିନା
ଯମଦୂତେ ବାନ୍ଧି ନେବେ ଭରସା ମୋ ନାହିଁ କେହି ॥ ୪ ॥

ଚରଣେ ମାଗେ ଶରଣ ଗୁରୁଦେବ ନାରାୟଣ
ଧନ, ଜନ, ମାନ, କିଛି ଏ ଅଧମ ମାଗୁ ନାହିଁ ॥ ୫ ॥

***

# ପ୍ରାର୍ଥନା

ସବୁକାଳେ ସବୁଠାରେ ପ୍ରକଟ ଯେ ଚରାଚରେ
ଦୃଷ୍ଟି ଅଗୋଚରେ ସଦା ବିରାଜମାନ
ଅନ୍ତରେ ବିସ୍ତାର ଯା'ର ଅନନ୍ତ ମହିମା ତା'ର
ତା' ମଧୁର ଗୁଣଗାଥା କରିଲେ ଧ୍ୟାନ
ପୁଲକିତ ହୁଅଇ ମନ
ତୁଚ୍ଛ ମଣେ ସେ ଭକତ ଧନ ଜୀବନ ॥ ୧ ॥

ଅମୃତ କରୁଣାଧାରା ବିତରି ଜଗତ ସାରା
ସ୍ୱାଧୀନ ହୋଇ ଯେ ପୁଣି ଭକତ ବଶ
ଯୁଗେ ଯୁଗେ ଅବତରି ଆସେ ନରରୂପ ଧରି
ନିମିଷକେ ନିଏ ହରି ତାପ କଲୁଷ
କିଏ ଆଉ ହେବ ତା' ସରି
ଅନ୍ଧାର ପଳାଏ ଦୂରେ ହେରି ତା' ଶିର ॥ ୨ ॥

ନର ଦେହେ ଅବତୀର୍ଣ୍ଣ ସେହି ଯେ ପୁରୁଷୋତ୍ତମ
ପୂତ କରେ ଧରାଧାମ ବିତରି ଜ୍ଞାନ
ସଚ୍ଚିଦାନନ୍ଦ ବିଗ୍ରହ ଦରଶନେ ତୁଟେ ମୋହ
ସେହି ଗୁରୁ ପାଦପଦ୍ମେ କରୁ ଧିଆନ
ଆଜି ଏହି ଶୁଭ ଲଗନେ
କାଳ ବିତୁ ପଦ ସେବି ତାଙ୍କ ଧିଆନେ ॥ ୩ ॥

❀❀❀

# ପ୍ରାର୍ଥନା

ସବୁ ବନ୍ଧନ ମୋ ଖୋଲି ଦେଇ ପ୍ରଭୁ ତୁମରି ବନ୍ଧନେ ରଖ
ତୁମ ପ୍ରେମ ଡୋରି ମୋ ଗଳାରେ ଭିଡ଼ି
ଟାଣି ନିଅ ତୁମ ପାଖ ॥ ୦ ॥

ଅଦେଖାରେ ଥାଇ ଯେତେ ଦିଅ ମୋତେ ଲଞ୍ଛନା ଗଞ୍ଜଣା ଦୁଃଖ
ସବୁତ ତୁମର ଛଳନା ବାରେ ମୁଁ
ମୋ ଟାଣ ପଣ ପରଖ ॥ ୧ ॥

ତୁମେ ତ ନାଟୁଆ ନାନା ରୂପେ ନାଚ ତୁମେ ଏକା ନାଟ ଦେଖ
ଆନନ୍ଦ ବିଷାଦ ଜୁଆର ଖେଳାଇ
ଆଖି ଠାରି ମୋତେ ଡାକ ॥୨ ॥

ମୁଁ ମୂଢ଼ 'ମୁଁ-ମୋର' ଭାବେ ବନ୍ଧା ପଡ଼ି ଭୋଗେ ତ ଅଶେଷ ଦୁଃଖ
ତୁମ ବିନେ ଆଉ କିଏ ସେ ଫେଡ଼ିବ
ମିଛ ମୋହ ପାଶ ଖାପ ॥ ୩ ॥

ସବୁ ବାରି ବାରି ହତାଶ ହେଲିଣି ବିକଳେ ଡାକୁଛି ଦେଖ
ଅଳପ ଅନାଇଁ ଆହା ନ କହିଲେ
ହେଲି ମୁଁ ସତେ ନିରେଖ
ରଖ ପ୍ରଭୁ ମୋତେ ରଖ ॥ ୪ ॥

❋❋❋

# ପ୍ରାର୍ଥନା

ସବୁବେଳେ ସବୁରୂପେ, ସବୁଠାରେ
ରହିଛ ତୁମେ ଦେବତା !
ସଂସାର ଗହଳେ, ଦୁଃଖ ସୁଖ ମେଳେ
ପାସୋରି ଦିଏ ସେ କଥା ॥ ୧ ॥

କି ଦିବା ଯାମିନୀ ତୁମ ପଦ ଧ୍ୱନି
ଶୁଣିଛି ବାଉଳା କାନେ
ତେବେକେ ମାୟାର କୁହୁକରେ ଭୁଲି
ମନରେ ଧାନେ ନ ଘେନେ ॥ ୨ ॥

ମୁଁ ସିନା ଅଜାଣ ତୁମେ ତ ସୁଜାଣ
କ୍ଷମା କି ଗଲା ପାସୋର
ଦୟାଳୁ ଠାକୁର ! ଶୁଖିଗଲା କି ହେ
ମୋ ଲାଗି କରୁଣା ଝର ? ॥ ୩ ॥

କର ତୁମ ମନ ଯାହା, ତହିଁକି ମୋ
ତିଳେକ ଶୋଚନା ନାହିଁ
ଯେତେ ଦୁଃଖ ଦେବ ଦିଅ ପଛେ ଶେଷେ
ଚରଣରେ ଦିଅ ଠାଇଁ ॥ ୪ ॥

❀❀❀

## ଶେଷଗାନ

ସହଜେ କେ ମିଳେ ସେ ଧନ
ପ୍ରେମ ବୋଲି ସାର ଯାହାର ନାମ ? ॥ ୦ ॥

ସାଥୀ କଲେ ଆଖିର ଝର
ପାସୋରିଲେ ମନୁ ମୁଁ କାର
ମାୟା ମୋହ ଜାଲ ଛିଣ୍ଡାଇ ଖୋଜିଲେ
ଖଣିରୁ ମିଳିବ ପ୍ରେମ ରତନ ॥ ୧ ॥

ପ୍ରେମ ପାରାବାର ଜଳରେ
ବୁଡ଼ି ଯେହୁ ପହଁରିପାରେ
ସେ ଏକା ପାରିବ ଗଣ୍ଡରୁ ଓଟାରି
ପ୍ରେମ ଗଣ୍ଠିଆ ସେ ରଙ୍କ ରତନ ॥ ୨ ॥

ଡାକି ଆଣି ମନ ଚୋରକୁ
ଦି ଦିନିଆ ଘର ଧନକୁ
ସଁପି ଲୋଡ଼ଇ ଯେ ବଦଳରେ ତାର
ଅକଳନ ନିଧି ପ୍ରେମ ସେ ଧନ୍ୟ ॥ ୩ ॥

ପ୍ରେମ ମାଳା ଗଳେ ଝୁଲାଇ
ପ୍ରେମ ଗୀତ ଗାଇ ଯେ ବାଇ
ସେ ଏକା ପ୍ରେମିକ ରସିକ ସୁଜାଣ
ଗୁରୁଦାସ ପୂଜେ ତା'ର ଚରଣ ॥ ୪ ॥

# ପ୍ରାର୍ଥନା

ସାଗରେ, ଭୂଧରେ, ନଭେ, ପାତାଳରେ
ଯହିଁ ଦେଖ ତୁ'ରେ ଅଛି ଅଛି ମୁଁରେ ॥ ୦ ॥

କେବେ ରୂପ ମୋର ହୁଅଇ ପ୍ରକଟ
କେବେ ପୁଣି ମୁହିଁ ଥାଏ ଅପ୍ରକଟ
କେବେ ମୁହିଁ ଦୂରେ, ଅଛି ନିକଟରେ
ଆସିବି ପାଶରେ ଡାକଦେଲେ ତୁ'ରେ ॥ ୧ ॥

ଚିରଦିନ ମୁହିଁ ଭାବର ଭିଖାରି
ମନଭାବ ମୁଁ ଯେ ଖୋଜଇ ତୋହରି
ମୋର ନାମ ଜୟ ଗାଇ ତୁ ଅଭୟ
ସବୁ ମାୟା ମୋହ ମନୁ ବରଜରେ ॥ ୨ ॥

ରଜନୀ ଦିବସ କର ସୁମରଣ
ଦୂରେ ପଳାଇବେ ଷଡ଼ ରିପୁଗଣ
ମଥାରେ ତୋହର ରହିଛି ମୋ'କର
ଚିତ୍ତେ ନ ବିଚାର କେବେ ଅଛି ଦୂରେ ॥ ୩ ॥

ରହିବି ତୋହର ମନ ଘରେ ମୁହିଁ
ରଖ ମନେ ମୋତେ ପାସୋରି ନ ଦେଇ
କରି ମୁଁ ବିନାଶ ମନର ପରାସ
ମୁଖରେ ଫୁଟାଇ ସୁହାସ ମଧୁରେ ॥ ୪ ॥

❀❀❀

# ପ୍ରାର୍ଥନା

ସାଧୁସଙ୍ଗ ମୋତେ ଦିଅ, ହେ ଚିର ମଙ୍ଗଳମୟ !
ତୁମରି ଭକତି ଦୁର୍ଲଭ ସମ୍ପତ୍ତି ମାଗେ ଦିନ ଅସହାୟ ॥ ୦ ॥

ସଦା ତୁମ ନାମ, ଲୀଳା ସଂକୀର୍ତ୍ତନ
ଭୋଳ ହୋଇ ଶୁଣୁ ଥାଉ ମୋ ଶ୍ରବଣ
ଅନ୍ତର ଶୁଦ୍ଧି ପାଇଁ ଦୟାନିଧି
ଅନ୍ତରେ ହୁଅ ସଦୟ ॥ ୧ ॥

ସବୁ କରି ତୁଚ୍ଛ ତୁମ ଭାବେ ମଜ୍ଜି
ଯେ ନିଜ ଭିତରେ ଯାଇଛନ୍ତି ହଜି
ତାଙ୍କ ପଦ ଧୂଳି ଶିରେ ମୋର ବୋଳି
ଖଟେ ମୁଁ କିଙ୍କର ପ୍ରାୟ ॥ ୨ ॥

ଭକତ ହୃଦୟେ ତୁମ ସିଂହାସନ
ବିରାଜ ବିଶ୍ୱାସେ ହେ ବିଶ୍ୱମୋହନ
ମୁଁ ଯେ ଭାଗ୍ୟ ହୀନ ମୋ ଚିତ୍ତ ମଳିନ
ଚଞ୍ଚଳ ମନ ଅଥୟ ॥ ୩ ॥

ଭାବ ବିନୋଦିଆ ଭାବକୁ ନିକଟ
ସତ୍ୟ ରୂପ ତୁମେ ସଂସାରେ ପ୍ରକଟ
ସତ୍ୟ ଶୁଦ୍ଧ ଜ୍ଞାନ କର ପ୍ରଭୁ ଦାନ
ଭକତିର ହେଉ ଜୟ ॥ ୪ ॥

# ପ୍ରାର୍ଥନା

ସାନ କୁହା ମୋର ମାନରେ ମନୁଆ
ସାନକୁହା ମୋର ମାନ
ମନଚୋରକୁ ତୁ ଧରି ମନ କଲେ ମନ ଜାଲ ବସି ବୁଣ ॥ ୦ ॥

ମିଛରେ ନ ବୁଲି ଏଣେତେଣେ ବାଟ ଚାହିଁବସ ଘର କୋଣେ
ଚାଲି ବାରି ତାର ଧରିବୁ ତା'ପଦ ମୁଠା ତୋର କରି ଟାଣ
ଆଖି ପିଛୁଳାକେ ଖସିଯିବ- ଜାଣି ନାହିଁ ତା ତରକାପଣ ॥ ୧ ॥

ଯେ ଯାହା କହିବ କହୁଥାଉ, କାନ କାହିଁକି ତେଣିକି ଦେଉ ?
ତୁନି ଡାକ ତୋର ଶୁଣିବାକୁ ସେ ତ ଡେରି ରହିଥାଏ କାନ
ଚିମୁଟେ ଆନର ଊଣା ହେଲେ ବାକି, ତୁଟିଯାଏ ତାର ମନ ॥ ୨ ॥

ଧନ ରତନ ସେ ଖୋଜେ ନାହିଁ ଖାଲି ଖୋଜେ ମନ କାହିଁ କାହିଁ
ପଥର ଦେଉଳ ହେମ ସିଂହାସନ ଭୋଗ-ରାଗ ଦୀପଦାନ
ଏ ସବୁରେ ତାକୁ ଭୁଲାଇ ବସିଲେ ନ ପାଇବୁ ଦରଶନ ॥ ୩ ॥

❀❀❀

# ପ୍ରାର୍ଥନା

ସୁନ୍ଦର ଫୁଲ ହାର
ଗୁନ୍ଥି ନାହିଁ ଦେବ ଅରପିବି ତବ,  ଶ୍ରୀଚରଣେ ଉପହାର
ବ୍ୟର୍ଥ ଜୀବନର ସାର୍ଥକ ଅଞ୍ଜଳି ଅବ୍ୟକ୍ତ ବେଦନା ହାର
ଏକମାତ୍ର ଉପହାର ॥ ୦ ॥

ଦେଇଥିଲ ହାତେ ଦୁର୍ଲ୍ଲଭ ଜୀବନ
ଖେଳିଲି ଏହାକୁ ଧରି ଅନୁକ୍ଷଣ
ବେଳ ନାହିଁ ଆଉ କରୁଛି ଅର୍ପଣ
ତୁମଠାରେ ତୁମ ଭାର, ଶ୍ରୀଚରଣେ ଉପହାର ॥ ୧ ॥

ଯେଉଁ ଭାବେ ଇଚ୍ଛା ବଜାଅ ଜୀବନ
ନାହିଁ ମୋ ଶୋଚନା ହେଲେ ଛନ୍ଦହୀନ
ଛନ୍ଦଠାରୁ ତାର ପାର୍ଥକ୍ୟ ଦର୍ଶନ
ପାଇଁ କର ବ୍ୟବହାର , ଶ୍ରୀଚରଣେ ଉପହାର ॥ ୨ ॥

ପ୍ରାପ୍ତି ଆଶା ସଙ୍ଗେ ଅପ୍ରାପ୍ତି ନିରାଶା
ଇଚ୍ଛେ ହାର ଗୁନ୍ଥି ହସ କାନ୍ଦ ଭାଷା
ରଖିଛି ଅଶ୍ରୁର ଅଶ୍ରୁତ ପିପାସା
ବିରହର ତପ୍ତଧାର । ଶ୍ରୀଚରଣେ ଉପହାର ॥ ୩ ॥

ଥୋଇଛ ସମ୍ମୁଖେ କ୍ଷୀଣ ଯବନିକା
ନ ଦେଖି ତୁମକୁ ମନ ହୁଏ ଫିକା
ବିଫଳ ବାସନା ବୋଲି କି ହେ ଦେବି
ବ୍ୟର୍ଥତାର ହାହାକାର, ଶ୍ରୀଚରଣେ ଉପହାର ॥ ୪ ॥

ହୋଇଥିବି ସଦା ଅଭାବର ଦାସ
ତବ ସ୍ତୁତିପାଇଁ ମୋର ଅବକାଶ
ରହିଛି ଜାଗ୍ରତ, କୃତ କର୍ମ ପ୍ରାସ
ଗୁନ୍ଥି ଦେବି ଉପହାର, ଶ୍ରୀଚରଣେ ଉପହାର ॥ ୫ ॥

ସାଥୀହୀନ ଦୀର୍ଘ ଯାତ୍ରାପଥ ଶେଷେ
ଚିର ସାଥୀ ଅଛ ଆଲିଙ୍ଗନ ଆଶେ
ଭେଟି ପାଇଁ କାଣି କଉଡ଼ିଏ ନାହିଁ
ଶୂନ୍ୟ ଭିକ୍ଷା ପାତ୍ର ସାର, ଶ୍ରୀଚରଣେ ଉପହାର ॥ ୬ ॥

ସକଳ ଜଣାରେ ତୁମେ ତ ଅଜଣା
ସକଳ ଚିହ୍ନାରେ ତୁମେ ହିଁ ଅଚିହ୍ନା
ଅନାହତ ତବ ଅପୂର୍ବ ବାଜଣା
ବଜାଅ ଜୀବନ ତାର, ଶ୍ରୀଚରଣେ ଉପହାର ॥ ୭ ॥

***

# ପ୍ରାର୍ଥନା

ସୁନ୍ଦର ଚିର ସୁନ୍ଦର ତୁମେ ସୁନ୍ଦର ପ୍ରିୟ ମୋର
ତୁମ ଆଗମନ ବାଟ ମୁଁ ଅନାଇ
ଜାଳି ବସିଛି ଜାଗର ॥ ୦ ॥
ସଂସାରର ସୁଖ ସରାଗ ଭୁଲିଛି
କେତେ ଚିହ୍ନା ଜନେ ଦୂରକୁ ଠେଲିଛି
ମାନ ଅଭିମାନ ପଛକୁ ପକାଇ
ଚାହିଁଛି ପଥ ତୁମର ॥ ୧ ॥
ମନ ମନ୍ଦିରରେ ଆସନ ପାତିଛି
ସୁଗନ୍ଧ ଫୁଲରେ ହାର ସଜାଡ଼ିଛି
ପଖାଳିବା ପାଇଁ ସାଇତି ରଖିଛି
ନୟନର ସ୍ୱଚ୍ଛ ନୀର ॥ ୨ ॥
ତୁମ ପାଶେ ବସି ମରମର କଥା
କହିବି ଯା' ଅଛି ଗୋପନେ ସାଇତା
ତୁମରି ଆଦର ପରଶ ପାଇ ମୋ
ଝରେ ଆଖି ନୀରଧାର ॥ ୩ ॥
କେତେ କାଳୁ ଏହିପରି ବସି ଅଛି
ଅମା ପରେ କେତେ ଚାନ୍ଦିନୀ ବିତିଛି
ଖରା, ବର୍ଷା, ଶୀତ କେତେ ଯେ ସହିଛି
ଯାଇଛି ଘୁମ ପାସୋର ॥ ୪ ॥
କାନେ କାନେ କିଏ କହିଯାଏ କଥା
ଆସିବେ ତୋ ବନ୍ଧୁ ଅବଶ୍ୟ ଜାଣିଥା
କେତେ କାଳ ଆଉ କରିଲେ ପ୍ରତୀକ୍ଷା
ଦିଶିବ ରଥ ତୁମର ॥ ୫ ॥

# ପ୍ରାର୍ଥନା

ସେଇ ଜଣକର ଚରଣ ତଳରେ
ସମରପି ଦେଇ ପରାଣ ମନ
ଭଲ, ମନ୍ଦ ସବୁ ତାଙ୍କ ପଦେ ଥାପି
ଆମେ ସବୁ ଚାଲୁଁ ତାଙ୍କରି ଧାମ ॥ ୦ ॥

ତାଙ୍କରି ଆଦେଶେ ଫୁଲ ଫୁଟି ବାସେ
ମାଳା ଗୁନ୍ଥୁ ଆମେ ତାଙ୍କ ନିରିଦେଶେ
ତାଙ୍କରି ପ୍ରେମରେ ମତି ଆକୁଳିତ
ଆମ କଣ୍ଠ ଗାଏ ତାଙ୍କରି ଗୁଣ ॥ ୧ ॥

ତାଙ୍କ ରସ-ଗୀତି ଶୁଣୁ ସିନା ଆମେ
ଖେଳି ଉଠେ ଯାହା ଗଗନେ, ଭୁବନେ
ନିଶି ଅବା ଦିନ ଶୟନେ ଚେତନେ
ସେଇ ସୁର-ଧାରା ଭରେ ଏ କାନ ॥ ୨ ॥

ଧରମ, କରମ ସବୁ ତାଙ୍କ ପଦେ
ଅରପି ଜୀବନ ବିତାଉଁ ଆନନ୍ଦେ
ସୁଖ, ଦୁଃଖ ସବୁ ତାଙ୍କରି ଆଶିଷ
ସେଇ ପିତା, ମାତା ଆପଣାଜନ ॥ ୩ ॥

❀❀❀

# ପ୍ରାର୍ଥନା

ସେ ଚରଣ ତଳେ ଆଜି ମାଗେ ଶରଣ
ଦୟାମୟ ଅଗତିର ଗତି କାରଣ ॥ ୦ ॥

ଦିଅ ଦୁଃଖ ଦିଅ ଶୋକ ନାହିଁ ମୋର ଚିନ୍ତା ଦକ
ପାସୋରିବି ସବୁ ହେରି ଚନ୍ଦ୍ର ବଦନ ॥ ୧ ॥

ସୁଖ ଶାନ୍ତି ଦେବ ଯେବେ ଆନନ୍ଦେ ମାତିବ ତେବେ
ଅକଳନ କରୁଣା ମୁଁ କରି ଚିନ୍ତନ ॥ ୨ ॥

ନୟନରୁ ପ୍ରେମ ବାରି ପଡୁଥିବ ଝରି ଝରି
ସରାଗେ ମୁଁ ଧୋଇବି ସେ ରଂଗା ଚରଣ ॥ ୩ ॥

ଆଜିରେ ଶପଥ ନେଲି ଏ ଜୀବନ ସଁପି ଦେଲି
ଅଧମ ଜନରେ ଦିଅ ନବ ଜୀବନ ॥ ୪ ॥

❀❀❀

# ପ୍ରାର୍ଥନା

ସେ ଯେ ଭାବ ବିନୋଦିଆ ହରି ॥ ୦ ॥

ଭାବ ପାଇଁ ତାର ଦୁଆର ମୁକୁଳା
ଅଭାବ ପାଇଁ କି ଦୁଆରଟି କିଳା
ଧନ, ଜନ, ମାନ କିଛି ଲୋଡେ ନାହିଁ
ଖାଲି ପ୍ରେମ-ଭକତି ଭିଖାରି ହେ ॥ ୧ ॥

କେ ତୋଷିବ ତାଙ୍କୁ କିବା ଧନ ଦେଇ
କୋଟି ବ୍ରହ୍ମାଣ୍ଡର ନାଥ ପରା ସେହି
ଭକତ ଆଖିର ଲୁହ ଦି' ଟୋପାକୁ
ଆଦର ତାହାର ଭାରି ହେ ॥ ୨ ॥

ତା'ର ପାଶେ ଛାର ହେମ ସିଂହାସନ
ସେ ଯେ ଖୋଜୁଥାଇ ମନ ବୃନ୍ଦାବନ
ଭକତି, ପୀରତି ଗଢ଼ା ଆସନରେ
ହସେ ଖେଳେ ମନ ଭରି ହେ ॥ ୩ ॥

❀❀❀

# ପ୍ରାର୍ଥନା

ହେଉ ଚୋର ଅବା ସାଧୁ ସେ ହେଉ
ଧନ ଲୁଟୁ ଅବା ଦାନ ସେ ଦେଉ
ଯେଉଁ ଧରମରେ ଦୀକ୍ଷିତ ଥାଉ
ସବୁରି ତ ଅଛି ଗୁରୁ
ଗୁରୁବିନେ କାହିଁ ସିଦ୍ଧ କେହି କି ଲଭିପାରେ ଜନମରୁ ? ॥ ୧ ॥

ନାସ୍ତିକ ଯାହାରେ କହନ୍ତି ସତେ
ଅଛିତ ପୁଣି ତା ଗୁରୁ ଜଗତେ
ଭବେ ସଂପ୍ରଦାୟ ରହିଛି କେତେ
ବିଚାର ତ ମାନସରେ
ଭେଦାଭେଦ ଭାବ ସମ୍ଭବ ନୁହେଁ କି ନାନା ଦେବତା ନାଁରେ ॥ ୨ ॥

ଗୁରୁ ବିନେ ନାହିଁ ମୁକତି କା'ର
କଳପନା କରି ତେଣୁ ଠାକୁର
ଗୁରୁ ବିଚାରରେ କରିଲେ ସ୍ଥିର
ରୂପେ ଗୁଣେ ଗୁରୁ ଏକ ଆକାର
ସଂପ୍ରଦାୟ ହୀନ ନାମ
'ଜୟଗୁରୁ' ବୋଲି ଜୟଗାନ ତୋଳି ଗୁରୁପଦ ତଳେ ନମ ॥ ୩ ॥

❀❀❀

# ପ୍ରାର୍ଥନା

ହେ ପରମାରାଧ୍ୟ ତ୍ରିଜଗତ ବନ୍ଦ୍ୟ
ଘେନ ପଦେ କୋଟି ପ୍ରଣିପାତ
ଯେତେ ଶୁଣିଲେ ହେଁ ତବ ସୁଧାବାଣୀ
ଭବ ତାପ କରେ ସନ୍ତାପିତ ॥ ୦ ॥

ଶାନ୍ତି ଅଶାନ୍ତିର ଆବର୍ତ୍ତରେ ପଡ଼ି
ଭାସି ଯାଉଅଛୁ ସତ୍ୟ ପଥେ ହୁଡ଼ି
ଅଂଧ କରିଦିଏ ମାୟାର କୁହୁଡ଼ି
ହୋଇଯାଏ ଲକ୍ଷ୍ୟ ବିଚଳିତ ॥ ୧ ॥

ଚାଳିତ କରହେ ସଦା ଶୁଭ ପଥେ
ଆମ ବୁଦ୍ଧି ତବ ନିଜ ଇଚ୍ଛା ମତେ
ସାରଥି ସାଜିଣ ଏହି ଦେହ ରଥେ
ଲକ୍ଷ୍ୟସ୍ଥଳେ କର ଉପଗତ ॥ ୨ ॥

ବିତରିଛ ଯେଉଁ ଉପଦେଶ ସୁଧା
ଧରି ରଖିବାକୁ ଅନ୍ତରେ ସର୍ବଦା
କର ସେ ବ୍ୟବସ୍ଥା ତୁଟୁ ଭବ ବାଧା
ହେଉ ସଦା ପ୍ରାଣ ପୁଲକିତ ॥ ୩ ॥

ଅମୃତ ସନ୍ତାନ ଆମେ ଏ ମରତେ
ଏ ଦୃଢ଼ ବିଶ୍ୱାସ ଜାଗୁ ଅବିରତେ
ସେଥିପାଇଁ ସଦା ଆମ ହୃଦପଥ
ପ୍ରଜ୍ଞାଲୋକେ କର ଆଲୋକିତ ॥ ୪ ॥

# ପ୍ରାର୍ଥନା

ହେ ପ୍ରାଣ ଦେବତା ପ୍ରାଣ ଯେ କଥା
ହୁଏ ତବ ସଙ୍ଗେ ନିଭୃତରେ
ଫଳ ଦେବା ପାଇଁ ହୁଏ କି ସଞ୍ଚିତ
ଗୋଟି ଗୋଟି ଅନ୍ତର୍ଜଗତରେ ॥ ୧ ॥

ଥିଲେ ସେ କଥାରେ ଆଶା କି କାମନା
ନୋହିବ କି ମୁକ୍ତି କେଉଁ ଜନ୍ମେ
ଚିନ୍ତା ଜଗତର ସଞ୍ଚିତ କାମନା
ଫଳିଲେ ଘୂରିବି ଜନ୍ମେ ଜନ୍ମେ ॥ ୨ ॥

ଜନ୍ମ ଜନ୍ମାନ୍ତର ସମ୍ବନ୍ଧ ମୋହର
ଅଛି ପରା ଦେବ ତବ ସଙ୍ଗେ,
ଲୀଳା ସହଚର ନ ହୋଇ ତେବେ କି
ଜନମିବି ଏକା ଧରା ଅଙ୍ଗେ ? ॥ ୩ ॥

ସଙ୍ଗତେ ଆସିଲେ ଜନମେ ଯେପରି
ଭିକ୍ଷୁ ହୋଇ ପୁଣ୍ୟ ସେବା ପାଇଁ,
ଭିକ୍ଷା ଥାଳି କରେ ଜୀବନ ଦୁଆରେ
ଜାଗିଥିବି ତବ ଜୟ ଗାଇ ॥ ୪ ॥

❀❀❀

# ପ୍ରାର୍ଥନା

ହେ ପ୍ରଭୁ ନିଗମ ପ୍ରଣତି ଘେନ
ଚରଣ ତଳେ ଏତେ ନିବେଦନ
ମାୟାର ସଂସାରେ ଯାଉଛୁଁ ସରି
ଭରସାଟି ଏକା ଚରଣ-ତରୀ
ଆଶିଷ ତୁମର
ପବିତ୍ର କରୁ ଜୀବନ ଆମର ॥ ୦ ॥
ମନୁଷ୍ୟ ହୁଅରେ ତୁମେ ସଭିଏଁ
କହି ଅଛ ଯାହା ଭୁଲି ନ ହୁଏ
ଅଭାଗା ଜନରେ ଶରଣ ଦିଅ
କରୁଣାକଣା ଶିରେ ବରଷାଅ
ପିଇ ସୁଧା ଧାର
ପବିତ୍ର ହେଉ ଏ ଜୀବନ ଚିର ॥ ୨ ॥
ଗଢ଼ି ଦିଅ ଦେବ ମନୁଷ୍ୟ କରି
ଶ୍ରୀଚରଣ ତଳେ ଭିକ୍ଷା ଆମରି
ଆନ କେ ଶୁଣିବ ଆମ ଗୁହାରି
କୁବେର ସମ୍ପତ୍ତି
ଆଶା ନାହିଁ ଦିଅ ଚିର ତୃପତି ॥ ୩ ॥
ପୂଜା ଅରଚନା ଜାଣଇ ନାହିଁ
କୃପା କରି ଦିଅ ପ୍ରେମ ଶିଖାଇ
ଡାକିବି ଶ୍ରୀଗୁରୁ ଭକତି ଭରେ
ମଥା ନୁଆଁଇ ମୁଁ ଚରଣ ତଳେ
ସେବିବି ପୟର
ଗୁରୁଦାସ ହୋଇ ବାଞ୍ଛା ମନର ॥ ୩ ॥

# ପ୍ରାର୍ଥନା

ହେବ କି ସେ ଏ ଜନମେ ମନର ପାସୋରା (ସତେ)
ଆଖି ଆଗେ ନାଚେ ପାଦ ପଦ୍ମ ରଙ୍ଗହରା
ସତେ ହେବ କି ପାସୋରା ॥ ୦ ॥

କଟି ତଟେ ପୀତବାସ କଣ୍ଠେ ରୁଦ୍ରାକ୍ଷର ମାଳା
ନଧର ଅଧର ଯୁଗେ ଦରହାସ କରେ ଖେଳା
ବଚନ ଉପମା ନାହିଁ ମଧୁରୁ ବଳି ମଧୁର ॥ ୧ ॥

ଭାଷାରେ ବୋଲା ଅଛି କି ପ୍ରେମ ଅନୁରାଗ ଶାନ୍ତି
ଝଟକି ଉଠୁଛି କିବା ଅଙ୍ଗେ ଅରୁଣର କାନ୍ତି
ସବୁରି ଲାଗି ଆଦର ନୟନ ଯୁଗଳେ ବୋଳା ॥ ୨ ॥

ଭକତ ଡାକରା ପାଇ ଆସିଛ ମରତେ ସାଇଁ
ମନେହୁଏ ଏ ଜଗତେ ତୁମର କେ ପର ନାହିଁ
ତତ୍ତ୍ୱଜ୍ଞାନ ଯୋଗର କି ତୁମେ ସାଧନ-ପସରା ॥ ୩ ॥

ବିଷାଦ କାଳିମା ହରେ ତୁମରି ଅଭୟବାଣୀ
ଅଗାଧ ଅସୀମ ସ୍ନେହ ପାରିବ କେ ପରିମାଣି
ଆଶିଷ ବରଷ ଦେବ ଘେନ ନତି ଭକ୍ତିଭରା ॥ ୪ ॥

❀❀❀

# ଗୁରୁ ମହିମା

ଅନନ୍ତର ତୁମେ ଅନ୍ତ
କ୍ଷୁଦ୍ର ଅଣୁଠାରେ ସକଳ ଆଧାରେ, ରହିଛ ତ ଯୁଗପତ ॥ ୦ ॥

ପଲକ ମଧ୍ୟରେ ଅନନ୍ତ କାଳ
ଯୁଗ କଳପରେ ତୁମେ ଅକାଳ
ତୁମଠୁଁ ଉଦୟ ତୁମଠିଁ ବିଲୟ,
ଅମୂର୍ତ୍ତ ହେ ମୂର୍ତ୍ତିମନ୍ତ ॥ ୧ ॥

ସାଗରେ ତୁମରି ତରଙ୍ଗ ଉଠେ
ତୁମ ହସ ଧରି କୁସୁମ ଫୁଟେ
ଗଗନ ଆବୋରି ଶତ କୋଟି ତାରା,
ରଚେ ତୁମ ଛାୟାପଥ ॥ ୨ ॥

ଶଇଳ, ସରିତ, ସାଗର, ବନ
ତୁମ ପ୍ରତିଛବି କରେ ଧାରଣ
ତୁମ ଛଡ଼ା ହୋଇ ନାହିଁ ସୃଷ୍ଟି କାହିଁ,
ତୁମେ, ସବୁଥିର ମୂଳ ତତ୍ତ୍ୱ ॥ ୩ ॥

ନୀରବ ହେ ରୁଦ୍ର ଅମା ଅନ୍ଧାରେ
ସୁନ୍ଦର ପୂର୍ଣ୍ଣିମା ଶୁଭ୍ର ସମ୍ଭାରେ
ଅପୂର୍ଣ୍ଣ ଜୀବର ପୂର୍ଣ୍ଣ ଶିବ ତୁମେ,
ମରତେ ଅମୃତ ପଥ ॥ ୪ ॥

## ଗୁରୁ ମହିମା

ଏଭଳି ନାହିଁ କେ ଗୁରୁ ଏ ଜଗତ ସାରା
ଅନ୍ତରେ ଯା ସ୍ନେହ ପ୍ରୀତି ଭକ୍ତିଭାବ ଭରା ॥ ୦ ॥

ଜଗତେ ଯେ ଗୁରୁ ଛନ୍ତି, ତହୁଁ ଶ୍ରେଷ୍ଠ ସେ ଅଟନ୍ତି
ଜ୍ଞାନ ଦେଇ ଗଢ଼ା ତନୁ, ପ୍ରେମ ମନ୍ତ୍ରେ ଘେରା
ଏସନ ଅସମ ଗୁରୁ ଦୁର୍ଲ୍ଲଭ ଏ ଧରା ॥ ୧ ॥

ରୂପ କା'ର ଅତୁଳନ, ସମ ନାହିଁ ତ୍ରିଭୁବନ
କାଙ୍ଗାଳର ପଛେ ଘୂରେ କେ ପାଗଳ ପରା
ଏସନ କେ ଗୁରୁ ଅଛି ଭବ-ଦୁଃଖ-ହରା ॥ ୨ ॥

ଶାନ୍ତି ଦାନେ କେ କରତା, ମନର କେ ହରତା
ତ୍ରିତାପ ହରଇ କିଏ ତ୍ରିଭୁବନ ସାରା
ଏଭଳି କେ ଗୁରୁ ଅଛି ସର୍ବ ଦୁଃଖ ହରା ॥ ୩ ॥

ଭକତ-ମନ କାମନା ସିଦ୍ଧ କରେ କେ ତା' ବିନା
ଭକତର ଲାଗି ଝରେ କା ନୟନୁ ଧାରା
ଏଭଳି ଗୁରୁ କାହିଁ'ଛି ତ୍ରିଭୁବନେ ଭଲା ? ॥ ୪ ॥

ଭକ୍ତ ବ୍ୟଥାର କେ ବ୍ୟଥୀ, ଭକ୍ତ ଦୁଃଖରେ କେ ସାଥୀ
ସେନେହେ କାହାର ହୁଏ ଭବ-ଲୋଭୀ-ଭାରା
ଏସନ କେ ଗୁରୁ ଅଛି ହରେ ଦୁଃଖ ତ୍ୱରା ? ॥ ୫ ॥

ଭକ୍ତ ମାନ କେ' ରଖଇ, ଆପଣା ସମ୍ମାନ ଦେଇ
କିଏ ଭକତରେ ମାଗେ ଧରି ଭିଖ ଝୁଲା
ଏଭଳି ଗୁରୁ କେ ଅଛି କାହିଁ ଭବ ସାରା ? ॥ ୬ ॥

କା'ର କରୁଣ ଚାହାଣୀ, ଭକତର ଧନ-ଖଣି
ଅଧମ ଜନରେ କିଏ ମଣେ ନିଜ ପରା
ନ ଦେଖେ ଏସନ ଗୁରୁ ବେନି ଆଖି ତାରା ॥ ୭ ॥

ପର ବୋଝ ନିଜ ମାଥେ, ତୋଳଇ କେ ବେନି ହାତେ
ହସ ହସ ମୁଖେ ହର ପର ଦୁଃଖ-ସାରା
ଏସନ ଗୁରୁ ନ କର ମନରୁ ପାସୋରା ॥ ୮ ॥

ଏଭଳି ସେନେହ କାହୁଁ, ମିଳିବ କି ଭବେ ଆଉ
ଦୁଃଖୀଜନ ଦୁଃଖ ହରେ କିଏ ତା'ର ପରା
ଗୁରୁ ଏକା ସେହୁ ମନୁ ନ ହେଉ ପାସୋରା ॥ ୯ ॥

❋❋❋

## ଗୁରୁ ମହିମା

କେତେ ତପୀ ଋଷି ଆସି ଧରା ସନ୍ତାପ ଉଶ୍ୱାସି
ଅପ୍ରକଟ ହୋଇଛନ୍ତି ଦୃଶ୍ୟ ଜଗତରେ
ହୋଇଛନ୍ତି କିଏ ବନ୍ଧା ଭକ୍ତି- ପ୍ରୀତି ଡୋରେ
ଏପରି ଭକତପ୍ରାଣ ଦେଖିଛ କି କେହି ?
ଅଗତିର ଗତି ମୋର ଗୁରୁ ଏକା ସେହି ॥ ୧ ॥

କେତେ ବା ପୂର୍ଣ୍ଣିମା ଆସି କାଳ ସ୍ରୋତେ ଯାଏ ଭାସି
ଝୁଲଣ ପୂର୍ଣ୍ଣିମା ତହିଁ ହୋଇଛି ଚିହ୍ନିତ
ଜନ୍ମିଲେ ନିଗମ ଜ୍ଞାନ ଯେବେ ମୂର୍ତ୍ତିମନ୍ତ
ସତ୍ୟ ଖୋଜିଗଲେ ପ୍ରାଣ ମାୟା ଛାଡ଼ି ଦେଇ
ଫେରିଥିଲେ ଦେଖି ସତ୍ୟ ଗୁରୁ ମୋର ସେହି ॥ ୨ ॥

ଜୀବନର ସତ୍ୟବାଣୀ କହିଗଲେ ସେ ବଖାଣି
ଆଖି ଆଗେ ଦେଖେ ସତ୍ୟ ଜଳେ ଦାଉଦାଉ
ନ ପାଇଲେ ଏହି ଠାବେ ପାଇବୁ କି ଆଉ ?
ଶଙ୍କର ମତରେ ଗଉରାଙ୍ଗ ପଥ ଦେଇ
ଜ୍ଞାନ ଭକ୍ତି ମିଳାଇଲେ ଗୁରୁ ମୋର ସେହି ॥ ୩ ॥

ରୂପ ରସ ପଛେ ଧାଇଁ ଆନନ୍ଦ ଟିକକ ପାଇଁ
ବାଇ ହୋଇ ଘୂରେ ଜୀବ ସଦା ତୃଷା ଭରେ
ଆନନ୍ଦ ଖଣିଟି କିନ୍ତୁ ନିହିତ ଅନ୍ତରେ
ଅନ୍ତର୍ମୁଖୀ ହୋଇ ଖୋଜିଗଲେ ବାଟ କହି
ସତ୍-ଚିତ୍-ଆନନ୍ଦରୂପୀ ଗୁରୁ ମୋର ସେହି ॥ ୪ ॥

ଆର୍ଯ୍ୟ ତପ ଆଲୋକିତ ସନାତନ ସତ୍ୟପଥ
ଅଚିହ୍ନା ଅମଡ଼ା ହୋଇଥିଲା କେତେ କାଳ
ଶିବ ଜ୍ଞାନେ ଜୀବସେବା ସେହି ପଥ ସାର
ଭୋଗୀ, ଶୋଷୀ, ପାପୀ, ତାପୀ ମୁଖେ ହସ ଦେଇ
ସେହି ପଥେ ଚାଲ କହିଗଲେ ଗୁରୁ ସେହି ॥ ୫ ॥

ବ୍ରହ୍ମାନନ୍ଦ ତୁଚ୍ଛ କରି ଜୀବ କଲ୍ୟାଣ ଆଦରି
ଶିବ ସଂଜ୍ଞା ଏପରି କେ କରିଚି ସଫଳ
ଦରଶାଇ ନିତ୍ୟ ସତ୍ୟ ସୁନ୍ଦର ବିମଳ
ଗୁରୁଜ୍ଞାନେ ଜନସେବା ଉପଦେଶ ଦେଇ
(ଆମ) ମୁକ୍ତିଭାର ନେଇଛନ୍ତି ସଦଗୁରୁ ସେହି ॥ ୬ ॥

❋❋❋

# ଗୁରୁମହିମା

ଚିହ୍ନିଛୁ କି ଗୁରୁ କିଧନ ?
ସେ ତ ନରଦେହେଁ ବ୍ରହ୍ମ ପରମରେ ॥ ୦ ॥

ଗୁରୁ ବ୍ରହ୍ମା ଶିବ, ଗୁରୁ ନାରାୟଣ
ଅଖଣ୍ଡ ମଣ୍ଡଳେ ବ୍ୟାପ୍ତ ତ୍ରିଭୁବନ
ପରମାତ୍ମା ପଦ କରାନ୍ତି ଦର୍ଶନ ଯାହା ଧ୍ୟାନେ ମଗନରେ ॥ ୧ ॥

ବିନ୍ଦୁନାଦ କଳାତୀତ ନିରଞ୍ଜନ
ଧ୍ୟାନର ଅତୀତ ସତ୍ୟ ସନାତନ
ଜ୍ଞାନ ତତ୍ତ୍ୱମାଳା ଅଙ୍ଗର ଭୂଷଣ ଭୁକ୍ତି ମୁକ୍ତି ଲାଭେ କାରଣ ରେ ॥ ୨ ॥

ଜନ୍ମ ଜନ୍ମାନ୍ତରୁ ଭାଗ୍ୟ ଅରଜନ କଲେ ପୁଣ୍ୟ ଫଳେ ପାଇବୁ ଦର୍ଶନ
ଅହେତୁକ କୃପା ବିନ୍ଦୁ ବିତରଣ କରି, ତାରେ ଦୀନ ଅଧମରେ ॥ ୩ ॥

ଠୁଳ ହୁଏ ଯା'ର କୋଟି ଜନ୍ମ ପୁଣ୍ୟ ସଫଳକର୍ମା ସେ ତିନି ଲୋକେ ଧନ୍ୟ
ମିଳଇ ଅମୂଲ୍ୟ ସଦ୍‌ଗୁରୁ ଚରଣ ହସି ହସି ବରେ ମରଣରେ ॥ ୪ ॥

ଘଟଣା ବଳରେ ଅଭୟ ଚରଣ ପାଇ ଧନ୍ୟ ଯେହୁ କରେ ନର ଜନ୍ମ
ମହାକାଳ ଭୟେ କରେ ପଳାୟନ ନିଅ ଗୁରୁପଦେ ଶରଣରେ ॥ ୫ ॥

ମରଣ ଦୁଆରେ ଦେଇ ଦରଶନ ମୁକ୍ତି ପଥେ ଜୀବେ କରନ୍ତି ଚାଳନ
କିଏ ତାଙ୍କ ପରି କୃପା ପରାୟଣ ଭବ ପାରାବାର ତାରଣରେ ॥ ୬ ॥

# ଗୁରୁ ମହିମା

(ତୋର) ଇହ ପରକାଳ ଜ୍ୟୋତିରେଖା, ଗୁରୁ କୃପା ଏକା ॥ ୦ ॥

ସାଂସାରିକ ବିଦ୍ୟା ଯଶମାନ ପୌରୁଷେ ନୋହିବୁ ପୂର୍ଣ୍ଣକାମ
ଶ୍ରୀଗୁରୁ ସରଳ ପଥେ ନ ମିଶିଲେ, ଜନ୍ମେ ଜନ୍ମେ କାହିଁ ସତଶିକ୍ଷା ?॥ ୧ ॥

ବେଦାନ୍ତ ବେଦ ଶାସ୍ତ୍ର ପୁରାଣ ପାଠେ ପଣ୍ଡିତ ଅସାଧାରଣ
ସହସ୍ର ବର୍ଷର ଆୟୁଷ ବିଫଳ, ପାଳଟିଲେ ତପେ ଉଇହୁଙ୍କା ॥ ୨ ॥

ଯୋଗବଳେ ତିନିକାଳ ଜ୍ଞାନ ହେଲେ ଷଡ଼ ଐଶ୍ୱର୍ଯ୍ୟବାନ
କି ହେବ ଆକାଶେ ଉଡ଼ି ବିଚରିଲେ, ରାମେଶ୍ୱର, ପୁରୀ, ବଦରିକା ॥ ୩ ॥

ଶାନ୍ତ,ଦାସ୍ୟ, ବାତ୍ସଲ୍ୟ, ମଧୁର ସଖ୍ୟଭାବେ ହେଲେ ହେଁ ବିଭୋର
ସାଧନା ଏ ସିନା ଗୁରୁବାକ୍ୟ ବିନା, ଦିବା ସ୍ୱପ୍ନସମ ମରୀଚିକା ॥ ୪ ॥

ସୃଷ୍ଟି ସ୍ଥିତି ଲୟ ପାରୁକରି ଭକ୍ତ ସଙ୍ଗେ କାହୁଁ ହେବୁ ସରି ?
ପୁନରାବର୍ତ୍ତନ ଭାଗ୍ୟର ଲେଖନ, ନୋହିଲେ ପରମ ପଦ ଦେଖା ॥ ୫ ॥

ଜୀବନର ରଙ୍ଗମଞ୍ଚ ପୁରୀ ସଞ୍ଚରେ କା' ସଙ୍ଗୀତ ମାଧୁରୀ ?
ନୀରବିତ ନିଶି ଜାଗରଣେ ମିଶି, ପାଶେ ବସିଛନ୍ତି ପ୍ରାଣସଖା ॥ ୬ ॥

ଶ୍ୱାସେଶ୍ୱାସେ ବାନ୍ଧ ବୀଣା ତାର ଜାଗିଲେ ପ୍ରଭାତେ ଯେ ପ୍ରକାର
ଗିରି ଝରଣାରୁ କୁଳୁତାନେ ଜପ, ଗୁରୁନାମ ହୃଦେ ହେବ ଲେଖା ॥ ୭ ॥

## ଗୁରୁମହିମା

ମୋର ପ୍ରେମ ପାଗଳା
ଆସି କି ଥିଲ ହୋଇ ପ୍ରାଣ ଉଛୁଳା ହେ ॥ ୦ ॥

ସଜାଡ଼ି ଥିଲା ଉଷା କୁସୁମ ଦୋଳା,
ଛୁଅଁନ୍ତେ ନାମ ମାତ୍ର ମହକି ଗଲା ହେ ॥ ୧ ॥

ବହିଲା ଗନ୍ଧବହ ଅଙ୍ଗ ପରଶେ,
ପୁଲକେ କମ୍ପେ ଧରା ନବ ହରଷେ ହେ ॥ ୨ ॥

ଘରୁ ମୁଁ ବାହାରନ୍ତେ ଭେଟିଲି ପଥେ,
ଅଚିହ୍ନା ବାଟୋଇ କେ ହେଲା ପରତେ ହେ ॥ ୩ ॥

ଖୋଜି ଗ୍ରୀଷମ ଜାଳେ ପଡ଼ନ୍ତି ଥକି,
ନଇଁ ଆସିଲା ଖରା ପଛେ କି ଦେଖି ହେ ॥ ୪ ॥

ଦିନେ ଦଉଡ଼ ହେଲା ବିଫଳ ଶେଷ,
ତଥାପି ରଜନୀ ତ ନୁହେଁ ଅଶେଷ ହେ ॥ ୫ ॥

ପ୍ରଭାତେ ନବଜନ୍ମ ଲଭି ଆନନ୍ଦ,
ବନ୍ଦିବ ପୁଣି ତବ ପଦାରବିନ୍ଦ ॥ ୬ ॥

ଗାଇବ ଜୟ ନାଚି ବଜାଇ ତାଳି,
ପୁଣ୍ୟେ ଆଶିଷେ ଭରି ପୂଜାର ଥାଳି ହେ ॥ ୭ ॥

❀❀❀

# ଗୁରୁ ମହିମା

ରଙ୍ଗିମ ଚରଣ ତୁମରି ପରଶି ଧରଣୀ ହୋଇଛି ଧନ୍ୟ
କରୁଣା-କଣିକା ଲଭି ଧନ୍ୟ ହେଲେ ଯେତେ ଦୀନ ହୀନ ଜନ ॥ ୧ ॥

(ତୁମେ) ଘୁଞ୍ଚାଅ ଧରାର ଦୁଃଖରାଶି ଗୁରୁ ରୂପେ ଯୁଗେ ଯୁଗେ ଆସି
ଶୁଷ୍କ ହୃଦୟ ଶୀତଳ ହେଉ (କର) କରୁଣା-ପୀୟୁଷ ଦାନ ॥ ୨ ॥

ନିଗମାନନ୍ଦେ ରୂପେ ଦେଇ ଦେଖା ଭୂତଳରେ ପରକାଶି
ଯାଚି ରୁଣ୍ଡ ହେଲୁଁ ଶ୍ରୀଚରଣେ ଯେତେ ଅନାଥ କାଙ୍ଗାଳ ଜନ ॥ ୩ ॥

ଭଜନ ବିହୀନ ମୂଢ଼ ଅଭାଗାଙ୍କୁ କ୍ଷମି ନିଜ କୃପାଗୁଣେ
ସ୍ନିଗ୍ଧ କରୁଣା ପୀୟୁଷ ପ୍ରଦାନି ଜୀବନକୁ କର ଧନ୍ୟ ॥ ୪ ॥

ଆପଣାର କରି ନିଅ ହେ ସଭିଙ୍କି କାଟି ମୋହ ଘୋରତମ
ଜନମେ ଜନମେ ଯିବୁଁ ତୁମ ପଥେ ନ ଭୁଲିବୁଁ ସେ ଚରଣ ॥ ୫ ॥

ଆହେ ଦୀନନାଥ ! କର ଆଶୀର୍ବାଦ ଆମେ ଅଧମ ସନ୍ତାନ
ତବ ପଦେ ମତି ରଖି ଯେହ୍ନେ ତବ ପଥେ କରିବୁଁ ଗମନ ॥ ୬ ॥

❀❀❀

# ଅଭିଳାଷ

ଅପସାରିତ କର ପ୍ରଭୁ ! ନୟନରୁ ମୋର
ମାୟା-ମୋହର ତିମିର
ଶ୍ରୀଚରଣେ ଅଳି ମୋର ॥ ୦ ॥

ବାସନାର ନାହିଁ ଅନ୍ତ
ସନ୍ତତ ଆକୁଳ ଚିତ୍ତ
ଅକୂଳ ସାଗର ନୀରେ କେବେ ବୁଡ଼ିଯିବି ସରି
ନାହିଁ ତ କାଳ ବିଚାର ॥ ୧ ॥

ରାଜ ତୁମେ ଚଉଦିଗେ
ନୀରେ ନଭେ ବନ ଭାଗେ
ହେ ଅନନ୍ତ ଦରଶାଅ ଶୁଭପଥ
କର ଭବ ସାଗରରୁ ପାର ॥ ୨ ॥

କାନ୍ଦି ମରେ ଦିନ ରାତି
ନାହିଁ ସଖା ନାହିଁ ସାଥୀ
ହେ ଅଗତି ଗତି, ଅବୁଝା ଏ ମତି
ଚରଣ ଧୂଳି ତବ ସାର ॥ ୩ ॥

❀❀❀

# ଅଭିଳାଷ

ଆସିଛୁ ସରବେ ଆଜି ତବ ଦରଶନେ
କୋଟି ପ୍ରଣତି ଜଣାଇ ଅଭୟ ଚରଣେ
ସବୁ ଦୋଷ କ୍ଷମା କରି
ଆଶ୍ରୟ ଦିଅ ହେ ଗୁରୁ ମାଗୁଣି ଆମରି ॥ ୦ ॥

ପିତା ମାତା ବନ୍ଧୁ ଜନ ସବୁ ଦି' ଦିନର
ଏକା ତବ ଶ୍ରୀ ଚରଣ ସେବା ଆପଣାର
ଦୟାନିଧି ! ଦୟାକରି
ଦିବସ ରଜନୀ ବିତୁ ଗୁରୁନାମ ସ୍ମରି ॥ ୧ ॥

ଭବ କାଳନଦୀ ପାରି କର ହେ ଗୋସାଇଁ
ନାଉରିଆ ତବ ବିନେ ଆଉ କେହି ନାହିଁ
ଘଟ କଲେ ବରଜନ
ଏକା ତବ ନାମ ପୁଣ୍ୟଧନ ଅରଜନ ॥ ୨ ॥

ପୂରୁବ ଗଗନେ ଆଜି ଉଦିତ ତପନ
ଏତେ ଦିନେ ମନ ଆଶ ହୋଇଛି ପୂରଣ
ଲଭି ତବ ଦରଶନ
ଦୂର ହୋଇଅଛି ମନୁଁ ସକଳ ବେଦନ ॥ ୩ ॥

❀❀❀

# ଅଭିଳାଷ

ଆହେ ପ୍ରାଣ ଦେବତା !
ଯେତେ ଡାକିଲେ ପଦେ ନ କହ କଥା ॥ ୦ ॥

ଆରାଧ୍ୟ ତୁମେ ଚିର ସାଧ୍ୟ ମୋହର
ସାଧନ ଧନ ପୁଣି ଜନ୍ମ ଜନ୍ମର
ଅସାଧନର ଅବସର ଧନ୍ଦାରେ
ନ ଦେଖେଁ କାହିଁ ଜ୍ୟୋତି ଘୂରେ ଅନ୍ଧାରେ ॥ ୧ ॥

ପଦ ପଙ୍କଜ ତବ ମଥାରେ ତୋଳି
ମନ ସୁଖରେ ସେବା କରିବି ବୋଲି
ଭାଳିଲେ ହେଲେ କାନ୍ଦି ଥକିଲେ ପ୍ରାଣ
ଆହା ନକର ଥରେ କରୁଣାବାନ ॥ ୨ ॥

ସେବକ ଗଉରବ ହୋଇ ପାସୋର
କଲେ ହେଁ ଅପରାଧ ଥରକୁ ଥର
ଶରଣ ନେଲି ପଦେ କ୍ଷମା ସାଗର
ଏ ପୁଣ୍ୟ ଅଧିକାର ନାହିଁ କି ମୋର ॥ ୩ ॥

କାଳେ କାଳେ ତୁମରି ପ୍ରିୟ ସେବକ
ବୋଲି ଚେତାଇ କ୍ଷଣେ ଦିଏ ବିବେକ
ଦିଅ ଚରଣେ ନୋଇଁ ଭ୍ରାନ୍ତ ଏ ମଥା
ସ୍ୱରଶେ ପୋଛି ଦିଅ ସକଳ ବ୍ୟଥା ॥ ୪ ॥

## ଅଭିଳାଷ

ଏକି ବିଧାନ ହେ, ଏ କି ବିଧାନ ହେ ଜଗତ ହୃଦୟବାସୀ !
ସବୁଠାରେ ଥାଇ ଧରା ଦିଅ ନାହିଁ କେଉଁଠାରେ ପରକାଶି ॥ ୦ ॥

ନିତ୍ୟ ଲୋକେ ବସି ମନ ସୁଖେ ହସି ରହିଛ ପ୍ରସାରି ଆଖି
କାମନା ବିକ୍ଷୋଭେ ହନ୍ତସନ୍ତ ଭାବେ ହୋଇ ମରେ ତୁମ ସାକ୍ଷୀ ॥ ୧ ॥

ବିଶ୍ୱରୂପେ ଶୋହେ ବିରାଟ ହୃଦୟେ ନାନା ଜାତି ପୂଜା-ହାର
ଭକତ ସେବକ ସାଧକ ଅସଂଖ୍ୟ ଦେଇଛନ୍ତି ଉପହାର ॥ ୨ ॥

ନାହିଁ ମୋ ସାଧନା ନାହିଁ ଆରାଧନା ତୋଳି ନାହିଁ ଦିନେ ଫୁଲ
ଯାହା କିଛି ଦେଲେ ସବୁ ହାର ତୁଲେ ଦିଶିବ କି ସମତୁଲ ? ॥ ୩ ॥

ଦିନ ଦିନ କର ବନ୍ଦନା ମାତର କଣ୍ଢିରୂପେ ମାଳା କରି
ରାଜ ଦରବାରେ ଭେଟିବା ଆଶାରେ ଗୋପନେ ଆସିଛି ଧରି ॥ ୪ ॥

ଶିଶିର ଶିକତ ବସନ୍ତେ ମୂର୍ଚ୍ଛିତ ଆତପେ ତାପିତ ହୋଇ
ବରଷା ଧଉତ ଶରତ ଫୁଟିତ କଣ୍ଢି ସବୁ ଅଛି ରହି ॥ ୫ ॥

ଷଡ଼ଋତୁ ଦେହେଁ ଗୋଟି ଗୋଟି ଶୋହେ ଠାଏ ଠାଏ କଣ୍ଢି ନାହିଁ
ବନ୍ଦନା ଅଭାବେ ଶୂନ୍ୟ ସେହି ଠାବେ ପୂରାଇବା ସାଧ୍ୟ କାହିଁ ॥ ୬ ॥

ସାନ ବଡ଼ ସେତ ନୁହେଁ ଶୋଭାଯୁତ ସାହସେ ବାନ୍ଧିଛି ଟାଣ
ସୁଷମ ସୁନ୍ଦର ନାହିଁ କାହିଁ ହାର ସତ୍ୟର ମାତ୍ର ନିଶାଣ ॥ ୭ ॥

ଭିଖାରୀଙ୍କ ପରି ଦେବି ଡରି ମରି ଏକଥା ନ ସହେ ପ୍ରାଣ
ଭିଖାରୀ ହେଲେ ହେଁ ଗୌରବ କେବେ ହେଁ କରିନାହିଁ ଅବସାନ॥ ୮ ॥

ଜ୍ଞାନ ମାନ ଯଶ ନାହିଁ ମୋର ଲେଶ ଆଣି ନାହିଁ ସୁନା ମାଳି
ଦୀନ ନିବେଦନ ଘେନିଲେ ଯେ ପୂର୍ଣ୍ଣ ହେବ ନାହିଁ ସୁନା ଥାଳି ॥ ୯ ॥

# ଅଭିଳାଷ

ଏ ମନ ଭାବେ କେତେ
କାହିଁ ଭାସି ଭାସି ଯାଉଛି ସତେରେ ॥ ୦ ॥
କାଳ ପାରାବାର କାହିଁ କେତେ ଦୂର
ଆଦି ଅନ୍ତ ସୀମା ନାହିଁ ଯାହାର
ଭାସେ ତହିଁ ଏକା ଜୀବନ ନଉକା
ଅନ୍ତିମେ ମିଳନେ ମତି ଆତୁର ସେ
ବାଧା ବନ୍ଧନ
ତୁଚ୍ଛ ଏ ମାନ
ଧାଏଁ ଅନ୍ଧକାର ବିଜନ ପଥେ ସେ
ଅନନ୍ତରେ ଅନ୍ତ ହେବ କେମନ୍ତେରେ ॥ ୧ ॥
ସେହି ଯେ ମୋହର ଅତି ଆପଣାର
ପରାପର ତିଳେ ନାହିଁ ବିଚାର
ଅଥଳ ସାଗରେନାଆ ଚଳା ବେଳେ
ଆଖିମାରି ଚାହେଁ ଥରକୁ ଥର ସେ
ବିଦ୍ୟୁ ଝଲକେ
ଆଖି ପଲକେ
ରାହା ତ ବତାଏ ଅକୂଳ ପଥେ ସେ
ଅଛି ମୁହିଁ ବୋଲି ଦେଇ ସଙ୍କେତ ସେ ॥ ୨ ॥
ଅବ୍ୟୟ ଅରୂପ ସେ ଯେ ବିଶ୍ୱରୂପ
ଅଜର ଅମର ଚିର ସୁନ୍ଦର
ତାହାର ତୁଳନାସେହି ଏକା ସିନା
ସବୁ କଳପନା ମାନଇ ହାର ସେ
ଗୁରୁ ପ୍ରବର
ଅମୃତ ଧାର
ଲୋଡ଼େ ନିତି ମତି ଥିବି ତା ସାଥେ ମୁଁ
ପାଦଧୂଳି ଝରୁଥିବ ମୋ ମାଥେରେ ॥ ୩ ॥

❀❀❀

# ଅଭିଳାଷ

କମ ଆଖିକି ସତେ ଆଉ ଥରେ ଭେଟିବି କି ? ॥ ୦ ॥

ମୁନି ଋଷି ଗଣ କରନ୍ତି ଧିଆନ
ଯେଉଁ ଚରଣ ବେନି କି ?
ତା'ର ଦରଶନ ପାଇଁ କି ଭାଜନ
ଏ ଅଧମ ହେବନି କି ? ॥ ୧ ॥

ପତିତ ପାବନ ବୋଲି ତ୍ରିଭୁବନ
ନାଗରା ବାଜୁଛି ଡାକି
ଶୁଣି ମୁଁ ପତିତ ଧାଇଁ ଆସିଛି ତ
ନଦେବ ହେ ମୋତେ ଠକି ॥ ୨ ॥

କହ ମୋ ବେଳକୁ ଗଲାକି ଗୋସାଇଁ
କରୁଣା ଝରଣା ସୁଖି
ନ ଦେଲେ ନ ଦିଅ ଦରଶନ ଦିଅଁ
ରହିଲି ଦୁଆରେ ଟାକି ॥ ୩ ॥

❀❀❀

## ଅଭିଳାଷ

କେ' ଜାଣେ ଏ ବେଳ ଆଉ ମିଳିବକି ନାହିଁରେ
ଆସରେ ସରବେ ଗୁରୁ ପଦ ସେବା ପାଇଁରେ ॥ ୦ ॥

ଅଚିର ତ ଏ ସଂସାର
କେଜାଣି କେବେ କାହାର
ଡାକରା ଆସିବ ଯିବା ପାଇଁ ଜଣା ନାହିଁରେ ॥ ୧ ॥

ବେଳ ହୁଁ ମନରେ ଚେତ
ଗୁରୁ ସତ୍ୟ, ଗୁରୁ ନିତ୍ୟ
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ, ଗୁରୁ ପ୍ରାଣ ସାଇଁରେ ॥ ୨ ॥

ବ୍ୟଥିତ ତାପିତ ଜନ
ତାରଣ ଏକା ସେ ନାମ
ଅଖଣ୍ଡ ମଣ୍ଡଳାକାରେ ଚରାଚରେ ଥାଇରେ ॥ ୩ ॥

ମରଣର ଡରଛାର
ହୋଇବ ମର ଜନର
ଅମୃତ-ସନ୍ତାନ ହୁଅ, ଗୁରୁପଦ ଧ୍ୟାୟୀରେ ॥ ୪ ॥

ଗୁରୁ ଦାସ କହେ ରାଇ
ଚିନ୍ତା ନାହିଁ ଚିନ୍ତା ନାହିଁ
ଗୁରୁ ନାମ ସୁମରଣେ ଭବ ତରି ଯାଇ ରେ ॥ ୫ ॥

# ଅଭିଳାଷ

କେବେ ହେବି ହରି ଧନେ ଧନୀ ହେ
ତୁମେ ହେବ ଗଳା ରତ୍ନ ମଣି ॥ ୦ ॥

ହରି ପ୍ରେମା ମୃତ ପାନେ ମୁଁ ନିରତ
କ୍ଷୁଧା ତୃଷ୍ଣା ପାସୋରିବି
ଭାଇ, ବନ୍ଧୁ, ଜାୟା ଜଗତର ମାୟା
ମନୁଁ ଦୂରେ ବରଜିବି
ବାୟା ହେବି ହରିଗାନ ଶୁଣି ହେ ॥ ୧ ॥

ବସନ ଭୂଷଣ ଅଶନ ବ୍ୟସନ
ତହିଁ ତୁଲେ ମୋର ମନ
ସବୁ ସମରପି ତବ ନାମ ଜପି
ହୋଇବି ମୁଁ ନିରି ଧନ
ମନ ଘୋର ହେବ ନାମ ଖଣି ହେ ॥ ୨ ॥

ବେଉସା ମେଲିବି ଧନୀ ବୋଲାଇବି
ତୁମ ପଦ ମୂଳ ଧନେ
ସୁଧ ବଢ଼ାଇବି ଭଣ୍ଡାରେ ରଖିବି ସାଇତି ନାମ ରତନେ
ଏତେ ମାତର ମୋର ମାଗୁଣି ହେ ॥ ୩ ॥

❀❀❀

# ଅଭିଳାଷ

କେବେ ସେ ଦିନ ସତେ ଆସିବରେ
ଅବଗାହିବ ପ୍ରେମ ସିନ୍ଧୁ ନିରେ ॥ ୦ ॥

ଆନନ୍ଦେ ମତ୍ତ ହୋଇ ଶ୍ରୀଗୁରୁ ନାମ ଗାଇ
ଦ୍ୱାରେ ଦ୍ୱାରେ କରିବି ଭ୍ରମଣରେ ॥ ୧ ॥

ଭେଟି ସର୍ବସ୍ୱ ମୋର ହୋଇ ଚିର କୋଙ୍କର
ଅନୁରାଗେ ସେବିବି ଚରଣରେ ॥ ୨ ॥

ହେରିବି ଏ ନୟନ ସତତ ପୁଣ୍ୟ ଧାମ
ଗୁରୁ ବାଣୀ ଶୁଣିବ ଶ୍ରବଣରେ ॥ ୩ ॥

❁❁❁

# ଅଭିଳାଷ

ଗୋପନ ମନର କଥା ଆଜି ପ୍ରିୟ ! କହିବି ମୁଁ କାନେ କାନେ
କହିବି କହିବି ବୋଲି ଗୁମୁରୁଛି, ଯାହା ମୋର ମନେ ମନେ ॥ ୦ ॥

ଯେବେ, ବିପଦ ମଝିରେ ହୁଏଁ ମୁଁ ଅଧିର ଅତି
ଧୀର ହୁଏଁ, ଆଖି ପଲକ ମାତରେ
ତୁମ ପଦେ ମଥା ପାତି
ଶୁଖିଯାଏ ମୋର ଆଖି ଲୁହ ଧାର
ହେରି ତୁମ ଚନ୍ଦ୍ରାନନେ ॥ ୧ ॥

ଯେବେ, ଦୁଃଖ ଭୋଗି ଥାଏଁ ସାରା ଦିନ ଉପବାସୀ,
ତୁମେ ପ୍ରିୟତମ, ଦୁଃଖ ଦୁରୁଦିନେ
ହୁଅ ମୋ କୁଟୀରବାସୀ
କିଏ ତୁମେ ମୋର, କିଏ ମୁଁ ତୁମର
ଏ ବିଚାର ଥାଉ ମନେ ॥ ୨ ॥

ଯେବେ ଛାଡ଼ିଯିବି କୁଟୁମ୍ବ ବାନ୍ଧବ
ଦୁନିଆଁ ମାୟା ବନ୍ଧନ
ଆର ପୁରେ ଥାଇ ନ ଦେଖିବି ମୁହିଁ
ଆଉ କାହାରି ବଦନ,
ପ୍ରାଣବନ୍ଧୁ ! ମୋର ମାଗୁଣି ମାତର-
ସଙ୍ଗେ ଥିବ ଅନୁଦିନେ ॥ ୩ ॥

❀❀❀

## ଅଭିଳାଷ

ଘେରାଇ ଦେଲେ ଦିଅ, ଦୁଃଖର ଅମାଘନ
ବିପଦ ବନ୍ଧୁ ! ଦିଅ ଦରଶନ ॥ ୦ ॥

ନିଜେ ସହି ଦୁଃଖରେ ଦୁଃଖୀ ଲାଗି ଶୋକରେ
କାତର ହେଉ ପ୍ରାଣ ଅନୁଦିନ ॥ ୧ ॥

ଯେତେ ଲିହିଲେ ହେଲେ ଦୁରୁଦିନ ମୋ ଭାଲେ
ନ ହେଉ ଅଧୋଗାମୀ ଏ ମୋ ମନ ॥ ୨ ॥

ମାୟା ସାଗରେ ବୁଡ଼ି ନ ଯିବି ପଥ ହୁଡ଼ି
ମଣି ସକଳ ତବ ଦୟା ଦାନ ॥ ୩ ॥

ଯାହା ବିଧାନ କର ଶୁଭ ପାଇଁ ତ ମୋର
ତୁମେ ମଙ୍ଗଳମୟ, ଥାଉ ଜ୍ଞାନ ॥ ୪ ॥

❀❀❀

# ଅଭିଳାଷ

ଚାହେଁ ମନ ମୋର
ଗାଆନ୍ତି ମୁଁ ନିଶିଦିନ ତୁମ ଗୀତ ସ୍ୱର ହେ ॥ ୦ ॥

ଗଛ ଡାଳ ପରେ ବସି ପକ୍ଷୀଟି ଯେସନ ରସି
ମନ ସୁଖେ ତୁମ ଗୁଣ ଗାଏ,
ମୋ ମନରେ, ମୋ ଦେହରେ ସେ ସରାଗ ଭର ଥରେ
ସେ ଗୀତ ଫୁଟୁ ମୋ କଣ୍ଠେ ଛାଏଁ
ପାସୋରି ମୁଁ ଅସାର ସଂସାର ହେ ॥ ୧ ॥

କେହି ନୁହେଁ ମୋର ଆଉ ତୁମ ବିନେ ମହାବାହୁ
ସୁଖ, ଦୁଃଖ ତୁମ ପଦେ ଢାଳି,
ସବୁ ମାୟା ମୋହ ଭୁଲି ନାଚିବି ପାଗଳ ଭଳି
ଶିରେ ବୋଳି ତୁମ ପଦ-ଧୂଳି
ଏତିକି ଗୁହାରି ଘେନା କର ହେ ॥ ୨ ॥

❀❀❀

# ଅଭିଳାଷ

ଜୀବନରେ ଖାଲି ଚାହୁଁ ତ ନାହିଁ ମୁଁ
ମରଣେ ତୁମକୁ ଚାହୁଁଛି
ଧନ, ଜନ, ପଦ ଲୋଡ଼ା ନାହିଁ କିଛି
ଚରଣେ ଶରଣ ମାଗୁଛି ॥ ୦ ॥

ଏକା ଏକା ମୁହିଁ ଏ ସାରା ସଂସାରେ
ନାହିଁ ନାହିଁ କେହି ଆଗରେ ପଛରେ
ଛାଇ ଛାଇ ଖାଲି ଅନ୍ଧାର ଏ ଘରେ
ଏ ଆଖିକୁ ମୋର ଦିଶୁଛି
ପାଶେ ପାଶେ ତୁମେ ଅଛ ତୁମେ ଅଛ
ତୁମ ଲାଗି ଏକା ଜୀଇଁଛି ॥ ୧ ॥

ଲୁଚି ଲୁଚି ଆଉ ନ ରହ ଠାକୁର !
ଦୂରେ ଦୂରେ ଘୁଞ୍ଚି ନ ବସ ଏଥର !
ଆସ ଆସ ହୃଦ ମନ୍ଦିରେ ବସ
ଆସନ ମୁଁ ପାତି ରଖିଛି
ବାରବାର ପଦେ ପ୍ରଣତି ମିନତି
ନିଶିଦିନ ଜଣା କରୁଛି ॥ ୨ ॥

❀❀❀

## ଅଭିଳାଷ

ଟାକି ରହିଛିରେ ସେଦିନକୁ ପୋଡ଼ା ଆଖି
ପବିତ୍ର ହୋଇବ କେବେ ଶୁଭ ଯୋଗେ
ସେ ବେନି ଚରଣ ଦେଖି ॥ ୦ ॥

ସୁର, ନାଗ, ନର, ଚରାଚର
ଲୋଡ଼େ ହେରିବାକୁ ଯା' ପୟର
ନିଗମ ଭଜନ କରେ ଯୋଗୀଜନ
ଅନ୍ତରେ ଯା' ନାମ ସୁଧା ଚାଖି ॥ ୧ ॥

ଚଞ୍ଚଳ ଏ ଚିତ୍ତ ନିରନ୍ତର
କେବେ ସତେ ଆଉ ହେବ ଥିର
ସୁମରି ସେ ପଦ ମୁଦିଲେ ନୟନ
ଦେଖୁଥିବ କମଠାମ ଟିକି ॥ ୨ ॥

ମୂଳ ହେବ ମନେ ବଇରାଗ୍ୟ
ଛି ଛି କରିବି ମୁଁ ଭବଭୋଗ୍ୟ
ବାସନା କାମନା ତୁଚ୍ଛ କଳପନା
ଅପସରି ଯିବ ଶଙ୍କି ଶଙ୍କି ॥ ୩ ॥

ହୋଇବି ସବୁରି ଆପଣାର
ସରବେ ହୋଇବେ ପ୍ରିୟମୋର
'ଅହଂ' ଉଭାଇବ 'ସୋଽହଂ' ସାର ହେବ
ସେ ପଦେ ପରାଣ ଦେବି ବିକି ॥ ୪ ॥

# ଅଭିଳାଷ

ତୁମ ବିନେ ହେ ଗୋସାଇଁ
ମୋର ତିନି ଜଗତେ କେ ନାହଁ ନାହିଁ
ରଖ ମାର ତୁମ ମନ
ଏତେ ଜଣାଉଛି ପଦେ ମଥା ନୋଇଁ ॥ ୦ ॥

ଜନମ ମରଣ ମୋର, କୋଳରେ ଏକା ତୁମର
ତୁମ ତୁଲେ ଖେଳ ବୁଲ
ତୁମେ ଏକା ସିନା ମାଆ, ବାପା, ଭାଇ ॥ ୧ ॥

ଆଖି ତୁମ ରୂପ ଚାହେଁ କଣ୍ଠ ତୁମ ଗୁଣ ଗାଏ
ମୁଖ ତୁମ କଥା କହେ
ମନ ମଥା ସଦା ତୁମ ଲାଗି ବାଇ ॥ ୨ ॥

ପଢ଼ିଲେ ତୁମରି କଥା ଆଉ ସବୁ ଲାଗେ ପିତା
ପଳାଏ ସଂସାର ଚିନ୍ତା
ମୋଦେ ପୁଲକି ଉଠଇ ସାରା ଦେହୀ ॥ ୩ ॥

ମୋର ମୋର ବୋଲେ ଯାହା ସବୁ ତ ତୁମରି ଦିଆ
ମୋର ଏକା ତୁମ ପାଆ
ସତେ ଅସରା କୁବେର ଧନ ସେହି ॥ ୪ ॥

ମାଗୁଣି ଶୁଣ ଠାକୁର ! ନ କରିବ କେବେ ପର
ଏ ମିଳନ ରହୁ ଚିର
ମୋର ଜୀବନ ମରଣ ସାଥୀ ହୋଇ ॥ ୫ ॥

# ଅଭିଳାଷ

ଥାପିଛି ଦେବତା ! ତୁମରି ମନ୍ଦିରେ ସେ ସିନା ତୁମରି ସୌମ୍ୟ ମୂରତି
ସଂଜ ସକାଳେ ସେହି ମୋ ସାଧନା ତୁମରି ବନ୍ଦନା ତୁମରି ଆରତି ॥ ୦ ॥

ସଂସାର ଜଞ୍ଜାଳେ କର୍ମ କୋଳାହଳେ କ୍ଷିପ୍ତ ସଦା ମନ ବିଷୟ ବିହ୍ୱଳେ
ଅବ୍ୟକ୍ତ ସାନ୍ତ୍ୱନା ପାଏଁ ଯାହା ତିଳେ ତାହାତ ତୁମରି ସ୍ନିଗ୍ଧ କୀରତି ॥ ୧ ॥

ଧାଇଁଥିଲି ଏକା ବନ୍ଧୁର ଏ ପଥେ, ଦୁଆରୁଁ ଦୁଆରେ ଘୂରି ଅବିରତେ
ମଝି ଯଉବନେ ହୃଦ ବାତାୟନେ ଫୁଟିଲା ତ ଯାହା ତମ ପ୍ରତିକୃତି ॥ ୨ ॥

ଭଙ୍ଗୁର ଖେଳଣା ଦେଖେ କେତେ ନିତି ଚାହାଁଣି ଲୋତକ ଅଭିମାନ ପ୍ରୀତି
ଘୂରିଯାଏ ମତି ଭଉଁରୀରେ ମାତି ଟାଣି ଆଣେ ଯାହା ତବ ପୁଣ୍ୟ ସ୍ମୃତି ॥ ୩ ॥

ପ୍ରଲୋଭନ ଜାଗେ ମଦିର ସଂଗୀତେ ମଧୁବାତ କି ସେ ପ୍ରାଣ ଥରା ଶୀତେ
ପଡୁ ପଡୁ ଧରା ମୋହନ ଆବର୍ତ୍ତେ ଚେତାଇ ଦିଏ ଯା ସେ ତ ତୁମ ପ୍ରୀତ ॥ ୪ ॥

ତୁମରି ସଂପଦେ ପରା ଅଧିକାରୀ ତୁମରି ପ୍ରସାଦେ ଆଜି ମୁଁ ଭିକାରି
ମାଗିବୁଲେ ଶତ ଭକତ ଦୁଆରେ ଭିଖ ଯାହା ତବ କରୁଣା ଶାଶ୍ୱତୀ ॥ ୫ ॥

ଏ ମଣି ମନ୍ଦିରେ ବାଜି ଉଠୁ ବାରେ ଆଗମନୀ ତବ ଅନାହତ ତାରେ
ଜାଳିଛି ଅଲିଭା ଦୀପାଳି ଜାଗରେ ପାଇବା ଆଶାରେ ତବ ସ୍ନିଗ୍ଧ ଜ୍ୟୋତି ॥ ୬ ॥

❀❀❀

# ଅଭିଳାଷ

ନାଥ ! ତୁମକୁ ଦେଖିବା ପାଇଁ
ନିତି ନିତି ଚିତ୍ତ ଆକୁଳ ମୋହର
କହ ତୁମେ ଅଛ କାହିଁ ? ॥ ୦ ॥

ସୁଖ ପାଅ ମୋତେ, ବାରୁଛି ମୁଁ ସତେ
ଖୋଜି ହୁଏ ଯେତେ ଦୂରେ ଦୂରେ ସତେ
ଅଦେଖାରେ ଥାଅ ରହି ॥ ୧ ॥

ସୁଖର ଖବର ଦୁଃଖର ଖବର
ନିଅ ତୁମେ ମୋର ବାରେଁ ମୋ ଅନ୍ତର
ତୁମ ତୁଲ ବନ୍ଧୁ ନାହିଁ ॥ ୨ ॥

ଏତେ ଉପକାରୀ କିଏ ତୁମ ସରି
ଆଖିରେ ନ ହେରି ବଞ୍ଚିବି କିପରି ?
ମୋତେ ଥରେ ଦିଅ କହି ॥ ୩ ॥

ତୁମ ଗୁଣ ଗାଏଁ, ତୁମ ରୂପ ଧ୍ୟାଏଁ
ମନେ ମୋର ଧାଏଁ, ଧରିବାକୁ ଚାହେଁ
ତୁମରି ଚରଣ ଦୁଇ ॥ ୪ ॥

❀❀❀

# ଅଭିଳାଷ

ନିତି ନୂଆ ନୂଆ ତୁମେ ମଧୁର ମଧୁର ହେ
ଅପରୂପ ରୂପ ଧରି ! ବନ୍ଦେ ସୁର ନର ହେ ॥ ୦ ॥

ପ୍ରେମର ମୂରତି ଧର କରୁଣା ମନାସ ମୋର
ତିନି ଭୁବନ ବନ୍ଦନ ପରମ ଈଶ୍ୱର ହେ ॥ ୧ ॥

ତୁମେ ପ୍ରଭୁ ନରାକାର ତ୍ରିତାପ ସଂହାର କର
ମୁନି ସୁରଜନ ତବ ଚରଣ କୋୟର ହେ ॥ ୨ ॥

କରେ ଯେ ତୁମ ଅର୍ଚ୍ଚନ ଜୀବନ ତାହାର ଧନ୍ୟ
ସେ ଏକା ଲଭଇ ସିନା କରୁଣା ତୁମର ହେ ॥ ୩ ॥

ଦୁଃଖେ ସୁଖେ ଦୟାମୟ ସାହା ଏକା ତୁମେ ହୁଅ
ଭକତ ଜୀବନ ଧନ କରୁଣା ଆକର ହେ ॥ ୪ ॥

ଯେବେ ବିପଦ ମରଣ ଘାରି ହେବ ଏ ଜୀବନ
ଶାନ୍ତି ରୂପ ଧରି ଦେବ ପରଶ ତୁମର ହେ ॥ ୫ ॥

ଗୁରୁଦାସେ ଦାସ ପଣେ ରଖ ତବ ଶ୍ରୀଚରଣେ
ନିରତ ମନ କାମନା ଏତିକି ତାହାର ହେ ॥ ୬ ॥

❀❀❀

# ଅଭିଳାଷ

ନିରାଶ ନ କର ଆଜି ଦୟାଳୁ ଠାକୁର ହେ !
କରୁଣା କଣାଏଁ ମାଗେ ପାତି ବେନି କର ହେ ॥ ୦ ॥

ଯେ ଦାନ ଦେଇଛ ଭରି
ମୁରୁଛିବି ମୁଁ କିପରି ?
ପ୍ରତିଦାନେ ପ୍ରେମବାରି ପଦେ ଘେନା କର ହେ ॥ ୧ ॥

ଶୟନରେ ସପନରେ
ସେ ମୂରତି ନୟନରେ
ହେରି ବେନି ଆଖି ମୋର ହେଉ ଶୁଦ୍ଧ ଚିର ହେ ॥ ୨ ॥

ସନ୍ତାନର ଦୋଷ ରାଶି
କ୍ଷମାକର ଅବିନାଶୀ
ଏତିକି ମାତର ପ୍ରଭୁ ଆଶା ଏ ମନର ହେ ॥ ୩ ॥

❀❀❀

# ଅଭିଳାଷ

ପ୍ରେମ ପାଶେ ବାନ୍ଧି ରଖିଛ ତୁମେ ନିରତ ମୋରେ
ଆକୁଳ ହୃଦୟ ଖୋଜଇ ଜାଗି ଦିବା ନିଶିରେ ॥ ୧ ॥

ରବି, ଶଶୀ, ତାରା ଆକାଶେ ତବ ପ୍ରେମ ବିକଶେ
ତବ ପ୍ରେମ ପାଇ କାନନେ ନାନା କୁସୁମ ହସେ ॥ ୨ ॥

ଫୁଲ ବାସ ଲୁଟି ମଳୟ ତବ ପ୍ରେମ ବିତରେ
ତୁମ ପ୍ରେମ ଗୀତି ଶୁଣାଏ ପିକ କୁହୁ କୁ ସ୍ୱରେ ॥ ୩ ॥

ଜଳେ, ସ୍ଥଳେ, ବନେ, ପର୍ବତେ ତବ ପ୍ରେମର ଛାଇ
କହ ଦେଖି ପ୍ରେମମୟ ହେ ! କାହିଁ ସେ ପ୍ରେମ କାହିଁ ॥ ୪ ॥

କାନ ଶୁଣେ ଆଖି ନ ଦେଖେ ! ପ୍ରେମ ଛବି ତୁମର
ଖୋଜି ହୁଏ ତୁମ ପ୍ରେମକୁ ନିତି ହୃଦୟ ମୋର ॥ ୫ ॥

କି କଲେ କି ଦେଲେ କେସନେ ତୁମ ପ୍ରେମ ପାଇବି
ତୁମ ପ୍ରେମ ପାଇ ସଦା ମୁଁ ଏ ସଂସାର ତେଜିବି ॥ ୬ ॥

ତେବେ ଅବା ପ୍ରେମମୟ ହେ ! ତୁମ ଚରଣ ତଳେ
ଦାସ ପଣେ ସେବା କରିବି ନିତି ମାନସ ଭାଳେ ॥ ୭ ॥

# ଅଭିଳାଷ

ଫୁଲ ସଂଜବେଳେ ବାହୁଡ଼ିବି ଯେବେ ଦୁନିଆଁ ସଉଦା ସାରି
ବନ୍ଧା ଦେବି ସବୁ ତୁମ ପାଦ ତଳେ ଏତିକି ମୋର ଗୁହାରି ॥ ୦ ॥

ଆପଣାର ବୋଲି ଗରବ ଗୁମାନ ତୋଳିଥିବି ଯେଉଁ ଘର
ଦି'ଦିନ କୁଣିଆ ବଡ଼ାଣିଆ ପଣ ଚାତର ଭାଙ୍ଗିବ ମୋର
ବାଟ ମଣାଇବ ତୁମ ଦେଉଳକୁ ଅନ୍ଧାରେ ଦୀପ ଧରି ॥ ୧ ॥

ପାଦେ ଠେଲି ଦେବେ ଲୋକେ ଦୂରେ ଯେବେ ଠାବ କାହିଁ ଥିବ ନାହିଁ
ଆହା କରି ପଦେ ଆପଣାର ବୋଲି ସାହା ମୋ ହେବେ ଗୋସାଇଁ
କଲା ଦୋଷ ଯେତେ କ୍ଷମା କରି ମୋତେ ନ ଦେବଟି ପର କରି ॥ ୨ ॥

ସତ କରି କହ କେବେ ହେବି ମୁହିଁ ତୁମରି ସେବକ ଜନ
କାନରେ ନ କହି ମନରେ ମୋ କହ ତୁମେ ମୋର ଜୀବଧନ
ପିତା ପରି ତୁମେ ଶାସିବ କୋଳରେ ଘେନିବ ଜନନୀ ସରି ॥ ୩ ॥

❋❋❋

# ଅଭିଳାଷ

ବହୁ ଭାଗ୍ୟ ଫଳେ ଯେବେ ଦେଇଗଲ ଦେଖା
ଶାଶ୍ୱତୀ ଚାହାଣୀ ତବ ହେଲା ହୃଦେ ଲେଖା
    ଦେବ ହେ ! ଦରଶନ ପାଇଁ
ସେହିଦିନୁ ଆକୁଳରେ ଅଛି କେତେ ଚାହିଁ ॥ ୧ ॥

ସଂସାରର ବିଭୀଷିକା ଆସେ ଗୋଟି ଗୋଟି
ଗୁରୁଭାରେ ଜାଗେ ପ୍ରାଣେ ବ୍ୟଥା ଶତ କୋଟି
    ଦେବ ହେ ! ଦରଶନ ପାଇଁ
ରହେ ସେହି କାଳେ ଆର୍ତ୍ତ ଆଶା ଭରେ ଚାହିଁ ॥ ୨ ॥

ଅନ୍ତର ବେଦନା ନିବେଦିବି କାହା ଆଗେ
ଦେବ ନାହିଁ ଯେବେ ଦେଖା ନିଜେ ଅନୁରାଗେ
    ଦେବ ହେ ! ଦରଶନ ପାଇଁ,
ବ୍ୟଥା ଭରେ ଆଶା ପଥେ ରହିଥିବି ଚାହିଁ । । ୩ ॥

ଦୀନଜନ ସହ ଦିନ କଟାଇବା ଆଶେ
ଦୀନଙ୍କ ଠାକୁର ! ଦୀନେ ନେଇଥିଲ ପାଶେ
    ଦେବ ହେ ! ତବ ଦୟା ପାଇଁ,
ଆକୁଳ ପରାଣେ ସେହି କାଳୁ ଅଛି ଚାହିଁ ॥ ୪ ॥

ମୁହିଁ ସିନା ଦୀନ ତୁମେ ରାଜରାଜେଶ୍ୱର
ବିତରିଲେ ଯେତେ ସରିବ କି ଗନ୍ତାଘର
    ଦେବ ହେ ! ଦରଶନ ପାଇଁ,
ବାନ୍ଧିଅଛି ଆଶା ଆଉ କିଛି ଲୋଡ଼େ ନାହିଁ ॥ ୫ ॥

ଦିନୁ ଦିନୁ ପ୍ରାଣ ରସ ଯାଏ ଅପସରି
ବିନ୍ଦୁ ଦାନେ କୃପାସିନ୍ଧୁ ଯିବ କି ହେ ସରି ?
ଦେବ ହେ ! କଣିକାଏ ପାଇଁ,
କାନ୍ଦଣା-କାତର ପ୍ରାଣ ସଦା ଅଛି ଚାହିଁ ॥ ୬ ॥

ଅନୁତାପ ଅଶାନ୍ତିରେ ଗୁନ୍ଥା ଫୁଲ ହାର
ଅଶ୍ରୁ ଜଳେ ଅଛି ଧୋଇ ଦେବି ଉପହାର
ଦେବ ହେ ! ଘେନ ଅବା ନାହିଁ,
ପ୍ରାଣର ଏ ସତ୍ୟ ଅନାଦରେ ଯିବ କାହିଁ ? ॥ ୭ ॥

ନ ଯିବି ହେ ତୁମ ପଥ ଛାଡ଼ି ଆନ ଦ୍ୱାରେ
ବାହି ନେବି ଭଙ୍ଗା ତରୀ ଭବ ପାରାବାରେ
କାଣ୍ଡାରୀ ହେ ! ତବ ଆଶ୍ରା ପାଇଁ,
ଭାସୁଥିବି ଭବାର୍ଣ୍ଣବେ ସଦା ପଥ ଚାହିଁ ॥ ୮ ॥

ଆନନ୍ଦରୁ ଆନନ୍ଦକୁ ନେଇ ଚାଲ ମୋତେ
କରୁଣାର ମନ୍ଦାକିନୀ ବହୁ ମୋର ପଥେ
ଦେବ ହେ ! ପଦରେଣୁ ପାଇଁ,
ଅନନ୍ତ ଏ ବର୍ତ୍ତମାନ ରହିଥିବି ଚାହିଁ ॥ ୯ ॥

ମୁହୂର୍ତ୍ତକ ପାଇଁ ଦିଅ ଅମୃତ ପରଶ
ଲିଭି ଯାଉ ପରାଣରୁ ସନ୍ତାପ-ପରାସ
ଦେବ ହେ ! ତବ ସେବା ପାଇଁ,
ଉତ୍ସର୍ଗିବି ପ୍ରାଣ ଅମୃତର ଜୟଗାଇ ॥ ୧୦ ॥

❀❀❀

# ଅଭିଳାଷ

ମନନ ଧିଆନ ଜ୍ଞାନ ତୁମେ ଏକା ରଙ୍କନିଧି !
ଦୁନିଆଁର ସୁଖ ଦୁଃଖ ସବୁତ ତୁମରି ବିଧି ॥ ୦ ॥

ତୁମ ପାଶ ଛାଡ଼ି କାହିଁ ଯିବା ପାଇଁ
କେବେ ହେଲେ ମୋର ପାଦ ନ ଚଳଇ
କର ଚାହେଁ ମୋର ଧରିବାକୁ ଲୋଡେ
ତୁମରି କମଳ ପଦ ନିରବଧି ॥ ୧ ॥

ତୁମ ନାମ ବିନେ କେବେ ଆଉ କିଛି
ଶୁଣିବାକୁ ମୋର କାନ ନ ଚାହୁଁଛି
କଣ୍ଠ ଚାହେଁ ଖାଲି ତୁମ ଗୀତ ବୋଲି
ପାଗଳ ହେବାକୁ ଗଲା ସାଧିସାଧି ॥ ୨ ॥

ହୃଦୟ ମୋ ଲୋଡ଼େ ତୁମ ଆଲିଙ୍ଗନ
ଶିର ମୋର ଚାହେଁ ତୁମରି ଚୁମ୍ବନ
ଆଖି ଚାହେଁ ନିତି ତୁମରି ମୂରତି
ହେରୁ ଥିବି ତୁମ ଶ୍ରୀଚରଣ ବନ୍ଦି ॥ ୩ ॥

ମାୟା ସୁଖ ଆଶା ଜଳିପୋଡ଼ି ଯାଉ
ତୁମରି ଧିଆନେ ମନ ମୋର ଥାଉ
କାହାର ହେବି ମୁଁ ତୁମେ ପର କଲେ
କିଏ ତାରିବ ଏ ସଂସାର ବାରିଧି ॥ ୪ ॥

# ଅଭିଳାଷ

ଯାହା ଦେବ ଗୁରୁଦେବ
ସେ ମୋ କୋଟି ବଇଭବ
ମଥା ପାତି ନେବି ହସି ବିଚାରି କରୁଣା ତବ ॥ ୦ ॥

ଜାଗରେ ଅବା ସପନେ
ରଖିଥିବି ସଦା ମନେ
ମଙ୍ଗଳମୟ ସ୍ମରଣେ ଅମଙ୍ଗଳ କାହୁଁ ହେବ ? ॥ ୧ ॥

ନୟନେ ନୟନେ ମୋର
ନାଚୁ ସେ ରୂପ ସୁନ୍ଦର
ଯେଣିକି ଚାହିଁଲେ ତେଣେ ହସ ମୁଖ ଦିଶୁଥିବ ॥ ୨ ॥

ତବ ପ୍ରେମ ଜଳେ ଭାସି
ସନ୍ତରିବି ଦିବା ନିଶି
ଗାଉ ଗାଉ ତବ ନାମ ଅଧମ ଜୀବନ ଯିବ ॥ ୩ ॥

# ଅଭିଳାଷ

ଯେବେ ଅଭୟ ଚରଣେ ଶରଣ ଦେଲ ଠାକୁର
ମାୟା ଜାଲ ମୋହ ଅନ୍ଧକାର କର ଦୂର ॥ ୦ ॥

ଶରଣ ତୁମର ମୋ ଜୀବନ ଧନ
ନ ହରାଏଁ ଘୁମେ ହୋଇ ଅଚେତନ
ଏତିକି କରୁଣା କର ଦୟାନିଧି
ମାଗୁଛି ମୁଁ ଯୋଡ଼ି କର ॥ ୧ ॥

ହୃଦୟ ରତନେ ହୃଦୟେ ରଖିବି
ଶୟନେ ସପନେ ନିତି ଦେଖୁ ଥିବି
କିଣା ଜନ ହୋଇ ସେବା କରୁଥିବି
ସାରାଟି ଜନମ ମୋର ॥ ୨ ॥

କଣ୍ଠ ଗାଉ ଥିବ ତୁମ ଗୁଣ ଗୀତି
ଭାଳି ହେବ ମନ ତୁମରି ପୀରତି
ସାରା ଦୁନିଆଁରେ ଆଉ ନାହିଁ କେହି
ତୁମେ ମୋର ମୁଁ ତୁମର ॥ ୩ ॥

ଆଉ କିଛି ନାହିଁ ମୋର ମାଗିବାର
ପିଉଥିବି ତବ କରୁଣାର ଝର
ଭୋକ, ଶୋଷ ଭୁଲିଯିବି ମୁଁ ନିକର
ଜୀବନର ଆଶା ସାର ॥ ୪ ॥

❀❀❀

# ଅଭିଳାଷ

ସେଦିନ ହୋଇବ କେବେ ଅଛି ଅନାଇ
ପାଗଳ ହୋଇବି ଗୁରୁ ନାମକୁ ଗାଇ ॥ ୦ ॥

ମନ ବାସନା ମୋହର ଢାଳି ଦେଇ ପଦେ ତା'ର
ବିତରିବି ସେ ନାମକୁ ଗାଇ ଗାଇ ॥ ୧ ॥

ଗୁରୁ ନାମକୁ ସୁମରି ଦିବସ ନିଶି ପାସୋରି
ଭାଳିବି ମୁଁ ସୁଖ ଦୁଃଖ କିଛି ନାହିଁ ॥ ୨ ॥

ବିହଙ୍ଗମ ଡାକ ଦେଲେ, ପଚାରିବି ତାକୁ ଭଲେ
କି ନାମ ତୁ ବୋଲୁ ଅଛୁ ଗାଇ ଗାଇ ? ॥ ୩ ॥

ତିନି ଭଙ୍ଗୀ ସେ କାଳିଆ ବନ କୁସୁମ ମାଳିଆ
କଦମ୍ବ ମୂଳରେ କା'ରେ ଥାଏ ଚାହିଁ ॥ ୪ ॥

କେବେ ଧୂଳି ଧରାପରେ ଦୀନ କାଙ୍ଗାଳ ବେଶରେ
ମାଗିବି ଭିଖ ଶ୍ରୀଗୁରୁ ନାମ ଗାଇ ॥ ୫ ॥

କେବେ ନୟନର ନୀରେ ତିନ୍ତାଇ ଏ ହୃଦୟରେ
ଗୁରୁନାମ ସୁଧା ଧାରା ପିଇ ପିଇ ॥ ୬ ॥

❀❀❀

# ମହିମାଗାନ

ଆସିଛେ ସରବେ ଏକଠାବୁଁ ଯିବା ଏକ ଠାବକୁ ତ ପୁଣି
ଏକ ପିତାର ସନ୍ତାନ ସଭିଏଁ ଏକଥାକୁ  ମନେ ଗୁଣି
ଆସ ମିଳି ସକଳେ
ଗାଅ ଜୟଗୁରୁ ସଦା କାଳେ ॥ ୧ ॥

ଏକ ମନ ଏକ ପ୍ରାଣ ହୋଇ ଗାଅ ଗାଅରେ କଣ୍ଠ ମିଳାଇ
ଜୀବନ ମରଣ ସାଥୀ ହେବାକୁ ତ ଆଉ ଜଣେ କେହି ନାହିଁ
ଗୁରୁ ବିହୁନେ କେହି
ଏ ଜଗତେ ତ୍ରାଣକାରୀ ନାହିଁ ॥ ୨ ॥

ଯା'ର ପ୍ରେମ ରସେ ନିମଗନ ହୋଇ ପ୍ରେମ ଧାମେ ଯିବା ଚଳି
ତାହାରି କରୁଣା ରସପାନେ ଚିତ୍ତ ସଦା ରହିଥାଉ ଭଳି
ଯହିଁ ଭକତ ଜନ
ନାମ ଗାଏ ତହିଁ ଭଗବାନ ॥ ୩ ॥

ପ୍ରେମମୟ ଗୁରୁ ବିଜ୍ଞାନ ବିଗ୍ରହ ଭବଭୟ ନିବାରକ
ଆଶିଷ ତାଙ୍କର ଇହ ଜଗତର ଚିର ସଙ୍କଟ ତାରକ
ଗୁରୁ ନାମଟି ଗାଇ
ଜୀବ ଯାଉ ଗୁରୁଦାସ ହୋଇ ॥ ୪ ॥

❀❀❀

## ମହିମାଗାନ

ଏ କି ଦେଖିଲା ଆଖି
ବିହି ଆଣିଲା ଧରା ତଳେ ଚାନ୍ଦ କି ! ॥ ୦ ॥

ଅତୁଳ ଶୋଭା ଦିଏ ଆନନ୍ଦ ଭରି
ଭାବିଲେ, ସୁଧା ଧାର ପଡ଼ଇ ଝରି
ମନ କହେ ନିରତ ହେରୁ ଥିବି କି ॥ ୧ ॥

ସଜାଇ ହୃଦୟର ଆସନ ମୋର
ବସାଇ ପାରିଲେ ମୁଁ ବନ୍ଦି ପୟର
ପାଆନ୍ତି ପରା ସତେ କୋଟିନିଧି କି ॥ ୨ ॥

ବଚନରେ ଅଛି ସେ କି ମଧୁରତା
ନୟନରେ ପୂରିତ ସ୍ନେହ-ମମତା
ଅଧର ହସ ଢାଳି ଦିଏ ସୁଧା କି ॥ ୩ ॥

ସେ ନାମଟି ଶୁଣିଲା ଦିନୁ ଏ କାନ
ହରାଇ ବସିଲାଣି ବିବେକ ଜ୍ଞାନ
ହେରି ନୟନ ମନ ଉଠେ ପୁଲକି ॥ ୪ ॥

ସେ କଣ୍ଠ ସ୍ୱର ସତେ କେଡ଼େ ମଧୁର
ଭବ ମାୟା, ଜଞ୍ଜାଳ ଯାଏ ପାସୋର
ସଙ୍ଗ ଲଭିବ ଏଡ଼େ ଭାଗ୍ୟ ହେବ କି ॥ ୫ ॥

## ମହିମାଗାନ

ଏ ନୟନ ! କର କର ଗୁରୁ ରୂପ ଦରଶନ
ଭୁବନ ନନ୍ଦନ ମନ ବିମୋହନ
ଭବ ସଙ୍କଟ ନାଶନ ॥ ୦ ॥

ଚରଣରୁ ଯା'ର ଅମୀୟ ନିର୍ଝର
ଲିଭାଇ ଦିଏ ଯା ଭବ ଦାବାନଳ
ତୃଷିତ ଚାତକ ସମାନ ଭକତ
ଲୋଡ଼େ ଯେଉଁ ସୁଧାପାନ ॥ ୧ ॥

ଅଧରେ ବିକଶେ ହାସ ମନୋହର
ଉଲ୍ଲସାଇ ଦିଏ ବିଶ୍ୱ ଚରାଚର
ଶିରେ ବିରାଜଇ କେଶ ସୁଶୋଭନ
ତିନି ଜଗତ ପାବନ ॥ ୨ ॥

ଅକଳଙ୍କ ଶଶୀ ପୁଣି ଝଲମଲ
ଜ୍ଞାନ ପ୍ରେମ ଭରା ନେତ୍ର ସୁମଞ୍ଜୁଳ
ଅମା ନାଶି ତେଜ ଫୁଟି ତହିଁ କରେ
ଜଗତ ଦୁଃଖ ନାଶନ ॥ ୩ ॥

❁❁❁

# ମହିମାଗାନ

କହ ବନ୍ଧୁ, ମୋତେ ସତେ କେତେ ସୁଖ ପାଅ
କି ବୋଲି ଡାକିବି କାନେ କାନେ ଥର କହ ॥ ୦ ॥

ଅଧମ ମଣ୍ଡଳେ ଛତି ମୁଁ ଟେକିଛି
ଜାଣି ଜାଣି ବଣା ବାଟେ ମୁଁ ଚାଲିଛି
ହାତ ଧରି ପଥ ମଣାଇ ନେଉଛ
କାହିଁକି ଏଡ଼ିକି ସ୍ନେହ
ମୋ ଲାଗି କାହିଁକି କରୁଣା ଦୁଆର
ସବୁବେଳେ ମେଲି ଦିଅ ॥ ୧ ॥

ନାରୀ ଅବା ନର ନ ପାରୁଛି ବାରି
ପିତା ପୁତ୍ର ଅବା କିଏ ସେ କାହାରି
କାହିଁକି ନିରତେ ଅନ୍ଧାରେ, ଆଲୋକେ
ମୋ ଆଡ଼କୁ ଚାହିଁ ଥାଅ ?
କାହିଁକି ଆଶିଷ ଧାରା ଏ ପାପୀର
ମଥା ପରେ ବରଷାଅ ? ॥ ୨ ॥

ପାଶେ ଡାକ ମୋତେ ଯେତେ
ଦୂରେ ଘୁଞ୍ଚି ଯାଏ ତେତେ
ତେବେ କେ ତୁମର ଦୟାର ଦୁଆର
ମୁକୁଳାଇ ଦେଇଥାଅ
କେତେ ଆପଣାର କର ତୁମେ ସତେ (ବନ୍ଧୁ)
କୋଳେ ମୋତେ ଟାଣି ନିଅ ॥ ୩ ॥

## ମହିମାଗାନ

କିଏ ଜାଣେ ସେ କିଭଳି ଜଣେ ?
କାହିଁ ଥାଏ ସେ କେଉଁ ଭୁବନେ ? ॥ ୦ ॥

କେତେ ଯୋଗୀ ଋଷି ଦିବା ନିଶି ଘୋଷି
ହାରିଗଲେ ଜଣେ ଜଣେ
ଜ୍ଞାନୀ-ବିଜ୍ଞାନୀଏ ଖୋଜି ନ ପାଇଲେ
ଦରଶନ ତା'ର ଦିନେ ॥ ୧ ॥

ଆଦି ନାହିଁ ତା'ର ଅନ୍ତ ନାହିଁ ତା'ର
ଘୂରି ବୁଲେ ଏଣେ ତେଣେ
ବେଦରେ ନଥାଏ, ପୁରାଣେ ନଥାଏ
ନ ଥାଏ ସେ ଦେବଗଣେ ॥ ୨ ॥

ଥାଏ ସବୁଠାରେ, ନାହିଁ କେଉଁଠାରେ
ଖୋଜିଲେ ନ ମିଳେ କେଣେ
ଘଟେ ଘଟେ ତା'ର ଅରୂପ ମନ୍ଦିର,
ଗଢ଼େ ଭାଙ୍ଗେ ନିଜ ମନେ ॥ ୩ ॥

ପ୍ରେମର ଠାକୁର, ପ୍ରେମ କାରବାର
ସାର ବୋଲି ଏକା ଜାଣେ
ତାହାରି ସେ ସଖା, ତାକୁ ଦିଏ ଦେଖା
ତା'କୁ ଯେ ଆପଣା ମଣେ ॥ ୪ ॥

## ମହିମାଗାନ

କିଏ ତୁମେ ସତେ ଅନ୍ତରେ ଅନ୍ତରେ ଥାଅ
ସୁଖରେ ଦୁଃଖରେ ଦରଶନ ଦେଇ
ଅଚେତରେ ଚେତି ଦିଅ ॥ ୦ ॥

ମୁଖେ ମୋର ତୁମେ ମନ୍ତ୍ର ରଚାଅ
ହୃଦୟ-ବୀଣାରେ ସୁରଟି ଫୁଟାଅ
ଲୁଚି ଲୁଚି ତୁମେ ଦୂରେ ଦୂରେ ଥାଇ
କରୁଣା- ନୟନେ ଚାହଁ ॥ ୧ ॥

ବହୁ ରୂପଧାରୀ ତୁମେ ତ ଜଗତେ
ମାୟାର ଅନ୍ତ କେ କରିବ ହେ ସତେ
କିବା ପରିଚୟ କେ ଜାଣେ ତୁମର
ଅଜେୟ ତୁମେ ଅକ୍ଷୟ ॥ ୨ ॥

❀❀❀

# ମହିମାଗାନ

କିଦେଇ ପୂଜିବି କହ ?
ମନଧନ ଯାହା ଅରପିବି ତାହା
ତୁମେ କି ହେ ଦେଇ ନାହଁ ? ॥ ୦ ॥

ତୁମେ ତ କହୁଛ ତୁମେ କୁହାଉଛ
ତୁମେ ତ କରୁଛ ତୁମେ କରାଉଛ
କି ବୋଲି କିପରି ଡାକିବି ତୁମକୁ
ତୁମେ ହେ ବତାଇ ଦିଅ ॥ ୧ ॥

ମନ ଭରି ଯେବେ ଡାକିବି ବିଚାରେ
କାହୁଁ କିଏ ଆସି ଚଉକତି ଘେରେ
ମାୟାର ମୋହିନୀ ମୋହ ଜାଲେ ଛନ୍ଦି
ବନ୍ଦୀ କରେ ମୋର ଦେହ ॥ ୨ ॥

ଦୟାମୟ ତୁମେ ବୋଲାଉଛ ପରା
ପ୍ରସାରିଛ କିମ୍ବା ମାୟାର ପସରା
ନିରିମମ ବୋଲି କହିଲେ ତୁମକୁ
ଦୋଷ ଲେଖିବକି ଦିଅଁ ॥ ୩ ॥

ଡରିଯାଅ ନାହିଁ ଜୀବନର ସାଇଁ
ବେଶି କିଛି ମୋର ମାଗିବାର ନାହିଁ
ପୂଜା ବଦଳରେ ଦିନ ଅନ୍ତେ ଥରେ
ମନର ପ୍ରଣତି ନିଅ ॥ ୪ ॥

## ମହିମାଗାନ

ଖୋଜି ଦେଖ ସାରା ସଂସାର
ମନୁଁ କାର ତୁମେ ଯିବ ପାସୋର ॥ ୦ ॥

ଏ ଭବର ତୁମେ ନାଉରୀ
ପାପ ତାପ ହରଣ କାରୀ
ପରାଣରୁ ବଳି ତୁମେ ଆପଣାର
ଏ ଜଗତେ ତୁମ କରୁଣା ସାର ॥ ୧ ॥

ଆଲୋକଇ ସାରା ସଂସାର
ତୁମ ରୂପ ବିମଳ କର
ଜୀବର ଜୀବନ ପରାଣର ଧନ
ଚରଣରୁ ଝରେ ଅମୃତ ଝର ॥ ୨ ॥

କି ମଧୁର ତୁମ ମୂରତି
ମୋହ କରେ ଏ ସାରା କ୍ଷିତି
ଜଗତର ପିତା ପରମ ଦେବତା
କରୁଣା କଣିକା ବାରେ ବିତର ॥ ୩ ॥

ପାପୀ ପାପ ହରଣ ପାଇଁ
ନାନା ରୂପେ ଆସ ଗୋସାଇଁ
ପ୍ରାଣୀର ବେଦନା ହରିବାକୁ ସିନା
ଡାକ ଦିଅ ତୁମେ ଥରକୁ ଥର ॥ ୪ ॥

❀❀❀

## ମହିମାଗାନ

ଗୁରୁ ପଦ ରାଜିବ ସେବରେ ମୁରୁଖ ଜୀବ
ଗୁରୁ ନାମ ସୁମର ସୁମର
ଜଞ୍ଜାଳ ଜାଲ ତୋର ପଲକେ ହୋଇବ ଦୂର
ନ ରହିବ ଶମନର ଡ଼ର ॥ ୦ ॥

ମିଶାଇ ସୁରରେ ସୁର
ଗୁରୁନାମ ରଟରେ
ଶୟନେ ସପନେ ହେଜ
ଗୁରୁ ମହା ମନ୍ତ୍ରରେ
ଅନ୍ଧାର ଭବ ରାହା ଗୁରୁ ହେବେ ଚିର ସାହା
ଗୁରୁ ବ୍ରହ୍ମା, ଗୁରୁ ହରି, ହର
ଗୁରୁ ବିନେ ଆନ କେହି ସ୍ୱଜନେ ଜଗତେ ନାହିଁ
ସୁଖେ ଦୁଃଖେ ଗୁରୁ ସାଥୀ କର ॥ ୧ ॥

ମଜ୍ଜି ଗୁରୁ ନାମ ରସେ
ମଜ୍ଜାଅ ଜଗତରେ
ମାନସ ମନ୍ଦିରେ ତୁହି
ନିରେଖ ସେ ତେଜରେ
ଅମା ଘେରା ନୟନର ଗୁରୁ ଏକା ରବିକର
ପାପ ତାପ-ହାରୀ ନାମ ସାର
ଅନିତ୍ୟ ସଂସାରେ ଏକା ଗୁରୁ ପରାଣର ସଖା
ଗୁରୁ ଦାସ ପଣେ ଭବ ତର ॥ ୨ ॥

❀❀❀

# ମହିମାଗାନ

ଜୀବନର କଳପନାର ତ ତୁମେ ବାହାର
କାହୁଁ ଚିହ୍ନିବି, ମୁଁ ଛାର ମାତର ॥ ୦ ॥

ନରଦେହ ରୂପରେ ସତେ ଦେଖା ଦେଲ ସିନା ମରତେ
ଏ ତୁମର ଲୀଳା କିଏ ସେ କଳିବ
ଭାଳିଲେ ତ ଘୂରି ଯାଉଛି ଶିର ॥ ୧ ॥

ଯୋଗୀ ମନ ଧିଆନେ ଯୋଗୀ ତ୍ୟାଗୀ ଜନ ଗହଳେ ତ୍ୟାଗୀ
ବିବେକର ତୁମେ ବିବେକ ଗୋସାଇଁ
ଜଗତ ଜନର ଜାଣ ଅନ୍ତର ॥ ୨ ॥

ଆପଣାରେ ଆପେ ପ୍ରକାଶ ଜ୍ଞାନାଲୋକେ ଜ୍ୟୋତି ବିକାଶ
କୋଟି ଶଶିଜିତ ବଦନ ସୁନ୍ଦର
ପ୍ରେମ ପାରାବାର ରତନ ସାର ॥ ୩ ॥

ଚେତନର ତୁମେ ଚୈତନ୍ୟ ତତ୍ତ୍ୱମୟ ବିଶ୍ୱବରେଣ୍ୟ
ରସରାଜ ତୁମେ ସରାଗ ସୋହାଗ
ତୁମରି ରୂପରେ ଠୁଳ ସକଳ ॥ ୪ ॥

ପାଗଳ ମୁଁ ତୁମ ନାମରେ ଆନବାଞ୍ଛା ନାହିଁ ମନରେ
ଯାହା ଇଚ୍ଛା କର ତିଳେକ ମାତର
ଶୋଚନା ତହିଁକି ନାହିଁ ଠାକୁର ॥ ୫ ॥

# ମହିମାଗାନ

ଜୀବନ ଜନମ ତୁମେ ସବୁତ ଦେଇଛ
ପ୍ରତିଦାନେ କେବେ ହେଲେ କିଛି ନ ଚାହିଁଛ
ତୁମ ଅଯାଚିତ ଦାନ
କିପରି ଶୁଝିବି ଭାଳି, ହଜିଯାଏ ଜ୍ଞାନ ॥ ୦ ॥

ଦାତା ପଣେ ଜଗତରେ ପତାକା ଉଡ଼ାଇ
ଦୟାର ସାଗର କରୁଣାର ଅନ୍ତ ନାହିଁ
ଲୁଚି ରହିଥାଅ କାହିଁ
କାହିଁକି କୁଣ୍ଠିତ ଦରଶନ ଦେବାପାଇଁ ॥ ୨ ॥

କେତେ ମୁଁ ବିଚାରେ ମନେ ଦିଅନ୍ତି କି ଧନ
ହେଜି ଦେଖେଁ ଯେତେ ସବୁ ତୁମରି ତ ଦାନ
କେଉଁ ଉପଚାରେ ଆଉ
ତୋଷିବି ତୁମକୁ, କହ ପାଇବି ମୁଁ କାହୁଁ ? ॥ ୩ ॥

ଯେତେ ଦେଉଥିଲେ ତୋଷ ନୁହିଁଇ ମୋ ମନ
ପଦ ତଳେ କର ପାତି ମାଗେ ଅଭାଜନ
ଦିଅ ଦିଅ ହେ ଶକତି
ମନ ଭରି ଢାଳୁଥିବି ଚରଣେ ପ୍ରଣତି ॥ ୪ ॥

❁❁❁

## ମହିମାଗାନ

ତୁମ ସମାନ କେହି ନାହିଁ ନାହିଁ ତ
ସାରା ଜଗତେ ଖେଳେ ତୁମ ଛାଇ ତ ॥ ୦ ॥

ପାଶେ ପାଶେ ନିଶି ଦିନ ସାଥୀରେ ଥାଅ
ଅବାଟରେ ଗଲେ ତୁମେ ପଥ ମଣାଅ
ରଜନୀ ଦିନ ସାହା ହୋଇ ତ ॥ ୧ ॥

ଏକା ହୋଇ ଯେବେ କେବେ ବସି ମୁଁ ଥାଏ
ଉଦାସ ମନରେ ଚଉକତି ଅନାଏଁ
ବିଜୟ କର ବୋଧ ଦେଇ ତ ॥ ୨ ॥

ଗଢ଼ିଛ ଏ ତନୁ ତୁମେ ଆଶିଷ ଦେଇ
ଦୁନିଆଁ ଚଳଇ ତୁମ କରୁଣା ପାଇ
ମୋ ଜନମ ତୁମ ସେବା ପାଇଁ ତ ॥ ୩ ॥

❀❀❀

## ମହିମାଗାନ

ଦରଶେ ତବ କୋଟି ରବି ବିଜିତ କମ କାନ୍ତି
ତୁଟିଲା ମନ ପରାଣୁଁ ମମ ସକଳ ଭ୍ରମ ଭ୍ରାନ୍ତି ॥ ୦ ॥

ତବ ନୟନ ଜ୍ୟୋତି ଲଭି ନବ ଅରୁଣ ଜାଗେ
ବିଶ୍ୱଜନ କର ପ୍ରସାରି ପରଶ ତବ ମାଗେ
କାନନ ଭରି କୁସୁମ ଦଳ ପ୍ରଣମେ କରପାତି ॥ ୧ ॥

ବନ ଗହନ ଲତା ପତର ଚାମର ଢଳାଏ
ମଧୁ ମଳୟ ସମୀର ଚାଲି ଆଲଟ ଚଳାଏ
ବିହଗ ଦଳ କାକଳିରେ ଗାଏ ଜୟଗୀତି ॥ ୨ ॥

ସାଗରର ଉର୍ମି ତବ ଚରଣ ପଖାଳେ
ବରଣ କରେ ଗଗନ ରବି ଶଶୀ ତାରକା ମାଳେ
ନିଖିଳ ଭବ ଶରଣ ତବ ମାଗେ ଶିରପାତି ॥ ୩ ॥

❀❀❀

# ମହିମାଗାନ

ଦେଇକି ଧନ, ତୋଷିବି ମନ ? ॥ ୦ ॥

କୁସୁମ କାନନେ ବୁଲି
　　　　ବାସଫୁଲ ମୁଁ ବାଛିଲି
ସରାଗେ ପରାଗ ବୋଳି
　　　　ଅଛି ସେ ପାଖୁଡ଼ା ମେଲି
ଭ୍ରମର କହିଲା କାନେ ଏ ପରା ତୁମରି ଦାନ ॥ ୧ ॥

ପଖାଳିବି ପାଦ ବେନି,
　　　　ଭାଳି ଗଲି ଜଳ ଆଣି
ଶୁଣିଲି ସେ କୁଳୁ ଭଣି
　　　　ଗୀତ ଗାଇ ନାଚେ ପୁଣି
ଲହରୀ ତାଳେ ଜଣାଏ ତୁମେ ତା’ର ଜୀବଧନ ॥ ୨ ॥

ସୁବାସ ଚୁଆ ଚନ୍ଦନ,
　　　　କରିବାକୁ ଅରପଣ
ଭାଳିଲା ମୋର ଏ ମନ
　　　　କରିଗଲି ଆହରଣ
ସବୁଥିରେ ବାରିଲି ମୁଁ ତୁମ କାରିଗରି ପଣ ॥ ୩ ॥

ଯାହା ଦେଖୁଛି ନୟନ
　　　　ସବୁ ତ ତୁମରି ଦାନ
କି ଘେନି ମୁଁ ଅରଚନ କରିବି ଭଲା ଚରଣ ?
ନାହିଁ ନାହିଁ କିଛି ଆନ ଜୁହାରୁଛି ନିଃସରଣ ॥ ୪ ॥

❀❀❀

# ମହିମାଗାନ

ନ ମିଶିଲେ ବାରି ବିନ୍ଦୁ କାହୁଁ ହେବ ସାଗର
ସୁରେ ସୁର ନ ମିଶିଲେ ବେସୁରା ବୀଣା ତା'ର ॥ ୦ ॥

ମନର ମିଳନ ଯେବେ ମନ ତୁଲେ ନ ହେଲା
ଏକ ସୁରେ କଣ୍ଠ ଯେବେ ମିଳନ ପାସୋରିଲା
ପରାଣର ମେଳ କାହୁଁ ହେବ ଥରେ ବିଚାର ॥ ୧ ॥

ଘୁମାଇଁ ନ ରହ ଆଉ ଯାଏ ଗଡ଼ି ବେଳ ତ
ଏକ ତାନେ ଏକ ସୁରେ ଗାଅ ଗାଅ ସେ ଗୀତ
ଯେ ଗୀତର ଛନ୍ଦେ ଭରା, ଗୁରୁ ନାମ ଅନ୍ତର ॥ ୨ ॥

କେହି ନୁହେଁ ପର କା'ର ଏଇ ଧୂଳି ଧରାରେ
କହ କା ଜନମ ନୁହେଁ ମାଟି ମାଆ କୋଳରେ
ବାଉଳା ସେ, ଏ ମନ୍ତର ହୁଏ ଯା'ର ପାସୋର ॥ ୩ ॥

ଆସ ଜାଗ, ନାମ ତା'ର ଗାଅ କଣ୍ଠ ମିଳାଇ
ଜାଣନା କି ଜୀବନର ନାଉରୀ ଏକା ସେହି
ସେଇ ଗୁରୁ ସେଇ ବ୍ରହ୍ମା ସେଇ ବିଷ୍ଣୁ ଶଙ୍କର ॥ ୪ ॥

❀❀❀

## ମହିମାଗାନ

ନିଶିଦିନ ଭୁଲା ମନ ଭୁଲେ ସେ ଚରଣ
ଦି ଦିନିଆଁ ଧୂଳି ଧରା ମାୟାରେ ମଗନ ॥ ୦ ॥

ଚଞ୍ଚଳ ଚିତ୍ତ ମୋର ପଲକେ ଯାଏ ପାସୋର
ତୁମେ ଏକା ଭବ ନାଉରିଆ
ଅକୂଳ ଅଥଳ ନୀରେ ପ୍ରବଳ ଝଞ୍ଜା ସମୀରେ
ପଝାରୀର ତୁମେ ପରା ସାହା
ଜୀବନ ନାଆ ବାହିବ ନାହିଁ କେହି ଆନ ॥ ୧ ॥

ଜାଣୁ ଜାଣୁ ଅଜାଣ ମୁଁ ବୁଝୁ ବୁଝୁ ଅବୁଝା ମୁଁ
ଶୁଣୁଶୁଣୁ ଅଶୁଣା ସେ ଡାକ
ତୁମ ପ୍ରେମ ଆଲିଙ୍ଗନ କରି ନିତି ତୁଚ୍ଛ ଜ୍ଞାନ
ଦୂରେ ରହେଁ ନ ମାଡ଼େ ମୁଁ ପାଖ
ତେବେ ହେଲେ କ୍ଷମା କରି ପାଶେ ତୁମେ ଟାଣ ॥ ୨ ॥

ପାସୋରା ମନକୁ ମୋର ଚିର ଅପାସୋରା କର
ଜାଣିଛ ତ ମୁଁ ଅତି ଅଜ୍ଞାନ
ଲୋକ କହେ କୃପାନିଧି ବିଧି କି ହେଲା ଅବିଧି
ମୋହ ଲାଗି ଏ କିସ ଭିଆଣ ?
ଛାଇ ପଛେ ବାଇ ହୋଇ ଧାଏଁ ଅକାରଣ
ମନ, ଭୁଲେ ସେ ଚରଣ ॥ ୩ ॥

❀❀❀

## ମହିମାଗାନ

ପଞ୍ଚାରୀରେ,

ଡର ନାହିଁ ଆଖି ଆଗେ ହେରି ଭବ ନଦୀ ଧାର
ଅଛି ଜଣେ ନାଉରିଆ କରିବ ପାର ଉଦ୍ଧାର ॥ ୦ ॥

ବଢ଼ି ନଈ ଗରଜନ ଶୁଣି ହେଉ ଛନଛନ
କୂଳ ଲଙ୍ଘି ଢେଉ ଦେଖି ଛାତି ତୋର ଥରଥର ॥ ୧ ॥

ଚଢ଼ରେ ସତ୍ୟର ନାଆ କହରେ ଗୁରୁର ନାଆଁ
ଟିକି ନାଆ ହେଲେ ହେଉ ତିଳେ ଖାତର ନକର ॥ ୨ ॥

କାଳ ମେଘ ଘୋଟେ ଯେବେ ଆକାଶ କୋଣରେ ତେବେ
ଗୁରୁ ନାମ କୁନ୍ତ ଧରି ପେଟ ଫୁଟାଅ ତାହାର ॥ ୩ ॥

ନାଉରୀ ଜଣକ ଟାଣ ଡାକ ଦେଇ ମନ ପ୍ରାଣ
କାତ ମାରି ସହଜରେ ତୋତେରେ କରିବେ ପାର ॥ ୪ ॥

ମନ ଖାଲି କରି ଟାଣ ତା' ପଦେ କରି ଧିଆନ
ଅଦେଖାରେ ଅଜଣାରେ ଆସି ହେବ ଆପଣାର ॥ ୫ ॥

ବଳେ ଦିଶିବରେ ରାହା ହୋଇବରେ ତୋର ସାହା
ଝଡ଼ ଝଞ୍ଜାକୁ ନ ଡ଼ରି ଗୁରୁ ନାମ ତୁ ସୁମର ॥ ୬ ॥

❀❀❀

# ମହିମାଗାନ

ପ୍ରଭୁ ହେ, ତୁମରି ମହିମାମାନ
କୋଟି ଯୁଗେ କୋଟି ମୁଖ ତ ହାରିଛି
କେ ପାରିବ କରି ଗାନ ? ॥ ୦ ॥

ଅନନ୍ତକାଳ ଯା' ଅନନ୍ତ ଗରିମା
ଅନ୍ତ ପାଇନାହିଁ କେହି
କଣାଟିଏ ତହୁଁ ଲେପିବି ମରମେ
ଏତିକି କରୁଣାସାଇଁ !
ମାଗୁଅଛି ଅକିଞ୍ଚନ ॥ ୧ ॥

ଶମନ-ବିଜୟୀ ଯେଉଁ ଶୁଭ ନାମ
ତୁଣ୍ଡରେ ସେ ନାମ ଧରି
ଅନ୍ତିମେ ଏ ଭବ ଦୁସ୍ତର-ସାଗର
ଅବହେଳେ ଯିବି ତରି
ସତତ କରେ ଚିନ୍ତନ ॥ ୨ ॥

ଘେନ ଦୟାମୟ ! ଯତନେ ସାଇତା
ଫୁଲ-ଚନ୍ଦନ ମୋର
ପାପ-ତାପ ହାରୀ ଚରଣ ତଳରେ
ମାଗୁଛି ଲୋଟାଇ ଶିର
ଆଶା ମୋ କର ପୂରଣ ॥ ୩ ॥

❀❀❀

## ମହିମାଗାନ

ପ୍ରଭୁ ! କେତେ ସୁଖପାଅ ସତେ
ଥଳ-କୂଳ କିଛି ପାଉ ତ ନାହିଁ ମୁଁ,
ସେକଥା ବିଚାରେଁ ଯେତେ ॥ ୦ ॥

ବାରି ନ ପାରୁଛି ଆସିଲ ତୁମେ ହେ ! କେଉଁ ଶୁଭ ପରଭାତେ
ଖୋଜି ନାହିଁ, ମନେ ବସିଲ ଆସନେ ଲୁଚି ଆସି କେଉଁ ପଥେ ?॥ ୧ ॥

ଦୁନିଆଁ ସାରା ତ ମୁହଁ ଫେରାଇଛି ନ ଚାହିଁଛି ଦିନେ ମୋତେ
ପତିତ-ହୃଦୟ ଘରେ କିସ ଭାଳି ବିଜେ କଲ କେଉଁ ମତେ ? ॥ ୨ ॥

ରିପୁକୁଳ ମୋର ଅତି ପରବଳ ମଇତ୍ର ମୁଖାରେ ଯେତେ
ସବୁ କଉଶଳ ଭାଙ୍ଗିଛ ତାଙ୍କର ତୁମେ କରୁଣାର ହାତେ ॥ ୩ ॥

ଶାନ୍ତ ହୋଇ ମୁଁ, ଶାନ୍ତି ମନାସି ଚଉଦିଗେ ହାତ ପାତେଁ
କରୁଣା ସଲିଳ ଢାଳିଦିଅ ତୁମେ କର ବୁଲାଇ ମୋ ମାଥେ ॥ ୪ ॥

କେବେ ସୁତ, ସୁତା, ଗୃହିଣୀ ବନିତା, ନାନାରୂପେ ନାନାମତେ
ଅଭାବ ମଝିରେ ପରାଣମଣି ହେ ! ଆଶିଷ ଢାଳୁଛ କେତେ ॥ ୫ ॥

ଆତ୍ମାର ତୁମେ ଆତ୍ମୀୟ ମୋର, ସତ୍ୟ ଜୀବନ-ପଥେ
ଶତ ଜନମର ପରାଣ ଠାକୁର ! ଅଛ ଅନ୍ତରଗତେ ॥ ୬ ॥

❋❋❋

# ମହିମାଗାନ

ପ୍ରେମ ବିନେ ସେ ଧନ ମିଳେ କାହିଁରେ ମନ
ତଇଳ ବିନେ ଦୀପ ଜଳେ ନାହିଁରେ ମନ ॥ ୦ ॥

ଜ୍ଞାନ ଆଲୋକ ଯେବେ ଲୋଡୁ ବାଉଳା ତେବେ
ଅନ୍ଧାରେ ବୁଲୁ କିମ୍ବା ବାଇ ହୋଇ
ପରମନିଧି ସେ ତ ରହିଅଛି ସୁପତ
ପ୍ରେମ ବନ୍ଧନେ ତାକୁ ବାନ୍ଧ ଯାଇରେ ॥ ୧ ॥

ଶିଳା ଖଣ୍ଡ ତରଳେ ତାହାରି ପ୍ରେମ ବଳେ
ଜୀବନ ମରଣର ସାଥୀ ସେହି
ପ୍ରେମ ଚଳେ ଜଗତ ସକଳେ ଆତଯାତ
ଭେଟ ତା ପଦେ ପୂତ ପ୍ରେମ ନେଇରେ ମନ ॥ ୨ ॥

ପ୍ରାଣ ପଛେ ଛାଡ଼ ତୁହି ପ୍ରେମକୁ ତେଜିବୁ ନାହିଁ
ପାଗଳ ହୁଅ ତା'ର ନାମ ଗାଇ
ପ୍ରେମର ବଶ ହରି ନ ଦିଅ ତୁ ପାସୋରି
ବାନ୍ଧିରଖ ତୁ ପ୍ରେମ-ଡୋରି ଦେଇରେ ॥ ୩ ॥

❀❀❀

## ମହିମାଗାନ

ବତାଇ ଦିଅ କାହାରେ ମୁଁ ଡାକିବି ଆଉ
ତୁମ ବିନେ ତ୍ରିଭୁବନେ କରତା କେ ମହାବାହୁ ॥ ୦ ॥

ତୁମେ ତ ଜଗତ ପତି ତୁମେ ଅଗତିର ଗତି
ଶମନ ଗରଗଞ୍ଜନେ ତୁମେ ପ୍ରଭୁ ଏକା ରାହୁ ॥ ୧ ॥

ତୁମକୁ ଦେଇ ପାସୋରି ରହିବି କହ କିପରି ?
ତୁମରି ଛବି ତ ଫୁଟେ ଚଉଦିଗେ ଯହିଁ ଚାହୁଁ ॥ ୨ ॥

ସରବେ ତୁମ ସନ୍ତାନ ନାହିଁ ଭେଦାଭେଦ ଜ୍ଞାନ
ଶରଣ ଦେବ କେ ଆନ ତୁମ ପରା ପିତା ଥାଉଁ ॥ ୩ ॥

ଦିଅ ହେ ଚରଣ ତରୀ ଭବ ଜଳୁ କର ପାରି
ସହି ତ ନୁହଁଇ ଘୋର ସଂସାର ବିଷମ ଦାଉ ॥ ୪ ॥

ତୁମେ କରୁଣା ନିଧାନ ଦୟାମୟ ଭଗବାନ
ଅସାର ଜୀବନ ଯାଉ ତୁମ ନାମ ଗାଉ ଗାଉ ॥ ୫ ॥

❀❀❀

# ମହିମାଗାନ

ଭକତି ଭିଖାରି ଯେହୁ ନାଥ ତବ ଚରଣେ
ଧନ୍ୟ ଧନ୍ୟ ଧନ୍ୟ ଏକା ସେହୁ ଏହି ଭୁବନେ ॥ ୦ ॥

ବରଜି ସଂସାର ଆଶା
ମୋହ ମାୟାର ପିପାସା
ଶାନ୍ତି ସତ୍ୟେ ମଜ୍ଜି ରହେ ତେଜି ଭବ ଭରମେ ॥ ୧ ॥

ମହିମା ତୁମର ଗାଇ
କାଳ ଯାହାର ବିତଇ
ଚରଣ ତୁମର ରାଜେ ସଦା ଯା'ର ମରମେ ॥ ୨ ॥

ତବ ନାମ ସୁଧା ପାନ
କରେ ଯେହୁ ଭୃଙ୍ଗ ସମ
ପୂରିଥାଏ ଯା'ର ଚିତ୍ତ ଗୁରୁ ନାମ ସ୍ମରଣେ ॥ ୩ ॥

ବିବେକ ବୈରାଗ୍ୟ ଧ୍ୟାୟୀ
ତବ ଚରଣ ଆଶାୟୀ
ସାହା ହୁଅ ତୁମେ ପ୍ରଭୁ ତା'ର ବାଞ୍ଛା ପୂରଣେ ॥ ୪ ॥

ଶିରେ ତବ ପଦ ଧୂଳି
ଭକତିରେ ହୁଏ ବୋଳି
ଶରଣ ମାଗଇ ରଟି ଜୟଗୁରୁ ବଦନେ ॥ ୫ ॥

# ମହିମାଗାନ

ଭକତିରେ ଗୁରୁ ପଦେ କରେ ଯେ ଜୁହାର
ଏ ମର ଜଗତେ ତା'ର ଜୀବନଟି ସାର ॥ ୦ ॥

ଦୁନିଆଁର ମୋହ ମାୟା ଛୁଇଁ ନ ପାରେ ଯା କାୟା
ଗୁରୁ ନାମ ଗାଇ ବାୟା ଯେହୁ ନିରନ୍ତର
ତା'ର ଜୀବନଟି ସାର ॥ ୧ ॥

ହୃଦ ଆସନେ ବସାଇ ଗୁରୁପଦ ପୂଜୁ ଥାଇ
ଗଳେ ଯେ ଦିଏ ଲମ୍ବାଇ ମନ ଫୁଲ ହାର
ତା'ର ଜୀବନଟି ସାର ॥ ୨ ॥

ପିପାସାଟି ମାନସର ନିରତ ତୃପତ ଯା'ର
ଗୁରୁପଦ ପଙ୍କଜର ହୋଇ ମଧୁକର
ତା'ର ଜୀବନଟି ସାର ॥ ୩ ॥

❁❁❁

## ମହିମାଗାନ

ମଣି ଆପଣା ଜନ
ସମରପଣ କର ପରାଣ ମନ ॥ ୦ ॥

ଅଟନ୍ତି ସେ ଜଗତ ଜୀବ ଜୀବନ
ସାରା ସଂସାର କରୁଛନ୍ତି ପାଳନ ॥ ୧ ॥

ସହସ୍ର ଧାରେ କୃପା କରି ବର୍ଷଣ
କରୁଛନ୍ତି ସୁଦୟା ସେ ବିତରଣ ॥ ୨ ॥

ମୋହ ମାୟାରେ ଭୁଲି ତାଙ୍କରି ନାମ
ବିଷୟା ବିଷ ପାନେ ନୁହଁ ମଗନ ॥ ୩ ॥

ନିରେଖ ସେ ମାଧୁରୀ ମନ ମୋହନ
ହୃଦ ଆଲୋକ କରି କି ଶୋଭାବନ ॥ ୪ ॥

ଭବ ସାଗର ପାରି ପାଇଁ କାରଣ
ତାଙ୍କ ବିନାରେ କେହି ନାହିଁ ତ ଆନ ॥ ୫ ॥

ଦେବେ ଚରଣ-ତରୀ ସେ ଭଗବାନ
ଦିବସ ନିଶି ଗୁଣି ହୁଅ ସେ ନାମ ॥ ୬ ॥

ମୋହରେ ମତ୍ତ ହୋଇ ତୁ ନିଶିଦିନ
ପାସୋରି ଦିଅ ନାହିଁ ମନ ସେ ଧନ ॥ ୭ ॥

ମୁକତି ପାଇଁ ଯେବେ କରୁ ଭାବନ
ସେହି ନାମକୁ ଏକା କର ଚିନ୍ତନ ॥ ୮ ॥

# ମହିମାଗାନ

ମନ ମୋହନ, ତୁମେ ଏକା ଜୀବନ ସାର
ତୁମେ ମୋର ଥାଉଁ ଥାଉଁ, କାହାରେ ଡର ? ॥ ୦ ॥

ହୁଡ଼ି ଗଲେ ପଥ ମୁହିଁ
ନିଅ ତ ତୁମେ ମଣାଇ
ଲୁହଭରା ଆଖି ମୋର, ପୋଛି ଦିଅ ବାରବାର ॥ ୧ ॥

ଶୟନେ କି ଜାଗରଣେ
ମନେ ମୋର ଅନୁକ୍ଷଣେ
ରସି ଆସେ ଭାସି ଭାସି ଶ୍ରୀମୁଖ ଚନ୍ଦ୍ର ଚକୋର ॥ ୨ ॥

ପଲକ ବିଚ୍ଛେଦ ହେଲେ
ସହି ନ ପାରଇ ତିଳେ
ବାତୁଳ ସମାନ ମୁଁ ଯେ ଖୋଜି ବୁଲେ ଏ ସଂସାର ॥ ୩ ॥

ଅସତ ଚିନ୍ତିଲେ ମନେ
ତୁମ ମୁଖ ଦିଶେ କ୍ଷଣେ
ଛି ଛି ! କି କରୁଛି ବୋଲି ଲାଜେ ହୁଏ ଜର ଜର ॥ ୪ ॥

❋❋❋

## ମହିମାଗାନ

ଯହିଁକି ଯା’ ସାଜେ ସବୁ ଭଲ ତୁମେ ସଜାଡ଼ିଛ
ଦୁନିଆଁରେ ସବୁଥିରେ ତୁମ ନାମଟି ଛାପିଛ ॥ ୦ ॥

ମେଘର ଚାନ୍ଦୁଆ ଟଣା ଏହି ପୃଥିବୀ ଉପରେ
ତୁମର ସଜଡ଼ା କୋଟି ତାରା ଝିଲିମିଲି କରେ
ମଝିରେ ବସାଇ ଚାନ୍ଦ ହସ ତା’ ମୁଖେ ଭରିଛ ॥ ୧ ॥

ସଜାଡ଼ି ଖଞ୍ଜିଛ ଲତା ତରୁରେ ଫୁଲ ଫୁଟାଇ
ପାଖୁଡ଼ାରେ ପାଖୁଡ଼ାରେ ତୁମରି ଲେଖା ଫୁଟଇ
ସୁବାସେ ଆନନ୍ଦମୟ ନାମ, ତୁମେ ବୋଲାଉଛ ॥ ୨ ॥

ଜଗତ ଜୀବନ ତୁମେ ଜଳେ ତୁମ ନାମ ଲେଖା
କମଳ ଆନନେ ସାଜେ ତୁମରି ଚରଣ ରେଖା
ଲେଖା ରେଖା ଭଳି ଦେଖା କାହିଁ ପାଇଁ ନ ଦେଉଛ ? ॥ ୩ ॥

ସବୁରି ଭିତରେ ତୁମେ ରହିଛ ଅଦେଖା ହୋଇ,
ଯେତେ ମୁଁ ଡାକିଲେ ଦୂରେ ଦୂରେ ଯାଉଛ ପଳାଇ
ଜୀବନ ମଝିରେ ଛପି ପ୍ରାଣବନ୍ଧୁ ବୋଲାଉଛ ॥ ୪ ॥

❀❀❀

# ମହିମାଗାନ

ସୁଆଦ ତା'ର କେ ବାରି ପାରେ
ନ ବୁଡ଼ିଲେ ଶ୍ୟାମ ପ୍ରେମ ସାଗରେ ॥ ୦ ॥

ଅତି ବିଚିତ୍ର ସେ କାହ୍ନୁ ପୀରତି
ରତି ବଢାଇ କରତଇ ଛାତି
ଆଖି ଆଢୁଆଳେ ହେଲେ ସେ ଥରେ ॥ ୧ ॥

ପଲକ ମାତ୍ରକେ ବିରହ ତା'ର
ଦହି ଦିଏ ତନୁ ମନ ମୁକର
(ତେବେ) କାହିଁକି କେଜାଣି ତା' ସଙ୍ଗ ଝୁରେ ॥ ୨ ॥

ପାସୋରି ନିଜରେ ଏକାନ୍ତେ ବସି
ବିରହୀ ତା' ନାମ ହୁଅଇ ଘୋଷି
(ପୁଣି) ଶୁଣିଲେ ତା' ନାମ ହୃଦୟ ଥରେ ॥ ୩ ॥

ସମରପି ମନ, ମାନ, ମହତ
ହୁଅଇ ଯେ ତା'ର ଶରଣାଗତ
ଠାବ ଲଭେ ରଙ୍ଗ-ଚରଣ ତଳେ ॥ ୪ ॥

❀❀❀

## ମହିମାଗାନ

ସୁନ୍ଦର ଜଗତେ ଯାହା ତୁମେ ତ ଦେଇଛ ସାଜି
ସବୁରି ଶିରରେ ତୁମ ତିଳକ ଫୁଟେ ବିରାଜି ॥ ୦ ॥

ଏଇ ଯେ କୁସୁମ ମୁଖେ ମଧୁ ଦରହାସ ଖେଳା
ଏଇ ଯେ ନବ ପଲ୍ଲବ ରଚେ ନିତି ଦୋଳ ଲୀଳା
ତୁମରି କରୁଣା ତାହା ଦେଇ ନାହଁ କି ସରଜି ? ॥ ୧ ॥

ଏଇ ଯେ କୋଇଲି କଣ୍ଠେ ତୁମରି ନାମ କୀର୍ତ୍ତନ
ଏଇ ଯେ ସାଗର ଊର୍ମି ସେ ତ ତୁମରି ନର୍ତ୍ତନ
ବିହଗ ଉଡ଼ଇ ପକ୍ଷେ ତୁମ ଜୟ ଧ୍ୱଜା ଖଞ୍ଜି ॥ ୨ ॥

ଏଇ ଯେ ପ୍ରଖର ରବି ଜଗତେ ଜ୍ୟୋତି ବିକାଶେ
ଏଇ ଯେ ଶୀତଳ ଚନ୍ଦ୍ର ବିମଳ କର ବରଷେ
ନଭେ ତାରା ଚନ୍ଦ୍ରା ତପ ଦୋଳେ ତବ ରୂପ ରଞ୍ଜି ॥ ୩ ॥

ସବୁଠାରେ ସବୁଥିରେ ନାମ ତ ଲେଖା ତୁମରି
ସବୁ କରି କରାଉଛ, ମନ ତ ପାରୁଛି ବାରି
ଦାସର କରମ ଫଟା ଦେଖା ତ ନ ପାଏ ହେଜି ॥ ୪ ॥

❀❀❀

## ମହିମାଗାନ

ସେ ହାତର କାରିଗରୀ
ରାଗ, ରୋଷ, ଦ୍ୱେଷ ଲେଶ ନାହିଁ ତହିଁ
ନାହିଁ ତ ଛଳ ଚାତୁରୀ ॥ ୦॥

ଆମେ ତ ବୁଝୁନା, କାହିଁକି, କି କରେ
ଦୁଃଖହାରୀ ସେ ଯେ ନ ଭାବୁଁ ମନରେ
ରଙ୍ଗ ଆଖି ତା'ର ଛଳନା ମାତର
ନ ପାରୁଁ ମନେ ବିଚାରି ॥ ୧ ॥

ହସ ମୁଖେ ସୁଖ, ଦୁଃଖ ସହିଯାଅ
କି ହୋଇବ ତା'ର ଇଚ୍ଛାକୁ ତକାଅ
ବଥ ପୀଡ଼ା ଭଳି ସବୁ ଯିବ ଚାଲି
ଭେଷଜ ଚାଖି ତାହାରି ॥ ୨ ॥

ହେତୁ ରଖ ସେ ଯେ ଚିର ଶୁଭମୟ
ଆମଲାଗି ସଞ୍ଚି ରଖିଛି ଅଭୟ
ବିପଦ-ବାରଣ, କରୁଣା ନିଧାନ
ମଙ୍ଗଳ କରେ ସବୁରି ॥ ୩ ॥

❋❋❋

## ନାମ ମାହାତ୍ମ୍ୟ

ଆସ ସରବେ ବାହୁ ଟେକି
ହୋଇଣ ମେଳି ଶ୍ରୀଗୁରୁ ବୋଲି ॥ ୦ ॥

ଜୟଗୁରୁ ନାମ ସାର ସକଳ ପ୍ରେମ ଆଧାର
ତାଙ୍କ ନାମ ସମ ନାହିଁ ସରି ॥ ୧ ॥

ଯେବେ ଚାହଁ ମୋକ୍ଷ ଧର ଧର ଗୁରୁ ନାମ
କିବା ଦିବସ ବିଭାବରୀ ॥ ୨ ॥

ପାପ ତାପ ଯା' ସଂସାରେ ଦୂରେ ଯିବ ସେ ନାମରେ
ଭାଇ ବନ୍ଧୁ ନୁହେଁ କେ ତୋହରି ॥ ୩ ॥

ଧନ ଧାନ୍ୟ ତୋ ଅସାର ସବୁ ତ ଦୁଇ ଦିନର
ଗୁରୁ ନାମ ନ ଦିଅ ପାସୋରି ॥ ୪ ॥

ପାର ହେବୁ ଏ ଜଗତ ହୁଅ ତୁ ଗୁରୁ ଭକତ
ମୋହ ମାୟା ଯିବ ସବୁ ଚାଲି ॥ ୫ ॥

❀❀❀

## ନାମ ମାହାତ୍ମ୍ୟ

ଆସ ଭାଇ ତେଜ ମନ ଭାବନା ॥ ୦ ॥

ଶ୍ରୀଗୁରୁ ଗୋବିନ୍ଦ ନାମ
ରଟରେ ଦିବସ ଯାମ
ସେ ନାମେ ପତାକା ତୋଳି
କର ଗୁରୁ ନିରାଜନା ॥ ୧ ॥

ଗୁରୁ ନାମେ ନାହିଁ ଶଙ୍କା
ଘୁଞ୍ଚିବରେ ଭବ ଦକା
ସୁଖେ, ଦୁଃଖେ ଅବିରତ
କର ସେ ନାମ ସାଧନା ॥ ୨ ॥

ଅନ୍ଧାରେ ବତାଇ ରାହା
ଗୁରୁ ଏକା ହେବେ ସାହା
'ଜୟଗୁରୁ' 'ଜୟଗୁରୁ'
ରଟୁ ଚିର, ଏ ରସନା ॥ ୩ ॥

❀❀❀

## ନାମ ମାହାତ୍ମ୍ୟ

କଣ୍ଠ ଭରି ତୁ କର ଗୁରୁ ନାମ ଗାୟନ
ଭୂମାନନ୍ଦ ରସ ପାନ କରୁଥାରେ  ମନ ॥ ୦ ॥

ବାଇମନ ନିରବଧି ଗୁରୁନାମ ଗାଅରେ
ଜଗତ ଜଞ୍ଜାଳ ତୁହି ଗତି ମୁକ୍ତି ପାଅରେ
ପୂରିବ ମନ କାମନା, ଜୀବ ହେବ ଧନ୍ୟରେ ॥ ୧ ॥

ନାହିଁ ନାହିଁ ଏ ଜଗତେ ଦୟାମୟ ଆନରେ
ଗୁରୁ ବିନେ ନ ହୋଇବେ କେହି ନିଜ ଜନରେ
ମଧୁରୁ ମଧୁର ନାମ ଅମୃତ ସମାନରେ ॥ ୨ ॥

ଗତି ମୁକତି ବିଧାତା ଏକା ଗୁରୁ ନାମରେ
ଗୁରୁ ନାମ ଜପ ତୋ ପୂରିବ ମନସ୍କାମରେ
ଡର ନ ଥିବ ତୋହର ଯମର ଭୁବନରେ ॥ ୩ ॥

❀❀❀

# ନାମ ମାହାତ୍ମ୍ୟ

କର ମନ ନାମ ରତନ କଣ୍ଠ ହାର
ମନ ସୂତାରେ ଗୁନ୍ଥ ତୁ  ପଦକ ତାହାର ॥ ୦ ॥

ଧରି ଗୁରୁ ନାମ ଗୋଟି
ସୂତା ମୂଳେ କର ଗଣ୍ଠି
ବୁକୁରେ ଦୋଳାଇ ନାଚ, ନାଚ ନିରନ୍ତର ॥ ୧ ॥

'ଜୟଗୁରୁ' ସ୍ୱର ଧର
ଗଳା ତୁ ସାଧନ କର
ଗାଇ ସେହି ନାମ, ତୋଳ ସ୍ୱରର ଝଙ୍କାର ॥ ୨ ॥

ଶୁଣି ତୋର ମଧୁ କଣ୍ଠ
ଦୁଃଖ କାଟିବରେ ବାଟ
ଦୂରରେ ଲୁଚିବେ କାହିଁ ମୋହ-ମାୟା ଘୋର ॥ ୩ ॥

ଗଡ଼ିଯାଏ ପରା ଦିନ
କର ମନ ଗଣ୍ଠି ଧନ
ଗୁରୁ ନାମ ରତ୍ନ ସଞ୍ଚି ପୂରାଅ ଅମାର ॥ ୪ ॥

ଏ ମର ସଂସାରେ ଭାଇ  !
ଆନ କେହି ସାହା ନାହିଁ
ଜ୍ଞାନ ବତି ଜାଳି, ଗୁରୁ ହେବେ କର୍ଣ୍ଣଧାର ॥ ୫ ॥

❀❀❀

## ନାମ ମାହାତ୍ମ୍ୟ

କି ମଧୁର ସତେ ଗୁରୁ ନାମଟି
ଜଗତ ଜଞ୍ଜାଳ ଯାଏରେ ତୁଟି ॥ ୦ ॥

ଗୁରୁ ନାମ ବଳେ ପାଷାଣ ତରଳେ
ମର ଜୀବନର ଅମୃତ ସେତ
ଦୁଃଖ ଦୁରୁଦିନେ ସେ ନାମ ଭଜନେ
ପୁଲକିତ ହୁଏ ଦୁର୍ବଳ ଚିତ୍ତ
ଗୁରୁ ବିନେ ଆନ ସାହା ନାହିଁଟି ॥ ୧ ॥

ଅମା ଅନ୍ଧକାରେ ଗୁରୁନାମ ବଳେ
ଜଳି ଉଠଇରେ ଆଲୋକ ବତି
ଗୁରୁ ଟେକି ବାହା, ଦେଖାନ୍ତିରେ ରାହା
ଗୁରୁ ଏକା ଭବେ ଜୀବନସାଥୀ
ଶ୍ରୀଗୁରୁ ଚରଣେ ରଖ ମଥାଟି ॥ ୨ ॥

ଗୁରୁ ଦାସ ହୁଅ ଗୁରୁପଦ ଧୁଅ
ଗାଇ ଗୁରୁ ନାମ ହୁଅ ପାଗଳ
ଭାଇବନ୍ଧୁ ଯେତେ, ବନ୍ଧନ ସମସ୍ତେ
ଗୁରୁ ନାମେ ମାୟା ଯିବରେ ହଟି ॥ ୩ ॥

❀❀❀

# ନାମ ମାହାତ୍ମ୍ୟ

କିଏ ନେବରେ ସୁଧା ନାମ-ରସ, ଆସ
ଏ ରସ ପିଇଲେ ହେବ ଭୋକ, ଶୋଷ, ନାଶ ॥ ୦ ॥

ମୂକ ବାଚାଳ ହୋଇବ
ପଙ୍ଗୁ ଗିରି ଲଙ୍ଘି ଯିବ
ଅନ୍ଧ ଆଖି ଦେଖିବରେ ପରମ ପୁରୁଷ ॥ ୧ ॥

ନାମ ତରୁ ଡାଳେ ଡାଳେ
ଭକତି-ସୁମନ ଦୋଳେ
ମୁକତି ଫଳ ଚାଖ, ତୋ ମେଣ୍ଟିବ ପିଆସ ॥ ୨ ॥

ଭବ-ସିନ୍ଧୁ ଊର୍ମିମେଳା
ନାମ ଯେ ତାରଣ ଭେଳା
ନାମ ଗାଇ ହୁଅ ବାଇ, ନାମରେ ବଳାଅ ଆଶ ॥ ୩ ॥

❀❀❀

# ନାମ ମାହାତ୍ମ୍ୟ

ଗୁରୁ ନାମ ରଟରେ ମନ
ଗୁରୁ ବିନେ ନାହିଁ ଆନ ଶରଣ ॥ ୦ ॥

ପାପୀ ତାପୀ ଅଛ ଯେ ଯହିଁ
ଗୁରୁ ନାମ ଗାଅରେ ଭାଇ
ସାରା ଜନମର କଲୁଷ କାଳିମା
ଧୋଇଯିବ ନାମ କଲେ ଭଜନ ॥ ୧ ॥

ତେଜ ମନୁ ଗରବ ମାନ
ଭୋଗରେ ତୁ ନ ରଖ ମନ
ତୁଚ୍ଛ ସୁଖ ଆଶା କରି ମରୀଚିକା
ପଛରେ ନକର ଅନୁଧାବନ ॥ ୨ ॥

ଦି'ଦିନର ସୁଖରେ ଭୁଲି
ମିଛେ ମିଛେ ନୁହଁ ବାଉଳି
ପିଇ ନାମାମୃତ ରସେ ଅବଗାହି
ନିଶିଦିନ ହୁଅ ପ୍ରେମେ, ମଗନ ॥ ୩ ॥

❀❀❀

# ନାମ ମାହାତ୍ମ୍ୟ

ଗୁରୁ ନାମ ଗାଇ ମନ ତାଳେ ତାଳେ ନାଚରେ
ଯେତେ ତୋର ଭୟ ସବୁ ପଡ଼ିଯିବ ପଛରେ ॥ ୦ ॥

ପ୍ରେମ ସୁଧା କରି ପାନ ହୁଅ ମତୁଆଳ ମନ !
ମାୟା ମୋହ ପାଠ ଯେତେ ପଢ଼ିଛୁ ତୁ ପୋଛରେ ॥ ୧ ॥

ଜାଣୁ କିନା ଏ ସଂସାର- ଦି' ଦିନର ଖେଳ ଘର
ଆଖି ଥାଉଁ ଥାଉଁ ସିନା ଅନ୍ଧ ହେଉ ମିଛରେ ॥ ୨ ॥

ଅଜାଣତେ କାଳ ଆସି ଦେବ ତୋ ଗଳାରେ ଫାଶୀ
ରଖିବେ ଏକା ସେ ଗୁରୁ, ପତାଅ ତୁ ହାତରେ ॥ ୩ ॥

ଅଙ୍ଗେ ଗୁରୁ ପଦ ଧୂଳି ଏତେ ବେଳୁ ହୁଅ ବୋଳି
ଗୁରୁ ନାମ ଦିବାନିଶି ଭଜ ଧୀର ଚିତ୍ତରେ ॥ ୪ ॥

ବୋଲ ମାନ ବାଇମନ ! କର ଗୁରୁ ସଂକୀର୍ତ୍ତନ
ସେ ଏକା ଜୀବନ ସାହା, ଆଉ ସବୁ ତୁଚ୍ଛରେ ॥ ୫ ॥

❀❀❀

# ନାମ ମାହାତ୍ମ୍ୟ

ଗୁରୁ ନାମ ସୁମର ସୁଖଧାମ ଏ ମରତେ ଜୀବନ ଦୁଇ ଦିନିଆଁ
ପାପ-କପଟ ଧନେ ମିଥ୍ୟା ଏ ଅଭିମାନେ ମାତିଛି ସାରା ଦୁନିଆଁ ॥ ୦ ॥

ମମତା ପରିହର ଚାଲରେ ପଥଚାରୀ ଏ ଘରେ ତୁ କୁଣିଆଁ
ସୁନ୍ଦର କଳେବର ରହିବ ନାହିଁରେ ଚିର ତହିଁ ଏତେ ଲୋଭ କିଆଁ
ଶ୍ୱାସ ଛୁଟିଲେ ଭାଇ ଦଣ୍ଡେ ରଖିବେ ନାହିଁ ହୋଇଯିବୁ ତୁ ଅଛୁଆଁ ॥ ୧ ॥

ଯୁବତୀ ରୂପବତୀ ମୋହେ ମୋହିତ ମତି ହେଉଛୁ ତୁ ଅମାନିଆଁ
ପତଙ୍ଗ ପରି ତହିଁ ଯାଉ ଝାସିବା ପାଇଁ ଜାଣ ସେ ଜଳନ୍ତା ନିଆଁ ॥ ୨ ॥

ମାୟା ସପନେ ପଡ଼ି ଧାଉଁ ତୁ ପଥ ହୁଡ଼ି ମରୁ ତୁ ହୋଇ ଛାନିଆଁ
କାଳ ଗରଳ ଧର ବିଷେ ହେଉ ଜରଜର ଡାକ ତୁ ଗୁରୁ କୁଣିଆଁ ॥ ୩ ॥

❁❁❁

# ନାମ ମାହାତ୍ମ୍ୟ

ଗୁରୁ ନାମ ତୁ ସାର କର ମାନସ
ଦୂର ହେବରେ ଭବ ଦୁଃଖ ପରାଶ ॥ ୦ ॥
ଜୟଗୁରୁ ନାମ ଧିଆନେ ମନେ
ଅନନ୍ତ ବ୍ରହ୍ମାଣ୍ଡ ରଟେ ଯାହାର ନାମେ
ସେହି ତ ପ୍ରାଣଧନ, ତ୍ରିଭୁବନ କାରଣ
ପାପୀ ତାପୀ ତାରଣ ସେ, ଯେ ଦୟା ନିଧାନ
ଗାଅ ଗାଅ ସେ ନାମ ନିଶି ଦିବସ ॥ ୧ ॥
ଚେତନରେ ଜୟଗୁରୁ ହେଜରେ ତୁହି
ସପନରେ ହେର ଗୁରୁ ସ୍ୱରୂପ ଛାଇ
ସକଳ କରମରେ, ସେ ନାମ ସୁମରରେ
ସଳଖ ବାଟ ସେହି, ଦେବେ ତୋତେ ବତାଇ
ଅବାଟେ ଯିବା ପାଇଁ, ଆଶା ବଳିବ ନାହିଁ
ଗୁରୁ କୃପାରୁ ଲଭିବୁରେ ସନ୍ତୋଷ ॥ ୨ ॥
ସୁମନ କୁମନ ଦୁହେଁ ଜଗିଆ ଥାଇ
କାହାରି ତୁଲେ କାହାରି ପଡ଼ଇ ନାହିଁ
ସୁମନ ରାହା ସାହା, କୁମନ ଭାଙ୍ଗେ ତାହା
ଗୁରୁ ଭରସା ଏକା, ତୁଟିବ ସବୁ ଧୋକା
ସେ ଏକା କରିବେ କୁମନରେ ବିନାଶ ॥ ୩ ॥
ସୁମନ କହୁଛି ତର ଭବସାଗର
କୁମନ ପଛରୁ ପାଦ ଟାଣୁଛି ତୋର
ଗୁରୁତୋ ନାଉରିଆ, କାତ ଧରି ସେ ଠିଆ
କଲେ ତୁ ତାଙ୍କ ଆଶ, କୁମନ ଯିବ ନାଶ
ସହଜେ ପହଞ୍ଚିବୁ ତୁ ମୁକତି ଦେଶ ॥ ୪ ॥
ଗୁରୁନାମ ରସ ପିଇ ପାଗଳ ହୁଅ
ଆଶିଷ ଆଶାରେ ଭିଖ ଥାଳ ପତାଅ
ଧନ, ଜନ, ଗରବ ଦି'ଦିନିଆ ପରବ
ଗୁରୁ ପଦ ଶରଣ, ଏକା ଅମୂଲ ଧନ
ନିଆଁ ପୋଡ଼ିବ ନାହିଁ, ଖଣ୍ଟ ଲୁଟିବ ନାହିଁ
ମାଗରେ ମନ ତୁ ହୋଇ ଗୁରୁଦାସ ॥ ୫ ॥

## ନାମ ମାହାତ୍ମ୍ୟ

ଗୁରୁ ନାମ ଠାରୁ ବଳି ସୁଧା ମଧୁ ନାହିଁ ନାହିଁ
ହୁଅରେ ପାଗଳ ମନ ସେ ମଧୁ ତୁ ପିଇ ପିଇ ॥ ୦ ॥

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର
ସେ ସୁଧା ପାନେ ବିଭୋର
ପାର୍ବତୀ, ଗଣେଶ, ରୁଦ୍ର ନାମାମୃତ ପିଇ ବାଇ ॥ ୧ ॥

ସଦା ଗୁରୁ ପରସାଦେ
ନାମ ସୁଧା ପିଇ ମୋଦେ
ଅନ୍ତିମେ ସୁଗତି ପଥ ଲଭ ଆରେ ମନବାଇ ॥ ୨ ॥

ଗୁରୁ ସେବା ସାଧୁ ସଙ୍ଗ
ଗୁରୁ ନାମ ପରସଙ୍ଗ
ଏ ଜୀବନ ଶାନ୍ତି ସୁଧା ବରଷଣେ ସାଥୀ ସେହି ॥ ୩ ॥

ସୃଷ୍ଟି ସ୍ଥିତିର କାରଣ
ଗୁରୁ ନାମ ସୁମରଣ
ପାନ କର ସଦା ମନ କାଳ କାଟ ନାମ ଧ୍ୟାୟୀ ॥ ୪ ॥

❁❁❁

## ନାମ ମାହାତ୍ମ୍ୟ

ଗୁରୁନାମ ସୁଧା ଝର ବହୁଅଛି ଅନିବାର
ପିଇଲେ ମନୁଆ ବାଇ, ଭବ ତାପ ହେବ ଦୂର ॥ ୦ ॥

ନାମରସ କଲେ ପାନ
ଘୁଞ୍ଚିବ ଜଞ୍ଜାଳ ମାନ
ନିହଲ ହୋଇ ସଂସାରେ ସୁଖୀ ହୋଇବୁ ତୁ ଚିର ॥ ୧ ॥

ନାମର ମହିମା ବଳେ
ଛାଡ଼ିବେ ରିପୁ ସକଳେ
ଅନ୍ତର ବାହାରୁ ତୋର ନାମ ଧନେ ନ ପାସୋର ॥ ୨ ॥

ଗୁରୁ ଚରଣେ ଭକତି
ନାମରେ ମିଳେ ମୁକତି
ଗୁରୁ ଦାସ ହୋଇ ଗାଅ ଗୁରୁ ନାମ ବାର ବାର ॥ ୩ ॥

***

# ନାମ ମାହାତ୍ମ୍ୟ

ଗୁରୁନାମ ସାଗର ବାରିରେ ବୁଡ଼ି ରହ ମନ ! ନିଶି ଦିନରେ
ଅକ୍ଷୟ ଆନନ୍ଦ ଲଭିବୁ ତୁ, ଦୂରେ
ଘୁଞ୍ଚିଯିବ ତୋର ଦୁରୁଦିନରେ ॥ ୦ ॥

ପଲ୍ଲବିବ ଶୁଷ୍କ ତରୁ ନୀର ଭରା ହେବ ମରୁ
ଉଚ୍ଛୁଳିବ ପ୍ରେମ-ଢ଼େଉ, ନୀରସ ଜୀବନରେ ॥ ୧ ॥

ଗୋଟିଏ କଉଡ଼ି ତୋର କୋଟିଏ ଧନ ସମ୍ଭାର
ପାଲଟିବ, ନେଲେ ତୁହି ଗୁରୁର ଶରଣରେ ॥ ୨ ॥

ସଂସାର-ନଦୀ ଦୁସ୍ତର ସହଜେ ହୋଇବୁ ପାର
କୂଳରେ ଲାଗିବ ନାଆ ଏଡାଇ ପବନରେ ॥ ୩ ॥

ଗୁରୁ ନାମୁଁ ବଳି ନାହିଁ ଜଗତେ ମଧୁର କେହି,
ନୋହିଲେ ନାମ ରସିକ ଜୀବନ ତୋ ଅକାରଣରେ ॥ ୪ ॥

❀❀❀

# ନାମ ମାହାତ୍ମ୍ୟ

ଡରି ମରୁ କାହିଁକିରେ ବାଉଳା ମନ
ବହୁଛି ବୋଲି ଏ ଝଡ଼ ଝଞ୍ଜା ପବନ ॥ ୦॥
ଆଖି ପିଛୁଳାକେ କାହିଁ
ଯିବରେ ସବୁ ଉଭାଇ
ଛିନ୍ତା ଛାଡ଼ି, କଲେ ଗୁରୁ-ନାମ ଭଜନ
ସରଗ ଦେବତା ଯା'ର କରେ ପୂଜନ ॥ ୧ ॥
ଭଜନ କଲେ ତୁ ନାମ
ପାଇବୁ ରେ ଦରଶନ
ଗୁରୁଦେବ ହୋଇବେ ରେ, ତୋତେ ପ୍ରସନ୍ନ
ଆଉଁଷି ଦେବେ ତୋ ମଥା, ଯିବ କଷଣ ॥ ୨ ॥
ମନ-ଗନ୍ତାଘରେ ତୋର
ନାମ ରତନ ତୁ ଭର
ଧନୀ ହୁଅ ଦୁନିଆଁରେ, ସଞ୍ଚି ସେ ଧନ
ଲୁଟି ନ ପାରିବେ ତାକୁ ତିନି ଭୁବନ ॥ ୩ ॥
ଲହରୀ ଭରା ନଈରେ
ବସି ଦଦରା ନାଆରେ
ଡରରେ ଛାନିଆଁ ହେଲାବେଳେ ଜୀବନ;
ଏକା ଗୁରୁ ନାଉରିଆ କରିବେ ତ୍ରାଣ ॥ ୪ ॥
ଆସିଛୁ ତୁ ଖାଲି ହାତେ
ବାହୁଡ଼ିବୁ ଖାଲି ହାତେ
ମଝିରେ ଛଅ ଭଗାରୀ, ପୀଡ଼େ ପରାଣ
ଡରି ପଳାଇବେ, ଘେନ ଗୁରୁ ଶରଣ ॥ ୫ ॥

## ନାମ ମାହାତ୍ମ୍ୟ

ଥିବ ଯେତେଦିନ ପିଣ୍ଡରେ ପରାଣ କର କର ଗୁରୁ ନାମ ସାର
ଶ୍ରୀଗୁରୁ ଚରଣ କରତୁ ବରଣ ମୁଖେ ଫୁଟୁଥାଉ ହସ ଧାର ॥ ୦ ॥

ଆସିବ ଜୀବନେ ଦୁଃଖ ତାପ କେତେ
ଆସିବ ମରଣ ଦିନେ ଆଚମ୍ବିତେ
ହସ ମଖା ମୁଖେ ସହି ସୁଖେ ଦୁଃଖେ ଗୁରୁକୃପା ମଣି ତାରେ ବର ॥ ୧ ॥

ଆସିଲେ ସଙ୍କଟ ବିପଦର ବୋଝ
ଶୁଦ୍ଧ ଚିତ୍ତେ ତାହା ଗୁରୁକୃପା ହେଜ
ଗୁରୁ କରୁଣାର ଅନଳ ତୁ ଜାଳ ମନ ପ୍ରାଣ ହେବ ନିରିମଳ ॥ ୨ ॥

ମନେ ରଖ ମହୀ କ୍ଷଣେ କ୍ଷଣେ ଆନ
ଗୁରୁ କରୁଣାଟି ସିନା ଚିର ଧନ
ଗୁରୁ କୃପା କରି ସାର ପାଣ୍ଡବର କି ଫଳ ଫଳିଲା ତୁ ସୁମର ॥ ୩ ॥

ଦୁଃଖ କଷ୍ଟ ଭୋଗି ପାଣ୍ଡବ ଜୀବନ
କରୁଥିଲା ସଦା କୃଷ୍ଣ ଅରଚନ
ଏକା ସୁଖ ପାଇଁ ସବୁ ଦୁଃଖ ସହି ଅନ୍ତିମରେ ହେଲା ସୁଖ ସାର ॥ ୪ ॥

ଜୀବନରେ ଗୁରୁକୃପା ସାର କରି
ଗୁରୁ କରୁଣାଟି ସୁମରି ସୁମରି
ହେଲେ ଦୁଃଖ ଭାରା ବହି ଥିଲେ ପରା ଶେଷେ କିସ ହେଲା ତୁ ବିଚାର॥ ୫ ॥

ବୋଲ ମୁଖେ ଜୟଗୁରୁ ଜୟଗୁରୁ
ହେଲେ ପାର ହେବ ସଂସାର ସାଗରୁ
ଗୁରୁ ନାମ ଏକା ଏ ଭବ ନଉକା ମନେ ଧ୍ୟାନେ ଗୁରୁ ନାମ ଧର ॥ ୬ ॥

❀❀❀

# ନାମ ମାହାତ୍ମ୍ୟ

ନାମ ଭଜନ କର ମନ
ଭବଭୟ ନିବାରଣ ଯା' ନାମ ସ୍ମରଣରେ ॥ ୦ ॥

ହେର ମନ ଧିଆନରେ ନୟନ ପୂରାଇ
ଚରାଚରେ ଦିଗମ୍ବର ରୂପ ବିରାଜଇ
ସେହିରେ ନିଖିଳ-ବିଶ୍ୱ, ତାରଣ କାରଣରେ ॥ ୧ ॥

ଶୁଣରେ ଉଛୁଳେ ତା'ର ଜୟ ଜୟ ଗୀତି
ଶୂନ୍ୟେ ବିରାଜଇ ସେ ଯେ ଶୂନ୍ୟେ ତା'ର ଗତି
ଅବିନାଶୀ, ଅବିକାରୀ, ସେ ତ ସନାତନରେ ॥ ୨ ॥

ଆନନ୍ଦ, ଆନନ୍ଦମୟ ତାହାର ଆଶିଷ
ରବିରେ ଶଶୀରେ ତା'ର ଜ୍ୟୋତି ପରକାଶ
କାନ୍ତି ସୁନନ୍ଦନ ଶାନ୍ତିଧାମ ନିରଞ୍ଜନରେ ॥ ୩ ॥

ମାୟା, ମୋହ, ମଦ, ତୋର ଜୀବନ ବଇରି
ବିନାଶନ ପାଇଁ ମାଗ କରୁଣା ତାହାରି
ସାର କର ତା' ଚରଣ ମୁକତି କାରଣରେ ॥ ୪ ॥

❋❋❋

# ନାମ ମାହାତ୍ମ୍ୟ

ପ୍ରେମ-ସୁଧା ପିଇ ମତୁଆଳ ହୋଇ ଗାଅ ଗାଅ ଗୁରୁ ନାମ
ଧନ, ଜନ, ମାନ ଯଶ ଗଉରବ ପୂରିବ ତୋ ମନକାମ ॥ ୦ ॥
ଶାନ୍ତି ନିକେତନ ଯେବେ ଯିବା ମନ   ମଥା ପାତି କର ଗୁରୁରେ ଜଣାଣ
ଆଉ କେହି ନାହିଁ ଦେବେରେ ବତାଇ
ସରଳ ସୁଗମ ପଥ ବାଇମନ ॥ ୧ ॥
ଏ ଭବସାଗର ଅଟଇ ଦୁସ୍ତର ନାଉରିଆ ଏକା ସେହି ଗୁରୁ ତୋର
ମାୟା ମୋହ ଝଞ୍ଜା ଅତି ପରବଳ
ଡାକ ଦିଅ ଗୁରୁ ସାହା ସେ କେବଳ ॥ ୨ ॥
ଗୁରୁବ୍ରହ୍ମା, ଗୁରୁବିଷ୍ଣୁ, ମହେଶ୍ୱର ଘୁମେ, ଜାଗରଣେ ସେ ନାମ ସୁମର
ଯାବତ ଜଞ୍ଜାଳ ଯିବ ଅପସରି
ସେ ଯେ କରୁଣା ନିଧାନ ॥ ୩ ॥
ଶ୍ରୀଗୁରୁ ସୁମରି ପିଅ ପ୍ରେମବାରି ଷଡ଼ରିପୁ ଦୂରେ ଯିବେରେ ବାହାରି
ବିଚାରୁ ଯାହାରେ ସଂସାରେ ବଇରି
ସେ ହେବେ ଆପଣା ଜନ ॥ ୪ ॥
ଶମନ ଡର ତୋ ନ ରହିବ ମନ ! ଗୁରୁ-ପ୍ରେମ-ସୁଧା କରୁ ଯେବେ ପାନ
ନିହଲରେ ତୋର ବିତିବ ଜୀବନ
ଗାଇ ଜୟଗୁରୁ ନାମ ॥ ୫ ॥
ଆଜୀବନ କର ପ୍ରେମ-ସୁଧାପାନ ମନ-ପ୍ରାଣ କର ପଦେ ଅରପଣ
ଜୟଗୁରୁ ଜୟଗୁରୁ କରି ଗାନ
ବିତାଇ ଦିଅ ଜୀବନ ॥ ୬ ॥
ଗୁରୁନାମ ସୁଧା-ବାରି କର ପାନ ପାଗଳ ହୁଅ ତୁ ଯାବତ ଜୀବନ
ଲଭିବୁରେ ଧନ ଜନ ଗଉରବ
ପୂରିବ ତୋ ମନକାମ ॥ ୭ ॥

## ନାମ ମାହାତ୍ମ୍ୟ

ବାଇମନ ରେ !
ଗାଆ ଗାଆ ତା'ର ନାମ କିବା ନିଶିଦିନ ॥ ୦ ॥

ଗାଏ ବିହଙ୍ଗମ ବନେ ବନେ
କିଏ ଶୁଣେ ଅବା କେ ନ ଶୁଣେ
ବୁଝୁ ଅବା ନ ବୁଝୁରେ କେହି
ତୁହି ଗାଉଥାଅ ଅବିରାମ ॥ ୧ ॥

ଥରେ ହେଜ ତୁ ଚିତ୍ତେ ବିଚାରି
ଫୁଟଇତ ଫୁଲ ଅସୁମାରି
ଝରିଯାଏ ସୁବାସ ବିତରି
(ସେହିମତି) କରି ଯାଅ ଗନ୍ଧ ବିତରଣ ॥ ୨ ॥

ଯା'ର ବିରହେ ଲୋତକ ଝରେ
ଭେଟିଲେ ତୁ ଭେଟି ପାରୁ ତାରେ
ଶେଷ ହେବା ଯାଏ କଣ୍ଠ ସ୍ୱର
କରୁଥାଅ ତା'ର ଗୁଣ ଗାନ ॥ ୩ ॥

❀❀❀

## ନାମ ମାହାତ୍ମ୍ୟ

ବୋଲ ଜୟଗୁରୁ ବୋଲ
ଅପରୂପ ରୂପ ହେରରେ ମନୁଆଁ ନୟନ କବାଟି ଖୋଲ ॥ ୦ ॥

ମାୟା ମନୁ ଅପସାରି, ଗୁରୁପଦ ଅନୁସରି
ଜଞ୍ଜାଳ ବିଚାରି ବିଷୟା ସାଥୀକୁ ଦୂରରେ ରଖି ତୁ ଚାଲ ॥ ୧ ॥

ପ୍ରେମ ନଦୀ ଯହିଁ ବହେ ପ୍ରୀତି ସ୍ରୋତ କୁଳୁ ଗାଏ
ତୀରରେ ତାହାର ନିରେଖରେ ମନ ! ଯୋର ଗୁରୁ ତୋଳା ଘର ॥ ୨ ॥

ଶିବ ସୁନ୍ଦର ମୂରତି ଚରଣେ କରେ ପ୍ରଣତି
ଅମଳ କମଳ ଦଳ ଆସନରେ ବିଜୟ ଗୁରୁ ତୋହର ॥ ୩ ॥

ମନ ଫୁଲ ତୋର ତୋଳ ଗୁନ୍ଥ ବରଣ ମାଳ
ବଡ଼ ରସିକ ସେ- ଭକତି ଚନ୍ଦନ ବୋଳି ଭେଟ ଉପହାର ॥ ୪ ॥

କଣ୍ଠ ଭରି ତୁ ଗାଅ ଗୁରୁଦେବ ଜୟ ଜୟ
ଭବ ଭୟ ହାରୀ ମୁକତିଦାତା ସେ ବିଧାତା, ହରି ଶଙ୍କର ॥ ୫ ॥

❀❀❀

# ନାମ ମାହାତ୍ମ୍ୟ

ବୋଲ, ଜୟଗୁରୁ ମୁଖେ ବୋଲରେ
ବୋଲ ଜୟଗୁରୁ ଜୟ ବୋଲ,
ନିଶିଦିନ ଭୁଲି ଜୟଗୁରୁ ବୋଲି,
ଅନନ୍ତ ପଥେ ଚାଲରେ ॥ ୦ ॥

ମନ ଆଶା ହେଉ ବଳବନ୍ତ
ଅହରହ ମନାସ ଅନନ୍ତ
ଲଭିବାରେ ସେହି ଅନନ୍ତ ଆଶିଷ
ଆପଣାରେ ଭୁଲ ଭୁଲରେ ॥ ୧ ॥

ମୁଖେ ଗୁରୁନାମ ଧରି ଧରି
ପ୍ରେମେ ବୁହାଇ ନୟନ-ବାରି
ଚାଲରେ ପଥୁକି ! ଗୁରୁଧାମେ,
ଘେନି ଭାଇ ବନ୍ଧୁ ସଙ୍ଗୀ ମେଳରେ ॥ ୨ ॥

ଆଜି ବରଷ ପରେ ମିଳନ
ହେରି ଗୁରୁ ବିଜେ ସିଂହାସନ
ସାର୍ଥକ କର ଜୀବନ ଜନମ
ନମି ଗୁରୁପଦ ତଳରେ ॥ ୩ ॥

❁❁❁

# ନାମ ମାହାତ୍ମ୍ୟ

ଭଜ ଭଜମନ, ଭଜି ପାରିଲେ ପାଇବୁ ଦରଶନ
ଭଜ, ଜୀବ ଅଛି ଭବେ ଯେତେ ଦିନ ॥ ୦ ॥
ସରସ ରସନା ଅଛି ତୋର- ରସଭରା ନାମ ଗାନ କର
ଚାଖି ଚାଖି ପିଅ, ରସ ମଜା ପାଅ,
ବୁଡ଼ି ରହ ରସେ ଅନୁଦିନ ॥ ୧ ॥
ନାରଦାଦି ଯେତେ ଭକ୍ତ ଜନ- କରନ୍ତି ଭଜନ ନିଶିଦିନ
ଶ୍ରୀଗୁରୁ ପ୍ରସଙ୍ଗେ, ଲୀଳା ରସରଙ୍ଗେ
ମହାନନ୍ଦେ ହୋଇ ନିମଗନ ॥ ୨ ॥
କେ'ବା ଜାଣେ ନାମର ମହିମା - ଦେବେ ଯାର ନ ପାଆନ୍ତି ସୀମା
ଲଭି ସେ ପ୍ରସାଦ, ପୂରୁ ମନସାଧ
ଧନ୍ୟ ହୋଇ ଯାଉ ତୋ ଜୀବନ ॥ ୩ ॥
ନାମ, ନାମୀ ଏ ଦୁଇ ଅଭେଦ- ନାମ ସୂତ୍ରେ ଧର ପଦ୍ମପାଦ,
ଜୀବ ପାଇଁ ନାମ ସ୍ୱର୍ଗ ମୋକ୍ଷଧାମ,
ନାମଟି ଜଗତେ ଗଣ୍ଠିଧନ ॥ ୪ ॥
ଦେହ, ନାବେ ଗୁରୁ କର୍ଣ୍ଣଧାର- ଭବାର୍ଣ୍ଣବ କରି ଦେବେ ପାର
ଥାଉ ଯେତେ ଜଳ, ତୋଫାନ ପ୍ରବଳ,
ନିଶ୍ଚିନ୍ତେ ଲଭିବୁ ଶ୍ରୀଚରଣ ॥ ୫ ॥
କର୍ଣ୍ଣଧାର ଗୁରୁ ଥାଉଁ ଥାଉଁ- ଡରୁ କିପାଁ ଝଡ଼-ଝଞ୍ଜା-ବାଉ ?
ତାଙ୍କ କୃପା ବିନା ବୁଡ଼ିଯିବ ସିନା
ଦୁର୍ଲଭ ଏ ନାବ ଅକାରଣ ॥ ୬ ॥
ଅନିତ୍ୟ ଏ ତୋର ଧନ ଜନ- କର ଗୁରୁପଦେ ଅରପଣ
ଗୁରୁପଦ ରଜ ବିଭୂତି ତୁ ଭଜ,
ତେଜି ଅହଂକାର ଅଭିମାନ ॥ ୭ ॥
ହୃଦୟ ନିଭୃତ କୁଞ୍ଜବନେ- ଭେଟ ଯାଇ ତୋର ପ୍ରାଣଧନେ
ମାତି ରସ ରଙ୍ଗେ, ପ୍ରାଣବନ୍ଧୁ ସଙ୍ଗେ
କର ନିତ୍ୟ-ସୁଖ ଆସ୍ୱାଦନ ॥ ୮ ॥

❋❋❋

# ନାମ ମାହାତ୍ମ୍ୟ

ଭୟ ବିପଦ ଜଳନିଧି ହେବାକୁ ପାରି-ରେ ମନ ! ହେବାକୁ ପାରି
ସାହା ଏକା ତୋ ଗୁରୁ ଦେଉ ପାସୋରି ॥ ୦ ॥
ମିଛ ମାୟା ସଂସାରେ
ଭୁଲି ରହିଛୁ ତୁ ରେ
ଆପଣାରେ ବୋଲୁ ଯା'ରେ ସେ ତ ଭଗାରି
ରେ ମନ ! ସେ ତ ଭଗାରି ॥ ୧ ॥
ଏ ତୋର ଧନ, ଜନ
ଚିର ନୁହଁଇ ମନ !
ଉଭାଇଯିବ ପାଣି ଫୋଟକା ସରି
ରେ ମନ ! ଫୋଟାକା ସରି ॥ ୨ ॥
କିବା ରଜନୀ ଦିନ
ସାର କର ଭଜନ
ସେ ଏକା ଭବାର୍ଣ୍ଣବ ତାରଣ ତରୀ
ରେ ମନ ! ତାରଣ ତରୀ ॥ ୩ ॥
ଶ୍ରୀଗୁରୁ ନାମ ତୋର
ଗଳାର ମାଳ କର
ହୃଦୟର ଆସନ ସଜାଡ଼ି କରି
ରେ ମନ ! ସଜାଡ଼ି କରି ॥ ୪ ॥
ଯମଦୂତେ ଆସିବେ
କେଶ ତ ଓଟାରିବେ
ସେତେ ବେଳେ କେ ସାହା ହେବ ତୋହରି
ରେ ମନ ! ହେବ ତୋହରି ॥ ୫ ॥

# ନାମ ମାହାତ୍ମ୍ୟ

ମନ ! 'ଜୟଗୁରୁ' 'ଜୟଗୁରୁ' ବୋଲ
ତୋର ହୃଦୟ ଦୁଆର ଖୋଲ, ଖୋଲ ॥ ୦ ॥

ସଂସାର ମାୟା ବନ୍ଧନ କଠୋର କଠିନ
ଫିଟାଇ ଦେବାକୁ ସେ ତ ଦେବେ ରେ ସନ୍ଧାନ
ସମ୍ପଦେ, ବିପଦେ ଗୁରୁ ନାମ କର ସାର ॥ ୧ ॥

କି ଛାର ମରଣ ଡର ଘେନରେ ଶରଣ
ଗୁରୁ ଗଢ଼ି ଦେବେ ହେଲେ ଅମୃତ ସୋପାନ
ମୁକତି ପଥର ସେ ତ କମ କାରିଗର ॥ ୨ ॥

ଗୁରୁ ଅଙ୍ଗେ ବିରାଜିତ ବ୍ରହ୍ମ ସନାତନ
ଘେନାଇଁ ଦେବେ ନୟନେ ଜ୍ଞାନର ଅଞ୍ଜନ
ହେରିବୁ ତୁ ଜ୍ୟୋତି ରୂପ ପରମ ସୁନ୍ଦର ॥ ୩ ॥

ପାହୁଣ୍ଡେ ମାତର ଗଲେ ତାଙ୍କ ପାଶେ ଧାଇଁ
ସହସ୍ର ଯୋଜନୁଁ ଆସି ନେବେ ସେ କୋଳାଇ
ଗୁରୁ ବିନେ ନାହିଁ ତୋର କେହି ଆପଣାର ॥ ୪ ॥

ପତିତ ପାବନ ସେ ଯେ ଅଧମ ଶରଣ
ଅଗତିର ଗତି ଗୁରୁ ନାମର ସ୍ମରଣ
ଦୟାଳୁ ପଣରେ ନାହିଁ କେହି ସମତୁଲ ॥ ୫ ॥

❀❀❀

# ନାମ ମାହାତ୍ମ୍ୟ

ମନ ବାସନା ଭରି ହରି ନାମ ଗାଅ
ଆସ ନାରୀ ନର ବୁଲି ଘର ଘର
ହରି ନାମ ବାଣ୍ଟି ଦିଅ ॥ ୦ ॥

ମାତି ହରିନାମ ପ୍ରେମ ବଶରେ
ଚାଖି ହରି ନାମ ସୁଧା ରସରେ
ନ କରି ବିଚାର ପର ଆପଣାର
ସମାନ ଦୃଷ୍ଟିରେ ଚାହଁ ॥ ୧ ॥

ସୁଗନ୍ଧ କନକ କମଳ ସମ
ତହିଁରେ ରଞ୍ଜି ହରିଗୁଣ ଗ୍ରାମ
ହରି ପ୍ରେମ ସୂତା-ଭକତିରେ ଗୁନ୍ଥା
ମାଳ କଣ୍ଠରେ ପିନ୍ଧାଅ ॥ ୨ ॥

ସଦ୍‌ଗୁରୁ ସେବକ ହୁଅ ନିରତ
ସେ ଏକା ଜଗତେ ଅତି ମହତ
ନାମ ଗୁଣ ଗାଇ ବେଦନା ଘୁଞ୍ଚାଇ
ନାମ ପାରାବାରେ ବୁଡ଼ି ତୁ ରହ ॥ ୩ ॥

***

# ନାମ ମାହାତ୍ମ୍ୟ

ମନ ହୁଅରେ ବାଇ
ଶ୍ରୀଗୁରୁ ଗୋବିନ୍ଦ ନାମକୁ ଗାଇ ॥ ୦ ॥

ଲଭିବୁରେ ମନେ ଆନନ୍ଦ
ଦୂରେ ଯିବ ସବୁ ବିଷାଦ
ଏ ଭବ ସାଗରୁ ପାର ହୋଇବୁ ତୁ
ହେଲେ ହରି ଗୁଣ ନାମକୁ ଧ୍ୟାୟି ॥ ୧ ॥

ଗୁରୁ ପଦ ଭରସା କର
ରଟ ଗୁରୁ ନାମ ମଧୁର
ଦିବସ ରଜନୀ ଗୁରୁ ନାମ ଗାଇ
ନାଚି ଉଠ, ଯିବ ଦୁଃଖ ଉଭାଇ ॥ ୨ ॥

ନାମ ଏକା ଗତି ମୁକତି
କାହିଁ ଆନ କା'ର ଶକତି
କଥାରେ ମାତର ପ୍ରେମ ନ ମିଳିବ
ନାମରେ ପାଗଳ ହୁଅରେ ତୁହି ॥ ୩ ॥

❀❀❀

# ନାମ ମାହାତ୍ମ୍ୟ

ଲୋଡ଼ୁ ତୁ ଯେବେ ଗୁରୁ ଆଶିଷରେ
ପରାଣ ଭରି ଗୁରୁ ନାମ ଘୋଷ ॥ ୦ ॥

ଯେ କରେ ଆରାଧନ, ସେ ଏକା ଭାଗ୍ୟବାନ
ପିଇ ଯେ ପାରେ ଗୁରୁ ନାମ ରସ ॥ ୧ ॥

ଜଣାଅ ଯୋଡ଼ି କର, 'ଗୁରୁ କରୁଣା କର'
ଧନ, ଜନ, ମାନରେ ତୁ ନ ରସ ॥ ୨ ॥

ଚେତନ ଅଚେତନେ ଶୟନେ ବା ସପନେ
ଗୁରୁ ନାମ ଧିଆନେ ହୁଅ ତୋଷ ॥ ୩ ॥

ଶୁଣି ଗୁରୁ ପ୍ରସଙ୍ଗ କରରେ ସାଧୁ ସଙ୍ଗ
ଗୁରୁ ପ୍ରେମ ନୀର ତରଙ୍ଗେ ଭାସ ॥ ୪ ॥

କରିବେ ଭବ ପାରି ସେହି ହୋଇ ନାଉରି
ସେବ ପୟର ଯୁଗ ହୋଇ ଦାସ ॥ ୫ ॥

❀❀❀

# ଜନ୍ମୋତ୍ସବ

ଶ୍ରୀ ନିଗମାନନ୍ଦ ସ୍ୱାମୀ      ବିଜେ ଆଜି ଜନ୍ମଭୂମି
ସଙ୍ଗେ ଘେନି ଶିଷ୍ୟ ଭକ୍ତ ପାର୍ଶ୍ୱଦ କୁଳ,
ଶ୍ରୀମୁଖ ଦର୍ଶନ ପାଇଁ      ଦେଖ ଦଳଦଳ ହୋଇ
ଧାଇଁଛନ୍ତି ନରନାରୀ ହୋଇ ଆକୁଳ
ଆଜି ଏହି କୁତବ ପୁରୀ
ହୋଇ ଅଛି ସତେ ଅବା ବ୍ରଜନଗରୀ      ॥ ୧ ॥

ମହାନାମ ସଂକୀର୍ତ୍ତନ      ନଗର ପରିଭ୍ରମଣ
କରନ୍ତି ଭକ୍ତ ଗହଣେ ନିଗମାନନ୍ଦ
କେବା ନାଚେ କେବା ଗାଏ      କେ ଆନନ୍ଦେ ବାଦ୍ୟ ବାଏ
ଲଭୁଛନ୍ତି ସର୍ବେ କେତେ ବ୍ରଜ ଆନନ୍ଦ
ଷଡ଼ରିପୁ ଦମନ କରି,
ଷଡୈଶ୍ୱର୍ଯ୍ୟ ଲୟକରି ଅଛନ୍ତି ଫେରି      ॥ ୨ ॥

ଦିବ୍ୟ ପ୍ରେମ ରସ ବୋଳା      ଭକ୍ତ ଭାବେ ସଦା ଭୋଳା
ପ୍ରକାଶିଲେ ଆସି ଆମ ନଦିୟାଚାନ୍ଦ
ହୃଦୟ ସରସୀ ଜଳ      ନମାନଇ ଥଳକୂଳ
ଲଭିବାରୁ ଏ ଦୁର୍ଲ୍ଲଭ ପଦାରବିନ୍ଦ
ସେହି ରାଜ ରାଜଈଶ୍ୱରେ
(ଆସ) ପୂଜିବା ବସାଇ ଆମ ଅନ୍ତର ପୁରେ ॥ ୩ ॥

❀❀❀

# ଜନ୍ମୋତ୍ସବ

ଆଜି ଝୁଲଣ ପୂର୍ଣ୍ଣିମା ଦିନ ଗୋ, ଆସ ଭାଇ ଭଉଣୀ
ସ୍ମୃତିବିଜଡ଼ିତ ଏ କୁଟୀରେ ବସି
କରିବା ଗୁରୁ ବନ୍ଦନା ଗୋ ॥ ୧ ॥

ଧୂପ, ଦୀପ, ପୁଷ୍ପ ଧରି ଗୋ, ଆସ ଭାଇ ଭଉଣୀ
ଜନମ ଦିନରେ ପ୍ରୀତି ଅର୍ଘ୍ୟ ଦେଇ
ପୂଜା ବନ୍ଦାପନା କର ଗୋ ॥ ୨ ॥

ଦେହ, ମନ, ପ୍ରାଣ ଦେଲେ ଗୋ, ଆସ ଭାଇ ଭଉଣୀ
ବାହି ନେବି ତରୀ ଭବସିନ୍ଧୁ ଜଳେ
କୂଳେ ପହଞ୍ଚିବା ହେଲେ ଗୋ ॥ ୩ ॥

ଚରଣ ଶପଥେ ନିଅ ଗୋ, ଆଜି ଭାଇ ଭଉଣୀ
ବାଣୀ ପୂଜା କରି ତୋଷିବ ତାହାଙ୍କୁ
ଘୋଷିବ ଗୁରୁଙ୍କ ଜୟ ଗୋ ॥ ୪ ॥

ଜ୍ଞାନ ସୂର୍ଯ୍ୟ ବିଜେ ଆଜି ଗୋ ଦେଖ ଭାଇ ଭଉଣୀ
ସେ ଅନଳେ ସର୍ବେ ଦିଅ ପୂର୍ଣ୍ଣାହୁତି
ବାସନା କାମନା ତେଜି ଗୋ ॥ ୫ ॥

ପୂଜିଲେ ଶ୍ରୀଗୁରୁ ଧନ ଗୋ- ଶୁଣ ଭାଇ ଭଉଣୀ
ଘରେ ଘରେ ସୁଖ ଶାନ୍ତି ବିରାଜିବ
ଶୁଚି ଶୁଭ୍ର ହେବ ମନଗୋ ॥ ୬ ॥

# ଜନ୍ମୋତ୍ସବ

ମହାବାହୁ ! ମାଗୁନାହିଁ କିଛି ଆଉ
ଶୁଭ ପରଭାତେ ତୁମରି ଇଙ୍ଗିତେ
ଫୁଟି ଫୁଲ ବାସୁ ଥାଉ ॥ ୦ ॥

ହେ ହୃଦୟ ସାଇଁ ତୁମ ତୁଲେ ମୁହିଁ ବନ୍ଧା ସଦା ଜୀବନରେ
ଯାବତ ପରାଣ ଶୁଣୁଥାଉ କାନ ତୁମରି ମୂରଲୀ ସ୍ୱରେ
ଏତିକି ମାଗୁଣି ମୋର ବାରେ ଘେନ
ପଦତଳେ ମନ ରହୁ ॥ ୧ ॥

ଜୀବନ ମଝିରେ ନବୀନ ସାଜରେ ରହ ତୁମେ ପ୍ରଭୁ ରାଜି
କର ହେ ଆଶିଷ କିବା ଦିବା ନିଶି ତୁମ ବୀଣା ଉଠୁ ବାଜି
କାନରେ କାନରେ ଦିବସ ନିଶିରେ
ମଧୁ ବେଣୁ ବାଜୁଥାଉ ॥ ୨ ॥

ଜନମ ବାସର ଆଜି ହେ ତୁମର ଆସିଛ ତୁମେ ସଂସାରେ
ଜଗତ ମଙ୍ଗଳ ସାଧିବ କେବଳ ବିଧାତାର ଏହି ବରେ
ଯୋଗ୍ୟ ଉପହାର କିବା ଅଛି ମୋର
ପ୍ରଣତି ବିହୁନେ ଆଉ ॥ ୩ ॥

❀❀❀

## ମାତୃ ସଂଗୀତ

ଅଳି ପଦେ ଶୁଣ ମାଆଲୋ ମୋର
ସାଜ ମୋତେ କରି ରୁଚିର
ସେବା-ଗୀତି, ତାଳ-ବଜା ନୂପୁର
ଦିଅ, ଯାଏଁ ପିନ୍ଧି ନିକଟେ ତୋର
ଏତିକି ସୁଦୟା କର ଗୋ,
ଦୟାମୟୀ ବୋଲି ନାଗରା ବଜାଇ
ରଟେ ପରା ତିନି ପୁର ଗୋ ॥ ୧ ॥

ଏଥର ତୁ ମୋତେ କୋଳାଇ ମାଆ
ପାପ-ତାପ ଧୂଳି ଲାଗିଛି ଯାହା
ଝାଡ଼ି ଝୁଡ଼ି ଦିଅ ଅଙ୍ଗରୁ ମୋର
କରୁଣା-ଅଞ୍ଚଳ ଦୋଳାଇ ତୋର
ସନ୍ତାନ ବୋଲି ତୋହର ଗୋ,
ଦେଖନ୍ତୁ ଚିହ୍ନନ୍ତୁ ଜାଣନ୍ତୁ ବୁଝନ୍ତୁ
ନର-ନାରୀ ଜଗତର ଗୋ ॥ ୨ ॥

ବଇରାଗୀ ବାସ ଦିଅ ପିନ୍ଧାଇ
ପ୍ରୀତି ଚନ୍ଦନ ମୋ ଦେହେ ମଖାଇ
କରେ ଦିଅ ଭିକ୍ଷା ଥାଳ ଘେନାଇଁ
ମାଗିବାକୁ ତୋତେ ନେହୁରା ହୋଇ,
ଆଶିଷ ତୋ ଅହରହ ଗୋ,
ଦୂରେ ଫିଙ୍ଗିବାକୁ ମାୟା ମୋହ ମଦ
ବୁକୁରେ ତୁ ବଳ ଦିଅ ଗୋ ॥ ୩ ॥

ଝୁଲାଇ ଦିଅ ମା, ଗଳାରେ ମୋର
ଗୁରୁ ନାମ ରତ୍ନ-ପଦକ ହାର
ସୁସ୍ୱର ଦିଅ ମା', କଣ୍ଠେ ଫୁଟାଇ
'ଜୟଗୁରୁ' 'ଜୟଗୁରୁ' ମୁଁ ଗାଇ
ନିଜକୁ ଦେବି ପାସୋରି ଗୋ,
ଆଖିରେ ପ୍ରେମର ଅଞ୍ଜନ ଲେଖ ମା
କୁଦୃଷ୍ଟି ଯିବ ମୋ ଫେରି ଗୋ ॥ ୪ ॥

ଜ୍ଞାନ ତିଳକର ବିନ୍ଦୁ ରୁଚିର
ଚିତ୍ରି ଦିଅ ଶ୍ରୀକରରେ ତୋହର
କପାଳରେ ମୋର ଶୋଭୁ ସେ ଚିତା
ଜୀବନେ, ମରଣେ ବରଜି ଚିନ୍ତା
ନାମ, ଗୁଣ ତୋର ଗାଇ ଗୋ,
ଦିବସ ରଜନୀ ଶ୍ରୀଛାମୁରେ ମାଆ !
ନାଚୁଥିବି ଥେଇ ଥେଇ ଗୋ ॥ ୫ ॥

❀❀❀

# ମାତୃ-ସଂଗୀତ

ଏ ନୟନ! ଅନା ଥରେ
ମାଆ ମୋର ଚଉଧାରେ
ଗଗନ, ଭୁବନ, ତପନ, ପବନ ନୀଳଜଳେ ଖେଳେ ସେ'ରେ ॥ ୦ ॥

ସାରା ତିନି ଜଗତ ବିରାଜଇ ସେତ
ଜଡ଼ରେ କି ଅବା ଜୀବେ
ଦଶ ଦିଶେ ଫେରେ ଅନ୍ତରେ ବାହାରେ
ପଞ୍ଚଭୂତେ ସେ ଯେ ଭବେ
ଛବି, କୋଟି ରବି ଶଶି ହାରେ ॥ ୧ ॥

ତାର ରୂପ ଅନୁପମ ହ୍ଲାଦିନୀ ତା ନାମ
ନୀଳ ନଭ ଶୁଭ୍ର ଶଶି
ପୁଣି ନବ ବିକାଶରେ ଭରା ଆକାଶରେ
ବିନାଶି ତିମିର ମସୀ
ଚାରୁ କିରଣ ଜାଳ ବିସ୍ତାରେ ॥ ୨ ॥

ସେ ଯେ ସାଗର- ଭରସେ ସମୀର ପରଶେ
କଳନାଦଦିନୀ ଲହରୀ
ପୁଣି ଭସା ବଉଦରେ ଲୁଚି ଛପି ସେରେ
ଖେଳୁଥାଏ ଲୁଚକାଳି
ମାରି ଦରହସା ଥରେ ଥରେ ॥ ୩ ॥

ସେ ଯେ ଗିରି ଗରଭର ଝର ନୀର ଧାର
ମନୋହର କୁଳୁ ଗାଏ
ବନ ଗହନରେ ଭୀମ ମରୁଥଳେ
ଅଭୟା ସେ'ତ ବୋଲାଏ
ନିଶିଦିନ ତା' ଚରଣ ଝୁରେଁ ॥ ୪ ॥

# ମାତୃ-ସଂଗୀତ

ଚରଣ ତଳରେ ତୋର
ଧନ, ମାନ, ଯଶ ପଉରୁଷ ବୋଲି
ସମ୍ପଦ ଯାହା ବୋଲ
ସବୁତକ ଠୁଳ ମୋର ॥ ୦ ॥

ସୁମରିଲେ ତୋର ଶ୍ରୀପଦ ପଙ୍କଜ
କୁବେର ଭଣ୍ଡାର ପାଏଁ
ତେଣୁ ସିନା ମାଆ ତାରା ତ୍ରିନୟନୀ
ମଧୁର ତୋ ନାମ ଗାଏଁ
ପାସୋରିଲେ ତିଳେ ଜୀବନ ମେଘରେ
ଘେରି ଆସେ ଦୁଃଖ ଘୋର ॥ ୧ ॥

ମାଗୁଣି ମାତର ଘେନ ମାଆ ମୋର
ଦିଅ ଶ୍ରୀଚରଣେ ଛାଇ
ତିନି ଜଗତରେ ସବ ବଦଳରେ
ଆଉ କିଛି ଲୋଡ଼ା ନାହିଁ
ଚରଣ ଶରଣ ଗତି ହେଉ ମୋର
ନିବେଦନ ଘେନାକର ॥ ୨ ॥

❀❀❀

## ମାତୃ-ସଂଗୀତ

ଦୟାମୟୀ ମା' ବୋଲି ଗୋ,
କେ ତୋତେ କହେ
ଏଇ ଘରେ ଥାଉ ତୁ, ତୋ ଦେଖା ନ ପାଏଁ ॥ ୦ ॥

ଆଦରେ ଜନମ ଦେଲୁ
ଗେହ୍ଲାଇ ତୁ ବଢାଇଲୁ
ମୁଖ ଲୁଚାଇତୁ ରହୁ, ଯେତେ ମୁଁ ଚାହେଁ ॥ ୧ ॥

ଜାଣେ ଅଛୁ ଏଇ ଘରେ
କିଳିଣି ଦେଉ ଦୁଆରେ
କ୍ଷୀର ଦେଇ ବଢ଼ାଇ କେ ଦୂରରେ ରହେ ? ॥ ୨ ॥

ଅବୋଲର ହେଲି ବୋଲି
ଦୂରେ ଦୂରେ ଦେଉ ଠେଲି
ଅବାଧ୍ୟ ସନ୍ତାନେ କି ମା' କ୍ଷମା ନ ଦିଏ ॥ ୩ ॥

ଆଉ କିଛି ମାଗୁ ନାହିଁ
ଖାଲି ତୋର ପଦ ଛାଇ
ନ ମିଳୁ ପଛକେ ଆଜି, ଦେବୁ ଯେବେ ଅନ୍ତ ହୁଏ ॥ ୪ ॥

❀❀❀

## ମାତୃ-ସଂଗୀତ

ନୟନ ପୂରାଇ ଦେଖିବ କେ ଆସ
ମାଆ ରୂପ ମନୋହର
ନାନା ରୂପେ ସେଯେ ଦରଶନ ଦିଏ
ବହୁ ରୂପୀ ମାଆ ମୋର ॥ ୦ ॥

କଳପନା ନୁହେଁ ଚିନ୍ମୟୀ ସେ (ତାର) ଅଧରେ ମଧୁର ହାସ
ହେରିଛି ଯେ ତାରେ, ତା ନୟନେ ଭରେ ଦରଶନେ ପାପ ନାଶ
ବକ୍ଷରେ ତାର ସୁଧାର ଧାର
ନୟନେ ପ୍ରେମର ଛାୟା ଉଜ୍ୱଳ
ମାଆର ମୋର
କୋଳେ ତାର ଶତ ଭକତ ନିରତ ମାଆ ମାଆ ଗାଇ ନିତି ବିଭୋର
ଅଶେଷ ଯୁଗର ଭକତି ମୁକତି
ମାଆ ପଦତଳେ ସକଳ ଠୁଳ ॥ ୧ ॥

ଆସରେ ଆସରେ,
ପାପୀ ତାପୀ ଦୁଃଖୀ ଯେବା ଅଛ ଯହିଁ
ଅଭୟ ଚରଣେ ଲୋଟାଅ ଶିର
ଶୟନେ ସ୍ୱପନେ ଅବା ଜାଗରଣେ
ନିରେଖ ନୟନେ ମାଧୁରୀ ତା'ର ॥ ୨ ॥

***

# ମାତୃ-ସଂଗୀତ

ନିରଖ ପରା ମୁଁ ମାଆ
ତୋ ବିନେ ଜନନୀ ! ନାହିଁ ଆନ କେହି
କରିବା ପାଇଁକି ଆହା ॥ ୦ ॥

ପିତା ମାତା ଭାଇ ବଂଧୁ ତୁ ଯେ ମୋର
କୁଟୁମ୍ବ ସୋଦର ଯାହା
ପରାଣର ତୁ ତ ପରାଣ ମୋହର
ଜୀବନେ ମରଣେ ସାହା ॥ ୧ ॥

ଅସାର ଏ ସାରା ସଂସାର ମାଆ ଗୋ
ଘୋଟିଛି ମାୟାର ଛାୟା
ବିପଦ ବଂଧୁର ଚଲାପଥେ ଏକା
ତୁହି ଦେଖାଇବୁ ରାହା ॥ ୨ ॥

ନିରାଶାର ତୁହି ଆଶା ଏକା ତୋର
କରୁଣା ଭରସା ଦିଆ
ବିରହର ତୁହି ସ୍ମୃତି କୃପାମୟୀ
ଦୀନଜନେ ଥରେ ଚାହାଁ ॥ ୩ ॥

ଶରଣ ରକ୍ଷିଣୀ ଏତିକି ମାଗୁଣି
ଗାଇ ଗାଇ ତୋର ନାଆଁ
ମରଣ କାଳରେ ଧରିଥିବ ମୋର
କର ତୋ କମଳ ପାଆ ॥ ୪ ॥

## ମାତୃ-ସଂଗୀତ

ବତାଇ ଦିଅ ତୁ ଭକତି ପଥର ରାହା
ମୁଁ ଯେ ବାଟଭୁଲା ବାଟୋଇ ପରା ଲୋ ମାଆ ॥ ୦ ॥

ଆଖି ଆଗେ ମୋର ଅନ୍ଧାର ଖାଲି
ଚାଲିପାରୁ ନାହିଁ ଖରା ତାତି ବାଲି
କେତେ ଦୂର ସେଇ ଭକତି ଦେଉଳ
ନେଇଯାଏ ଧରି ବାହା
ଘଡ଼ିଏ, ପହୁଡ଼େ ଥକା ମେଣ୍ଟାଇବି
ହୁଅତୁ ମାଆଲୋ ସାହା ॥ ୧ ॥

ନାଟ ମଣ୍ଡପରେ ବସିବି ଟିକିଏ
ପବନ ଯେଉଁଠି ଝାଳ ପୋଛିଦିଏ
ଘୁମଘେରା ଆଖି ଦେଖିବ ସପନ
ମଥାରେ ତୋ ହାତ-ଦିଆ
ସାରା ଜୀବନର ଦୁଃଖ ପାସୋରାଇ
ମାଆ ଆଉଁସୁଛି, ଆହା ॥ ୨ ॥

ସେଇ ଘୁମ ମୋର, ଘୁମ ହୋଇ ରହୁ
ମୁଦା ଆଖି ତୋର ହସ ଦେଖୁଥାଉ
ତୋ ପାଦତଳରେ ମଥା ଲୋଟୁଥାଉ
ହେଳାରେ ଡାକି ତୋ ନାଆଁ
ସେଇ ଦେଉଳକୁ ଡଗର ଖୋଜୁଛି
ଏଇ ତୋ ଅବୁଝା-ଛୁଆ ॥ ୩ ॥

## ମାତୃ-ସଂଗୀତ

ଭୋଗିଲି ଯେବେ ଗୋ କରମର ଫଳ ଯାହା
କି ଫଳ ତେବେ ତୋ ଚରଣେ ଶରଣ ମାଆ ? ॥ ୦ ॥

ମନେ ଥିଲା ମୋର ପଦଛାଇ ତୋର
ଲଭି ଆଗୋ ମହାମାୟା
ଜନମର ଲାଗି ନୋହି ଦୁଃଖଭାଗୀ
ଶୀତଳ ହେବ ମୋ କାୟା ॥ ୧ ॥

ଆଶାରେ ଆଶାରେ ମିଛ ଦିନ ସାରେ
ସାରା ବାଲି ବନ୍ଧ ଦିଆ
ବାରିଲି ସତରେ ସୁଖ ପାଇ ଯା'ରେ
ସେ'ତ ଫଟା କପାଳିଆ ॥ ୨ ॥

କି ଦିନ କି ରାତି ଜଳାଉ ତା ଛାତି
ଯେତେ ଅନୁସରଣିଆ
ସବୁ ବୁଝେ ମନ ନ ବୁଝେ ପରାଣ
ବାରି ବାରେ ନାହିଁ ହିଆ ॥ ୩ ॥

କହ ମାଆ ମୋତେ କେବେ ଆଉ ସତେ
ସରିବ ଏ ଲୁହ ବୁହା
ହସ ମୁହଁ ତୋରହେରି ଦୁଃଖ ମୋର
ପାସୋରିବି ସତେ ଆହା ॥ ୪ ॥

## ମାତୃ-ସଂଗୀତ

ମନକଥା କହୁଛି
ଜାଗରେ ଶୟନେ ନିତି, ସେ ରୂପ ମୁଁ ଝୁରୁଛି ॥ ୦ ॥

ସେ ପଦ କମଳ ଝରା ମକରନ୍ଦ ପାଉଛି
ସୁରଧୂନି ଧାରା ଯହୁଁ ନିଶିଦିନ ଝୁରୁଛି ॥ ୧ ॥

ସୋହାଗ କୋମଳ ଅଙ୍ଗ ସରାଗେ ପରଶୁଛି
ସୁବାସ ସୁମନ ତଳ୍ପ ତୁଚ୍ଛ ବୋଲି ମଣୁଛି ॥ ୨ ॥

ଅଧର ମଧୁର ବାଣୀ କର୍ଣ୍ଣରେ ତ ଶୁଣୁଛି
ନାମ ଗୁଣ ତବ ପ୍ରଭୁ ! କଣ୍ଠ ଗୁଣି ହେଉଛି ॥ ୩ ॥

କାହିଁକି ଭାବନା ତେବେ ମିଛେ ମିଛେ କରୁଛି
ଶିରେ ପରା ତୁମ କର-ପରଶ ମୁଁ ବାରୁଛି ॥ ୪ ॥

❀❀❀

## ମାତୃ-ସଂଗୀତ

ମନକଥା କହୁଛି ମୋର
ଅଦେଖା ତୁମର ଛାଇ ବାରୁଛି ମୁଁ ବାରବାର ॥ ୦ ॥

ନାଶାରେ ପ୍ରତି ନିଃଶ୍ୱାସେ
ଅସୀମ ସୁଗନ୍ଧ ଆସେ
ତୁମ ପଦ କମଳର, ସୁବାସ ସେ ମନୋହର ॥ ୧ ॥

କାନରେ ଶୁଭୁଛି ନିତି
କିବା ଦିବା କିବା ରାତି
ଅନନ୍ତ ଆକାଶ ଭସା ଦୂର ବଇଁଶୀର ସୁର ॥ ୨ ॥

ମନର ଛପିଲା ଆଶା
ପୂରଣ ଯାର ଦୂରାଶା
ଲୁଚି କାହିଁ ପଲକରେ ପୂରାଅ କି ମନଚୋର ॥ ୩ ॥

ମାଗିବା ଆଗରୁ ମୁହିଁ
ସବୁତ ଆସିଛ ଦେଇ
ଅନ୍ତିମେ ମାଗୁଛି ଖାଲି ଚରଣ ସେବା ତୁମର ॥ ୪ ॥

❀❀❀

## ମାତୃ-ସଂଗୀତ

ମନ କଥା ଶୁଣ ମୋର ମା'

ହସିବି ଆନନ୍ଦ ଭରେ ନାଚିବି କୋଳେ ତୋର ମା' ॥ ୦ ॥

ତୁ ତ ମାଆ ଅନ୍ନପୂର୍ଣ୍ଣା
ଗଉରୀ ଚଣ୍ଡୀ ଅପର୍ଣ୍ଣା
ମହିଷାମର୍ଦ୍ଦିନୀ ଦୁର୍ଗା କାଳୀ କରାଳୀ ଘୋର ମା' ॥ ୧ ॥

ତୁ ପୁରୁଷ କିବା ନାରୀ
ନ ପାରେ ତ ତୋତେ ବାରି
ଅଧା କାହ୍ନୁ, ଅଧା ରାଇ କେବେ କେଉଁ ରୂପର ମା' ॥ ୨ ॥

କଇଳାସ ପୁରେ ଉମା
ବଇକୁଣ୍ଠେ ତୁହି ରମା
ସୃଷ୍ଟି, ସ୍ଥିତି, ଲୟ, କାଳେ ବ୍ରହ୍ମା, ବିଷ୍ଣୁ, ଶଙ୍କର ମା' ॥ ୩ ॥

ଜଗତର ମାତା ତୁହି
ଚୈତନ୍ୟରୂପିଣୀ ତୁହି
ଶକ୍ତି ସ୍ୱରୂପିଣୀ ତୁ ମା' ଅଜ୍ଞାନ ମୋର ହର ମା' ॥ ୪ ॥

ଅନୁଗତ ଯେ ମା' ତୋର
ସେ ତୋହର ତୁହି ତା'ର
ସମ୍ପଦେ ବିପଦେ ସାହା କରୁଣା ଏକା ତୋର ମା' ॥ ୫ ॥

ମାୟା, ମୋହ ଭୁଲି ହେଲେ
ବସି ତୋ ଚରଣ ତଳେ
ଗୁରୁ ଦାସ ଅନ୍ତକାଳେ ମା' ଡାକୁ ବାର ବାର ମା' ॥ ୬ ॥

## ମାତୃ-ସଂଗୀତ

ମାଗିବି ନାହିଁ ମୁଁ କିଛି ତୋ ଚରଣେ ଅଳି କରି,
ଦରଶନ ଦିଅ ଗୋ ମାଆ, ଏତିକି ଭିକ୍ଷା ଶଙ୍କରୀ ॥ ୦ ॥

କମଳ ପଦରେ ତୋର
ନୁଆଁଇବି ମଥା ମୋର
ମାଆ ବୋଲି ଥରେ ଖାଲି, ଡାକିବି ପରାଣ ଭରି ॥ ୧ ॥

ତପତ-ନୟନ-ନୀରେ
ପଖାଳିବି ତୋ ପୟରେ
ଚାହିଁ ତୋ ଚରଣ ଥରେ, ମୋ ଦୁଃଖ ଯିବ ପାସୋରି ॥ ୨ ॥

ସେବାର ଅଯୋଗ୍ୟ ବୋଲି
ପାଦେ ଥରେ ଦିଅ ଠେଲି
ଶିରେ ପଦ ରଜ ବୋଲି, ବାସନା ଯିବ ମୋ ପୂରି ॥ ୩ ॥

❀❀❀

## ମାତୃ-ସଂଗୀତ

ମା'ଗୋ ! ଡରିମରି ଦିନ ଯାଏ
ଏତେବେଳେ ସତେ କହିଲୁ ତୋ' ବିନା
ସାହା ମୋର ଆଉ କିଏ ? ॥ ୦ ॥

କହିବୁ ତୁ ଅବା ଅଛନ୍ତି ମୋହର
ଭାଇ, ବନ୍ଧୁ, ଜାୟା, ଜନନୀ, ପିଅର
ସେ ତ ମାଆ ! ସବୁ ସୁଖ ବେଳେ ସାଥୀ
ହିତ କଥା କେବେ ନ କହେ ॥ ୧ ॥

ମାନୁଛି ମୁହିଁ ଗୋ ଅଟଇ କୁପୁତ୍ର
କୁମାତା ଜଗତେ ସମ୍ଭବ ନୁହେଁ ତ
ମାଆ ବିନେ ଭଲା ସନ୍ତାନର ଦୋଷ
କିଏ ଆଉ କ୍ଷମା ଦିଏ ? ॥ ୨ ॥

ପ୍ରସନ୍ନ ହୁଅ ଗୋ ତୁହି ଦୟାମୟୀ !
ତୋ ଆଶିଷ ବିନେ ଆନ ଗତି ନାହିଁ
ଚରଣ ତଳରେ ମଥା କୁଟି ମୁହିଁ
ଶରଣ ତୋହର ନିଏଁ ॥ ୩ ॥

❀❀❀

# ମାତୃ-ସଂଗୀତ

(ମୋତେ) ଜଞ୍ଜାଳିଆ କହ ତୁ ପଛେ
ମୁଁ ଧାଇଁଥିବି ତୋର ପଛେ ପଛେ ॥ ୦ ॥

କୋଳ କରି ନିଅ ବୋଲି କରୁଛି କଟାଳ
ଏଇଥର ମାଆ ମୋର କଥାଟି ନ ଟାଳ
ନ ଜାଣି ମୁଁ ବୁଲୁଥିଲି ମା, ଛାଇ ପଛେ ମିଛେ ମିଛେ ॥ ୧ ॥

(ଯେତେ) ଅପରାଧ କଲେ ମୁଁ ଯେ ତୋହରି ସନ୍ତାନ
ଥାଉ କି ନ ଥାଉ ମୋର ଚିତ୍ତେ ଦିବ୍ୟ ଜ୍ଞାନ ମା
କୁପୁତ୍ର ବୋଲି କି କାହିଁ, ଜନନୀ କାହାକୁ ବାଛେ ? ॥ ୨ ॥

ଏଥରକ କୋଳେ ତୋର ନେଲେ ମାଆ ମୋର
କୋଳ ଛଡ଼ା କରିବ କେ ଶକତି କାହାର ?
ଶକ୍ତିମୟୀ ପାଶେ ମାୟା ହାରିବ ସିନା ତରଛେ ॥ ୩ ॥

❀❀❀

## ମାତୃ-ସଂଗୀତ

ସନ୍ତାନ ବତ୍ସଳା ଶ୍ୟାମା ମାଆ ମୋର
ପଖାଳିବି ଶ୍ରୀଚରଣ, ଆଣିଛି ମୋ ଆଖି ନୀର ॥ ୦ ॥

ରୁଷି ତୁ ପ୍ରହାର କର ଲଘୁ ହେଉ ପାପ ଭାର
ଅଜ୍ଞାନ-ଅନ୍ଧ ନୟନ ନିରେଖୁ ଆଲୋକ ଧାର ॥ ୧ ॥

ଚେତନାହରା ଏ ଚିତ୍ତ କର ଗୋ ଦେବି ! ପବିତ୍ର
ହେରି ଦର ହାସ ଲେଖା ପ୍ରେମ ଚନ୍ଦ୍ର ମୁଖେ ତୋର ॥ ୨ ॥

କରୁଣା କର ଗୋ ତାରା, ସନ୍ତାନ ତୋ ଦିଶ ହରା
ବାଉଳା ମୁଁ ପଥ କାହିଁ, ଖୋଜି ବୁଲେ ଭବସାରା ॥ ୩ ॥

❀❀❀

## ମାତୃ-ସଂଗୀତ

ସେଇ ମାଆ ତ ଆମରି ଯୁଗ ଅନୁସରି ଶ୍ୟାମ ଶ୍ୟାମା ରୂପ ଧରେ
ବିଷୟ ବିମୁଗ୍ଧ ଅବୋଧ ମାନବ (ତାଙ୍କୁ) ଭିନ୍ନ ବୋଲି ମନେ କରେ ॥ ୦ ॥

କିଏ କହେ ତାଙ୍କୁ ଶ୍ୟାମ ନଟବର
ଶ୍ୟାମା ବୋଲି କେହୁ ପୂଜେ ତା' ପୟର
ଜ୍ଞାନୀ ଦେଖେ ସେଇ ସତତ ରାଜଇ ବ୍ରହ୍ମ ରୂପେ ଚରାଚରେ ॥ ୧ ॥

ଶିବ ମାତା ହୋଇ ଶିବପତ୍ନୀ ଘୋଷେ
ଲକ୍ଷ୍ମୀରୂପେ ସେହୁ ସେବେ ଶ୍ରୀନିବାସେ
ପୁଣି ଶୁଣେ ସେହୁ ଥିଲେ ଗର୍ଭବାସେ ମିଶି ଅଭେଦ ଭାବରେ ॥ ୨ ॥

ଆଦ୍ୟାଶକ୍ତି ମାତା ଦେବ ଦୁଃଖ ପାଇଁ
ଅସି ପାଶାଙ୍କୁଶ ଚତୁଷ୍କରେ ନେଇ
ଦୈତ୍ୟବଳ ନାଶିବାକୁ ଲୋଳଜିହ୍ୱା ଲମ୍ବୋଦରୀ ମୂର୍ତ୍ତି ଧରେ ॥ ୩ ॥

ପୁଣି ସେ ଭୂଭାର ହରଣ କାରଣେ
ଆସି ତ୍ୟଜି ବଂଶୀ ନେଲେ ବୃନ୍ଦାବନ
ଗୋପାଳ ହୋଇ ସେ ଗୋରୁ ଚରାଇଲେ ବନେ ବୁଲି ନୀପମୂଳେ ॥ ୪ ॥

ଏ ଦୀନ ନଳିନୀ ଯୁଗ୍ମକରେ କହେ
ସତ୍ତ୍ୱରଜ ତମ ଏକ ବିଶ୍ୱମୟେ
ଭେଦାଭେଦ ଜ୍ଞାନେ ନରକ ନିଶ୍ଚୟେ ଦ୍ୱିଭାବେ ଅଭାବ ପଡ଼େ ॥ ୫ ॥

ପଡ଼ିଛି ମୋହର ହୃଦୟରେ କାଳି
ଜାଣେ ତାହା, ତେଣୁ ଭଲପାଏ କାଳୀ
ହୋଇ କୈତୂହଳୀ ଗାଏ କାଳୀ କାଳୀ(କାଳି) ଦେବାକୁ କାଳ ମୁଖରେ॥ ୬ ॥

## ମାତୃ-ସଂଗୀତ

ସେବକ ବ୍ରତ ତୁ ଦିଅ ଗୋ ମାଆ,
ସେହି ବରତ ମୁଁ ପାଳି ନିରନ୍ତର
ସେବୁଥିବି ତୋର ପାଆ ॥ ୦ ॥

ଯେଉଁ ରୂପ ଯେବେ ଧରି
ଆଭାସିବୁ ଅବତରି
ଇଂଗିତ ତୋହର ପାଇ ସମାଦରେ
ପାଳୁଥିବି ମୁହିଁ ତାହା ॥ ୧ ॥

ଯେବେ ଦେବୁ ଯେଉଁ ଦୀକ୍ଷା
ମଣିବି ସେ ତୋର ଶିକ୍ଷା
ମାନି ସେ ଆଦେଶ ନିଶି ଦିବସ ମୁଁ
ଅନୁସରିବି ସେ ରାହା ॥ ୨ ॥

ଯେ ଚରିତ୍ରେ ଭୁଲ ଯାହା
ଆଦରି ଘେନିବି ତାହା
ଇଚ୍ଛା ତୋର ହେଉ ମୋର ଇଚ୍ଛା ମାଆ,
ଜୀବନର ଚିର ସାହା ॥ ୩ ॥

❀❀❀

# କୃଷ୍ଣ-ସଂଗୀତ

କଦମ୍ବ ବନେ ବଂଶୀ ବାଜିଲାରେ ସଜନୀ
ଦମ୍ଭ ଶିଖରୀ ଚୂଳ ଭାଜିଲାରେ ॥ ୦ ॥

କି ଆଚମ୍ବିତେ ଆସି ଗଲା ଶ୍ରୁତି ପରଶି
କୁଳ-ଧରମ-ମାନ ତେଜିଲାରେ ॥ ୧ ॥

କି ସୁରେ ସେ ବଜାଏ ମରମ ଦହି ଦିଏ
ବିବେକ ଚେତନା ତ ହଜିଲାରେ ॥ ୨ ॥

ସେ ରୂପ ନ ହେରିଲେ ଜୀବ ଥିବ କି ଭଲେ
କେ ବିଧି ତାହାରେ ସରଜିଲାରେ ॥ ୩ ॥

❁❁❁

## କୃଷ୍ଣ-ସଂଗୀତ

କାଳିଆସୁନା ! ଗତିକେ ଆଉ ତୋହ ବିନା ?
ତୁ ମୋ ଜୀବନ ଧନ ସିନା !! ॥ ୦ ॥
ଗରବେ ତୋହର ଗରବିଣୀ ମୁହିଁ
ରୂପ ଶିରୀ ତୋର ଛାଇ
ସାରା ଜଗତରେ ବାଜଣା ବାଜୁଛି
ରୂପବତୀ ବୋଲି ଚାହିଁ
ତୁ ତ ମୋହର ଦାନା କନା ॥ ୧ ॥
ଆନ ଆନଙ୍କର କେତେ ପ୍ରଭୁଛନ୍ତି
ଏକା ତୁ ପ୍ରଭୁ ମୋହର
ପରାଣରୁ ବଳି ପ୍ରିୟ ମୋର ବୋଲି
କରିଛି ଗଳାର ହାର
ପ୍ରିୟତମ ତୋହରି ନାଆଁ ॥ ୨ ॥
ମୋ ଅନ୍ଧ ନୟନ ଅଞ୍ଜନ ତୁ ଏକା
ଚାରୁ ଚାନ୍ଦକର ତୁହି
ମାୟା ମରୀଚିକା ଦୂର କରୁ ବୋଲି
ଭରସା କରିଛି ମୁହିଁ
ଉଡୁଛି ତୋ ବିଜୟ ବାନା ॥ ୩ ॥
ଅଙ୍ଗ ଅଲଙ୍କାର କଣ୍ଠ ମୋତିହାର
ତୁହି ଏକାରେ କାଳିଆ
ଗୁରୁ ଦାସ ହୋଇ ଚିର କାଳ ମୁହିଁ
ଥିବି ତୋ ପାଆ ତଳିଆ
ଏତେ ମାଗୁଣି କର ଘେନା ॥ ୪ ॥

## କୃଷ୍ଣ-ସଂଗୀତ

କିଏ ଶୁଣାଇଲା କୃଷ୍ଣ ବୋଲି ନାମ ତାର
ଶୁଣିଲା ବେଳରୁ ପ୍ରେମୀଜନ ମନ
ବୁଡ଼ାଇଲା ନିରନ୍ତର ॥ ୦ ॥

କେତେ କେତେ ନାମ ନାହିଁ ଏ ଗୋକୁଳେ
କେତେ ନାମ ଶୁଣା ନାହିଁ
କୃଷ୍ଣ ନାମ ଏକା ଶୁଣନ୍ତେ ଶ୍ରବଣେ
କାମୀ ପ୍ରେମରେ ବିଭୋର ॥ ୧ ॥

କି ମାଧୁରୀ ଭରି ରହିଛି ସେ ନାମେ
ଢାଳେ କାନେ ସୁଧାଝର
ଅମୃତ ସେ କିବା ସୁବାସ ସତେ କି
ଜୀବନ ଭରି ପ୍ରସର ॥ ୨ ॥

ଦେଖିବାର ପାଇଁ ସେ ମଧୁ ମୂରତି
ନିରତ ଆଶା ମନର
ସଦା ସେହି ରୂପ ଦରଶନ ପାଇଁ
ଝୁରେ ସଦା ଚିତ୍ତ ମୋର ॥ ୩ ॥

❁❁❁

ଜୀଇବାର ଧିକ ସିନା ମରଣ ଅଧିକ ଭଲ
କୁଳବତୀ ହୋଇ ତାର ଲାଗି ହେଲି କଲବଲ ॥ ୦ ॥

ପହିଲେ ନାମ ଶୁଣିଲି
କୃଷ୍ଣ କୃଷ୍ଣ କୃଷ୍ଣ ବୋଲି
ମନ ମୋର ଚୋରି କଲା ସେ ନାମ ଦୁଇ ଅକ୍ଷର ॥ ୧ ॥

ତହୁଁ ମୂରଲୀର ସ୍ୱର
ଶ୍ରୁତି କି କଲା ଅଧୀର
ଚମକି ଉଠିଲା କାନ ମନ ମୋର ବାର ବାର ॥ ୨ ॥

ଚିତ୍ର ମୂରତି ହେରିଲି
ତହୁଁ ଅତି ଭରମିଲି
ନବ ଜଳଧର କାନ୍ତି ସତେ କେଡ଼େ ମନୋହର ॥ ୩ ॥

ପୁଣି ମୁଁ ଚକିତ ହୋଇ
ଚାହିଁଲି ସଜନୀ ଯହିଁ
ତହିଁ ତହିଁ ନାଚିଲାରେ ଶ୍ୟାମ ରୂପ ଥର ଥର ॥ ୪ ॥

❀❀❀

## କୃଷ୍ଣ-ସଂଗୀତ

ଥରେ ବଂଶୀ ବଜାଅ କହ୍ନାଇରେ,
ଥରେ ମୂରଲୀ ଦିଅ ତୁ ବାଇ,
ତୋ ମଧୁ ମୂରଲୀ ସ୍ୱନ ନ ଶୁଣି ମନ ମୋହନ
ଆଉ ଗୋଠ ଯିବା ମନ ନାହିଁ ॥ ୦ ॥

ଦେଖ ଧେନୁ ବତ୍ସା ଯେତେ ଅନାଇଛନ୍ତି ଚକିତେ
ଗୋପର ବାଳକ କୂଳ ସରବେ ହେଲେଣି ଠୁଳ
ରହିଛନ୍ତି ତତେ ତକାଇରେ ॥ ୧ ॥

ଆଉ ତୁ ଉଛୁର କଲେ ମୂରଲୀ ନ ବଜାଇଲେ
ଖେଳିବୁ କହ କା ତୁଲେ ଏ କଥା କି କାହ୍ନୁ ଜାଣୁ ନାହିଁରେ ॥ ୨ ॥

ହୃଦୟ-ଯମୁନା କୂଳେ ହସି ଖେଳି ଭାବ ଭୋଳେ
ରାଜା କରିବୁରେ ତୋତେ, ଭେଟି ଫୁଲ ହାର କେତେ
ମନ ଭରି ଗୁନ୍ଥିଛୁ ତୋ ପାଇଁରେ ॥ ୩ ॥

ଥରେ ତିନି ଭଙ୍ଗିଆ ଠାଣିରେ ପିନ୍ଧି ପୀତବାସ କାଛେଣୀରେ
ଆସ ମନ-ନିକୁଞ୍ଜ କାନନେ
ଘେନ ନିବେଦନ ଶୁଭ ଦିନେ
ଆମେ ପାଦ ଦେବୁଁ ତୋର ଧୋଇରେ ॥ ୪ ॥

❋❋❋

# କୃଷ୍ଣ-ସଂଗୀତ

ଦୁଇ ଚାରି ସହୀ ସଙ୍ଗତରେ ମୁହିଁ ଆଜି ଯମୁନାକୁ ଯାଇ
ଦେଖିଲି ମୁଁ ଯାହା, ବର୍ଣ୍ଣିବାକୁ ତାହା ବଚନ ମୋହର ନାହିଁ
ରେ ସହୀ !
ଅନୁପମ ରୂପ ଏକା ସେହି, ରେ ସହୀ ! ॥ ୧ ॥

ମନ ବିମୋହନ, ବସନ ଭୂଷଣ ଚିକ୍‌କଣ କାଳିଆ ଦେହୀ
ଶିରେ ବାଙ୍କଚୂଳ ଶୋଭେ କି ମଞ୍ଜୁଳ ବାମକୁ ସେ ଢଳିଥାଇ
ରେ ସହୀ !
ମନ୍ଦ ପବନ ପରଶ ପାଇ, ରେ ସହୀ ! ॥ ୨ ॥

ଚୂଳ ଚଉକତି ଫୁଲ ନାନା ଜାତି ଗୁନ୍ଥା ମାଳ ଘେରି ଥାଇ
ମଝିରେ ମୟୂର ଚନ୍ଦ୍ରିକା ମଞ୍ଜୁଳ ଶୋଭାକୁ ଦିଏ ବଢ଼ାଇ
ରେ ସହୀ !
ତାର ଉପମାଟି ଏକା ସେହି, ରେ ସହୀ ! ॥ ୩ ॥

ଭାଲେ ଶଶଧର ମଳୟ ଚନ୍ଦନ ଚିତା କି ଶୋଭା ଦିଶଇ
ଗୋରୋଚନା ବିନ୍ଦୁ ଚିତ୍ର ପୁଣି ତହିଁ ଶୋଭେ ଟୋପି ଟୋପି ହୋଇ
ରେ ସହୀ !
ଆଖି ଲାଖି ରହେ ତାହା ଚାହିଁ, ରେ ସହୀ ! ॥ ୪ ॥

ନୟନେ ନୟନେ ମିଶିଲେ ସଜନୀ ପ୍ରୀତିଧାରା ବରଷଇ
ସତେ ସରଗର ସୁଧା ସେ ଅଧର ପଲ୍ଲବ ତଳୁ ଝରଇ
ରେ ସହୀ !
ହେରି ପଲକ ତ ପଡ଼େ ନାହିଁ, ରେ ସହୀ ! ॥ ୫ ॥

ଅଙ୍ଗେ ପୀତବାସ କିବା ଶୋଭାବନ ଝଲସେ ନୟନ ଚାହିଁ
ଗଳେ ବନମାଳ ଧୀର ପବନରେ ଦୋଳି, ସୁଷମ ଦିଶଇ
ରେ ସହୀ !
ମୁଁ ଗୋ ତାଟକା ହୋଇଲି ଚାହିଁ, ରେ ସହୀ ! ॥ ୬ ॥

କାନେ ଶୁଣିଥିଲି ଗୋପନରେ ଏବେ ହେରିଲି ନୟନେ ଯାହା
ସତରେ ସଜନୀ ଆଗରେ ତୋହର ବର୍ଣ୍ଣନା ଶକତି ନାହିଁ
ରେ ସହୀ !
ତାକୁ ଗଢ଼ିଲା କେବଣ ବିହି, ରେ ସହୀ ! ॥ ୭ ॥

❀❀❀

# କୃଷ୍ଣ-ସଂଗୀତ

ନଟବର ବେଶେ ଆସ ରସିକ ଶେଖର
ନିରୂପମ ରୂପ ସତେ କେଡ଼େ ମନୋହର ॥ ୦ ॥

ଭକତି ଯମୁନା କୂଳେ ପୀରତି କଦମ୍ବ ମୂଳେ
ଚିତ୍ତବୃତ୍ତି ସଖାଗଣ ତୁଲେ
ବଜାଅ ମୁରଲୀ ଧର ! ନିଶ୍ୱାସ ପବନେ ମୋର
ବିବେକ ବଇଁଶୀ ମଧୁ ସୁରେ
ଚିଦାନନ୍ଦେ ତନୁ ମନ ହେଉ ହେ ବିଭୋର ॥ ୧ ॥

ତୁମେ କରୁଣା ସାଗର ରାସ-ରସିକ ନାଗର
ହୃଦୟ-ରାଧିକା ସଙ୍ଗେ ରସି
ଏ ମୋ ମନ ବୃନ୍ଦାବନେ ବିହର ଆନନ୍ଦ ମନେ
ନ ଗଣେ ଦିବସ ଅବା ନିଶି
ସଙ୍ଗେ ଘେନି ଯେତେଛନ୍ତି ଭଗତ ଗୋପାଳ ॥ ୨ ॥

ପ୍ରେମର ବରଜ ଧୂଳି ନାମ ରସେ ଗୋଳି ଢାଳି
ହୋରି ଖେଳେ ମତାଅ ଭୁବନ
ତୁମ ଗୀତ ଗାଇ ଗାଇ ନାଚିବି ମୁଁ ହୋଇ ବାଇ
ଅନୁସରି ଗୁରୁ ମହାଜନ
ଜୀବନରେ ଆମ ବାଞ୍ଛା ନାହିଁ ଏ ମନର ॥ ୩ ॥

❁❁❁

# କୃଷ୍ଣ-ସଂଗୀତ

ନଟବରଙ୍କର ଲୀଳା ମନୋହର ଦେହ ଘେନି ଅବତାର
ଯଶୋଦା ଦୁଲାଳ ଗୋପ ଗୋପୀଙ୍କର ମନ ଚୋର ରସ ସାଗର
ସେ ଲବଣୀ ଚୋର
ଅଦଭୁତ ଲୀଳା ଯାହାର ॥ ୧ ॥

ସ୍ଥୂଳ ସନାତନ ପୂର୍ଣ୍ଣ ବ୍ରହ୍ମଜ୍ଞାନ ରୂପେ ବଶ ତିନି ଭୁବନ
ବିଶ୍ୱପ୍ରାଣୀମନ କରେ ଆକର୍ଷଣ ଏ ମରତେ ନନ୍ଦ ନନ୍ଦନ
ସେ ଜଗଜ୍ଜୀବନ
ଶକତି ତା'ର ଅକଳନ ॥ ୨ ॥

ଭକତଜୀବନ ସେ ଯେ ଗୂଢ଼ ଧନ କରିଲେ ଲୀଳା ପ୍ରକଟନ
ଅନଳ ଯେସନ ତେଜ ଝଲସାଇ ବିନାଶେ ପତଙ୍ଗ ଜୀବନ
ସେ କୃଷ୍ଣ ତେସନ
ଟାଣି ନେଲେ ଭକତ ମନ ॥ ୩ ॥

କରୁଣା ସାଗର ଜଗତ ଈଶ୍ୱର ଗୋପରେ କରି ବିହରଣ
ଦୁଃଖ ଜଳନିଧି କରାଇଲ ପାର ଗୋପୀଜନେ ବ୍ରଜ ନନ୍ଦନ
ସେ କୃପା ନିଧାନ
ନର ଦେହ କରି ଧାରଣ ॥ ୪ ॥

❁❁❁

## କୃଷ୍ଣ-ସଂଗୀତ

ନବ ବୃନ୍ଦାବନ ନବୀନ ତରୁଗଣ ନବ ନବ ବିକଶିତ ଫୁଲ
ନବୀନ ବସନ୍ତ ନବୀନ ମଳୟାନିଳ ଉଚ୍ଛନ ନବ ଅଳିକୁଳ
ହରି ବିହରେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳିନେ କୁଞ୍ଜେ ବିହରଣ ରାଇ ପରାଣ ମରା ସେ ॥ ୧ ॥

ନବୀନ ରସାଳ ବକୁଳ ମଧୁ ମାଳତୀ କୋକିଳ କୁହୁତାନେ ଗାଏ
ନବ ଗୋପୀକା ଗଣ ଚିତ୍ତ ଉନମତ୍ତେ ନବରଙ୍ଗେ କୁଞ୍ଜବନ ଧାଏଁ
ହରି ବିହରେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳିନେ କୁଞ୍ଜେ ବିହରଣ ରାଇ ପରାଣ ମରା ସେ ॥ ୨ ॥

ରାସ ରସିକବର ରୂପ ମନୋହର ରାଇ ଚିତ୍ତ କରିନିଏ ଚୋରି
କାନନେ ମୂରଲୀବାଇ ଗୋପୀ ମନ ଦିଏ ଦହି କଦମ୍ବ ମୂଳରେ ବିହରି
ହରି ବିରହେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳିନେ କୁଞ୍ଜେ ବିହରଣ ରାଇ ପରାଣ ମରା ସେ ॥ ୩ ॥

ପୀତ ବସନ ନବ ଶ୍ୟାମ ବରଣ ତନୁ ମୃଗ ମଦ ଗନ୍ଧ ବିସାରେ
ଚରଣ କମଳ ତଳ ନିନ୍ଦିତ ଶତଦଳ ତ୍ରିଭୁବନ ଜନ ମନ ହାରେ
ହରି ବିରହେ ସଖୀ ମଧୁ ମଧୁ ମାସେ
କାଳନ୍ଦୀ ପୁଳିନେ କୁଞ୍ଜେ ବିହରଣ ରାଇ ପରାଣେ ମରାସେ ॥ ୪ ॥

❀❀❀

## କୃଷ୍ଣ-ସଂଗୀତ

ନୀରଦ ବରଣ ଶ୍ୟାମ କି ସୁନ୍ଦର ଗୋ
ନୟନ ଚକୋର ଝୁରେ ରୂପ ତା'ର ଗୋ ॥ ୦ ॥

ଯମୁନା କୂଳରେ ଉଭା
ଜିଣି ମରକତ ପ୍ରଭା
ଭ୍ରମର ଭ୍ରମରୀ ଲୋଭା ମନୋହର ଗୋ ॥ ୧ ॥

କିବା ସେ ବାଙ୍କ ଚାହାଣୀ
କୋଟି କାମଧନୁ ଜିଣି
ଜଗତ ନାଗରୀମାନ ମନ ଚୋର ଗୋ ॥ ୨ ॥

ଜାତି କୁଳ ମାନ ଛାର
ପଡ଼ିଲେ ନଜର ତା'ର
ତିନି ଭଙ୍ଗୀ ଠାଣି ତା'ର କି ମଧୁର ଗୋ ॥ ୩ ॥

ଗୁରୁ ଦାସ ଅନ୍ତ କାଳେ
ଚରଣ ଯୁଗଳ ତଳେ
କରୁଣା କଟାକ୍ଷ ଢାଳେ ଦୟାକର ଗୋ ॥ ୪ ॥

❀❀❀

## କୃଷ୍ଣ-ସଂଗୀତ

ନୀପ ଉପବନୁ ପହିଲେ ଶୁଣିଲି କାହାର ମୂରଲୀ କାନେ
ତହିଁ ଆରଦିନ ତା' କଥା କହିଲା ପାଶେ ଆସି ସଖୀ ଜଣେ
ରେ ସହୀ !
ଶୁଣି ଧଇର୍ଯ୍ୟ ହାରିଲି ମୁହିଁ, ରେ ସହୀ ! ॥ ୧ ॥

ଆଉ ଏକ ଦିନେ ସଖୀ ଜଣେ ମୋତେ କହିଲା ଗୋ ତା'ର ନାମ
ଶୁଣିଲି ସେ ନାମ ଗୁଣ ଗାଉଛନ୍ତି ଜଗତର ଗୁଣୀଜନ
ରେ ସହୀ !
ଆକୁଳ ମୁଁ ଦରଶନ ପାଇଁ, ରେ ସହୀ ! ॥ ୨ ॥

ନାମଟି ତାହାର ଅନ୍ତରରେ ମୋର ବାନ୍ଧିତ ରହିଛି ଘର
କୁଳ, ଶୀଳ, ମାନ, ଗୁରୁ-ଗୁରୁଜନ ସକଳେ ମୋହର ପର
ରେ ସହୀ !
ତା' ବିନା ମୋ ଆନ ଗତି ନାହିଁ, ରେ ସହୀ ! ॥ ୩ ॥

କି କରି ଜୀବନ ଧରି ସହିବି ଗୋ ? ଅଥୟ ଚିତ୍ତ ମୋହର
ସେ ରୂପ ମାଧୁରୀ ଭେଟିବି କିପରି ଉପାୟ କହ ତାହାର
ରେ ସହୀ !
ଏ ଜୀବନେ ଆନ ଆଶା ନାହିଁ, ରେ ସହୀ ! ॥ ୪ ॥

❀❀❀

# କୃଷ୍ଣ-ସଂଗୀତ

ଶ୍ୟାମ ନାମେ କି ମଧୁ ସହୀ ! ଦିଅ ବତାଇ
ରଜନୀ ଦିବସ ମୁଁ ତ ପାସୋରି ନ ପାରଇ ॥ ୦ ॥

ଘଡ଼ିଏ ସେ ନାମ ଭୁଲି
ରହିତ ମୁଁ ନ ପାରିଲି
ଅବଶ କଲା ସେ ନାମ
ଦେଲା ସବୁ ଭୁଲାଇ ॥ ୧ ॥

ନାମ ପରତାପେ ତାର
ସଂସାର ମାଗୁଛି ଛାର
ଦରଶନେ ତା ରୂପ କି
ହେବ କହି ନୁହଁଇ ॥ ୨ ॥

ବିଚାରିଲି ମନେ ଯେତେ
ଆଖିରେ ନାଚିଲା ସେତେ
ନାମ ସୁମରଣ ଏତେ
ପରଶେ କି ନୁହଇ ? ॥ ୩ ॥

❀❀❀

## କୃଷ୍ଣ-ସଂଗୀତ

ସଜନୀ ! ଶ୍ୟାମ ନାମ ଶୁଣାଇଲା
କାନର ଭିତରେ ପଶି, ମରମ ପରଶି ଗୋ
ମନ ପ୍ରାଣ ଆକୁଳ କରିଲା ॥ ୧ ॥

କେତେ ମଧୁ ଅଛି ସତେ ଶ୍ୟାମର ନାମରେ ଗୋ
ନିଶି ଦିନ ପାନେ ମନ ମୋର
ପାସୋରି ନ ପାରେଁ ତାରେ ନିରବଧି ମତି ଘାରେ
ହେବି ସତେ ପାଗଳିନୀ ପରା ॥ ୨ ॥

ଅବଶ ହେଲିଣି ସହି ! ଶ୍ୟାମ ନାମ ଗାଇ ଗାଇ
ଆଖି ନିତି ଦରଶନ ଝୁରେ
ପାସୋରିବି, ପାସୋରିବି ଯେତେ ମୁଁ ହେଲିଣି ଭାବି
ମନୁ ମୋର ଦୂର ସେ ନୋହିଲା ॥ ୩ ॥

ଥିଲେ ଏଥକୁ ଉପାୟ ସହୀରେ ବତାଇ ଦିଅ
କୁଳମାନ ପଛେ ଯାଉ ରାହା ନ ଦିଶଇ ଆଉ
ଶ୍ୟାମ ନାମ ପାଗଳିନୀ କଲା ॥ ୪ ।

❋❋❋

# କୃଷ୍ଣ-ସଂଗୀତ

ସଖୀ ସାର ହେଲା ନୀର ଧାର ଗୋ
ମୋତେ କାହ୍ନୁ କଲେ ସାତ ପର ଗୋ ॥ ୦ ॥
ତା ପୀରତି-ପଥ ଖସଡ଼ା ବୋଲି ମୁଁ
ଅନୁମାନେ ବାରିଥିଲି
ଘର ଅଗଣାରେ ଜଳ ଢାଳି ସଖି,
ନିତି ମୁଁ କେତେ ଶିଖିଲି ଗୋ
ବେନି ପାଦ ମୋର ଚାଲିବାର ॥ ୧ ॥
ମିଳନ ପଥରେ କଣ୍ଟା ଥାଏ ଶୁଣି
ସହିଯିବ ପାଦ ବୋଲି
ଉପବନ ବାଟେ ପୋତି ଦେଇ କଣ୍ଟା
ଯାଏଁ ନିତି ଫୁଲ ତୋଳି ଗୋ
ମୋର ଛାତିକି କରି ପଥର ॥ ୨ ॥
ମୂରଲୀ ଶୁଣି ମୁଁ ବନପଥେ ଗଲେ
ଅହି ଦଂଶନକୁ ଡରି
ଗାରଡ଼ି ମନ୍ତର ଶିଖିଲିରେ ସଖୀ
ଗୁଣିଆରେ ଗୁରୁ କରି ଗୋ
କାହ୍ନୁ ନ ବୁଝିଲେ ମନ ମୋର ॥ ୩ ॥
ଆତୁରେ ଧାଉଁ ମୁଁ ବନପଥେ ଅହି
ବେଢ଼ାଇ ହେଲେ ପୟରେ
ପାଦର ନୂପୁର ମଣଇଁ ମୁଁ ସଖୀ
ନ କରି ଶୋଚନା ଥରେ ଗୋ
ନିତି ମିଳନ ଆଶାରେ ତାର ॥ ୪ ॥
ସବୁ ବିପରୀତ ହୋଇଲା ତ ଏବେ
ଶ୍ୟାମ ବିରହରେ ସହି !
ଗଳା ଫୁଲ ହାର, ପାଦର ନୂପୁର
ପାଲଟି ଗଲେଣି ଅହି ଗୋ
ମୋର ଜୀବନ ମରଣ ଭଲ ॥ ୫ ॥

ଲାଜ କୁଳ ମାନ ପାସୋରି
ପ୍ରେମେ ଗମେ ବନେ ନବ ନାଗରୀ ॥ ୦ ॥

ପଦ୍ମ ନିନ୍ଦି ପଦ ଯୁଗଳ
ହେରି ମନ ମଥା ପାଗଳ
ସତେ ତାର ଦ୍ୟୁତି କମନୀୟ ଅତି
ଦରଶନେ କିଏ ପାରେ ବିସୋରି ॥ ୧ ॥

ତିନି ପୁରେ ନାୟକ ସାର
ଅତୁଳନ କୀରତିଧର
ଗୋପର ଯୁବତୀ ପୀରତି ମୂରତି
ମୂରଲୀ ତାନରେ ମୋହନକାରୀ ॥ ୨ ॥

କ୍ଷଣେ କ୍ଷଣେ ସେ ଯେ ନୂତନ
ଜଗଜ୍ଜନ ମନ ମୋହନ
ପ୍ରେମେ ଯାର ଭଳି ଆପଣାରେ ଭୁଲି
ରହିଥିଲା ଗୋପବାଳୀ କିଶୋରୀ ॥ ୩ ॥

ତନୁଶିରୀ କି ମନୋହର
ନିନ୍ଦେ ନୀଳ ଜଳଦମାଳ
କରୁଣା ନିଧାନ କର ହେ ବିଧାନ
ପାଦତଳେ ମଥା ଲୋଟୁ ମୋହରି॥ ୪ ॥

## କ୍ଷମା ପ୍ରାର୍ଥନା

ଚିର ଅପରାଧୀ ମୁହିଁ ହେ ଠାକୁର
ଚିର ଅପରାଧୀ ମୁହିଁ
ଜାଣି ଜାଣି ପୁଣି ଅଜଣା ହେଉଛି
ଦେଖୁ ଦେଖୁ ଦେଖୁ ନାହିଁ ॥ ୦ ॥

ଆଖି ଆଗେ ମାୟାଜାଲ ଘେରା
କୂଟ-କପଟରେ ମନ ଭରା
ଚିର ଚଞ୍ଚଳ ଚିତ୍ତ ସତତ
ସପନକୁ ସତ ମଣୁ ଥାଇ
ପର ଜନେ ମୋର ବୋଲି ମୁଁ ଆଦରି
ଆପଣା ଜନରେ ପାସୋରଇଁ ॥ ୧ ॥

କରାଉଛ ତୁମେ ଛପି ରହି
ଗରବେ କହେଁ ମୁଁ 'କଲି ମୁହିଁ'
ସୁଖବେଳେ ତୁମ ନାଆଁ ଧରେ ନାହିଁ
ଦୁଃଖବେଳେ କହେଁ ରଖ ସାଇଁ
ଶପଥ କରି ମୁଁ କହୁଛି ଠାକୁର
ଏ କଥା ତମର ପାଦ ଛୁଇଁ ॥ ୨ ॥

ଅବୁଝା ମୋ ପରି ନାହିଁ କେହି
ଅପରାଧର ମୋ ସୀମା ନାହିଁ
'ମୁଁ କାର' ମୋହର ଏକାନ୍ତ ଦୋସର
ଅଭିମାନେ ଖାଲି ଫୁଲୁଥାଇ
ଦୟାମୟ ! ତୁମେ ଯାହାରେ ଯା' ଦିଅ
କ୍ଷମାଟିକ ଥାଉ ମୋହ ପାଇଁ ॥ ୩ ॥

# କ୍ଷମା ପ୍ରାର୍ଥନା

ଜାଣୁଛି ବୁଝୁଛି ଅପରାଧର ମୋ ସୀମା ନାହିଁ, ସୀମା ନାହିଁ
ତେବେକେ ଠାକୁର ! ତୁମ ଚରଣରେ କ୍ଷମା ଜମା ମାଗୁ ନାହିଁ
ମାଗୁଛି ମାତର ଏତେ
କ୍ଷମା ମାଗିବାକୁ ତୁମ ପଦତଳେ ଶକତି ଦିଅ ହେ, ମୋତେ ॥ ୧ ॥

କ୍ଷମା ଦେଲେ ଦିଅ, ନ ଦେଲେ ନ ଦିଅ ତହିଁକି ଶୋଚନା ନାହିଁ
ବାରଣ ନ କର ସେବକ-ଜନର ସେବା କେବେ ନେବାପାଇଁ
ଆଉ ପଦେ କଥା ମୋର
କିଳି ଦେବ ନାହିଁ ଦେଉଳ ଦୁଆର ଜଣାଏଁ ନୁଆଁଇ ଶିର ॥ ୨ ॥

❀❀❀

## କ୍ଷମା ପ୍ରାର୍ଥନା

ନଥିଲେ ଅପରାଧୀ ମୋହ ସରି
କ୍ଷମା ମାଗିବ କିଏ ପଦ ଧରି ॥ ୦ ॥

କ୍ଷମା-ସାଗର ବୋଲି, ତିନି ଜଗତେ ହୁରି
ପଡ଼ିଛି, ଶୁଣୁଛି ମୁଁ କାନ ଭରି
ମନରେ ହେଜି ହେଜି, ସେହି ଘୋଷଣା ଆଜି
ଆସିଛି ପରଖିବି ଟାଣ କରି ॥ ୧ ॥

ସତେ ସିଂହ-ଦୁଆର, କିଳିଦେବ ଠାକୁର !
ମନ ଆଶା ମୋ ମନେ ଯିବ ମରି
ଅଶେଷ ଅପରାଧୀ, ଜନେ ହେ ଦୟାନିଧି
ଶମିଛ ପରା ମୁଁ କି ଯିବି ଫେରି ? ॥ ୨ ॥

କ୍ଷମା ନ ଦେଲେ ମୋତେ, କଳଙ୍କ ଏ ଜଗତେ
ରଟିବ ସିନା, ଲାଜେ ଯିବି ସରି
ପିତା ମୋର ମହତ, ହୋଇ କି ବିପରୀତ
ଫଳ ଫଳିଲା ଭଲା କେଉଁପରି ॥ ୩ ॥

❋❋❋

## କ୍ଷମା ପ୍ରାର୍ଥନା

ମନ ମନ୍ଦିର ସପତ ଦୁଆର ଛାଏଁ ଛାଏଁ ଯାଏ ମେଲି
ତୁମେ ଯେବେ ସଖା ହସି ହସି ଦିଅ ମରମ-କିଳିଣି ଖୋଲି ॥ ୦ ॥

ମୁକୁଳା ଦୁଆର ଉହାଡ଼ରେ ଥାଇ ସତେ
ଦର ଦର ହସି କିଏ ସେ ଅନାଏଁ ମୋତେ ?
ସପନ କି ସତ ମୁଦା ଅବା ମେଲା ଆଖି, ବାରି ନପାରିଲି
ଜୀବନ-ମରଣ ଚିର ପରିଚିତ ଛବି ସେ କି ନିରେଖିଲି ! ॥ ୧ ॥

ହସରୁ ତୁମର ଆଲୋକର ଧାରା ଖସେ
କଳାମେଘ ତଳେ ଚହଟ-ଚପଳା କି ସେ
ଅନ୍ଧ ଏ ଆଖିପତା ତଳେ ଦିଅ ଅଞ୍ଜନ ଲେଖା ବୋଲି
ଆଲୋକ, ଆଲୋକ, ଆଲୋକ ନିରେଖେଁ ଚଉଦିଗ ମୋର ଖାଲି ॥ ୨ ॥

ତୁମେ ଯେବେ ସଖା ଦୁଆର ଦିଅ ଗୋ ମୁଦି
ଘେରି ତ' ଯାଆନ୍ତି ଭଗାରିଏ ଦାଉ ସାଧି
ତୁମେ କି ପଥର ପାଲଟିବ, ମୋତେ ନ ଘେନିବ ଦାସ ବୋଲି
କୋଟି ଅପରାଧ କ୍ଷମା କର ପଦ ତଳରୁ ନ ଦିଅ ଠେଲି ॥ ୩ ॥

❋❋❋

# କ୍ଷମା ପ୍ରାର୍ଥନା

ସିଂହ ଦୁଆର ପାଶେ		କରଯୋଡ଼ି ନିରାଶେ
ଜଣାଏ ଦୀନ ଜନ ଆସି
କୃପା-ସରିତ ପତି		ଅଗତି ଜନଗତି
ଉଡ଼ି ତ' ଯାଉଛି ଫାକୀଶୀ
ହେ ଦୟାନିଧି !
ବିଧିରେ ଏ କିସ ଅବିଧି
ମୋହଲାଗି କେବଳ		କ୍ଷମା-ସରିତ ଜଳ
ଶୁଖିଗଲା କି ନିରବଧି ?		॥ ୧ ॥
ନାହାଁନ୍ତି କେତେ କେତେ		ପାପୀ, ତାପୀ ଜଗତେ
ଶୁଣିତ ଅଛି କାନେ ମୁହିଁ
କେବଳ ନାମ ଧରି		ଯାଇ ଅଛନ୍ତି ତରି
ଦୁଆର ବାସନ୍ଦ ମୋ ପାଇଁ
ହେ କୃପାମୟ !
କେ କି ଲାଞ୍ଚ ଦେଇଛି କହ
ଧନ ଜନ-ଜୀବନ		ମନ ଧିଆନ ଜ୍ଞାନ
ଜାଣୁଛି କିଛି ମୋର ନୁହଁ		॥ ୨ ॥
ଅପରାଧ ମୋ କେତେ		ଗଣିବା ପାଇଁ ସତେ
ସାଗର ବାଲି ହେବ ଊଣା
ତୁମ ବିନେ ମଣିମା !		କେ' କଳିବ ତା ସୀମା
ଭାବି ଭାବି ମୋ ବୁଦ୍ଧି ବଣା
ହେ ମହାବାହୁ !
ମାଗୁଣି ନାହିଁ କିଛି ଆଉ
କ୍ଷମା ନ ଦେଲେ ନାହିଁ		ଶ୍ରୀଗୁରୁ ଦାସ ହୋଇ
ନାମ ଗାଇ ଏ ଜୀବନ ଯାଉ		॥ ୩ ॥

# କ୍ଷମା ପ୍ରାର୍ଥନା

କ୍ଷମା-ସାଗର ହେ, କାହିଁକି ଏ ନାମ ଧର
କ୍ଷମା ଯେବେ ତୁମେ ନ ଦେବ ଠାକୁର
କୋଟି ଅପରାଧ ମୋର ? ॥ ୦ ॥

ଭୂଇଁଛୁଆଁ କାଳୁ ଯେବେ ମତେ ଜଣା
ନଥିଲା ସଂସାର କିସ
ସେତିକି ବେଳରୁ ରକତେ ମିଶାଇ
ଦେଇ ଅପରାଧ-ବିଷ
ଅଥଳେ ଭସାଇ ତାରିବା ବେଳକୁ
କାହିଁକି ପର ବିଚାର ? ॥ ୧ ॥

ଅପରାଧ ତ' ମୋ ଜୀବନ ଦୋସର
ତୁମେ କି ନଜାଣ ତାହା
ହେବି ପଥ ବଣା ଏ କଥା ତ' ଜଣା
କିଏ ମଣାଇବ ରାହା ?
ତୁମେ ପରା ଅନ୍ଧ-ଲଉଡ଼ି ମଣିମା
ମିଛ କି ମୋ କହିବାର ? ॥ ୨ ॥

ଅପରାଧୀ ବୋଲି ଅଳି କଲି ଯେବେ
କ୍ଷମା ପାଇବାକୁ ମୁହିଁ
ଗୁରୁଦୋଷ ଦେଖି କ୍ଷମା ନ ଦେବାର
ବିଚାର ଯେବେ ଗୋସାଇଁ !
ପଦେ ଠେଲି ଦିଅ ଚରଣ ଧୂଳିରେ
ଧୂସର ହେଉ ଏ ଶିର,
ମଥାରେ ଲାଗୁ ଠାକୁର ॥ ୩ ॥

❀❀❀

# କ୍ଷମା ପ୍ରାର୍ଥନା

କ୍ଷମାନିଧି ! କ୍ଷମା ଜମା ମାଗୁ ନାହିଁ
କହିଦିଅ ଖାଲି ଅବୋଲର କରି
ଜନମ ଦେଲ କିପାଇଁ ? ॥ ୦ ॥

ପିତା ବୋଲି ମୋର, ମନା କରିବାକୁ
ଅଛି କି ତୁମର ବଳ
ଯେ ଗଛ ବିହନ ସେହି ଡାଳର ମୁଁ
ନୁହେଁ କି ସତରେ ଫଳ ?
କହ ମୋର ମଥା ଛୁଇଁ ॥ ୧ ॥

ମାଗି ଆସିଛି ମୁଁ ଦୁଆରେ ତୁମର
କ୍ଷମା ନୁହେଁ, ତୁମ ରୋଷ
ଅଯୋଗ୍ୟ ବୋଲି ମୁଁ ଠେଲିଦିଅ ପଦେ
ସେତିକିରେ ହେବି ତୋଷ
ପଦଧୂଳି ମନାସଇଁ ॥ ୨ ॥

❀❀❀

# ବିଦାୟ ପ୍ରାର୍ଥନା

ଏକ ଲକ୍ଷ୍ୟେ ଏକ ବାକ୍ୟେ ଏକ ହୁଅ ଭାଇ !
ଧନ୍ୟ ହୁଅ ମୃତ୍ୟୁ ଜିଣା ମହାମନ୍ତ୍ର ଧ୍ୟାୟୀ, 'ଜୟଗୁରୁ' ଜୟ ଗାଇ ॥ ୦ ॥

ଜୀବନର ଯେତେ କାଳ ଗଲା ହସି ଖେଳି
କର୍ମ ହେଲା ଶେଷ ଆସ, ଆସ ବେଗେ ଚଳି, ସର୍ବେ ଏକ ଇଚ୍ଛା ଧରି॥ ୧ ॥

ନୁହଁ କେହି ପାପୀ ତାପୀ ସର୍ବେ ଭାଗ୍ୟବାନ
ଦେଉଛନ୍ତି ଡାକ, ଉଠ ଜାଗ ଭଗବାନ, ଜାଗ ଅମୃତ ସନ୍ତାନ ॥ ୨ ॥

ନୟନେ ଲୋତକ ଭର, ଅନ୍ତରେ ଭକତି
ହାତେ ଅଶିଥିଳ ମୁଷ୍ଟି, ବାହୁରେ ଶକତି, ଧର ବଜ୍ର ଦୃଢ଼ ମତି ॥ ୩ ॥

ବହୁମୂଲ୍ୟ ଉପଚାରେ ନାହିଁ ପ୍ରୟୋଜନ
ଥିଲେ ଆଣ ଦୁଃଖୀପାଇଁ ହୃଦେ ଏକ କୋଣ, ଥିଲେ ତିଳେ ହେଲେ ସ୍ଥାନ॥ ୪ ॥

ନିଜେ ଅରଜିବା ଦ୍ରବ୍ୟେ କର ଅରଚନା
କଣ୍ଟା କି କୁସୁମ ହେଉ ନ କର ଶୋଚନା, ଖାଣ୍ଟି ହେଲେ ନାହିଁ ମନା ॥ ୫ ॥

ଅଛି ଯେବେ ତପ୍ତ ରକ୍ତ କି ସମବେଦନା
ଆସ ଧରି ଯିବା କରି ସଂଗ୍ରାମ ସାଧନା, ଏହି ଚରମ ସାଧନା ॥ ୬ ॥

ନାହିଁ ପରାଜୟ ଏଥି ନାହିଁ ଅପମାନ,
ଅଜେୟ ଅସ୍ତ୍ର ଧାରଣେ ହୁଅ ଆଗୁଆନ, ତ୍ରିଭୁବନେ ବଳବାନ ॥ ୭ ॥

ଏକ ମନେ ଚାଲ ଭୟ ହୋଇବ ଖଣ୍ଡିତ,
ବିଜୟ ଗୌରବ ପଥ ହେଲାଣି ମଣ୍ଡିତ, ଗାଅ ବିଜୟ ସଂଗୀତ ॥ ୮ ॥

# ବିଦାୟ ପ୍ରାର୍ଥନା

ଦୟାମୟ ! ଶ୍ରୀଚରଣେ ଏହି ନିବେଦନ
ନିରନ୍ତର ତବ ନାମ କରିବି ସ୍ମରଣ ॥ ୧ ॥

ଏହାଛଡ଼ା ନ ରହିବ ଇତର କାମନା
ଏହି ମାତ୍ର ଭିକ୍ଷା ମୋର ଏତିକି ପ୍ରାର୍ଥନା ॥ ୨ ॥

'ତୁମେ ପ୍ରଭୁ ମୁହିଁ ଦାସ' ଏହି ଅହଂକାର
ଏକମାତ୍ର ଅରଜିବ ପ୍ରବଳ ସଂସ୍କାର ॥ ୩ ॥

ଏଥି ଲାଗି ଯେବେ କାଳେ ନ ମିଳେ ମୁକତି
ତଥାପି ରଖିବି ମନେ ଅନନ୍ତ ତୃପତି ॥ ୪ ॥

ତୁମରି ଦୃଷ୍ଟି ଭିତରେ ତୁମରି ଜଗତେ
ପଡ଼ିଥିବି ଯହିଁ ତହିଁ ତୁମରି ଇଙ୍ଗିତେ ॥ ୫ ॥

ଧ୍ୱଂସ ପରେ ରଚନାର ଅଭିନବ ରୂପ
ଦେଖି ଦେଖି ଆସିଯିବ ଅସଲ ସ୍ୱରୂପ ॥ ୬ ॥

ମିଳାଇ ନ ପାରେ ଯେବେ ତବ ଯନ୍ତ୍ରେ ସ୍ୱର
ତବ ନାମେ ବାଇ ଯିବି ଭଙ୍ଗା ବୀଣା ମୋର ॥ ୭ ॥

ଶୁଣୁ ବା ନ ଶୁଣୁ କେହି ଥିବ ଅହଂକାର
ତୁମେ ପ୍ରଭୁ ମୁହିଁ ଦାସ ଏତିକି ସଂସ୍କାର ॥ ୮ ॥

ପ୍ରେମମୟ ! ଶ୍ରୀ ଚରଣେ କରେ ନିବେଦନ
ତୁମ ଜୟ ଗାଉଥିବି ଏ ସାରା ଜୀବନ ॥ ୯ ॥

❀❀❀

# ବିଦାୟ ପ୍ରାର୍ଥନା

ଦୀନନାଥ ! ଏହି ଭିକ୍ଷା କରେଁ ଶ୍ରୀଚରଣେ
ତବ କଥା ରଖିଥିବି ମନନେ ସ୍ମରଣେ ॥ ୦ ॥

ବାହାରେ କି ହେଲା ନାହିଁ ନ କରି ଶୋଚନା
କରିବି ପ୍ରଥମେ ନିଜ ସ୍ୱଭାବ ମାର୍ଜନା ॥ ୧ ॥

ପର ଦୋଷ ଖୋଜି ବୁଲି ନ ଧାଇଁବ ମନ
ଲାଗିଥିବି ସଦା କରି ଆତ୍ମ ସଂଶୋଧନ ॥ ୨ ॥

ବଚନେ ଆଳାପେ ହେଉ ରସନା ସଂଯତ
ଘୁଞ୍ଚିଯାଉ ଅବସାଦ ଦେହର ଜଡ଼ତ୍ୱ ॥ ୩ ॥

ଉଚିତ ଭାଷଣେ ନୋହୁ କିଛି ଅନ୍ତରାୟ
ଯଥା କର୍ମ ହେଉ ଚିତ୍ତ ଶୁଦ୍ଧିର ସହାୟ ॥ ୪ ॥

ନିରଳସ ଭାବେ ତବ ଆଦେଶ ପାଳନ
କରିଯିବି ହେଉ ତହିଁ ପ୍ରାଣର ସ୍ଫୁରଣ ॥ ୫ ॥

ନ ମାନିବି କାହିଁ କେଉଁ ବାରଣ ବନ୍ଧନ
ଯହିଁ ଥାଏଁ ରହି ଥାଉ ତବ ପଦେ ମନ ॥ ୬ ॥

❀❀❀

# ବିଦାୟ ପ୍ରାର୍ଥନା

ଦାସେର ପ୍ରାର୍ଥନା ପୂର୍ଣ୍ଣକର ଦୟାମୟ
ତବ ପଦେ ମତି ରତି ସଦା ଯେନ ରୟ ॥ ୧ ॥

ତବ ପଦ ହତେ ଯେନ ଦୂରେ ନାଇଁ ଯାୟ
ଯଖନ ଯେଖାନେ ଥାକି ତବ ଗୁନ ଗାୟ ॥ ୨ ॥

ନିବାରିତେ ନାରି କଭୁ କୁମତି ପ୍ରବଲ
କୃପାନାଥ କୃପାକରେ ଦାଓ ହୃଦେ ବଲ ॥ ୩ ॥

ପରନିନ୍ଦା ପରଚର୍ଚ୍ଚା ହତ ରାଖ ଦୂରେ
ତବ ଗୁନ ଗାଥା ଯେନ ହୃଦେ ସଦା ସ୍ଫୁରେ ॥ ୪ ॥

(ଆମାର୍) ଅହଂକାର ଅଭିମାନ କିଛୁତେ ନାଯାୟ
କରୁନାର ଦାସ କରେ ରାଖ ରାଙ୍ଗା ପାୟ ॥ ୫ ॥

ବିଷୟେ ସହଜେ ହୟ ଆସକ୍ତି ଯେମନ
ତେମତି ତୋମାତେ ଯେନ ଲିପ୍ତ ଥାକେ ମନ ॥ ୬ ॥

(ଆମି) ଲୋକମାନ୍ୟ ନାଇଁ ଚାଇ କର ଦୀନ ହୀନ
ଦୀନନାଥ ଏସ ହୃଦେ ଫୁରାଇଲ ଦିନ ॥ ୭ ॥

ଅସଂଖ୍ୟ ଆମାର୍ ତ୍ରୁଟି କରି ସଂଶୋଧନ
କୃତାର୍ଥ କର ହେ ନାଥ ଏଇ ଅକିଞ୍ଚନ ॥ ୮ ॥

# ବିଦାୟ ପ୍ରାର୍ଥନା

ଦେବେର ଦୁର୍ଲଭ ତବ ଚରନ ଯୁଗଲ
କି ଦିଏ ପୂଜିବ ଆମି କି ଆଛେ ସମ୍ବଲ ॥ ୦ ॥

ଏଇ ଦେହ ଧନ ଜନ ତୋମାରି ସକଲ
ଗ୍ରହନ କରିଆ କର ଜୀବନ ସଫଲ ॥ ୧ ॥

ଏଇ ଚରାଚରେ ବିଶ୍ୱ ସକଲି ତୋମାର
କି ଧନ ତୋମାରେ ଦିବ କି ଆଛେ ଆମାର୍ ॥୨ ॥

କି ଦିଏ ପୂଜିବି ତୋମାୟ ଦୀନହୀନ ଆମି
ଯେ ଧନେ ପୂଜିବି ତୋମାୟ ସେହି ଧନ ତୁମି ॥ ୩ ॥

ଆର୍ କିଛୁ ନାଇ ଚାଇ ଏଇ ନିବେଦନ
ଜନ୍ମେ ଜନ୍ମେ ଏଇ ରୂପେ ଦାଓ ଦରଶନ ॥ ୪ ॥

❋❋❋